# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୩୧/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 31/2022 Page 20 ₹ 7.00

୪୯ଶ ଭାଗ ୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 38 ମୂଲ୍ୟ ₹୭/-




## ସୂର୍ଯ୍ୟକାନ୍ତ ପ୍ଲେଅର ଅଫ୍ ଦି ମ୍ୟାଚ

କଟକର ଡ୍ରିମ୍ସ ପଡ଼ିଆରେ ଅନୁଷ୍ଠିତ ହରିୟାଣା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ।

୨୦ ୧୨

## ଟପ୍‌ଲେସ୍ ହେଲେ ଉର୍ଫି

ଅଭିନେତ୍ରୀ ଉର୍ଫି ଜାଭେଦ ନୂଆବର୍ଷ ପୂର୍ବରୁ ପୁଣି ଟପ୍‌ଲେସ୍ ହୋଇ ଚର୍ଚ୍ଚାକୁ ଆସିଛନ୍ତି।





ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶୁକ୍ରବାର ୮ଦଫା ଦାବିରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର୍) ମହାସଂଘ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି। **(ଫଟୋ-ମନୋରଞ୍ଜନ)**

# ହୋଟେଲ ରୁମ୍‌ରୁ ଚପଲ, ଫିଙ୍ଗରପ୍ରିଣ୍ଟ ସଂଗ୍ରହ

**ପାଭେଲ, ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା**

- **ରାୟଗଡ଼ାରେ କ୍ରାଇମବ୍ରାଞ୍ଚର ୧୨ ଜଣିଆ ଟିମ୍**
- **ତଦନ୍ତ ଉପରେ ନଜର ରଖିଛି ଇଣ୍ଟେଲିଜେନ୍ସ ବ୍ୟୁରୋ**

ରାୟଗଡ଼ା (ସ୍ୱ.ପ୍ର.)/ **କଟକ ଅଫିସ,୩୦।୧୨**

ଓଡ଼ିଶା ଭ୍ରମଣରେ ଆସିଥିବା ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ଆଣ୍ଟୋଭ ପାଭେଲ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ଉଠାଇବା ପାଇଁ କ୍ରାଇମ୍‌ବ୍ରାଞ୍ଚର ୧୨ ଜଣିଆ ଟିମ୍ ଶୁକ୍ରବାର ରାୟଗଡ଼ାରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରୋଜକାନ୍ତ ମହାନ୍ତ ଏବଂ ଇନ୍ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ଟିମ୍ ପାଭେଲ ଏବଂ ବିଦାନୋଭ ରହୁଥିବା ରାୟଗଡ଼ାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ତନ୍ନ ତନ୍ନ ଯାଞ୍ଚ କରିଛି। ସେମାନଙ୍କ ସହ ଯାଇଥିବା ସାଇଣ୍ଟିଫିକ୍ ଟିମ୍ ଏବଂ ରାଜ୍ୟ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରୀର ବିଶେଷଜ୍ଞମାନେ ତଥ୍ୟ, ପ୍ରମାଣ ପାଇବା ଲାଗି ଉଦ୍ୟମ ଚଳାଇଛନ୍ତି। ପାଭେଲ ଓ ବିଦାନୋଭ ଗତ ୨୧ ତାରିଖରେ ହୋଟେଲର ୨୦୩ ନଂ. ରୁମ୍‌ରେ ରହିଥିବାବେଳେ ସେମାନଙ୍କ ସହ ଯାଇଥିବା ରୁଷୀୟ ଦମ୍ପତି ତୁରଭ ମିଖାଇଲ ଓ ପାନାସାଙ୍କୋ ନାତାଲିଆ ରୁମ୍ ନଂ. ୩୦୯ରେ ଏବଂ ଗାଇଡ୍ ଜିତେନ୍ଦ୍ର ସିଂ ରୁମ୍ ନଂ. ୪୦୧ରେ ରହିଥିଲେ। ୨୦୩ ନଂ. ରୁମ୍‌ରୁ ହଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଶାସନ ଚିନ୍ତା

# ପ୍ରଧାନମନ୍ତ୍ରୀଙ୍କ ମାଆ ହୀରାବେନ୍‌ଙ୍କ ପରଲୋକ



**ଗାନ୍ଧୀନଗର,୩୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାଆ ହୀରାବେନ୍‌ଙ୍କର ଶୁକ୍ରବାର ଭୋର ୩ଟା ୩୦ ମିନିଟ ସମୟରେ ଅହମଦାବାଦସ୍ଥିତ ୟୁଏନ୍ ମେହେଟ୍ଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପରଲୋକ ହୋଇଯାଇଛି। ତାଙ୍କୁ ୯୯ ବର୍ଷ ହୋଇଥିଲା। ହୀରାବେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଗତ ବୁଧବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାଆଙ୍କ ପରଲୋକ ଖବର ପାଇ ପ୍ରଧାନମନ୍ତ୍ରୀ ତାଙ୍କର ପଶ୍ଚିମବଙ୍ଗ ଗସ୍ତ ବାତିଲ କରି ଗାନ୍ଧୀନଗରରେ ପହଞ୍ଚି ମାଆଙ୍କ ଶବାଧାରକୁ କାନ୍ଧ ଦେଇଥିଲେ। ସେ ତାଙ୍କର ଅନ୍ୟ ଭାଇମାନଙ୍କ ସହ ମିଶି ମାଆଙ୍କୁ ମୁଖାଗ୍ନି ଦେଇଥିଲେ। ଗାନ୍ଧୀନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ☞ପୃଷ୍ଠା-୪

# ନିୟନ୍ତ୍ରଣ ରହୁନି, ବଢ଼ୁଛି ବିପତ୍ତି

**ସଡ଼କ ପରିବହନ ମନ୍ତ୍ରଣାଳୟ ରିପୋର୍ଟ**

- **ଦ୍ରୁତ ଗାଡ଼ିଚାଳନାରୁ ଘଟିଛି ୧୯,୪୭୮ ଦୁର୍ଘଟଣା**
- **୭୬.୨ ପ୍ରତିଶତ ୧୮ରୁ ୪୫ ବର୍ଷର ଲୋକଙ୍କ ଜୀବନ ଯାଇଛି**
- **ଓଡ଼ିଶାରେ ବର୍ଷକୁ ଯାଉଛି ୫ ହଜାର ଜୀବନ**

**ନୂଆଦିଲ୍ଲୀ,(ପି.ଟି.)/ ଭୁବନେଶ୍ୱର (ବ୍ୟୁରୋ) ୩୦।୧୨**

ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ମହାବିପତ୍ତିକୁ ଡାକିଆଣୁଛି। ଚାଲିଯାଉଛି ବହୁ ମୂଲ୍ୟବାନ୍ ଜୀବନ। ଏଥିରେ ଚାଳକ ନିଜ ଜୀବନ ହରାଇବା ସହ ଅନ୍ୟ ପ୍ରତି ବିପଦର କାରଣ ହେଉଛନ୍ତି। ସମଗ୍ର ଦେଶରେ ସଡ଼କ ଦୁର୍ଘଟଣା ଚିନ୍ତା ବଢ଼ାଇଛି। ଦୁର୍ଘଟଣା ହାରରେ ବ୍ରେକ୍ ଲାଗୁନାହିଁ। ଯଦି ବିଗତ ବର୍ଷଗୁଡ଼ିକୁ ଦେଖାଯିବ ତେବେ ☞ପୃଷ୍ଠା-୪

## ଡିଭାଇଡରରେ ପିଟିହୋଇ ଜଳିଗଲା କାର୍, ପନ୍ତ ଗୁରୁତର

**ନୂଆଦିଲ୍ଲୀ, ୩୦।୧୨(ପି.ଟି.)**

ଭାରତୀୟ କ୍ରିକେଟ ଜଗତରୁ ଆସିଛି ଦୁଃଖଦ ଖବର। ଷ୍ଟାର ଉଇକେଟ୍ କିପର ତଥା ବ୍ୟାଟର ରିଷଭ ପନ୍ତ ଶୁକ୍ରବାର ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ଇଂଲିଶ ନବବର୍ଷ ପାଇଁ ସେ ତାଙ୍କ ମା'ଙ୍କୁ ସରପ୍ରାଇଜ୍ ଦେବାକୁ ମର୍ସିଡିଜ୍ କାର୍ ଡ୍ରାଇଭିଂ କରି ଦିଲ୍ଲୀରୁ ରୁର୍କି ଯାଉଥିଲେ। ଭୋର୍ ସମୟରେ ତାଙ୍କ ଆଖି ଲାଗିଯିବାରୁ ଦିଲ୍ଲୀ-ଡେରାଡୁନ୍ ରାଜପଥର ଏକ ଡିଭାଇଡରରେ ପିଟି ହୋଇ କାର୍‌ଟି କିଛି ବାଟ ଘୋଷାଡ଼ି ହୋଇଯିବା ପରେ ଜଳିଯାଇଥିଲା। ତେବେ ପନ୍ତ ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ି କାଚ ଭାଙ୍ଗି ବାହାରକୁ ଡେଇଁପଡ଼ିଥିଲେ। ତାଙ୍କ ମୁଣ୍ଡ, ଗୋଡ଼, ପିଠି, ପାଦ, ଆଙ୍ଗୁଠି ସମେତ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ରୁର୍କି ନିକଟବର୍ତ୍ତୀ ସକ୍ଷମ୍ ହସ୍ପିଟାଲର ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ହରିଦ୍ୱାର ଜିଲା ମଙ୍ଗଲାଉର୍ ସହର ଅନ୍ତର୍ଗତ ମହମ୍ମଦପୁର ଜାଟ୍‌ଠାରେ ଘଟିଥିବା ଏହି ଛାତିଥରା ଦୁର୍ଘଟଣା ପରେ କ୍ରିକେଟ ଜଗତରୁ ପନ୍ତଙ୍କ ପାଇଁ ଛୁଟିଛି ସମବେଦନାର ସୁଅ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସମେତ ଖେଳ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ପନ୍ତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଧାମି କହିଛନ୍ତି। ଏହି ଦୁର୍ଘଟଣାର ସିସିଟିଭି ଫୁଟେଜ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ☞ପୃଷ୍ଠା-୪



ଦିଲ୍ଲୀ-ଡେରାଡୁନ୍ ରାଜପଥରେ ଡିଭାଇଡରରେ ପିଟିହୋଇ ଜଳିଯାଇଥିବା କ୍ରିକେଟର ଋଷଭ ପନ୍ତଙ୍କ କାର୍।

# ଅଟୋକୁ ଧକ୍କାଦେଲା ହାଇୱା: ୩ ଯୁବକ ମୃତ

**କେନ୍ଦ୍ରାପଡ଼ା ଅଫିସ, ୩୦।୧୨**

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରେ ଗୁରୁବାର ବିଳମ୍ବିତ ରାତ୍ରିରେ ଏକ ଅଟୋକୁ ହାଇୱା ଧକ୍କା ଦେଇଥିଲା। ଏଥିରେ ଥିବା ୩ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କୁ ସଦର ଥାନା ପୋଲିସ ଦୁର୍ଘଟଣାସ୍ଥଳରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲା। ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ରାଜନଗର ଥାନା ☞ପୃଷ୍ଠା-୪






# ମହଙ୍ଗା ଭତ୍ତା ବଢ଼ିଲା ୪%

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ସରକାରୀ କର୍ମଚାରୀଙ୍କୁ ରାଜ୍ୟ ସରକାର ନୂଆବର୍ଷ ଭେଟି ଦେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନ୍‌ସନଧାରୀଙ୍କ ପାଇଁ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି। ଏହି ମହଙ୍ଗା ଭତ୍ତାକୁ ୪ ପ୍ରତିଶତ ବୃଦ୍ଧି କରାଯାଇଛି। ଜୁଲାଇ ପହିଲାରୁ ଏହା ପିଛିଲା ଭାବେ ଲାଗୁହେବ। ଏହା ପୂର୍ବରୁ ଦଶହରା ସମୟରେ ମଧ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ପାଇଥିଲା । ସେ ସମୟରେ ୩% ବୃଦ୍ଧି କରାଯାଇଥିଲା। ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩୧%ରୁ ୩୪%କୁ ବୃଦ୍ଧି ପାଇଥିଲା। ଆଉ ଏହାକୁ ଜାନୁୟାରୀ ମାସରୁ ପିଛିଲା ଭାବେ ଲାଗୁ କରାଯାଇଥିଲା। ତେବେ ବର୍ତ୍ତମାନର ବୃଦ୍ଧି ଫଳରେ କର୍ମଚାରୀଙ୍କ ମହଙ୍ଗାଭତ୍ତା ୩୪ରୁ ୩୮ ପ୍ରତିଶତହୋଇଛି।

# ବଦଳିଲେ ୧୧ ଜିଲାର ଏସ୍‌ପି

- **ଅଖିଳେଶ୍ୱର ସିଂହ ଏସ୍‌ଏପି ଡିଆଇଜି**
- **ବ୍ରିଜେଶ ରାୟ ଅନୁଗୋଳ ରେଞ୍ଜ୍ ଡିଆଇଜି**
- **ସାଗରିକା ନାଥ ବାଲେଶ୍ୱର ଏସ୍‌ପି**

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ରାଜ୍ୟ ସରକାର ନୂଆବର୍ଷ ପୂର୍ବରୁ ଆଇପିଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ୨୦୦୯ ବ୍ୟାଚ୍‌ର ୩ ଜଣ ଆଇପିଏସ୍ ଅଫିସରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବା ବେଳେ ୧୧ ଜିଲାର ଏସ୍‌ପିଙ୍କୁ ବଦଳି କରାଯାଇଛି।

ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଜଗତ୍‌ସିଂହପୁର ଏସ୍‌ପି ଥିବା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂହଙ୍କୁ ଡିଆଇଜି ଭାବେ ପଦୋନ୍ନତି ଦିଆଯାଇଛି। ତାଙ୍କୁ ଏସ୍‌ଏପି ଡିଆଇଜି ଭାବେ ନୂଆ ଦାୟିତ୍ୱ ମିଳିଛି। ଗଞ୍ଜାମ ଏସ୍‌ପି ଥିବା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ବ୍ରିଜେଶ କୁମାର ରାୟଙ୍କୁ ମଧ୍ୟ ପଦୋନ୍ନତି ଦିଆଯାଇ ଅନୁଗୋଳ ରେଞ୍ଜ୍ ଡିଆଇଜି ଭାବେ ନୂଆ ନିଯୁକ୍ତି ମିଳିଛି। ସେହିପରି ଭଦ୍ରକ ଏସ୍‌ପି ତଥା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଚରଣସିଂହ ମୀନାଙ୍କୁ ଡିଆଇଜି ଭାବେ ପଦୋନ୍ନତି ମିଳିବା ସହିତ ତାଙ୍କୁ ଅଗ୍ନିଶମ ଓ ହୋମ୍‌ଗାର୍ଡ ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଅନୁଗୋଳ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଯାଜପୁର ଏସ୍‌ପି ରାହୁଲ ପିଆରଙ୍କୁ ଜଗତ୍‌ସିଂହପୁର, ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କୁ ଗଞ୍ଜାମ ଏସ୍‌ପି ଭାବେ ବଦଳି କରାଯାଇଛି। ଢେଙ୍କାନାଳ ଏସ୍‌ପି ଏଲ୍. ଦିବ୍ୟାଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିଛି। ନୂଆପଡ଼ା ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ସୁନ୍ଦରଗଡ଼ ବଦଳି କରାଯାଇଥିବା ବେଳେ ☞ପୃଷ୍ଠା-୪

# ପ୍ରଦୂଷଣ ରୋକିବ 'ହେୟାର ମ୍ୟାଟ୍'

**ବ୍ରସେଲ୍ସ, ୩୦।୧୨**

ଗାଡ଼ି, ମୋଟରରୁ ବାହାରୁଥିବା ବିଷାକ୍ତ ଧୂଆଁ, ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଏବଂ ଅନ୍ୟ ହାନିକାରଣ ଗ୍ୟାସ୍ ପରିମାଣ ବଢ଼ିବା ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ବିଭିନ୍ନ ଦେଶ ନିଜସ୍ୱ ଜ୍ଞାନକୌଶଳ ବ୍ୟବହାର କରି ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିପରି ୟୁରୋପର ବେଲ୍‌ଜିମ୍‌ର ବିଶେଷଜ୍ଞମାନେ ପ୍ରଦୂଷଣ ବିରୋଧରେ ଏକ ନିଆରା ଉପାୟ ଆବିଷ୍କାର କରିଛନ୍ତି। ବେଲଜିୟମ୍ ବିଶେଷଜ୍ଞଙ୍କ ଏକ ଟିମ୍ ମନୁଷ୍ୟ କେଶକୁ ବ୍ୟବହାର କରି ହେୟାର୍ ମ୍ୟାଟ୍ ତିଆରି କରିଛନ୍ତି, ଯାହା ଏନ୍‌ଭାଇରୋନମେଣ୍ଟରେ ଥିବା ହାଇଡ୍ରୋକାର୍ବନ୍‌କୁ ଶୋଷି ନେଉଛି।

ବେଲ୍‌ଜିୟମର ଏକାଧିକ ଏନ୍‌ଜିଓ ପ୍ରଦୂଷଣ ଦୂରୀକରଣ ପାଇଁ ଆରମ୍ଭ କରାଯାଇଥିବା 'ହ୍ୟୁମାନ୍ ହେୟାର ରିସାଇକେଲ୍' ପ୍ରୋଜେକ୍ଟରେ ସାମିଲ ହୋଇଛନ୍ତି। ପାର୍ଲର ଓ ସେଲୁନ୍‌କୁ ଆସୁଥିବା ଗ୍ରାହକଙ୍କ ପରିତ୍ୟକ୍ତ କେଶକୁ ସଂଗ୍ରହ କରି ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ)କୁ ହସ୍ତାନ୍ତର କରାଯାଉଛି। ସଂଗୃହୀତ କେଶକୁ ପୁନଃ ବ୍ୟବହାର (ରିସାଇକେଲ) ପଦ୍ଧତିରେ ମେଶିନ୍ ସହାୟତାରେ ଏକ ମ୍ୟାଟ୍ ତିଆରି କରାଯାଉଛି। ଏକ କିଲୋଗ୍ରାମ କେଶରେ ତିଆରି ମ୍ୟାଟ୍ ପାଖାପାଖି ୭-୮ ଲିଟର ତେଲ ଏବଂ ହାଇଡ୍ରୋକାର୍ବନ୍ ଆବ୍‌ଜର୍ଭ କରିପାରିବ ବୋଲି ପ୍ରୋଜେକ୍ଟର ସହ-ସଂସ୍ଥାପକ ପାଟିଆକ୍ ଜନସେନ କହିଛନ୍ତି। ତେବେ ଏହି ହେୟାର ମ୍ୟାଟ୍‌କୁ ଡ୍ରେନ୍ ବା ନାଳଗୁଡ଼ିକରେ ସ୍ଥାପନ କରିବା ଦ୍ୱାରା ଜଳରେ ଥିବା କ୍ଷତିକାରକ କଣିକା ସବୁ ଏହି ମ୍ୟାଟ୍ ଛାଣିନେବ। ଫଳରେ ନାଳରୁ ଯେଉଁ ଜଳ ଯାଇ ନଦୀରେ ମିଶିବ ସେଥିରେ କୌଣସି କ୍ଷତିକାରଣ ପାର୍ଟିକଲ୍‌ର ମାତ୍ରା କମିଯିବ। ମ୍ୟାଟ୍ ତିଆରି କରିବା ଲାଗି କୌଣସି ଦାମୀ ମେଶିନ୍ କିମ୍ବା କଞ୍ଚାମାଲ୍‌ର ଆବଶ୍ୟକତା ନାହିଁ। ଏ ନେଇ ବ୍ୟବହୃତ କେଶ ପ୍ରତ୍ୟେକ ସ୍ଥାନରେ ସହଜରେ ଉପଲବ୍ଧ। କେଶର କେରାଟିନ୍ ଫାଇବର ଯୋଗୁ ଏହା ପାଖରେ ନିଜ ଓଜନର ୧୦ ନିୟୁତ ଗୁଣ ପ୍ରଦୂଷିତ କଣିକା ଆବ୍‌ଜର୍ଭ କରିବାର କ୍ଷମତା ରହିଛି।



## ବୋଟ୍ ବୁଡ଼ି ୭ ମୃତ୍ୟୁ ଆଶଙ୍କା

ବିହାରର ମାନେର ନିକଟରେ ଥିବା ନଦୀରେ ବୋଟ୍ ବୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ବୋଟ୍‌ରେ ୧୪ ଜଣ ଶ୍ରମିକ ସେମାନଙ୍କ ଗାଁ ବ୍ରହ୍ମଚାରୀକୁ ଫେରୁଥିବାବେଳେ ଅପରାହ୍ନ ପାଖାପାଖି ୨ଟା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୭ ଜଣ ପହଁରି କୂଳକୁ ଚାଲିଆସିଥିବାବେଳେ ଅନ୍ୟ ୭ ଜଣ ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟରେ ପୋଲିସ ସମେତ ଏନ୍‌ଡିଆର୍‌ଏଫ୍ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ କର୍ମଚାରୀମାନେ ନିୟୋଜିତ ଥିଲେ ମଧ ନିଖୋଜଙ୍କ ପତ୍ତା ମିଳିନାହିଁ।



### ସଂକ୍ଷେପରେ

## ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ହେବ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୩୦।୧୨:** ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ମାର୍ଚ୍ଚ ମାସରେ ଉଦ୍‌ଘାଟନ ହେବାକୁ ଥିବାବେଳେ ଆଗାମୀ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସେଠାରେ ଅନୁଷ୍ଠିତ ହେବ। ପାର୍ଲାମେଣ୍ଟ ବିଲ୍ଡିଂ କାର୍ଯ୍ୟ ପୂରା ଦମ୍‌ରେ ଚାଲିଛି ଏବଂ ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି ବୋଲି କେତେ ଜଣ ଅଧିକାରୀ କହିଛନ୍ତି। ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ହୋଇଥାଏ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜାନୁୟାରୀ ୩୦ କିମ୍ବା ୩୧ରେ ଆରମ୍ଭ ହୋଇଥାଏ। ରାଷ୍ଟ୍ରପତି ଉଭୟ ଗୃହର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇଥାନ୍ତି। ଫେବୃୟାରୀ ୧ରେ କେନ୍ଦ୍ରୀୟ ବଜେଟ ଗୃହରେ ଉପସ୍ଥାପନ କରାଯାଇଥାଏ। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୮ କିମ୍ବା ୯ରେ ଶେଷ ହେଉଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ମେ' ପ୍ରଥମ ଭାଗ ପର୍ଯ୍ୟନ୍ତ ଚାଲିଥାଏ। ସଂସଦୀୟ ସୂତ୍ରରୁ ଜଣାଯାଇଛି ଯେ, ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ନୂଆ ବିଲ୍ଡିଂରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ଡିସେମ୍ବରରେ ଏହି ବିଲ୍ଡିଂର ଶିଳାନ୍ୟାସ କରିଥିଲେ।

## ଭାରତକୁ ପୁଟିନ୍‌ଙ୍କ ନୂଆବର୍ଷ ଶୁଭେଚ୍ଛା



**ମସ୍କୋ, ୩୦।୧୨:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କ୍ରେମ୍‌ଲିନର ବନ୍ଧୁ ରାଷ୍ଟ୍ର ଭାରତ ସମେତ ତୁର୍କୀ, ସିରିଆ, ଭେନେଜୁଏଲା ଏବଂ ଚାଇନାକୁ ନୂଆବର୍ଷ ଶୁଭେଚ୍ଛା ଜଣାଇଛନ୍ତି। କିନ୍ତୁ ପୁଟିନ୍ ଆମେରିକା, ଫ୍ରାନ୍ସ ଏବଂ ଜର୍ମାନ୍‌କୁ ନ୍ୟୁ ଇୟର୍ ଶୁଭେଚ୍ଛା ଜଣାଇ ନ ଥିବା ଶୁକ୍ରବାର କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ କାରଣରୁ ଏହି ରାଷ୍ଟ୍ର ପୁଟିନ୍‌ଙ୍କୁ ନିନ୍ଦା କରିବା ସହ ରୁଷିଆ ଉପରେ କଟକଣା ଲାଗୁ କରିଛନ୍ତି। ଯୁଦ୍ଧପରଠାରୁ ଏହି ଦେଶ ସହ ରୁଷିଆ ନିଜ ସମ୍ପର୍କ ଛିନ୍ନ କରିଥିବା କ୍ରେମଲିନ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ କହିଛନ୍ତି।

## ତୁଷାରପାତ: ଅଟଳ ଟନେଲରେ ଅଟକିଲେ ୨ ହଜାର ପର୍ଯ୍ୟଟକ

**ମାନାଲି,୩୦।୧୨:** ପ୍ରବଳ ତୁଷାରପାତ ଯୋଗୁ ହିମାଚଳପ୍ରଦେଶର ରେହତଙ୍ଗ ପାସ୍‌ରେ ଥିବା ଅଟଳ ଟନେଲରେ ପ୍ରାୟ ୫୦୦ ଗାଡ଼ିରେ ୨,୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଦୀର୍ଘ ସମୟ ଅଟକି ରହିଥିଲେ। ଦୀର୍ଘ ୮ ଘଣ୍ଟାର ଉଦ୍ୟମ ପରେ ଗୁରୁବାର ବିଳମ୍ବିତ ରାତିରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ଅପରାହ୍ନରୁ ତୁଷାରପାତ ଜାରି ରହିବାରୁ ରାସ୍ତା ଖସଡ଼ା ହୋଇଯାଇଥିଲା। ଫଳରେ ଟନେଲର ଉଭୟ ଉତ୍ତର ଓ ଦକ୍ଷିଣ ପୋର୍ଟାଲରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଏଥିପାଇଁ ଅନେକ ଦୂର ଯାଏ ଟ୍ରାଫିକ୍ ଜାମ୍ ସୃଷ୍ଟି ଲାଗିରହିଥିଲା। ଗାଡ଼ିଗୁଡ଼ିକୁ ନିରାପଦର ସହିତ ହଟାଇବାରେ କୁଲ୍ଲୁ ଏବଂ ଲାହୁଲ୍-ସ୍ପିଟି ପୋଲିସ ପର୍ଯ୍ୟଟକ ଓ ଡ୍ରାଇଭରମାନଙ୍କୁ ସହାୟତା କରିଥିଲେ। ଅପରାହ୍ନ ୫ଟାରୁ ରାତି ୧ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ତୁଷାରପାତ ଦେଖିବା ପାଇଁ ହିମାଚଳପ୍ରଦେଶର ଉକ୍ତ ଅଞ୍ଚଳକୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଗୁରୁବାର ତୁଷାରପାତ ଆରମ୍ଭ ହେବା ସହ ଗାଡ଼ିଗୁଡ଼ିକ ଖସିବାରୁ ଚଳାଇବା କଷ୍ଟକର ହୋଇପଡ଼ିଥିଲା।



ଗାନ୍ଧୀନଗରରେ ମା' ହୀରାବେନ୍‌ଙ୍କ ଶବାଧାରକୁ କାନ୍ଧରେ ବୋହୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶୁକ୍ରବାର ଭୋର ସମୟରେ ହୀରାବେନ୍‌ଙ୍କ ପରଲୋକ ଘଟିଛି।

# ସୁ୍ୟ ଚୀ'ଙ୍କୁ ପୁଣି ୭ ବର୍ଷ ଜେଲ

**ବ୍ୟାଙ୍କକ୍,୩୦।୧୨**

ବହିଷ୍କୃତ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀ'ଙ୍କୁ ମ୍ୟାନ୍‌ମାରର ଏକ ଅଦାଲତ ଦୁର୍ନୀତି ମାମଲାରେ ଶୁକ୍ରବାର ଦୋଷୀସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ମ୍ୟାନ୍‌ମାର ସେନା ୨୦୨୧ ଫେବୃୟାରୀରେ ସୁ୍ୟ ଚୀ'ଙ୍କ ନିର୍ବାଚିତ ସରକାରଙ୍କୁ ହଟାଇ କ୍ଷମତା ଦଖଲ କରିଥିଲା। ଏଥିସହିତ ସୁ୍ୟ ଚୀଙ୍କୁ ବିଭିନ୍ନ ମାମଲାରେ ଦୋଷୀସାବ୍ୟସ୍ତ କରି ଜେଲରେ ରଖାଯାଇଥିଲା। ବର୍ତ୍ତମାନର ଜେଲଦଣ୍ଡକୁ ମିଶାଇ ତାଙ୍କୁ ମୋଟ ୩୩ ବର୍ଷ କାରାଗାରରେ କଟାଇବାକୁ ପଡ଼ିବ।

ଶୁକ୍ରବାର ଦୁର୍ନୀତି ନିବାରଣ ଆଇନରେ ୭୭ ବର୍ଷୀୟା ମ୍ୟାନ୍‌ମାର ନେତ୍ରୀଙ୍କୁ ୫ଟି ମାମଲାରେ ଦୋଷୀ କରାଯାଇଛି। ପୂର୍ବରୁ ସେ ୭ଟି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ସେଗୁଡ଼ିକ ମଧ୍ୟରେ ରହିଛି ବେଆଇନ ଭାବେ ୱାକି-ଟକି ଆମଦାନି କରି ପାଖରେ ରଖିବା, କରୋନା କଟକଣା ଉଲ୍ଲଂଘନ କରିବା, ଦେଶର ଗୋପନୀୟତା ଆଇନ ଉଲ୍ଲଂଘନ କରିବା, ଦେଶଦ୍ରୋହ ଏବଂ ନିର୍ବାଚନରେ ଜାଲିଆତି। ପୂର୍ବ ଅପରାଧ ମାମଲାରେ ତାଙ୍କୁ ୨୬ ବର୍ଷ ଜେଲ ହୋଇଥିଲା। ସାମରିକ ଶାସକ ୨୦୨୩ରେ ନିର୍ବାଚନ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁ୍ୟ ଚୀ'ଙ୍କୁ ରାଜନୀତିଠାରୁ ଦୂରେଇ ରଖିବା ଲାଗି ସାମରିକ ସରକାର ତାଙ୍କ ବିରୋଧରେ ମାମଲା ଲଗାଉଥିବା ମ୍ୟାନ୍‌ମାର ନେତ୍ରୀଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଯେଉଁସବୁ ମାମଲାରେ ଦୋଷୀସାବ୍ୟସ୍ତ କରାଯାଇଛି ସେଗୁଡ଼ିକ ମଧ୍ୟରେ ରହିଛି କ୍ଷମତାର ଅପବ୍ୟବହାର, ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଯୋଗୁ ହୋଇଥିବା ରାଜକୋଷ କ୍ଷତି ଇତ୍ୟାଦି। ଗତବର୍ଷ ଫେବୃୟାରୀରେ ସାମରିକ ବିଦ୍ରୋହ ବଳରେ ଗଣତାନ୍ତ୍ରିକ ସରକାରକୁ କ୍ଷମତାଚ୍ୟୁତ କରାଯିବା ପରେ ସୁ୍ୟ ଚୀ'ଙ୍କୁ ଅଟକ ରଖାଯାଇଥିଲା। ପରେ ତାଙ୍କୁ ବିଭିନ୍ନ ମାମଲାରେ ଦୋଷୀସାବ୍ୟସ୍ତ କରାଯାଇ ଜେଲରେ ରଖାଯାଇଛି।



## ନୂଆବର୍ଷରେ ବିଶ୍ୱ ଜନସଂଖ୍ୟା ୭୯୦ କୋଟି ହେବ

**ନ୍ୟୁୟର୍କ,୩୦।୧୨**

ନୂଆବର୍ଷ ୨୦୨୩ର ପ୍ରଥମ ଦିନରେ ବିଶ୍ୱ ଜନସଂଖ୍ୟା ୭୯୦ କୋଟିରେ ପହଞ୍ଚିବ ବୋଲି ଆମେରିକା ସେନ୍‌ସସ୍ ବ୍ୟୁରୋ ଆକଳନ କରିଛି। ୨୦୨୨ ଜାନୁୟାରୀ ୧ରୁ ଇତିମଧ୍ୟରେ ଲୋକ ସଂଖ୍ୟାରେ ୭.୩୭ କୋଟି ଯୋଡ଼ି ହୋଇଛି ଅର୍ଥାତ୍ ବର୍ଷକରେ ବିଶ୍ୱ ଜନସଂଖ୍ୟା ୦.୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୩ ଜାନୁୟାରୀରେ ସାରା ବିଶ୍ୱରେ ପ୍ରତି ସେକେଣ୍ଡରେ ୪.୩ ଶିଶୁ ଜନ୍ମହେବାକୁ ଥିବାବେଳେ ୨ ଜଣଙ୍କର ମୃତ୍ୟୁ ଘଟିବ ବୋଲି ସେନ୍‌ସସ୍ ବ୍ୟୁରୋ କହିଛି।

ଆକଳନ ଅନୁଯାୟୀ ୨୦୨୩ ନୂଆ ବର୍ଷରେ ଆମେରିକା ଜନସଂଖ୍ୟା ୩୩ କୋଟି ୪୨ ଲକ୍ଷରେ ପହଞ୍ଚିବ। ବର୍ଷକରେ ସେଠାରେ ଲୋକସଂଖ୍ୟା ୧୫ ଲକ୍ଷ ବୃଦ୍ଧି ପାଇଛି ଯାହାକି ୦.୫ ପ୍ରତିଶତ। ଆମେରିକାରେ ଆସନ୍ତାବର୍ଷ ଜାନୁୟାରୀରେ ପ୍ରତି ୯ ସେକେଣ୍ଡରେ ଜଣେ ଶିଶୁ ଜନ୍ମ ହେବାକୁ ଥିବାବେଳେ ପ୍ରତି ୧୦ ସେକେଣ୍ଡରେ ଜଣକର ମୃତ୍ୟୁ ଘଟିବ ବୋଲି କୁହାଯାଇଛି। ସେହିପରି ଅନ୍ତର୍ଜାତୀୟ ପ୍ରବାସନ ଯୋଗୁ ଆମେରିକା ଲୋକ ସଂଖ୍ୟା ପ୍ରତି ୩୨ ସେକେଣ୍ଡରେ ୧ ବଢ଼ିବ ବୋଲି ସେନ୍‌ସସ୍ ବ୍ୟୁରୋ ଆକଳନ କରିଛି।

## ଦଲାଇ ଲାମାଙ୍କୁ ଭେଟିଲେ ନୀତୀଶ

### ମହାବୋଧି ମନ୍ଦିର ଦର୍ଶନ କଲେ

**ପାଟନା, ୩୦।୧୨**

ଦୁଇବର୍ଷ ପରେ ତିବ୍ବତୀୟ ଆଧ୍ୟାତ୍ମିକ ଗୁରୁ ଦଲାଇ ଲାମା ଶୁକ୍ରବାର ବିହାରର ମହାବୋଧି ମନ୍ଦିର ଦର୍ଶନ କରିଛନ୍ତି। ଏହି ଅବସରରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ମଧ୍ୟ ସେ ସାକ୍ଷାତ୍ କରିଛନ୍ତି। ଅପରାହ୍ନ ପ୍ରାୟ ୧୨ଟା ୪୦ ମିନିଟରେ ନୀତୀଶ କୁମାର ନୋବେଲ ପୁରସ୍କାର ବିଜେତା ଦଲାଇ ଲାମାଙ୍କୁ ଭେଟିବା ପାଇଁ ସେ ବିଶ୍ରାମ ନେଇଥିବା ବୌଦ୍ଧ ମଠରେ ପହଞ୍ଚିଥିଲେ। ସେଠାରେ ଅଧଘଣ୍ଟା ରହିବା ପରେ ମହାବୋଧି ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ମନ୍ଦିରରେ ପ୍ରାର୍ଥନା ପରେ ପରିସରରେ ଥିବା ବୋଧି ଗଛ ମୂଳରେ ନୀତୀଶ କୁମାର କିଛି ସମୟ ବିତାଇବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ମହାମାରୀ କରୋନା ପାଇଁ ଦୁଇବର୍ଷ ଧରି ମନ୍ଦିରକୁ ଭକ୍ତଙ୍କ ସମାଗମ ବନ୍ଦ ଥିବାବେଳେ ସଂକ୍ରମଣ କମିବା ପରେ ପୁଣିଥରେ ଭକ୍ତଙ୍କ ଆଗମନ ହୋଇଛି। ରାଜ୍ୟରେ ବୁଦ୍ଧଙ୍କର ଏକ ସଂଗ୍ରହାଳୟ ତିଆରି ଚାଲିଛି। ଦଲାଇ ଲାମା ଏହାକୁ ଉଦ୍‌ଘାଟନ କରିବେ ବୋଲ ନୀତୀଶ କହିଛନ୍ତି।



ଦଲାଇଲାମାଙ୍କୁ ଭେଟୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର।

## ୟୁକ୍ରେନ୍ ଉପରେ ରୁଷିଆର ଘନ ଘନ ଆକ୍ରମଣ



ରୁଷିଆର ମିଶାଇଲ ଆକ୍ରମଣ ପରେ କିଭ୍ ନିକଟରେ ଏକ ଘରେ ଲାଗିଥିବା ନିଆଁକୁ ଲିଭାଯାଉଛି।

**କିଭ୍, ୩୦।୧୨**

ବର୍ଷ ଶେଷ ହେବାକୁ ବସିଥିବାବେଳେ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ଲାଗିପାରୁ ନାହିଁ। ଇତିମଧ୍ୟରେ ଯୁଦ୍ଧକୁ ୧୦ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଛି। କିଛି ସପ୍ତାହର ବିରତି ପରେ ପୁଣି ଆଟାକିଂ ମୋଡ୍‌କୁ ଚାଲିଆସିଛି ରୁଷିଆ। ଗୁରୁବାର ରୁଷିଆ ୟୁକ୍ରେନ୍ ଉପରକୁ ଘନଘନ ମିଶାଇଲ ମାଡ଼ କରିଛି। ରୁଷିଆ ସୈନ୍ୟ ୟୁକ୍ରେନ୍ ଉପରକୁ ମୋଟ ୬୯ ମିଶାଇଲ ଆକ୍ରମଣ କରିଥିବାବେଳେ ସେଥିରୁ ୫୪ଟିକୁ ମିଶାଇଲକୁ ସୈନ୍ୟ ନିଷ୍କ୍ରିୟ କରିଦେଇଥିବା ୟୁକ୍ରେନୀୟ ସେନାମୁଖ୍ୟ ଜେନେରାଲ ଭାଲେରି ଜାଲୁଝନି କହିଛନ୍ତି। ରୁଷିଆର ମିଶାଇଲ୍ ଆକ୍ରମଣ ଯୋଗୁ ୟୁକ୍ରେନ୍‌ର ପାୱାର ଷ୍ଟେଶନ୍ ସହିତ ବହୁ ବିଲ୍ଡିଂ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏଥିରେ ୟୁକ୍ରେନର ଦ୍ୱିତୀୟ ବୃହତ୍ ସହର କୁହାଯାଉଥିବା ଖାରକିଭ୍‌ର ୨ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ୟୁକ୍ରେନ୍‌ର କିଛି ନିର୍ଦ୍ଦିଷ୍ଟ ଇଲାକାରେ ୧୬ ରୁଷୀୟ ଡ୍ରୋନ୍ ବୁଲୁଥିବାବେଳେ ୟୁକ୍ରେନ ବାୟୁସେନା ଉକ୍ତ ଡ୍ରୋନ୍‌ଗୁଡ଼ିକୁ ନଷ୍ଟ କରିଦେଇଥିବା କହିଛି। ଅକ୍ଟୋବର ପରଠାରୁ ୟୁକ୍ରେନରେ ବିଦ୍ୟୁତ୍ ଏବଂ ଜଳର ଘୋର ଅଭାବ ଦେଇ ଗତି କରୁଛନ୍ତି।

## ଆମେରିକା ଫେରନ୍ତା ମହିଳାଙ୍କୁ କରୋନା

**ଜବଲପୁର,୩୦।୧୨**

ଆମେରିକାରୁ ମଧ୍ୟପ୍ରଦେଶର ଜବଲପୁରକୁ ଫେରିଥିବା ଜଣେ ୩୮ ବର୍ଷୀୟ ମହିଳା କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୨୩ ତାରିଖରେ ମହିଳା ଜଣକ ତାଙ୍କ ସ୍ୱାମୀ ଓ ଝିଅଙ୍କ ନୂଆଦିଲ୍ଲୀ ଓ ଆଗ୍ରା ଦେଇ ଜବଲପୁରରେ ପହଞ୍ଚିଥିଲେ। ତାଙ୍କୁ ଥଣ୍ଡା ଓ କାଶ ହୋଇଥିବାରୁ କୋଭିଡ୍ ପରୀକ୍ଷା କରାଇବା ପରେ ପଜିଟିଭ୍ ଜଣାପଡ଼ିଥିଲା। ତାଙ୍କ ନମୁନାର ଜିନୋମ ସିକ୍ୱେନ୍ସିଂ ପାଇଁ ଗ୍ୱାଲିୟରର ଡିଆର୍‌ଡିଓ ଲାବରେଟୋରିକୁ ପଠାଯାଇଛି। ଆମେରିକାରେ କାର୍ଯ୍ୟ କରୁଥିବା ଏହି ମହିଳା ଜଣଙ୍କ କୋଲକାତାରେ ଏକ ପାରିବାରିକ ଉତ୍ସବରେ ଯୋଗଦେବା ଲାଗି ୩ ସପ୍ତାହ ପାଇଁ ଭାରତ ଆସିଛନ୍ତି।

## ମଞ୍ଚକୁ ଗଲେନି ମମତା

### ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ହାଇଡ୍ରାମା

**କୋଲକାତା,୩୦।୧୨**

ପଶ୍ଚିମବଙ୍ଗର ହାଓଡ଼ା ଷ୍ଟେଶନରେ ଶୁକ୍ରବାର ସକାଳେ ହାଇ ଡ୍ରାମା ଦେଖିବାକୁ ମିଳିଥିଲା। ସେଠାରୁ ନ୍ୟୁ ଜଲପାଇଗୁଡ଼ିକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚ୍ଚୁଆଲି ଶୁଭାରମ୍ଭ କରିଛନ୍ତି। ରେଲଷ୍ଟେଶନଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରୁ କେତେଜଣ ଜୟ ଶ୍ରୀରାମ ସ୍ଲୋଗାନ ଦେବାରୁ ଏଥିରେ କ୍ଷୁବ୍ଧ ହୋଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଞ୍ଚକୁ ଯିବାକୁ ମନା କରିଦେଇଥିଲେ। ସେଠାରେ ଉପସ୍ଥିତ ଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ମୁଖ୍ୟମନ୍ତ୍ରୀଙ୍କୁ ଶାନ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ମମତା ଦର୍ଶକଙ୍କ ମଧ୍ୟରେ ଗୋଟିଏ ଚେୟାରରେ ବସିଥିଲେ। ହାଓଡ଼ାରୁ ନ୍ୟୁ ଜଲପାଇଗୁଡ଼ି ଚାଲିବାକୁ ଥିବା ପଶ୍ଚିମବଙ୍ଗର ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ସମେତ ଅନେକ ଉନ୍ନୟନମୂଳକ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଶୁକ୍ରବାର ଭର୍ଚ୍ଚୁଆଲି ଉଦ୍‌ଘାଟନ କରିଛନ୍ତି।



ମମତା ବାନାର୍ଜୀଙ୍କୁ ଶାନ୍ତ କରାଇବା ପାଇଁ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଉଦ୍ୟମ କରୁଛନ୍ତି।

## ୧୧ ଜଣଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜଶିଟ୍

### ତେଲଙ୍ଗାନା ପିଏଫ୍‌ଆଇ ଷଡ଼ଯନ୍ତ୍ର ମାମଲା

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ତେଲଙ୍ଗାନାରେ ବେଆଇନ ଘୋଷିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ପାଇଁ ଆତଙ୍କବାଦ ପ୍ରଶିକ୍ଷଣ କ୍ୟାମ୍ପ ଆୟୋଜନରେ ସମ୍ପୃକ୍ତ ୧୧ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଚାର୍ଜଶିଟ୍ ଦାଖଲ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୦ ଜଣ ତେଲଙ୍ଗାନାର ହୋଇଥିବାବେଳେ ଜଣେ ଆନ୍ଧ୍ରପ୍ରଦେଶର। ହାଇଦ୍ରାବାଦର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ଗୁରୁବାର ଏହି ଚାର୍ଜଶିଟ୍ ଦାଖଲ ହୋଇଛି। ଗତ ଜୁଲାଇ ୪ରେ ତେଲଙ୍ଗାନା ନିଜାମାବାଦ ଜିଲା ପୋଲିସ ଏହି ମାମଲା ରୁଜୁ କରିଥିବାବେଳେ ଅଗଷ୍ଟ ୨୬ରେ ଏନ୍‌ଆଇଏ ତଦନ୍ତ ହାତକୁ ନେଇ ପୁନର୍ବାର ମାମଲା ଦାଏର କରିଥିଲା। ଅଭିଯୁକ୍ତମାନେ ମୁସଲମାନ ଯୁବକମାନଙ୍କ ମନରେ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ଘୃଣା ସୃଷ୍ଟି କରାଇବା ସହ ସେମାନଙ୍କୁ ମୌଳବାଦୀ କରାଇ ପିଏଫ୍‌ଆଇରେ ନିଯୁକ୍ତ କରାଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ପିଏଫଆଇରେ ନିଯୁକ୍ତି ପାଇବା ପରେ ସେମାନଙ୍କୁ ତାଲିମ ଦେବା ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଥିଲା। ଯୋଗଶିକ୍ଷା ଏବଂ ଶାରୀରିକ ଶିକ୍ଷା ବାହାନାରେ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ତାଲିମ ଦିଆଯାଉଥିଲା ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି।

## ପାକିସ୍ତାନରେ ହିନ୍ଦୁ ମହିଳାଙ୍କୁ ବୀଭତ୍ସ ହତ୍ୟା

- ନ୍ୟାୟ ଦାବିରେ ସିନ୍ଧ୍‌ରେ ବିକ୍ଷୋଭ
- ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେଉ ପାକିସ୍ତାନ: ବାଗ୍‌ଚୀ

**କରାଚି, ୩୦।୧୨**

ପାକିସ୍ତାନର ସିନ୍ଧ ପ୍ରଦେଶରେ ୪୪ ବର୍ଷୀୟା ହିନ୍ଦୁ ମହିଳା ଦୟା ଭେଲଙ୍କୁ ବୀଭତ୍ସ ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପ୍ରଦେଶରେ ରହୁଥିବା ଅଳ୍ପ ସଂଖ୍ୟକ ହିନ୍ଦୁ ସମ୍ପ୍ରଦାୟଙ୍କ ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି। ଦୟାଙ୍କୁ ନ୍ୟାୟ ଦାବିରେ ସାଂଘର ଜିଲାରେ ଶୁକ୍ରବାର ଲୋକେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ବିଲକୁ କାମ କରିବାକୁ ଯାଇଥିବା ଦୟା ସୋମବାର ଘରକୁ ଆଉ ଫେରି ନ ଥିଲେ। ତାଙ୍କ ପିଲାମାନେ ଦୟାଙ୍କୁ ବହୁ ଖୋଜାଖୋଜି କରିବା ପରେ ସୋରିଷ କ୍ଷେତରୁ ତାଙ୍କ ମୃତଦେହ ମିଳିଥିବା ତାଙ୍କ ପୁଅ ସୁମାର କହିଛନ୍ତି। ହତ୍ୟାକାରୀମାନେ ଦୟାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଥିଲେ। ଏଥିସହ ତାଙ୍କ ସ୍ତନକୁ ଖଣ୍ଡ ଖଣ୍ଡ କରି କାଟି ଶରୀରର ଚମଡ଼ା ଉତାରି ଦେଇଥିଲେ। ଦେଶରେ ରହୁଥିବା ଅଳ୍ପସଂଖ୍ୟାକ ହିନ୍ଦୁମାନଙ୍କ ସୁରକ୍ଷା ଦାୟିତ୍ୱ ସରକାରଙ୍କର, ଯାହାକୁ ସେ ଗୁରୁତର ସହ ବହନ କରିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି।

ଗୁରୁବାର ଦୟା ହତ୍ୟାକାଣ୍ଡର ସୂଚନା ପ୍ରଥମେ ପାକିସ୍ତାନର ହିନ୍ଦୁ ସିନେଟର କ୍ରିଷ୍ଣା କୁମାରୀ ଟୁଇଟର ପୋଷ୍ଟ ଶେୟାର କରି ଦେଇଥିଲେ। ସିନ୍ଧରେ ରହୁଥିବା ଭୀଲ ଆଦିବାସୀ ସମ୍ପ୍ରଦାୟ ଥିଲେ ଦୟା। ସେ ମୂଳଲାଗି ନିଜ ୪ ପିଲାଙ୍କ ଲାଳନପାଳନ ସାଙ୍ଗକୁ ଘର ଚଳାଉଥିଲେ। ପାକିସ୍ତାନରେ ମୋଟ ୭୫ଲକ୍ଷ ହିନ୍ଦୁ ବାସ କରୁଥିବାବେଳେ ଅନ୍ୟ ପ୍ରଦେଶ ତୁଳନାରେ ସିନ୍ଧରେ ଅଧିକମାତ୍ରରେ ହିନ୍ଦୁ ବସବାସ କରନ୍ତି। ସେମାନେ ଇସଲାମୀୟ ସଂସ୍କୃତି, ରୀତିନୀତି ଏବଂ ଭାଷାକୁ ଆପଣାଇ ସେଠାରେ ରହୁଛନ୍ତି। ସିନ୍ଧ ପ୍ରଦେଶ ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଦୟା ଭେଲ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ପିଜିଆଇଏମ୍ଇଆର୍‌କୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ।

# କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା ପିଜିଆଇଏମ୍ଇଆର୍

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା ସ୍ନାତକୋତ୍ତର ମେଡିକାଲ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ(ପିଜିଆଇଏମ୍ଇଆର୍)। ଏଥିସହ ହସ୍ପିଟାଲର ନାମ ପିଜିଆଇଏମ୍ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ତଥା ରାଜଧାନୀବାସୀଙ୍କୁ ଗୁଣାତ୍ମକ ମେଡିକାଲ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହି ପ୍ରତିଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ। ଚଳିତ ୨୦୨୨-୨୩ ଶିକ୍ଷାବର୍ଷରୁ ଏଠାରେ ପ୍ରଥମ ବ୍ୟାଚ୍ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଛି। ମୋଟ ୧୫ଟି ବିଭାଗରେ ପାଠ୍ୟକ୍ରମ ଖୋଲିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୬ଟି ବିଭାଗକୁ ଅନୁମତି ମିଳିଛି। ସେଗୁଡ଼ିକ ହେଲା ଜେନେରାଲ ସର୍ଜରି, ମେଡିସିନ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଶ୍ୱାସରୋଗ ଏବଂ ଶିଶୁରୋଗ ବିଭାଗ। ଏହି ୬ଟି ବିଭାଗରେ ମୋଟ ୨୪ଟି ସିଟ୍ ରହିଛି। ମେଡିସିନ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ସର୍ଜରି ବିଭାଗକୁ ୫ଟି ଲେଖାଏ ସିଟ୍, ଅସ୍ଥିଶଲ୍ୟ ବିଭାଗରେ ୨ଟି, ଶିଶୁରୋଗ ବିଭାଗରେ ୪ଟି ଓ ଶ୍ୱାସରୋଗ ବିଭାଗରେ ୩ଟି ସିଟ୍‌ରେ



- ୬ ବିଭାଗରେ ରହିଛି ୨୪ ସିଟ୍
- ଖୋଲିବ ଆଉ ୯ ବିଭାଗ

ପିଜି ପାଠ୍ୟକ୍ରମ ଖୋଲିଛି। ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶକ, ପ୍ରଫେସର ଓ କର୍ମଚାରୀଙ୍କ ସହ ପାଖାପାଖି ୭୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆଉ ୯ଟି ବିଭାଗ ପର୍ଯ୍ୟାୟକ୍ରମେ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି। ୨୮୪କୋଟି ଟଙ୍କା ବ୍ୟୟରେ ଏକ ନୂତନ ଏକାଡେମିକ ବ୍ଲକ୍ କାମ ମଧ୍ୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପ୍ରତିଷ୍ଠାନର କେତେଜଣ ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ଏଠାରେ ନାମ ଲେଖାଇଥିବା ଉତ୍ତରପ୍ରଦେଶ, କେରଳ ଓ ସିକିମ୍‌ର ଛାତ୍ରୀଛାତ୍ରମାନେ ଏଠାରେ ଥିବା ସୁବିଧାସୁଯୋଗକୁ ନେଇ ଖୁସିବ୍ୟକ୍ତ କରିଥିଲେ। ଏଥିସହ ରାଜ୍ୟରେ ଉପଲବ୍ଧ ଉନ୍ନତ ଚିକିତ୍ସା ସେବାକୁ ମଧ୍ୟ ସେମାନେ ପ୍ରଶଂସା କରିଥିଲେ। '୫-ଟି'କୁ ଅନୁସରଣ କରି ଜନସେବାରେ ନିଜକୁ ଉତ୍ସର୍ଗ କରିବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ଏହି ଅନୁଷ୍ଠାନରେ ଥିବା ସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ପିଜିଆଇଏମ୍ଇଆର୍‌ର ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ଓସିଏସ୍ ପରୀକ୍ଷା ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

## ଜାନୁୟାରୀ ୧୭ରୁ ଆବେଦନ

କଟକ ଅଫିସ,୩୦।୧୨

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୨ ପରୀକ୍ଷା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ପାଇଁ ଆଶାୟୀ ପରୀକ୍ଷାର୍ଥୀମାନେ ଆସନ୍ତା ଜାନୁୟାରୀ ୧୭ରୁ ଫେବୃୟାରୀ ୧୬ ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିଥିବା ମୋଟ ୬୮୩ ପଦବୀ ପାଇଁ ଏହି ପରୀକ୍ଷା ହେବ। ଉକ୍ତ ପରୀକ୍ଷାରେ ସାଧାରଣ ବର୍ଗ ପାଇଁ ୩୮୭ଟି ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୧୨୮ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ପରୀକ୍ଷାରେ ଏସ୍‌ସି ବର୍ଗ ପାଇଁ ୮୯ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୩୦ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏସ୍‌ଟି ବର୍ଗ ପାଇଁ ୧୩୬ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୪୬ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ଏସ୍‌ଇବିସି ବର୍ଗ ପାଇଁ ୭୧ପଦବୀ ରହିଥିବାବେଳେ ସେଥିମଧ୍ୟରେ ୨୩ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ପ୍ରିଲିମିନାରି ଏବଂ ମେନ୍ ଭଳି ଦୁଇଟି ପର୍ଯ୍ୟାୟରେ ଓସିଏସ୍ ପରୀକ୍ଷା ହେବ। ଆଶାୟୀମାନେ ଓପିଏସ୍‌ସି ୱେବ୍‌ସାଇଟ୍ http:/opsc.gov.inରେ ପରୀକ୍ଷା ପାଇଁ ଆବେଦନ କରିପାରିବେ।

# ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲାରେ କନ୍ଧମାଳ ଲିଙ୍କ୍

ଫୁଲବାଣୀ ଅଫିସ,୩୦।୧୨

ରାୟଗଡ଼ାରେ ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲାର ତଦନ୍ତ ପ୍ରକ୍ରିୟା ଯେତେ ଆଗଉଛି ଘଟଣାର ରହସ୍ୟ ସେତେ ବଢ଼ିବାରେ ଲାଗିଛି। ତେବେ ଏହି ଘଟଣାର ଲିଙ୍କ କନ୍ଧମାଳରେ ମଧ୍ୟ ରହିଥିବା ଜଣାପଡ଼ିଛି। ରୁଷୀୟ ପର୍ଯ୍ୟଟକ ଆଣ୍ଟୋଭ ପାଭେଲ ଓ ଭ୍ଲାଡିମିର ବିଦାନୋଭ କନ୍ଧମାଳ ଜିଲା ଦାରିଙ୍ଗବାଡିର ଏକ ରିସର୍ଟରେ ରହିଥିଲେ ବୋଲି ସୂଚନା ମିଳିଛି। ହେଲେ ସେମାନେ ଜିଲାର କୌଣସି ପର୍ଯ୍ୟଟନ ସ୍ଥଳୀ ନ ବୁଲି ରାୟଗଡ଼ା ଚାଲି ଯାଇଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ଭ୍ଲାଡିମିର ବିଦାନୋଭ ରିସର୍ଟରେ ମଦ୍ୟପାନ କରିଥିବା ଫଟୋ ଭାଇରାଲ ହେଉଛି। ରିସର୍ଟରେ କ'ଣ ହୋଇଥିଲା, ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ରିସର୍ଟ ମାଲିକ ଏ ସମ୍ପର୍କରେ କୌଣସି ତଥ୍ୟ ଦେଉନାହାନ୍ତି। ରିସର୍ଟକୁ ତାଲା ପକାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ସନ୍ଧ୍ୟା ୭ଟାରେ ପାଭେଲ, ବିଦାନୋଭ ଓ ସେମାନଙ୍କ ସହ ଆସିଥିବା ଦମ୍ପତି ଏବଂ ଜଣେ ଟୁରିଷ୍ଟ ଗାଇଡ୍ ଦାରିଙ୍ଗବାଡି ଥାନା କିରିକୁଟିରେ ଥିବା ପାନାସିଆ ଇକୋ ରିସର୍ଟରେ ରାତ୍ରିଯାପନ କରି ରାୟଗଡା ଚାଲିଯିବା ଘଟଣା ଦ୍ୱନ୍ଦ୍ୱ ସୃଷ୍ଟି କରିଛି।






**ଆଜିର ମନ୍ତବ୍ୟ**

"ରାଜନୀତି ଲୋକଙ୍କୁ ଦେଖେଇ ହେବା କିମ୍ବା ନିଜସ୍ୱ ପ୍ରଚାର ପାଇଁ ନୁହେଁ। ଏହା କେବଳ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବା ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। -ୱାଇ.ଏସ୍. ଜଗନମୋହନ ରେଡ୍ଡୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

## ଜଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଜଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ଗୋଡ଼ ଯେବେ ଅଛିରେ ଖେଞ୍ଚା**
**ପରକୁ କି ପାଇଁ ଦାନ୍ତ ନିକିଟା।**

ନିଜେ ଠିକ୍ ଥିଲେ ଅନ୍ୟକୁ ଆଶରା କରିବାରେ ମାନେ କିଛି ରହି ନ ଥାଏ। ହାତ ଗୋଡ଼ ଚାଲୁଥିଲେ ସୁସ୍ଥ ସବଳ ଥିଲେ, ଅନ୍ୟ ଉପରେ ନିର୍ଭର ନ କରି ନିଜେ ଖଟି ଖାଇବା ହିଁ ଉଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହୁଲୁହୁଲି ବେଳା ବେଳକୁ ବୁଣ୍ଡରେ ଘା**
**ଜାଉ ଖାଇବାକୁ ପୁଅର ମା।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଜଗଡମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କଂସ ମର୍ମାହତ

**ବରଗଡ଼ ଧନୁଯାତ୍ରା**

ମଥୁରାନଗରୀ/ଗୋପପୁର,୩୦।୧୨

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଚତୁର୍ଥ ଦିବସର ଦୃଶ୍ୟାଭିନୟ ବେଶ୍ ଚିତ୍ତାକର୍ଷକ ଥିଲା। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାରେ ଗୋପପୁର ଉତ୍ସବମୁଖର ହୋଇପଡ଼ିଛି। ଅନ୍ୟପକ୍ଷେ କଂସ ପ୍ରେରିତ ରାକ୍ଷସୀ ରାକ୍ଷସଙ୍କ ବଧରେ କଂସ ମର୍ମାହତ ହୋଇପଡ଼ିଛନ୍ତି। ଗୋପପୁରକୁ ପ୍ରେରିତ ରାକ୍ଷସୀ ରାକ୍ଷସ ନିହତ ଖବର ପାଇ ମଥୁରାଧିପତି କଂସ ପୂର୍ବାପେକ୍ଷା ଆହୁରି ବିଚଳିତ ହୋଇ ପଡ଼ିଛନ୍ତି। ନନ୍ଦଭବନରେ ନନ୍ଦରାଣୀ, ନନ୍ଦରାଜା ମେଲାଣୀ ଦେବା ପରେ ଶ୍ରୀକୃଷ୍ଣ ଓ ବଳରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ। ଏହାପରେ ସେମାନେ ଗୋପ ମଣ୍ଡପକୁ ଯାଇଥିଲେ। ସେଠାରେ ଶ୍ରୀକୃଷ୍ଣ ମାଟି ଖାଉଥିବା ଦେଖି ମା' ଯଶୋଦା ତାଙ୍କୁ ଆଙ୍କଟ କରିଥିଲେ। ଏହି ସମୟରେ ସେ ଶ୍ରୀକୃଷ୍ଣଙ୍କ ପାଟିରେ ବିଶ୍ୱରୂପ ଦର୍ଶନ କରିଥିଲେ। ଏହାପରେ ସେଠାରେ କଂସ ପ୍ରେରିତ ପୁତନା, ବକା, ଶକଟା, ତ୍ରୁଣା, ଧେନୁ, ଷଣ୍ଢ, ଅଘାସୁର ଆଦି ରାକ୍ଷସୀ ରାକ୍ଷସ ପହଞ୍ଚିଥିଲେ ଏବଂ ଶ୍ରୀକୃଷ୍ଣଙ୍କ ହସ୍ତରେ ସେମାନଙ୍କ ନିଧନ ହୋଇଥିଲା। ଅନ୍ୟପକ୍ଷେ ମହାରାଜ କଂସ ମଥୁରା ଭ୍ରମଣରେ ବାହାରି ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ (ସେଲ୍ସଟ୍ୟାକ୍ସ ଅଫିସ) ପରିସର ମୁକ୍ତେଶ୍ୱର ମନ୍ଦିରକୁ ଯାଇ ରୁଦ୍ରାଭିଷେକ କରିଥିଲେ। ସେଠାରୁ ସେ ରଙ୍ଗମହଲକୁ ଯାଇ ନୃତ୍ୟଗୀତ ଆସରରେ ମସ୍‌ଗୁଲ ହୋଇଥିଲେ ଏବଂ ପରେ କଂସ ହାଟପଦାସ୍ଥିତ ରାଜଦରବାରକୁ ଆସି ମଥୁରା ନଗରୀର ଖବର ବୁଝିଥିଲେ। ଗୋପପୁର ପଠାଇଥିବା ରାକ୍ଷସୀ ରାକ୍ଷସ ସେଠାରେ ଶ୍ରୀକୃଷ୍ଣଙ୍କ ହାତରେ ନିଧନ ହୋଇଥିବା ଖବର ପାଇ କଂସ ମର୍ମାହତ ହୋଇ ପଡ଼ିଥିଲେ। ଭିମସାର, ବୁର୍ଲାର ଡା. ଲଳିତ ମେହେର, ସୁପରିଣ୍ଟେଣ୍ଡେଣ୍ଟ ଲଳିତ ମୋହନ ନାୟକ, ଓଡ଼ିଶା ସର୍କଲ ପୋଷ୍ଟାଲ ସର୍ଭିସେସ୍‌ର ଡାଇରେକ୍ଟର ସୁବାଷ ବାରିକ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ।



ଗୋପପୁରରେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦୃଶ୍ୟାଭିନୟ।

**ପୂର୍ବତନ ବାଚସ୍ପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

# କିଶୋର ବାବୁଙ୍କ ସରଳତା ଥିଲା ତାଙ୍କର ବଡ଼ ପରିଚୟ: ମୁଖ୍ୟମନ୍ତ୍ରୀ

ବ୍ରଜରାଜନଗର/ଭୁବନେଶ୍ୱର, ୩୦।୧୨ (ଡି.ଏନ.ଏ./ବ୍ୟୁରୋ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ, ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦିବସରେ ଶୁକ୍ରବାର ବ୍ରଜରାଜନଗର ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଛକଠାରେ ତାଙ୍କ ପ୍ରତିମୂର୍ତ୍ତିକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କିଶୋର ବାବୁଙ୍କ ସରଳତା ତାଙ୍କର ବଡ ପରିଚୟ ଥିଲା। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ତୃଣମୂଳ ସ୍ତରରୁ ରାଜନୀତି ଆରମ୍ଭ କରି ସେ ସରକାରୀ ମୁଖ୍ୟ ସଚେତକ, ଏମ୍‌ପି, ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଏବଂ ରାଜ୍ୟ ବିଧାନସଭାର ବାଚସ୍ପତି ମଧ୍ୟ ହୋଇଥିଲେ। ବିଜୁ ଜନତା ଦଳର ସେ ଜଣେ ଦକ୍ଷ ସଂଗଠକ ଓ ନେତା ଥିଲେ। ଦଳକୁ ମଜଭୁତ କରିବାରେ ତାଙ୍କର ବହୁତ ଅବଦାନ ଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଯୋଗ ଦେଇ କହିଲେ ଯେ ସ୍ୱର୍ଗତ କିଶୋର ବାବୁଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବରେ ସେ ଅନେକ ଉନ୍ନୟନମୂଳକ କାମ କରିଯାଇଛନ୍ତି। ବିଧାୟକ ତଥା ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରି କହିଲେ, ସ୍ୱର୍ଗତ କିଶୋର ମହାନ୍ତି ବ୍ରଜରାଜନଗର ତଥା ସମଗ୍ର ପଶ୍ଚିମ ଓଡିଶାର ଲୋକଙ୍କ ହୃଦୟରେ ସବୁ ଦିନ ପାଇଁ ଅମର ହୋଇ ରହିବେ। ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ପୂର୍ବତନ ବରଗଡ଼ ଏମ୍‌ପି ପ୍ରଭାସ ସିଂ, ଦେବଗଡ଼ ରାଣୀ ଅରୁନ୍ଧତୀ ଦେବୀ, ପୂର୍ବତନ ବିଧାୟକ ଯୋଗେନ୍ଦ୍ର ବେହେରା, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରମେଶ ପଟୁଆ, ପ୍ରଫୁଲ୍ଲ ମାଝି, ସାଧୁ ନେପାକ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ଟଙ୍କଧର ତ୍ରିପାଠୀ, ବ୍ରଜରାଜନଗର ପୌରାଧକ୍ଷା ଯାଜ୍ଞସେନୀ ଓରାମ, ବ୍ରଜରାନଜଗର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ତ୍ରିନାଥ ଗୁଆଲ, ବ୍ରଜରାନଜଗର ପୂର୍ବତନ ବିଧାୟକ ଅନୁପ ସାଏ, ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ପରିବାର ବର୍ଗଙ୍କ ମଧ୍ୟରୁ ତାଙ୍କ ବାପା ଗୋଲକ ଚନ୍ଦ୍ର ମହାନ୍ତି, ସହଧର୍ମିଣୀ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ପୁଅ ପୁରୁଷୋତ୍ତମ ମହାନ୍ତି, ଝିଅ ପ୍ରିୟମ୍ବଦା ମହାନ୍ତି, ଭାଇ ଦିଲୀପ ମହାନ୍ତି ଓ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋର ମହାନ୍ତିଙ୍କ ସ୍ମୃତିରେ ତାଙ୍କ ବାପା ଓ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ୩୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସତ୍ୟଜିତ ମହାନ୍ତି। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ବ୍ରଜରାଜନଗର ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଉନ୍ମୋଚିତ ହୋଇଥିବା ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି।

**ପ୍ରଥମ ପୃଷ୍ଠାରୁ...**

## ହୋଟେଲ ରୁମ୍‌ରୁ ଚପଲ, ...

ଚପଲ, ଗ୍ଲାସ ସମେତ ବିଭିନ୍ନ ଅଂଶରୁ ଅଙ୍ଗୁଳି ଛାପ ସଂଗ୍ରହ କରାଯାଇଥିବା ଡିଏସ୍‌ପି ସରୋଜକାନ୍ତ ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ରୁମ୍‌ରୁ ମଧ୍ୟ ଅଙ୍ଗୁଳି ଛାପ ଓ ବିଭିନ୍ନ ସାମଗ୍ରୀ ସଂଗ୍ରହ କରାଯାଇଛି। ଯେଉଁ ସ୍ଥାନରେ ପଡ଼ି ପାଭେଲଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି ସେଠାରେ କ୍ରାଇମବ୍ରାଞ୍ଚ ଟିମ୍ ମାପଚୁପ କରିଛି। ତଦନୁଯାୟୀ ଘଟଣାସ୍ଥଳର ଏକ ସ୍କଚ ମ୍ୟାପ୍ ତିଆରି କରାଯାଇଛି, ଯେଉଁଥିରେ ସମସ୍ତ ପ୍ରକାର ତଥ୍ୟ ସୂଚୀତ ହୋଇଛି। କିଭଳି ଛାତରୁ ପଡ଼ି ପାଭେଲଙ୍କ ମୃତ୍ୟୁ ହୋଇଛି ସେ ସମ୍ପର୍କରେ ଜାଣିବାକୁ ନିଶୁଣି ପକାଇ ଚଢ଼ି ଅନୁଧ୍ୟାନ କରିଥିଲା କ୍ରାଇମବ୍ରାଞ୍ଚ ଟିମ୍। ସେଠାରୁ ରକ୍ତ ନମୁନା ମିଳିଛି କି ନାହିଁ ତାହା ଜଣାପଡ଼ିନାହିଁ।

ବିଦାନୋଭଙ୍କ ମୃତ୍ୟୁକୁ ଓଡ଼ିଶା ପୋଲିସ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ହେଲେ ପାଭେଲଙ୍କ ମୃତ୍ୟୁ ପରେ କ୍ରାଇମବ୍ରାଞ୍ଚକୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଶୁକ୍ରବାର ଭୋରରୁ କ୍ରାଇମବ୍ରାଞ୍ଚ ଟିମ୍ ରାୟଗଡ଼ାରେ ପହଞ୍ଚି ୩ଟି ହୋଟେଲରେ ରହିଥିଲେ। ପୂର୍ବରୁ ତଦନ୍ତ କରୁଥିବା କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଟିମ୍ ମଧ୍ୟ ସେହି ହୋଟେଲଗୁଡ଼ିକ ପାଖାପାଖି ବୁଲୁଥିବା ଦେଖିବାକୁ ମିଳିଛି। ଏପରିକି ଆଇବି ଟିମ୍‌ର ୩ଜଣ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ କ'ଣ ଆଲୋଚନା କରାଯାଇଛି ସେ ନେଇ କୌଣସି ତଥ୍ୟ ମିଳିପାରିନାହିଁ। କ୍ରାଇମବ୍ରାଞ୍ଚ ଟିମ୍ ପୋଲିସ ଗେଷ୍ଟହାଉସକୁ ଯାଇ ସେଠାରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେମାନେ ରାୟଗଡ଼ା ଥାନାକୁ ଯାଇଥିଲେ। ଏସ୍‌ଡିପିଓ ଦେବଜ୍ୟୋତି ଦାସ ଏବଂ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ବିବରଣୀ ମାଗିଥିଲେ। ୨୨ ତାରିଖରେ ଘଟିଥିବା ପ୍ରଥମ ଘଟଣା ଏବଂ ୨୪ ତାରିଖରେ ଘଟିଥିବା ପାଭେଲଙ୍କ ମୃତ୍ୟୁ ସମ୍ପର୍କରେ ପୋଲିସ କିପରି ଏବଂ କେଉଁ ସମୟରେ ସୂଚନା ପାଇଲା, ସୂଚନା ପାଇବା ପରେ କ'ଣ ପଦକ୍ଷେପ ନେଇଥିଲେ ସେସବୁ ବିଷୟରେ ଏସ୍‌ଡିପିଓ ଏବଂ ଥାନାଧିକାରୀଙ୍କୁ ପଚାରିଥିଲେ। ଏଥିସହ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବ୍ୟବଚ୍ଛେଦ ରିପୋର୍ଟ ଅନୁଧ୍ୟାନ କରିଥିଲା। ପାଭେଲଙ୍କ ସହିତ ଆସିଥିବା ଅନ୍ୟ ପର୍ଯ୍ୟଟକ ଦମ୍ପତି ତୁରଭ ମିଖାଇଲ ଏବଂ ପାନାସାଙ୍କୋ ନାତାଲିଆଙ୍କ ଗତିବିଧି ବିଷୟରେ ମଧ୍ୟ ପୋଲିସକୁ ପଚରାଯାଇଥିଲା। ରାୟଗଡ଼ା ଥାନାରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା ପରେ କ୍ରାଇମବ୍ରାଞ୍ଚ ଟିମ୍ ହୋଟେଲ ସାଇ ଇଣ୍ଟରନ୍ୟାଶନାଲରେ ପହଞ୍ଚି ସିସିଟିଭି ଯାଞ୍ଚ ସହ ଛାତ ଉପରକୁ ଯାଇ ତଦନ୍ତ କରିଥିଲା। ଯାଞ୍ଚର ପ୍ରତ୍ୟେକ ମୁହୂର୍ତ୍ତର ଫଟୋ ଏବଂ ଭିଡିଓଗ୍ରାଫି କରାଯାଉଛି। ଅପରପକ୍ଷରେ ଶ୍ମଶାନ, ଜିଲା ଚିକିତ୍ସାଳୟରେ ପୋଲିସ ମୁତୟନ କରାଯାଇଛି। ଭିସେରା ସଂରକ୍ଷଣ ଗୃହରେ ମଧ୍ୟ ପୋଲିସ ଜଗିଛି। ହୋଟେଲର ବିଭିନ୍ନ ସ୍ଥାନରେ ପୋଲିସ ଏବଂ ଯବାନ ମୁତୟନ କରାଯାଇଛି। କୌଣସି ତଥ୍ୟ ଗଣମାଧ୍ୟମ ହାତକୁ ଲାଗିଯିବା ସନ୍ଦେହରେ ଖବରଦାତାଙ୍କ ଉପରେ ମଧ୍ୟ ପୋଲିସ ନଜର ରଖିଛି। ପାଭେଲଙ୍କ ମୃତ୍ୟୁ ରହସ୍ୟଜନକ ହୋଇରହିଛି। ସେ ଆତ୍ମହତ୍ୟା କରିଛନ୍ତି ନା ହତ୍ୟା କରାଯାଇଛି ସେହି ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ଅନେକ ସଂସ୍ଥାର ଖବରଦାତା ରାୟଗଡ଼ାରେ ପହଞ୍ଚିଛନ୍ତି।

### କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପଚରାଉଚରାର ଭିଡିଓ ରେକର୍ଡିଂ

କଟକ ଅଫିସ,୩୦।୧୨: କ୍ରାଇମବ୍ରାଞ୍ଚ ଟିମ୍ ରାୟଗଡ଼ାରୁ ସାଙ୍ଗରେ ନେଇ ଆସିଥିବା ଦୁଇ ରୁଷୀୟ ପର୍ଯ୍ୟଟକ ତୁରଭ ମିଖାଇଲ ଓ ପାନାସାଙ୍କୋ ନାତାଲିଆଙ୍କଠାରୁ ଅଧିକ ତଥ୍ୟ ବାହାର କରିବା ନିମନ୍ତେ ଉଦ୍ୟମ ଜାରି ରଖିଛି। ଓଡ଼ିଶା ପୋଲିସ ପାଇଁ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଚ୍ୟାଲେଞ୍ଜ ହୋଇଥିବାରୁ କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗକୁ ତର୍ଜମା କରି ଆଗଉଛି। ମୃତ ଦୁଇ ପର୍ଯ୍ୟଟକଙ୍କ ପରିବାର ସହ ଯୋଗାଯୋଗ କରାଗଲେ କ୍ରାଇମବ୍ରାଞ୍ଚକୁ ଅଧିକ ସଫଳତା ମିଳିପାରିବ ବୋଲି ଅଧିକାରୀମାନେ ଆଶାବାଦୀ ଅଛନ୍ତି। ଏବେ ତଦନ୍ତ ଚାଲିଥିବାରୁ କ୍ରାଇମବ୍ରାଞ୍ଚ ଅଧିକ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରୁଥିବାବେଳେ ଖୁବ୍‌ଶୀଘ୍ର ଏହି ରହସ୍ୟ ପର୍ଦ୍ଦାଫାସ୍ ହେବ ବୋଲି ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ତେବେ ରାୟଗଡ଼ାରୁ ଅଣାଯାଇଥିବା ୨ ରୁଷୀୟ ପର୍ଯ୍ୟଟକଙ୍କୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପଚରାଉଚରା ଚାଲିଛି। ସମସ୍ତ କାର୍ଯ୍ୟର ଭିଡିଓ ରେକର୍ଡିଂ ମଧ୍ୟ କରାଯାଉଛି। ସେମାନେ ରୁଷୀୟ ଭାଷାରେ ଦେଉଥିବା ଉତ୍ତରକୁ ଅନୁବାଦକଙ୍କ ସାହାଯ୍ୟରେ ଭାଷାନ୍ତର କରାଯାଇ ଲିପିବଦ୍ଧ କରାଯାଉଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି।

## ନିୟନ୍ତ୍ରଣ ରହୁନି, ...

ସମଗ୍ର ଦେଶରେ ଦୁର୍ଘଟଣା ହାର ବଢ଼ିଚାଲିଛି। ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ, ୨୦୨୧ ବର୍ଷରେ ଦ୍ରୁତ ଗାଡ଼ିଚାଳନା ଏବଂ ଡ୍ରାଇଭର ନିୟନ୍ତ୍ରଣ ହରାଇବା ଆଦି କାରଣରୁ ଭାରତରେ ମୋଟ ୧୯,୪୭୮ ଦୁର୍ଘଟଣା ଘଟିଛି। ଏଥିରେ ୯,୧୫୦ ଜଣଙ୍କ ଜୀବନ ଯାଇଥିବାବେଳେ ୧୯,୦୭୭ ଜଣ ଆହତ ହୋଇଛନ୍ତି। ତେବେ ଏହି ବର୍ଷ ସମୁଦାୟ ୪,୧୨,୪୩୨ ସଡ଼କ ଦୁର୍ଘଟଣା ଘଟି ୧,୫୩,୯୭୨ ଜଣଙ୍କ ମୃତ୍ୟୁ ହେବା ସହ ୩,୮୪,୪୪୮ ଜଣ ଆହତ ହୋଇଛନ୍ତି। ପଛପଟୁ ଧକ୍କା ଦେବା ଯୋଗୁ ସର୍ବାଧିକ ୨୧.୨ ପ୍ରତିଶତ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୮.୬ ପ୍ରତିଶତଙ୍କ ଜୀବନ ଯାଇଛି। ସେହିପରି ମୁହାଁମୁହିଁ ଦୁର୍ଘଟଣା ହାର ୧୮.୫ ପ୍ରତିଶତ ହୋଇଥିବାବେଳେ ତଜ୍ଜନିତ ମୃତ୍ୟୁହାର ୧୭.୭ ପ୍ରତିଶତ ରହିଛି। ଏହା ବ୍ୟତୀତ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣା ହାର ୧୬.୮ ପ୍ରତିଶତ ହୋଇଥିବାବେଳେ ହିଟ୍ ଫ୍ରମ୍ ସାଇଡ୍ ଦୁର୍ଘଟଣା ସଂଖ୍ୟା ୧୧.୯ ପ୍ରତିଶତ। ଖାମଖିଆଲ ଡ୍ରାଇଭିଂ, ପଛକୁ ପଛ ଅତି ପାଖାପାଖି ଗାଡ଼ି ଚଳାଇବା, ଖରାପ ପାଗ ଇତ୍ୟାଦି ଯୋଗୁ ପଛପଟୁ ଧକ୍କା ହେବା ଭଳି ଘଟଣା ବଢ଼ିଚାଲିଛି। ଓଡ଼ିଶାରେ ମଧ୍ୟ ସଡ଼କ ଦୁର୍ଘଟଣା ଚିନ୍ତାଜନକ ରହିଛି। ଗତ ୫ ବର୍ଷରେ ରାଜ୍ୟରେ ୫୩,୯୮୨ ଦୁର୍ଘଟଣା ଘଟି ୨୫ ହଜାର ୨୫୭ ଜଣଙ୍କର ଜୀବନ ଯାଇଥିବାବେଳେ ୫୨,୭୬୯ ଆହତ ହୋଇଛନ୍ତି। ରାଜ୍ୟରେ ଘଟୁଥିବା ପ୍ରତି ୧୦୦ ଦୁର୍ଘଟଣାରେ ୪୮ ଜଣଙ୍କର ମୃତ୍ୟୁ ହେଉଛି। ୨୦୧୫ରୁ ପ୍ରତ୍ୟେକ ବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ୧୦ ପ୍ରତିଶତ ହ୍ରାସ କରିବାକୁ ପଦକ୍ଷେପ ନେବା ଲାଗି ସୁପ୍ରିମ୍‌କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କମିବା ପରିବର୍ତ୍ତେ ବଢ଼ିଚାଲିଛି। ଦ୍ରୁତବେଗରେ ଗାଡ଼ିଚାଳନା ଯୋଗୁ ୬୯ ପ୍ରତିଶତ ଏବଂ ୨୦ ପ୍ରତିଶତ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣା ଘଟୁଛି। ୨୦୨୧ରେ ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲାରେ ୧୦୦ରୁ ଅଧିକ ସଂଖ୍ୟକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବିଶ୍ୱ ବ୍ୟାଙ୍କ ସର୍ଭେ ୨୦୨୦ ଅନୁଯାୟୀ, ଭାରତରେ ୭୬.୨ ପ୍ରତିଶତ ୧୮ରୁ ୪୫ ବର୍ଷର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଦୁର୍ଘଟଣା ଯୋଗୁ ୫୦ ପ୍ରତିଶତ ମହିଳା ଘର ଚଳାଇବା କ୍ଷେତ୍ରରେ ଭୟଙ୍କର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସଡ଼କ ଦୁର୍ଘଟଣା ଯୋଗୁ ଦେଶକୁ ବାର୍ଷିକ ଜିଡିପିର ୩.୧୪ ପ୍ରତିଶତ ଆର୍ଥିକ କ୍ଷତି ସହିବାକୁ ପଡୁଛି।

## ଡିଭାଇଡରରେ ପିଟିହୋଇ ...

ଏଥିରୁ ଗାଡ଼ିର ଗତି ଅତି ଦ୍ରୁତ ଥିବା ଜଣାପଡୁଛି।

ପନ୍ତଙ୍କୁ ଚିକିତ୍ସା କରିଥିବା ଡାକ୍ତର ସୁଶୀଲ ନାଗରଙ୍କ ସୂଚନା ଅନୁଯାୟୀ, କ୍ରିକେଟରଙ୍କ କୌଣସି ହାଡ଼ ଭାଙ୍ଗିନାହିଁ। ତାଙ୍କ ଆଣ୍ଠୁରେ କିନ୍ତୁ ଏକ ଲିଗାମେଣ୍ଟ ଇଞ୍ଜୁରି ରହିଛି। ଏମ୍‌ଆର୍‌ଆଇ ସ୍କାନ୍ ପରେ ସମସ୍ତ ବିଷୟ ସ୍ପଷ୍ଟ ହୋଇଯିବ। ପନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଗଲାବେଳେ ସେ ସମ୍ପୂର୍ଣ୍ଣ ସଚେତ ଥିଲେ। ପନ୍ତଙ୍କ ପିଠିରେ ପୋଡ଼ା ଚିହ୍ନ ନ ଥିଲା। ବଡ଼ ଆଘାତ ଲାଗିଥିଲା। ସମ୍ଭବତଃ କାର କାଚ ଭାଙ୍ଗିବା ବେଳେ ଏହି ଆଘାତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ତାଙ୍କ ଶରୀରର ଉପରିଭାଗ ନିଆଁ ଧାସ ବାଜି ସିଝିଯାଇଛି। ତାହା ସେତେଟା ଗୁରୁତର ନୁହେଁ ବୋଲି ଡାକ୍ତର କହିଛନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। କିନ୍ତୁ ଷ୍ଟିଚ୍ କରାଯାଇନାହିଁ। ଡାକ୍ତର ନାଗର ପନ୍ତଙ୍କୁ ମାକ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଲାଗି ସୁପାରିସ କରିଛନ୍ତି, ଯେଉଁଠାରେ ତାଙ୍କ ପ୍ଲାଷ୍ଟିକ୍ ସର୍ଜରି ହୋଇପାରେ। ଲିଗାମେଣ୍ଟ ଇଞ୍ଜୁରି ବିଭିନ୍ନ ପ୍ରକାର ରହିଛି। ଏଥିରୁ ସମ୍ପୂର୍ଣ୍ଣ ଫିଟ୍ ହେବାଲାଗି ଜଣଙ୍କୁ ୨ରୁ ୬ ମାସ ସମୟ ଲାଗିପାରେ।

୨୫ ବର୍ଷୀୟ କ୍ରିକେଟର ପନ୍ତଙ୍କ ଏହି ଦୁର୍ଘଟଣା ତାଙ୍କ କ୍ରିକେଟ କ୍ୟାରିୟରକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି କରିଛି। ଫେବୃୟାରୀ ୯ରୁ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଘରୋଇ ଟେଷ୍ଟ ସିରିଜ୍ ପାଇଁ ସେ ଉପଲବ୍ଧ ହୋଇପାରିବେ କି ନା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଜାନୁୟାରୀ ୩ରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର ସିରିଜ୍ ପାଇଁ ଭାରତୀୟ ଦଳରେ ପନ୍ତଙ୍କୁ ସ୍ଥାନ ମିଳିନାହିଁ। ଫେବୃୟାରୀରେ ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ସେ ଷ୍ଟ୍ରେନ୍ଥ୍ ଓ କଣ୍ଡିଶନିଂ ପ୍ରୋଗ୍ରାମ୍‌ରେ ସାମିଲ ହେବା ଲାଗି ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଯୋଗଦେଇଥା'ନ୍ତେ। ଏହି ବାମହାତୀ ଉଇକେଟ୍ କିପର-ବିସ୍ଫୋରକ ବ୍ୟାଟର ଇତିମଧ୍ୟରେ ୩୩ ଟେଷ୍ଟ ମ୍ୟାଚ୍ ଖେଳି ୨,୨୭୧ ରନ୍ ସଂଗ୍ରହ କରିସାରିଛନ୍ତି। ତନ୍ମଧ୍ୟରେ ୫ ଶତକ ଓ ୧୧ ଅର୍ଦ୍ଧଶତକ ରହିଛି। ସେ ଦେଶ ତରଫରୁ ୩୦ ଅନ୍ତର୍ଜାତୀୟ ଦିନିକିଆ, ୬୬ ଅନ୍ତର୍ଜାତୀୟ ଟି-୨୦ ଖେଳି ଯଥାକ୍ରମେ ୮୬୫ ଓ ୯୮୭ ରନ୍ ସଂଗ୍ରହ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ମାଆ ....

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଓ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ମାଆଙ୍କ ବିୟୋଗ ସମ୍ପର୍କରେ ସକାଳେ ଏକ ଆବେଗଭରା ଟୁଇଟ୍ କରିଥିଲେ। ସେ ଲେଖିଥିଲେ, ଭଗବାନଙ୍କ ଚରଣରେ ଏକ ଗୌରବମୟ ଶତାବ୍ଦୀ ବିଶ୍ରାମ ନେଇଛି... ମାଆଙ୍କଠାରେ ମୁଁ ସବୁବେଳେ ତ୍ରିମୂର୍ତ୍ତିଙ୍କୁ ଅନୁଭବ କରୁଥିଲି, ଯେଉଁଥିରେ ଜଣେ ତପସ୍ୱୀଙ୍କ ଯାତ୍ରା, ନିଷ୍କାମ କର୍ମଯୋଗୀଙ୍କ ପ୍ରତୀକ ଏବଂ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧ ଜୀବନ ସମାହିତ ରହିଥିଲା। ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ଦଳର ନେତା ଶୋକବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଶୋକବ୍ୟକ୍ତ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହିତ ସେ ମୋଦି ଓ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି, ଜଣକ ଜୀବନରେ ମାଆର ମୂଲ୍ୟ ଅତୁଳନୀୟ। ଏହାର ଅଭାବ ପୂରଣ କରିବା ସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ମାତୃବିୟୋଗରେ ସେ ମର୍ମାହତ ବୋଲି ଲେଖିବା ସହ ତାଙ୍କୁ ଓ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମାଆଙ୍କ ଶ୍ରଦ୍ଧା ଓ ସତ୍ୟବାଦିତା ଦେଶକୁ ସଫଳ ନେତୃତ୍ୱ ଦେଇଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ହୀରାବେନ୍‌ଙ୍କ ପରଲୋକରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା, ଇସ୍ରାଏଲ୍‌ର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ', ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟାୟ ଶେରିଙ୍ଗ ପ୍ରମୁଖ ବହୁ ବିଶ୍ୱନେତା ଶୋକବ୍ୟକ୍ତ କରିଛନ୍ତି।

### ମୋଦିଙ୍କ ପରିବାରକୁ ସମବେଦନା ଜଣାଇଲେ ନବୀନ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବେନ୍‌ଙ୍କ ଦେହାନ୍ତ ଖବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମର୍ମାହତ ହୋଇଛନ୍ତି। ସେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟୁଇଟ୍ କରି ସମବେଦନା ଜଣାଇଛନ୍ତି। ଏପରି ଦୁଃଖଦ ସମୟରେ ଭଗବାନଙ୍କ ନିକଟରେ ପରିବାରକୁ ଧୈର୍ଯ୍ୟ ଓ ସାହସ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିଛନ୍ତି। ଏଥିସହ ତାଙ୍କ ତରଫରୁ ଅନ୍ତ୍ୟେଷ୍ଟିରେ ଶ୍ରମ, ନିୟୋଜନ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇଛନ୍ତି।

## ବଦଳିଲେ ୧୧ ଜିଲାର ...

ସୁନ୍ଦରଗଡ଼ ଏସ୍‌ପି ଥିବା ସାଗରିକା ନାଥଙ୍କୁ ବାଲେଶ୍ୱର ବଦଳି କରାଯାଇଛି। କନ୍ଧମାଳଏସ୍‌ପିବିନିତଅଗ୍ରୱାଲଙ୍କୁଯାଜପୁରଏସ୍‌ପିଭାବେନୂଆନିଯୁକ୍ତିମିଳିଥିବା ବେଳେ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଭଦ୍ରକ ବଦଳି କରାଯାଇଛି। ବାଲିଗୁଡ଼ା ଏସ୍‌ଡିପିଓ ଥିବା ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ଗୁନ୍ଦଲା ରେଡ୍ଡୀଙ୍କୁ ନୂଆପଡ଼ା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୨୦୧୯ ବ୍ୟାଚ୍ ଆଇପିଏସ୍ ତଥା ମାଲକାନଗିରି ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ରଙ୍କୁ କନ୍ଧମାଳ ଏସ୍‌ପି ଓ କେଶିଙ୍ଗା ଏସ୍‌ଡିପିଓ ଅଭିନବ ସୋନକରଙ୍କୁ କୋରାପୁଟ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସ୍ପେଶାଲ ବ୍ରାଞ୍ଚ୍ ଏସ୍‌ପି ଥିବା ଜ୍ଞାନରଞ୍ଜନ ମହାପାତ୍ରଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

## ଅଟୋକୁ ଧକ୍କାଦେଲା ...

ବିଲିକଣ ଗାଁର ରାଜେନ୍ଦ୍ର ବଳ ଭୁବନେଶ୍ୱରସ୍ଥ ନୟାପଲ୍ଲୀ ଥାନା ସମ୍ମୁଖରେ ରାଜେନ୍ଦ୍ର ଛେନା ବ୍ୟବସାୟ କରନ୍ତି। ଗୁରୁବାର ରାତିରେ ରାଜେନ୍ଦ୍ର ଓ ତାଙ୍କ ସାଙ୍ଗ ଆଳି ଥାନା ଅନ୍ତର୍ଗତ ଜାମୁଦଣ୍ଡା ଗାଁର ବାବାଜୀ ଚରଣ ବେହୁରାଙ୍କ ପୁଅ ଆଶିଷ ଭୁବନେଶ୍ୱରରୁ (ନଂ.ଓଡି ୩୩ ଏ ୮୪୮୨) ଏକ ଅଟୋରେ ବିଲିକଣ ଯାଉଥିଲେ। ଜମଧର ନିକଟରେ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଥିବା ରାଜେନ୍ଦ୍ର, ଆଶିଷ ଓ ଅଟୋ ଡ୍ରାଇଭର ଖୋର୍ଦ୍ଧା ଜିଲା ଜଟଣୀ ଥାନା ନିରଞ୍ଜନପୁର ଗାଁର ଗଙ୍ଗାଧର ସୁନ୍ଦରାୟଙ୍କ ପୁଅ ହେମନ୍ତଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସଦର ଥାନା ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ପ୍ରଭୁପ୍ରସାଦ ସାହାଣୀଙ୍କୁ ପଚାରିବାରେ ଗୁରୁବାର ରାତି ପ୍ରାୟ ୩ଟାରେ ପାଟ୍ରୋଲିଂ ଗାଡି ଏହି ଦୁର୍ଘଟଣାସ୍ଥଳରେ ରହି ୩ ମୃତଦେହ ଜବତ କରିଥିଲା। ଅଟୋକୁ ପୋଲିସ ହେପାଜତକୁ ନେଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣା ସମ୍ପର୍କରେ ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ହାଇୱା ଏଠାରୁ ପଳାଇ ଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦିନଟି ହସ, ଖୁସି ଓ ଆନନ୍ଦ ମଧ୍ୟରେ ଅତିବାହିତ ହେବ। ଆଜିର ପ୍ରତ୍ୟୁଷ ଯାତ୍ରା,ମାଙ୍ଗଳିକ କାମରେ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇ ଉଠିବ। ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। ରହିଯାଇଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ।

**ବୃଷ**
ଅଟକି ରହିଥିବା କାମ ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ପ୍ରକାର ମନ୍ତବ୍ୟ ଦେଇପାରନ୍ତି। ସବୁଥିରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡିପାରେ।

**ମିଥୁନ**
ଆଜି ଯେତିକି ପାଇବେ ପ୍ରତିଦାନରେ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ ଯେଉଁ କାମ କରିବେ। ନିକଟ ସମ୍ପର୍କୀୟମାନେ ଆପଣଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆନୁଷ୍ଠାନିକ କାମରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି।

**କର୍କଟ**
ବନ୍ଧୁଙ୍କ କଥାକୁ ଭାଙ୍ଗି ନ ପାରି କୌଣସି କାମରେ ନିଜକୁ ହଜାଇଦେବେ। ନିଜଲୋକ କେହି ହଇରାଣ କରିବାକୁ ଚେଷ୍ଟା କରି ବିଫଳ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟି ହେବ।

**ସିଂହ**
ବିଫଳ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ଦୂରସ୍ଥାନକୁ ଯିବାକୁ ପଡିବ। ପୃଷ୍ଠପୋଷକତା ଅଭାବରୁ କାମଗୁଡିକ ସୁବିଧାରେ ହେବା କଷ୍ଟକର ହୋଇପଡିବ।

**କନ୍ୟା**
ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ଆଉ ନ ଥିବ। ଅନ୍ୟମାନଙ୍କଠାରୁ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶତ୍ରୁମାନେ ପଛରେ ନାନାଦି କଥା କହିପାରନ୍ତି। ରୋଗୀଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ, ବିଶେଷତଃ ଖାଦ୍ୟପେୟରେ ସତର୍କ ରୁହନ୍ତୁ। ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡିପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ମସ୍‌ଗୁଲ ରହିବେ। ନିଜ ପରିବାରର ଲୋକମାନଙ୍କ ସହ ଦୂରଯାତ୍ରା କରିବାକୁ ପଡିପାରେ।

**ବିଛା**
ସୁସମ୍ପର୍କ ଅଭାବରୁ ଅନ୍ୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କିଛି କାମ ହାସଲ କରିବା ସକାଶେ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ**
ଅପ୍ରିୟସତ୍ୟ ଭାଷଣଜନିତ ମତାନ୍ତରର ଆଶଙ୍କା ରହିଛି। ଭାଙ୍ଗି ପଡିଥିବା ସମ୍ପର୍କକୁ ପୁଣି ଯୋଡିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର**
ଆଜି ଆପଣ କଅଁଳ କଥା କହି ପରକୁ ଆପଣାର କରିପାରିବେ। ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ଆଜିର ରାହୁକାଳରେ ଭଲ ସମ୍ପର୍କ ଥିବା ବନ୍ଧୁଟି ବେଳକାଳ ଉଣ୍ଡି ଅସୁବିଧାରେ ପକାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ କଷ୍ଟ ସହିବାକୁ ପଡିପାରେ।

**କୁମ୍ଭ**
ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ କିନ୍ତୁ କୌଣସିଥିରେ ଆନ୍ତରିକତା ରହିବ ନାହିଁ। ଶାରୀରିକ ଅସୁସ୍ଥତା ମଧ୍ୟ ଏହାର ଏକ କାରଣ ହୋଇପାରେ।

**ମୀନ**
ଆଜିର କାମରେ ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଲେ ନିଶ୍ଚିତ ଉଦ୍ଦେଶ୍ୟ ପୂରଣ ହୋଇପାରିବ। କିନ୍ତୁ ଭାବିଚିନ୍ତି କାମ ନ କଲେ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ବନ୍ଧୁଙ୍କ ସହ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଡିସେମ୍ବର ୩୧ ତାରିଖ, ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍ ସମ୍ମେଳନର ପ୍ରଥମ ଦିବସ, ଶ୍ରୀଶ୍ରୀ ବଡ଼ଦାଙ୍କର ୧୧୨ତମ ଶୁଭ ଜନ୍ମୋତ୍ସବ, ଖ୍ରୀଷ୍ଟୀୟ ବର୍ଷ ଶେଷ, ପୌଷ ଶୁକ୍ଳ ନବମୀ ଶନିବାର, ରାଶି ନକ୍ଷତ୍ର-ରେବତୀ/ମୀନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୧ମି. ଗତେ ଘ.୦୯।୦୭ମି. ମଧ୍ୟେ, ଘ.୧୨।୧୧ମି. ଗତେ ଘ.୦୧।୧୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୭ମି. ଗତେ ଘ.୧୦।୨୮ମି. ମଧ୍ୟେ ମାହେନ୍ଦ୍ରବେଳା।

# ୪ ଘଣ୍ଟାରେ ୨ ଶିଶୁଙ୍କ ମୃତ୍ୟୁ

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା
- ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦେଲେ ତଦନ୍ତ ନିର୍ଦ୍ଦେଶ

**ଜୟପୁର, ୩୦।୧୨(ନି.ପ୍ର.)**


ଶିଶୁ ମୃତ୍ୟୁର ପ୍ରତିବାଦ କରୁଛନ୍ତି ଗ୍ରାମବାସୀ।

ଶିଶୁ ମୃତ୍ୟୁକୁ ନେଇ ଶୁକ୍ରବାର ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ରାତି ୨ଟାରେ ଗୋଟିଏ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ସକାଳ ୬ଟାରେ ଆଉ ଏକ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିଲା। ଉଭୟ ଶିଶୁ ଯାଆଁଳା ଥିଲେ। ପରିସ୍ଥିତିକୁ ଦେଖି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଖବରରୁ ଜଣାପଡିଛି, ଜୟପୁର ବ୍ଲକ ଅନ୍ତର୍ଗତ ଧାରଣାହାଣ୍ଡି ଗ୍ରାମର ତ୍ରିନାଥ ରନ୍ଧାରିଙ୍କ ସ୍ତ୍ରୀ ପ୍ରତିମା ଗର୍ଭ ଯନ୍ତ୍ରଣା ଅନୁଭବ କରିବା ପରେ ଗତ ୨୬ରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୨୭ରେ ସେ ୨ଟି ଯାଆଁଳା ଶିଶୁପୁତ୍ର ଜନ୍ମ ଦେଇଥିଲେ। ଶୁକ୍ରବାର ଉଭୟ ଶିଶୁଙ୍କ ମୃତ୍ୟୁ ହୋଇଛି। ଗୋଟିଏ ଶିଶୁ ମୃତ୍ୟୁ ହେବାର ୪ଘଣ୍ଟା ବ୍ୟବଧାନରେ ଅନ୍ୟ ଏକ ଶିଶୁର ମୃତ୍ୟୁ ହେବା ଘଟଣାକୁ ମାଆ ବାପା ସହଜରେ ଗ୍ରହଣ କରିପାରୁନାହାନ୍ତି। ଦୀର୍ଘ ସମୟ ଧରି ମୃତଦେହ ପଡି ରହିଥିବା ବେଳେ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଚିକିତ୍ସାଧୀନ ୱାର୍ଡରେ କାର୍ଯ୍ୟରତ ନର୍ସଙ୍କ ବ୍ୟବହାର ଖରାପ ଥିବା ଏବଂ ସେ ସର୍ବଦା ମୋବାଇଲ ଫୋନରେ ବ୍ୟସ୍ତ ରହି ଶିଶୁ ଦୁହିଁଙ୍କ ଉପଯୁକ୍ତ ଚିକିତ୍ସା ତଦାରଖ କରୁ ନ ଥିଲେ ବୋଲି ପରିବାର ଓ ଗ୍ରାମବାସୀ ପ୍ରକାଶ ଦୋରା, ଚନ୍ଦ୍ର ଭତ୍ରା, ବଡଜିଉନା ସରପଞ୍ଚ ତ୍ରିନାଥ ପୂଜାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ମିଶ୍ର, ଶିଶୁ ରୋଗ ବିଶେଷଜ୍ଞ ଦୁର୍ଗାପ୍ରସାଦ ପାତ୍ର ପହଞ୍ଚି ତ୍ରିନାଥଙ୍କ ସହ ଆଲୋଚନା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗର ତଦନ୍ତ କରାଯିବ। ଚିକିତ୍ସାରେ ଅବହେଳା ପାଇଁ ନବଜାତ ଶିଶୁଦ୍ୱୟଙ୍କ ମୃତ୍ୟୁ ହୋଇନାହିଁ। ଶିଶୁମାନଙ୍କ ଓଜନ କମ୍ ଥିବାରୁ ମୃତ୍ୟୁ ହୋଇଛି ବୋଲି ପାଢୀ କହିଛନ୍ତି।

## ଏନ୍ଏସ୍ସି, ଡାକଘର ସଞ୍ଚୟ ସୁଧହାର ବଢ଼ିଲା

**ନୂଆଦିଲ୍ଲୀ,୩୦।୧୨:** କେନ୍ଦ୍ର ସରକାର ଶୁକ୍ରବାର କେତେକ ସ୍ୱଳ୍ପ ସଞ୍ଚୟ ସୁଧହାର ବୃଦ୍ଧି କରିଛନ୍ତି। ଜାନୁୟାରୀ ୧ରୁ ଡାକଘର ସଞ୍ଚୟ ଯୋଜନା, ଏନ୍ଏସ୍ସି ଏବଂ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ସୁଧହାର ୧.୧ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ସୁଧହାର ଅପରିବର୍ତ୍ତିତ ରହିଛି। ନ୍ୟାଶନାଲ ସେଭିଙ୍ଗ୍ସ ସାର୍ଟିଫିକେଟ (ଏନ୍ଏସ୍ସି) ସୁଧହାର ଏବେ ୬.୮ ପ୍ରତିଶତ ଥିବାବେଳେ ଏହାକୁ ୭ ପ୍ରତିଶତକୁ ବୃଦ୍ଧି କରାଯାଇଛି। ସେହିପରି ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ସୁଧ ୭.୬ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଡାକଘର ସଞ୍ଚୟ ଯୋଜନା ୧ରୁ ୫ ବର୍ଷ ସମୟସୀମା ପାଇଁ ସୁଧହାର ୧.୧ ପ୍ରତିଶତ ବୃଦ୍ଧି ହୋଇଛି। ମାସିକ ଆୟ ଯୋଜନାରେ ସୁଧହାର ୬.୭% ଥିବାବେଳେ ଏହାକୁ ୭.୧ ପ୍ରତିଶତକୁ ବଢ଼ାଇ ଦିଆଯାଇଛି।

## ଜାନୁୟାରୀ ୩୧ ଯାଏ ବଢ଼ିଲା ମାଣ୍ଡିଆ ସଂଗ୍ରହ ପଞ୍ଜୀକରଣ ଅବଧି

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ରାଜ୍ୟରେ ମାଣ୍ଡିଆ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ସମୟସୀମାକୁ ୨୦୨୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶୁକ୍ରବାର କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ରାଜ୍ୟର ୧୯ ଜିଲାର ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ପୂର୍ବରୁ ଏହି ଅବଧି ୨୦୨୨ ଡିସେମ୍ବର ୩୧ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଅଧିକ ସଂଖ୍ୟକ ମାଣ୍ଡିଆ ଚାଷୀ ନୂତନ ଭାବେ ନାମ ପଞ୍ଜୀକରଣ ପାଇଁ ଆସୁଥିବା ଲକ୍ଷ୍ୟକରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏମ୍-ପାସ୍ ଜରିଆରେ ଅନ୍ଲାଇନ୍ ପଞ୍ଜୀକରଣ ସମୟସୀମାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଅଧିକ ସଂଖ୍ୟକ ନୂତନ ମାଣ୍ଡିଆ ଚାଷୀଙ୍କୁ ପଞ୍ଜୀକରଣର ସୁବିଧା ମିଳିପାରିବ।

## ଜାନୁୟାରୀ ୨ ଯାଏ ହାଲକା ଶୀତ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେବ ଶୀତ ଗାଏବ ହୋଇଯାଇଥିଲା। ତେବେ ଶୁକ୍ରବାରଠାରୁ ହାଲୁକା ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ତଳକୁ ଖସିଛି। ଅଳ୍ପ କେତେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଥିବା ବେଳେ ସମଗ୍ର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହିଛି। ଆସନ୍ତା ଜାନୁୟାରୀ ୨ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବନାହିଁ। ଏହା ପରଠାରୁ ପୁଣି ପାରଦ ଉପରମୁହାଁ ହେବା ନେଇ ଆକଳନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍ସିୟ ରେକର୍ଡ କରାଯାଇଛି।

# ଇଗ୍ନୋରେ ୨୦୨୩ ପାଇଁ ନାମଲେଖା ଘୋଷଣା

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**

### ଜାନୁୟାରୀ ୩୧ ଶେଷ ତାରିଖ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ୨୦୨୩ ଶିକ୍ଷା ବର୍ଷ ପାଇଁ ନାମଲେଖା ଘୋଷଣା ହୋଇଛି। କୌଣସି କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ଯେ କୌଣସି ବୟସର ବ୍ୟକ୍ତି ଇଗ୍ନୋରେ ସମସ୍ତ ବିଭାଗରେ ନାମଲେଖାଇପାରିବେ। ଜାନୁୟାରୀ ୩୧ ପର୍ଯ୍ୟନ୍ତ ନାମଲେଖା ଚାଲିବ। ଅଣ୍ଡର ଗ୍ରାଜୁଏଟ୍ (ବିଏସ୍ସିଜି, ବିସିଓଏମ୍ଜି ଓ ବିଏଜି) ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ କରାଯାଇଛି। ମାତ୍ର ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେନାହିଁ। ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋ ୱେବ୍ ସାଇଟ୍ www.ignou.ac.in ଏବଂ ଲିଙ୍କ୍ https://ignouadmission.samarth.edu.inକୁ ଅନୁସରଣ କରି ପାରିବେ କିମ୍ବା ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ମେଲ୍ କରି ଯୋଗାଯୋଗ କରି ପାରିବେ। ସବିଶେଷ ବିବରଣୀ ପାଇଁ ଫୋନ୍ ନଂ.୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

DADLS - 79



ଓଡ଼ିଶା ସରକାର

## ରାଜ୍ୟସ୍ତରୀୟ ବୀରତା ଦିବସ
(ଶହୀଦ ମାଧୋ ସିଂହଙ୍କ ସ୍ମୃତିରେ)
୩୧ ଡିସେମ୍ବର, ୨୦୨୨

ସାଧାରଣ ସଭା
ସନ୍ଧ୍ୟା ୬ ଘଟିକା — ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – **ଡ. ଅରବିନ୍ଦ କୁମାର ପାଢ଼ୀ,** ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ
ମୁଖ୍ୟବକ୍ତା – **ଡ. ରବୀନ୍ଦ୍ର ଗଡ଼ତୀୟା,** ଅବସରପ୍ରାପ୍ତ ପ୍ରାଧ୍ୟାପକ, ମହିଳା ମହାବିଦ୍ୟାଳୟ, ବରଗଡ଼
ସମ୍ମାନିତ ବକ୍ତା – **ଶ୍ରୀଯୁକ୍ତ ଅଶୋକ କୁମାର ପୁଜାହାରୀ** ସଭାପତି, ଶହୀଦ କୁଞ୍ଜଳ ସିଂହ କ୍ଲବ, ଘେଁସ
ସଭାପତି – **ଶ୍ରୀଯୁକ୍ତ ଇନ୍ଦ୍ରମଣି ତ୍ରିପାଠୀ,** ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

ସଭା ପରେ ଶହୀଦ କୁଞ୍ଜଳ ସିଂହ କ୍ଲବ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ **ରସରକେଲି, ପଞ୍ଚରସି, ଚୁଟ୍କୁଚୁଟା** ଆଦି ପରିବେଷଣ କରାଯିବ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶହୀଦ କୁଞ୍ଜଳ ସିଂହ କ୍ଲବ, ଘେଁସ, ବରଗଡ଼ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ (ବୈଷୟିକ)
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0220/2223

DSPL-387

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

## ଓଡ଼ିଶା ମିଲେଟ୍ସ ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ





ମାଣ୍ଡିଆ ସଂଗ୍ରହ ବର୍ଷ -୨୦୨୨-୨୩
**ମାଣ୍ଡିଆ ସଂଗ୍ରହର ପଞ୍ଜୀକରଣ ଶେଷ ତାରିଖ ୩୧ ଜାନୁୟାରୀ ୨୦୨୩ କୁ ବୃଦ୍ଧି କରାଗଲା**



ଆମ ରାଜ୍ୟରେ ଖରିଫ ମାଣ୍ଡିଆ ସଂଗ୍ରହ ତା. ୦୧.୦୧.୨୦୨୩ ରୁ ତା. ୩୧.୦୩.୨୦୨୩ ମଧ୍ୟରେ ପରିଚାଳିତ ହେବ। ଏହି ଅବଧି ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଫସଲ ଅମଳ ସମୟକୁ ଦୃଷ୍ଟିରେ ରଖି ଖରିଫ ମାଣ୍ଡିଆ କ୍ରୟ ସମ୍ପାଦନା କରିବେ। ଏହିପାଇଁ ଚାଷୀ ମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ରେ ଆଗୁଆ ପଞ୍ଜୀକରଣ କରିବା ଆବଶ୍ୟକ।

### ପଞ୍ଜୀକରଣ ପ୍ରକ୍ରିୟା :

ଚାଷୀ ପଞ୍ଜିକରଣ ୨୬ ନଭେମ୍ବର ରୁ ଆରମ୍ଭ ହୋଇ ୩୧ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ। ଖରିଫ ମାଣ୍ଡିଆ ଚାଷ କରିଥିବା ଚାଷୀମାନେ ପଞ୍ଜୀକରଣ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ପୂର୍ବରୁ ପଞ୍ଜୀକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜୀକରଣ ସମୟ ସୀମା ଆଗରୁ ଯୋଗାଯୋଗ କରି ନବୀକରଣ କରିବାକୁ ଅନୁରୋଧ। ଚଳିତ ବର୍ଷ ଯଦି କୌଣସି ନୂତନ ଚାଷୀ ପଞ୍ଜୀକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥାର କାର୍ଯ୍ୟାଳୟରୁ ପଞ୍ଜୀକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜୀକରଣ ମଧ୍ୟ କରିପାରିବେ। ପଞ୍ଜୀକରଣ ତଥା ମାଣ୍ଡିଆ ସଂଗ୍ରହ ନିମିତ୍ତ ଅଧିକ ସୂଚନା www.tdccorissa.org ୱେବସାଇଟ ରେ ଉପଲବ୍ଧ।

### ପଞ୍ଜୀକରଣ ଅବଧି :

- ପଞ୍ଜୀକରଣ ଫର୍ମ ପୂରଣ କରି ଚାଷୀମାନେ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ୩୧ ଜାନୁୟାରୀ ପୂର୍ବରୁ ଦାଖଲ କରିବେ।
- ନିର୍ଦ୍ଧାରିତ ସମୟ ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ମାଣ୍ଡିଆ ବିକ୍ରୟ କରିବେ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜୀକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଚାଷୀମାନେ ଶେଷ ତାରିଖ କୁ ଅପେକ୍ଷା ନ କରି ଶୀଘ୍ର ପଞ୍ଜୀକରଣ ପାଇଁ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଫର୍ମ ଦାଖଲ କରିବାକୁ ଅନୁରୋଧ।

### ଭାଗ ଚାଷୀ :

ଭାଗ ଚାଷୀ ମାନେ ପଞ୍ଜୀକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ :

ଅଧିକ ରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥା ରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କ ଏକାନ୍ତ ଇଚ୍ଛା

### ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜୀକରଣ କାରାଇବା।
- ପଞ୍ଜୀକରଣ ଫର୍ମରେ ଥିବା ସମସ୍ତ ତଥ୍ୟ କୁ ୩୧ ଜାନୁୟାରୀ ମଧ୍ୟରେ ନିଜ login ରେ ପଞ୍ଜୀକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀ ଙ୍କୁ ପଞ୍ଜୀକୃତ କରିବେ ନାହିଁ।
- ପଞ୍ଜୀକରଣ ଶୀଘ୍ର ତଥା ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଯଦି ଏହାବିଳମ୍ବ ହୁଏ ତେବେ ଏହା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ବିଳମ୍ବିତ କରିବା ସୁନିଶ୍ଚିତ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ହ୍ୟାଣ୍ଡ ସାନିଟାଇଜର ବ୍ୟବସ୍ଥା କରିବା ସହ ଚାଷୀମାନଙ୍କ ମଧ୍ୟରେ ସାମାଜିକ ଦୂରତା ରଖିବାକୁ ରକ୍ଷା କରିବାକୁ ହେବ।

OIPR-01102/13/0019/2223

**ଅଧିକ ଜାଣିବା ପାଇଁ ନିମ୍ନ ଲିଖିତ ଅଧିକାରୀ କିମ୍ବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ**

ଚାଷୀ ମାନଙ୍କୁ ଅନୁରୋଧ ନିଜର ଉତ୍ପାଦିତ ମାଣ୍ଡିଆ ବିକ୍ରୟ କରିବାନିମନ୍ତେ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ /ସହକାରୀ କୃଷି ଅଧିକାରୀ / R.M.C. / P.A.C.S. / L.A.M.P.C.S. /O.P.E.L.I.P. / O.L.M. / କୃଷି ବିଭାଗ ଦ୍ୱାରା ଅନୁବନ୍ଧିତ N.G.O. (F.A.) ର କର୍ମକର୍ତ୍ତାଙ୍କ ସହିତ ତୁରନ୍ତ ଯୋଗାଯୋଗ କରି P.A.C.S./L.A.M.P.C.S./FPO/ SHG Federations ରେ ନିଜର ନାମ ପଞ୍ଜୀକୃତ କରାଇ ନିଅନ୍ତୁ।

**ବି. ଦ୍ର : ଏହି ସମସ୍ତ ପ୍ରକ୍ରିୟା କେବଳ ଓଡ଼ିଶା ମିଲେଟ୍ସ ମିଶନ ଜିଲ୍ଲା ଗୁଡ଼ିକ ପାଇଁ ଅନୁକରଣୀୟ**

For more details visit- **www.milletsodisha.com** | Follow us on **Odisha Millets Mission**

"ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। -ଶ୍ରୀଅରବିନ୍ଦ



# ଶାସନ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୪୭ରେ ଭାରତ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପାଳନ କରିବ। ଏଥିପାଇଁ ଏବେଠାରୁ ମୋଦି ସରକାର ଅନେକ କଥା ଚିନ୍ତା କରିବା ସହ ଭବିଷ୍ୟତ ପାଇଁ ଏକ ନକ୍ସା ପ୍ରସ୍ତୁତ କରିବାକୁ ବହୁ ଟାସ୍କଫୋର୍ସକୁ ଦାୟିତ୍ୱ ଦେଇଛନ୍ତି। ଏଗୁଡ଼ିକ ମଧ୍ୟରେ ରହିଛି ଶାସକୀୟ ପଦ୍ଧତିର ନକ୍ସା ପ୍ରସ୍ତୁତ କରୁଥିବା ସଚିବଙ୍କ ଏକ ଗ୍ରୁପ୍ (ଗ୍ରୁପ ଅଫ୍ ସେକ୍ରେଟାରିଜ୍ ଅନ୍ ଗଭର୍ନାନ୍ସ)। ଏହି ଗ୍ରୁପ୍‌ର ନେତୃତ୍ୱ ନେଉଛନ୍ତି ସୂଚନା ଓ ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ରା। ଉକ୍ତ ଗ୍ରୁପ୍ ୪୦ କିମ୍ବା ଏହାଠାରୁ କମ୍ ବୟସର ୩୦ ଆଇଏଏସ୍ ଅଧିକାରୀ, ୧୦ ଆଇଏଏସ୍ ଅଧିକାରୀ, ୪୦ଶିକ୍ଷାବିତ ଏବଂ ୮୦ ଜଣ ଶିଳ୍ପପତି ପ୍ରସ୍ତୁତ କରିଥିବା ଭିଜନ୍‌ଇଣ୍ଡିଆ@୨୦୪୭ର ଏକ ଚିଠାକୁ ଅନୁଧ୍ୟାନ କରୁଛି। ମୁଖ୍ୟତଃ ଅଫିସ କିଭଳି ଯାନ୍ତ୍ରିକୀକରଣ ହେବ, ଡେଟା ଆନାଲିଟିକ୍ସର ଉପଯୋଗ କିପରି କରାଯାଇପାରିବ ଏବଂ କୃତ୍ରିମ ବୁଦ୍ଧିମତ୍ତା ଓ ମେଶିନ ଲର୍ନିଂ ସମ୍ପର୍କରେ ସେମାନେ ବିଚାରବିମର୍ଶ କରୁଛନ୍ତି। ଏହି ଗ୍ରୁପ୍‌ର ସିଦ୍ଧାନ୍ତ ଯଦି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ମନ୍ତ୍ରୀ ପରିଷଦର ସ୍ୱୀକୃତି ଲାଭ କରେ ତେବେ ସମସ୍ତ ଶାସକୀୟ ନୂତନତ୍ୱକୁ ଡକ୍ୟୁମେଣ୍ଟ ଡିପାର୍ଟମେଣ୍ଟ ଅଫ୍ ରିଫର୍ମସ୍ ଆଣ୍ଡ୍ ପବ୍ଲିକ ଗ୍ରିଭାନ୍‌ସେସ୍( ଡିଏଆର୍‌ପିଜି) ଦ୍ୱାରା ପ୍ରସ୍ତୁତ ଭିଜନଇଣ୍ଡିଆ@୨୦୪୭ ଡକ୍ୟୁମେଣ୍ଟରେ ସାମିଲ କରାଯିବ। ଗ୍ରୁପ୍‌ର ସଦସ୍ୟମାନଙ୍କୁ ଡିଏଆର୍‌ପିଜି ଚୟନ କରିଛି। ଅଧିକାରୀମାନଙ୍କ ସହ ଆଇଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକରୁ ୪୦ ଜଣ ଯୁବ ଅଧ୍ୟାପକଙ୍କୁ ଚୟନ କରାଯାଇଥିଲା। ଏହାସହ ଗ୍ରୁପ୍‌ରେ ୮୦ଟି ଷ୍ଟାର୍ଟଅପ୍‌କୁ ଯୋଡ଼ିବା ଲାଗି ଚିହ୍ନଟ କରାଯାଇଥିଲା। ସୂତ୍ରରୁ ପ୍ରକାଶ , ଚଳିତ ବର୍ଷ ପ୍ରାରମ୍ଭରେ ଆୟୋଜିତ ବୈଠକରେ ଏହି ସଦସ୍ୟମାନେ ସେମାନଙ୍କ ସୁପାରିସଗୁଡ଼ିକ ଉପସ୍ଥାପନ କରିଥିଲେ। ସେଗୁଡ଼ିକୁ ଏବେ ବିଭିନ୍ନ ମନ୍ତ୍ରଣାଳୟରେ ଥିବା ବରିଷ୍ଠ ଅଧିକାରୀମାନଙ୍କ ପାଖକୁ ପଠାଇ ଦିଆଯାଇଛି। ଯାନ୍ତ୍ରିକୀକରଣ ଓ ଡେଟା ଆନାଲିଟିକ୍ସକୁ ନେଇ ଯଦି ସେମାନଙ୍କ ଯୋଜନା ଦ୍ୱାରା ଫାଇଲ ବିନା ବିଳମ୍ବରେ ତଳସ୍ତରରୁ ଉପରକୁ ଶୀଘ୍ର ଯାଇପାରିବ ତେବେ କାର୍ଯ୍ୟ ସୁରୁଖୁରୁରେ ହେଲା ବୋଲି ଆମେ କହିପାରିବା।

### ନୂଆ ଟିମ୍

ଶେଷରେ ବହୁ ପ୍ରତୀକ୍ଷିତ ରେଲୱେ ବୋର୍ଡ ନିଯୁକ୍ତିଗୁଡ଼ିକ କରାଯାଇଛି। ଫଳରେ ଏବକାର ରେଲୱେ ବୋର୍ଡର ଚେୟାରମ୍ୟାନ ଏବଂ ସିଇଓ ଭି.କେ. ତ୍ରିପାଠୀଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ତ୍ରିପାଠୀଙ୍କ ସ୍ଥାନରେ ଅନୀଲ କୁମାର ଲାହୋଟିଙ୍କୁ ଅବସ୍ଥାପିତ କରାଯାଇଛି। ସେ ଏହି ଶୀର୍ଷ ପଦବୀରେ ୩୧ ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ରହିବେ। ନିଯୁକ୍ତିର କିଛିଦିନ ପୂର୍ବରୁ ଲାହୋଟିଙ୍କୁ ଭିତ୍ତିଭୂମି ସଦସ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। ତେବେ ତ୍ରିପାଠୀଙ୍କ କାର୍ଯ୍ୟକାଳ ନ ବଢାଇବାକୁ ସରକାର ନେଇଥିବା ନିଷ୍ପତ୍ତି ବହୁ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେମାନେ ଅନୁଭବ କରନ୍ତି ଯେ, ନୂତନ ଭାବେ ଆରମ୍ଭ ହୋଇଥିବା ଇଣ୍ଡିଆନ ରେଲୱେ ମ୍ୟାନେଜମେଣ୍ଟ ସର୍ଭିସ(ଆଇଆର୍‌ଏମ୍‌ଏସ୍) ସମୀକ୍ଷା କରିବାକୁ ତ୍ରିପାଠୀଙ୍କୁ ଅବସରର ୬ ମାସ ପୂର୍ବରୁ ଏକ ବର୍ଷ ପାଇଁ ବୋର୍ଡର ଚେୟାରମ୍ୟାନ ଓ ସିଇଓ ଭାବେ ଅଣାଯାଇଥିଲା । ଏବେ ଆଇଆର୍‌ଏମ୍‌ଏସ୍ ଲାଗୁ ହୋଇଛି ଓ ତ୍ରିପାଠୀ ତାଙ୍କ କାର୍ଯ୍ୟ ବନ୍ଦ କରି ଲାହୋଟିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ବର୍ତ୍ତମାନ ବୋର୍ଡର ନୂଆ ଚେୟାରମ୍ୟାନ ଓ ସିଇଓ ଏକ ନୂଆ ଟିମ୍ ପାଇବେ। ଆଇଆର୍‌ଏମ୍‌ଏସ୍ ଅଧୀନରେ ୬ ଜଣ ଅଧିକାରୀଙ୍କ ନାମ ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଲାହୋଟିଙ୍କ ସମେତ ରୁପ ଏନ୍. ଶଙ୍କର, ମୋହିତ ସିହ୍ନା, ସତୀଶ କୁମାର ଏବଂ ବ୍ରଜ ମୋହନ ଅଗ୍ରୱାଲ। କୌତୂହଳର ବିଷୟ ଯେ, ଦୁଇ ଅଧିକାରୀ ଅଞ୍ଜଳି ଗୋୟଲ ଏବଂ ଜୟା ବର୍ମାଙ୍କ ନିଯୁକ୍ତିକୁ ସ୍ଥଗିତ ରଖାଗଲା। ଗୋୟଲ ଏବେ ବନାରସ ରେଲ ଲୋକୋମୋଟିଭ ଫ୍ୟାକ୍ଟ୍ରିର ମହାପ୍ରବନ୍ଧକ ଥିବାବେଳେ ସିହ୍ନା ରେଲୱେ ବୋର୍ଡର ଅତିରିକ୍ତ ସଦସ୍ୟ( ଟ୍ରାଫିକ) ରହିଛନ୍ତି।

### ନିର୍ଦ୍ଦେଶକୁ ଉପେକ୍ଷା

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ସତ୍ତ୍ୱେ କର୍ଣ୍ଣାଟକ ସରକାର ଦୁଇ ଆଇଏଏସ୍ ଅଧିକାରୀ କେ. ଶ୍ରୀନିବାସନ ଏବଂ ଏସ୍. ରଙ୍ଗପ୍ପାଙ୍କୁ ପୁନଃ ଅବସ୍ଥାପିତ କରିଛନ୍ତି। ସେମାନେ ଭୋଟର ତଥ୍ୟ ଚୋରି ମାମଲାରେ ନିଲମ୍ବନ ହେବାର ମାସକ ମଧ୍ୟରେ ଏଭଳି କରାଯାଇଛି। ଶ୍ରୀନିବାସନଙ୍କୁ ରାଜୀବ ଗାନ୍ଧୀ ହାଉସିଂ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଓ ରଙ୍ଗପ୍ପାଙ୍କୁ କର୍ଣ୍ଣାଟକ ଷ୍ଟେଟ ମିନେରାଲ୍ସ କର୍ପୋରେଶନରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଗୋଟିଏ ଏନ୍‌ଜିଓର ସଦସ୍ୟମାନେ ନିଜକୁ ସରକାରୀ ଅଧିକାରୀ ଭାବେ ଉପସ୍ଥାପନ କରି ଭୋଟରମାନଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରୁଥିବା ଅଭିଯୋଗ ପାଇବା ପରେ ନିର୍ବାଚନ କମିଶନ ପଦକ୍ଷେପ ନେଇଥିଲେ। ଶିବାଜୀନଗର,ଚିକ୍‌ପେଟ ଏବଂ ମହାଦେବପୁରା ନିର୍ବାଚନମଣ୍ଡଳୀରେ ୧ ଜାନୁୟାରୀ ୨୦୨୨ ପରେ ଭୋଟର ତାଲିକାରେ ନାମ ଯୋଗ ହେବା ଓ କଟିବା ଉପରେ ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବା ସହ ଏହି ଦୁଇ ଅଧିକାରୀଙ୍କୁ ଇସି ନିଲମ୍ବନ କରିଥିଲେ। ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଭାବେ ଶିବାଜୀନଗର ଓ ଚିକ୍‌ପେଟ ବିଧାନସଭା ନିର୍ବାଚନମଣ୍ଡଳୀର ଦାୟିତ୍ୱରେ ରଙ୍ଗପ୍ପା ଥିଲେ ଓ ଇସି ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଶ୍ରୀନିବାସନ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଭାବେ ମହାଦେବପୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ରହିଥିଲେ। ବାସବରାଜ ବୋମାଇ ସରକାରଙ୍କ ପଦକ୍ଷେପ ବିରୋଧୀ ଦଳଗୁଡ଼ିକୁ ସ୍ୱର ଉଠାଇବା ଲାଗି ଉସୁକାଇଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 6 | | | | |
| | 3 | | | | | 5 | | |
| | | | 2 | | | | 4 | |
| | 9 | 1 | | | | | 2 | |
| | | 6 | 1 | 9 | | | 8 | |
| | | | | | 2 | | | 7 |
| | | 3 | | 1 | | 6 | | |
| | | | 4 | | | | | 9 |
| | 7 | | | 8 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 4 | 3 | 7 | 8 | 2 | 5 | 9 |
| 8 | 5 | 3 | 6 | 9 | 2 | 7 | 1 | 4 |
| 9 | 2 | 7 | 4 | 1 | 5 | 6 | 3 | 8 |
| 7 | 8 | 1 | 2 | 3 | 9 | 4 | 6 | 5 |
| 5 | 3 | 9 | 7 | 6 | 4 | 1 | 8 | 2 |
| 2 | 4 | 6 | 8 | 5 | 1 | 3 | 9 | 7 |
| 3 | 9 | 8 | 1 | 4 | 7 | 5 | 2 | 6 |
| 6 | 7 | 5 | 9 | 2 | 3 | 8 | 4 | 1 |
| 4 | 1 | 2 | 5 | 8 | 6 | 9 | 7 | 3 |

ଗତକାଲିର ଉତ୍ତର

# ଜିନ୍ ପରିବର୍ତ୍ତିତ ସୋରିଷରେ ବିପଦ



ବିଚିତ୍ର ବିଶ୍ୱାଳ

ସୋରିଷ ବିନା ରୋଷେଇ ଅଧୁରା। ଏବେ ସେଇ ସୋରିଷ ଉପରେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ନଜର ଲାଗିଛି। ପ୍ରାକୃତିକ ସୋରିଷର ଜିନ୍‌ରେ ପରିବର୍ତ୍ତନ କରି ଜିନ୍ ପରିବର୍ତ୍ତିତ ସୋରିଷ ଚାଷକୁ ବଢ଼େଇବା ପାଇଁ କମ୍ପାନୀଗୁଡ଼ିକ ଲାଗିପଡ଼ିଛନ୍ତି। ଆମ ସରକାର ବି ଏହି କାମରେ କମ୍ପାନୀଙ୍କ ହିତକୁ ପ୍ରାଧାନ୍ୟ ଦେଉଛନ୍ତି। ଯଦିଓ ସୋରିଷର ଉତ୍ପାଦନ ବଢ଼େଇବା ନାଁରେ ଏହି ଜିନ୍ ପରିବର୍ତ୍ତିତ ସୋରିଷକୁ ପ୍ରଚଳନ କରାଯିବାର ଦାବି କରାଯାଉଛି, କିନ୍ତୁ ଅସଲ ଉଦ୍ଦେଶ୍ୟ ହେଉଛି, ସୋରିଷ ବିହନ କ୍ଷେତ୍ରରେ ଚାଷୀମାନଙ୍କର ଥିବା ସ୍ୱାବଲମ୍ବନଶୀଳତାକୁ ଲୋପ କରି କମ୍ପାନୀ ନିର୍ଭରଶୀଳତା ବଢ଼େଇବା। ଏହା ଦ୍ୱାରା ସୋରିଷର ଉତ୍ପାଦନ ବଢୁ କି ନ ବଢୁ ବିହନ କମ୍ପାନୀଙ୍କର ଲାଭ ଦ୍ୱିଗୁଣିତ ହେବ ଓ ଜିନ୍ ପରିବର୍ତ୍ତିତ ସୋରିଷ ଯୋଗୁ ଲୋକମାନଙ୍କର ସ୍ୱାସ୍ଥ୍ୟ ମଧ୍ୟ ବିପନ୍ନ ହେବାର ସମ୍ଭାବନା ରହିଛି।

କେନ୍ଦ୍ରୀୟ ପରିବେଶ ମନ୍ତ୍ରାଳୟ ଅଧୀନରେ ଥିବା ଜେନେଟିକ୍ ଇଞ୍ଜିନିୟରିଙ୍ଗ୍ ମୂଲ୍ୟାଙ୍କନ କମିଟି ଜିନ୍ ପରିବର୍ତ୍ତିତ ସୋରିଷର ଏକ କିସମ ଧାରା ମଷ୍ଟାର୍ଡ ହାଇବ୍ରିଡ୍-୧୧ (ଜି.ଏମ୍.ଏଚ୍-11)କୁ ପରିବେଶ ମଞ୍ଜୁରୀ ଦେଇଛନ୍ତି। ଏହି ସୋରିଷ ବିହନ ବ୍ୟବହାର ଦ୍ୱାରା ଅମଳ ବଢ଼ିବ ଓ ଖାଇବା ତେଲର ଆମଦାନୀ କମ୍ ହେବ ବୋଲି ଦାବି କରାଯାଉଛି। ଏହି ସୋରିଷ ବିହନରୁ ହେକ୍ଟର ପିଛା ୩୦ ପ୍ରତିଶତ ଅଧିକ ଅର୍ଥାତ୍ ୨୬୦୦ କିଲୋ ସୋରିଷ ଉତ୍ପାଦନ ହେବ ବୋଲି କୁହାଯାଉଛି। କିନ୍ତୁ ମଜା କଥା ହେଉଛି ଏହି ସୋରିଷ ବିହନ ଏପର୍ଯ୍ୟନ୍ତ ବିଜ୍ଞାନସମ୍ମତ ଭାବେ ପରୀକ୍ଷିତ ହୋଇ ସଫଳତା ହାସଲ କରିନାହିଁ। ପୂର୍ବରୁ କମ୍ ଅମଳ ଦେଉଥିବା ଏକ ସୋରିଷ କିସମ 'ବରୁଣା' ସହିତ ଏହାକୁ ତୁଳନା କରାଯାଇଛି, ଯେତେବେଳେ କି ଆମ ଦେଶରେ ଆହୁରି ଅଧିକ ଅମଳକ୍ଷମ ସୋରିଷ ବିହନ ରହିଛି। ଜାଣି ଜାଣି ଏକ କମ୍ ଅମଳକ୍ଷମ ସୋରିଷ ବିହନ ସହିତ ଜି.ଏମ୍.ଏଚ୍.-୧୧ ସୋରିଷ ବିହନକୁ ତୁଳନା କରାଯାଇ ତାହାକୁ ମଞ୍ଜୁରୀ ଦିଆଯାଇଛି। ଏହା ପଛରେ ଥିବା ଉଦ୍ଦେଶ୍ୟ ବେଶ୍ ସ୍ପଷ୍ଟ। ଚାଷୀଙ୍କ ଅମଳ ଅପେକ୍ଷା ଜିନ୍ ପରିବର୍ତ୍ତିତ ବିହନକୁ ପ୍ରଚଳନ କରି କମ୍ପାନୀଙ୍କୁ ଲାଭ ଯୋଗାଇଦେବାର ଅଭିସନ୍ଧି ଜଳଜଳ ଦେଖାଯାଉଛି। ଏତଦ୍‌ବ୍ୟତୀତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ଏହାର ଅମଳକୁ ନେଇ ପରୀକ୍ଷଣ ହୋଇନାହିଁ। ତା'ହେଲେ ଏହାକୁ କାହା ସ୍ୱାର୍ଥରେ ମଞ୍ଜୁରୀ ପ୍ରଦାନ କରାଗଲା ? ବିଟି କପାର ପ୍ରଚଳନ ସମୟରେ ଆରମ୍ଭରୁ ଏହିପରି ପରୀକ୍ଷା କରାଯାଇଥିଲା ଓ ପ୍ରଥମ ଦଫାରେ ବିଟି କପା ବିଫଳ ହୋଇଥିବାରୁ କେତେଜଣ କୃଷି ବିଶେଷଜ୍ଞଙ୍କ ଚାପରେ ତାହାର ମଞ୍ଜୁରୀ ଅଟକେଇ ଦିଆଯାଇଥିଲା। ବର୍ତ୍ତମାନ ଜିନ୍ ପରିବର୍ତ୍ତିତ ସୋରିଷ ବେଳକୁ ଏହି ନିୟମରେ ଖିଲାପ କରାଗଲା କାହିଁକି ? ୨୦୦୩-୦୪ରେ ଆମ ଦେଶରେ କ୍ଷୀରର ଉତ୍ପାଦନ ବଢ଼େଇବା ପାଇଁ 'ବୋଭାଇନ୍ ହରମୋନ୍' ବ୍ୟବହାର ପାଇଁ ଅନୁମତି ନେବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ କାନାଡ଼ାରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଥିଲା ଯେ, ଏହି ହରମୋନ୍‌ର ବ୍ୟବହାରରୁ ମିଳୁଥିବା କ୍ଷୀର ପ୍ରୋଷ୍ଟେଟ୍ କ୍ୟାନ୍‌ସର୍‌ର କାରଣ ହେଉଛି। ସେତେବେଳେ ଏହି ବୋଭାଇନ୍ ହରମୋନ୍‌ର ବ୍ୟବହାର ଉପରେ ରୋକ୍ ଲଗାଯାଇଥିଲା। ବର୍ତ୍ତମାନ ଏହି ହରମୋନ୍‌ର ବିନା ବ୍ୟବହାରରେ ଭାରତ କ୍ଷୀର ଉତ୍ପାଦନରେ ଆଗରେ ଅଛି। ଆମ ଦେଶରେ ବାର୍ଷିକ ୨୧କୋଟି ଟନ୍ କ୍ଷୀର ଉତ୍ପାଦନ ହେଉଛି। ତେଣୁ ବିନା ଜିନ୍ ପରିବର୍ତ୍ତନ କରି ଆମ ଦେଶର ଚାଷୀମାନଙ୍କ ପାଖରେ ଥିବା ବିହନକୁ ବ୍ୟବହାର କରି ମଧ୍ୟ ଉତ୍ପାଦନ ବଢ଼େଇ ହେବ। ସେଥିପାଇଁ ସରକାରଙ୍କୁ ଦେଶୀ ବିହନକୁ ପ୍ରୋତ୍ସାହନ ଦେବା ସହିତ ଆବଶ୍ୟକ ଭିତ୍ତିଭୂମିର ବିକାଶ କରିବାକୁ ହେବ।



ଏତଦ୍‌ବ୍ୟତୀତ ବିଭିନ୍ନ ଗବେଷଣାରୁ ବାରମ୍ବାର ପ୍ରମାଣିତ ହୋଇଛି ଯେ, ଜିନ୍‌ରେ ଏପଟ ସେପଟ କରି ତିଆରି ହେଉଥିବା ବିହନରୁ ଅମଳ ହେଉଥିବା ଖାଦ୍ୟ ପଦାର୍ଥର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ରହିଛି। ପ୍ରାକୃତିକ ବିହନର ଜିନ୍‌ରେ ପରିବର୍ତ୍ତନ କରିବା ଦ୍ୱାରା ହୁଏତ ସ୍ୱଳ୍ପ ସମୟ ପାଇଁ ଅମଳକୁ ବଢ଼େଇ ଦିଆଯାଇପାରେ, କିନ୍ତୁ ଏହା ଦୀର୍ଘତମ ପ୍ରଭାବ ଭୋଗିବାକୁ ପ୍ରସ୍ତୁତ ରହିବାକୁ ହେବ। ଜିନ୍ ପରିବର୍ତ୍ତିତ ବିହନ ଦ୍ୱାରା ପରିବେଶ ମଧ୍ୟ ପ୍ରଭାବିତ ହେବ। ମାଟିର ଗୁଣବତ୍ତା ପରିବର୍ତ୍ତନ ହେବା ସହିତ ଏଥିରେ ଥିବା ଉପକାରୀ ଅଣୁଜୀବ ମଧ୍ୟ ଲୋପ ହୋଇଯିବେ। ଜିନ୍ ପରିବର୍ତ୍ତିତ କପା କ୍ଷେତ୍ରରେ ଏହା ଦେଖାଯାଉଛି ଯେ, ଧୀରେ ଧୀରେ ସମୟ ଗଡ଼ିବା ସହିତ ଫସଲରେ ନୂଆ ନୂଆ ପୋକ ଲାଗୁଛନ୍ତି ; ଯାହାକୁ ନିୟନ୍ତ୍ରଣ କରିବା ସମ୍ଭବପର ହେଉନାହିଁ। ବିଟି କପା କ୍ଷେତରେ ଭିନ୍ନ ଭିନ୍ନ ପ୍ରକାର ନୂଆ ଓ ଶକ୍ତିଶାଳୀ ଘାସ ମଧ୍ୟ ବାହାରୁଛି, ଯାହାକୁ ଦମନ କରିବା ପାଇଁ ପୁନଶ୍ଚ ତୃଣନାଶକ ବ୍ୟବହାର କରିବାକୁ ପଡୁଛି। ଚାଷରେ ବିଷର ବ୍ୟବହାର ବୃଦ୍ଧି ହେଉଛି। କପା ତ ଖାଦ୍ୟଦ୍ରବ୍ୟ ନୁହେଁ, ତେଣୁ ଯାହିତାହି ଭାବେ ଏହା ଚଳିଯାଉଛି। କିନ୍ତୁ ସୋରିଷ କ୍ଷେତ୍ରରେ ଏପରି ବିଷର ବ୍ୟବହାର ହେଲେ ଏହା ଅତି ମାରାତ୍ମକ ପରିସ୍ଥିତି ସୃଷ୍ଟି କରିବ। ମଣିଷର ସ୍ୱାସ୍ଥ୍ୟ ଓ ପରିବେଶ ଉଭୟ ବିପନ୍ନ ହେବ।

ସୋରିଷର ଅମଳ ବଢ଼େଇବା ଯଦି ଉଦ୍ଦେଶ୍ୟ ତେବେ ବିନା ଜିନ୍ ପରିବର୍ତ୍ତନରେ ବି ଏହା କରାଯାଇପାରିବ। ୧୯୮୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିଥିଲେ, ପେଟ୍ରୋଲ୍, ସାର୍ ଓ ଖାଇବା ତେଲର ଆମଦାନୀ ଯୋଗୁ ଆମ ଦେଶ ଉପରେ ବହୁତ ବୋଝ ପଡୁଛି। ପେଟ୍ରୋଲ୍ ଓ ସାରର ଆମଦାନୀର ହୁଏତ ବିକଳ୍ପ କମ୍ ଥାଇପାରେ, କିନ୍ତୁ ଖାଇବା ତେଲର ଆମଦାନୀକୁ ଆମେ ଚାହିଁଲେ ବନ୍ଦ କରିପାରିବା। ଖାଇବା ତେଲର ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ସେ ତୈଳବୀଜ ମିଶନ ଗଠନ କରିଥିଲେ। ସେତେବେଳେ ଆମ ଦେଶରେ ବାର୍ଷିକ ୧.୧ କୋଟି ଟନ୍ ଖାଇବା ତେଲ ଉତ୍ପାଦନ ହେଉଥିଲା, କିନ୍ତୁ ଏହି ମିଶନ ଗଠନର ପ୍ରଥମ ଦଶ ବର୍ଷ ପରେ ସୋରିଷର ଉତ୍ପାଦନ ଦୁଇଗୁଣ ହୋଇଗଲା ଓ ସୋରିଷ ଆବଶ୍ୟକତାର ୯୭ ପ୍ରତିଶତ ଆମ ଦେଶରେ ହିଁ ଉତ୍ପାଦନ ହେଲା। କିନ୍ତୁ ପରବର୍ତ୍ତୀ ବର୍ଷଗୁଡ଼ିକରେ ଆମଦାନୀ ଶୁଳ୍କ କମ୍ କରିଦିଆଗଲା। ବର୍ତ୍ତମାନ ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ଶୂନ। ପରିଣାମ ସ୍ୱରୂପ ବର୍ତ୍ତମାନ ଆମ ଦେଶ ୧.୩ କୋଟି ଟନ୍ ଖାଇବା ତେଲ ଆମଦାନୀ କରୁଛି ଓ ଖାଇବା ତେଲ ଆମଦାନୀ କରୁଥିବା ଦେଶ ମଧ୍ୟରେ ଭାରତର ସ୍ଥାନ ଦ୍ୱିତୀୟ। ସିଧା ଭାଷାରେ କହିଲେ, ନିଜ ହାତରେ ସରକାର ଆମ ତେଲ ସ୍ୱାବଲମ୍ବନଶୀଳତାକୁ ନଷ୍ଟ କରିଛନ୍ତି। ବର୍ତ୍ତମାନ ଆମ ଦେଶ ତୈଳ ଆମଦାନୀରେ ପ୍ରାୟ ବାର୍ଷିକ ୧.୧୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛି। ଏତିକି ଟଙ୍କା ଯଦି ଆମ ଚାଷୀ ପାଆନ୍ତେ, ତା'ହେଲେ ସେମାନଙ୍କ ଅବସ୍ଥାରେ କେତେ ସୁଧାର ଆସିପାରନ୍ତା ! ଏବେ ବି ମନେଅଛି, ଖାଇବା ତେଲ ଆମଦାନୀ ବଢ଼େଇବା ପାଇଁ କିପରି ଭାବେ ଖୋଲା ଓ ଘଣା ସୋରିଷ ତେଲକୁ ଖରାପ ବୋଲି ପ୍ରଚାର କରାଗଲା ଓ ପ୍ୟାକେଟ୍ ବନ୍ଦ ତେଲ ପାଇଁ ରାସ୍ତା ସଫା କରାଗଲା। ଏତେ ସବୁ ନାଟ କେବଳ କମ୍ପାନୀଙ୍କ ସ୍ୱାର୍ଥରେ ହିଁ କରାଗଲା। ତା'ର ସୁଫଳ ଏବେ ସେଇ କମ୍ପାନୀଗୁଡ଼ିକ ଲାଭ କରୁଛନ୍ତି। ଆମ ଦେଶର ସୋରିଷ ଚାଷୀ ଓ ତେଲ ଘଣା ବୃତ୍ତିରେ ଥିବା ଲୋକମାନେ ନିଜ ଚାଷବାସ ଓ ବୃତ୍ତି ହରେଇ ବେକାର ହୋଇଗଲେ।

ଆମ ଦେଶର ସୋରିଷ ବିହନ ଦ୍ୱାରା ସୋରିଷର ଉତ୍ପାଦନ ବଢ଼େଇ ତୈଳ ଆମଦାନୀ ହ୍ରାସ କରିବାକୁ ପଡ଼ିବ। ସୋରିଷ ଉତ୍ପାଦନରେ ବିହାର, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟ ଆଗରେ ଅଛନ୍ତି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଦେଶୀ ସୋରିଷ ବିହନରେ ସଘନ ଚାଷ ବ୍ୟବସ୍ଥା ଦ୍ୱାରା ଅଧିକ ଅମଳ ମିଳିପାରୁଛି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ମଧ୍ୟ ଏହିପରି ପ୍ରୟାସ କରାଯାଇପାରିବ। ଜିନ୍ ପରିବର୍ତ୍ତିତ ସୋରିଷ କେବେ ବି ସମସ୍ୟାର ସମାଧାନ ନୁହେଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ- ୯୪୩୮୪୬୮୪୭୪

# ଆଜି ବି ରେବତୀ ବଞ୍ଚିଛି



ଉତ୍କଳିକା ଦାଶ

ବ୍ୟାସକବି ଫକୀର ମୋହନଙ୍କ କାଳଜୟୀ ରଚନାଗୁଡ଼ିକ ମଧ୍ୟରୁ 'ରେବତୀ' ଉପନ୍ୟାସଟି ସ୍ୱତନ୍ତ୍ର। ଉକ୍ତ ଉପନ୍ୟାସର ମୂଳ ଆଧାର ନାରୀ ଶିକ୍ଷା ଉପରେ ପର୍ଯ୍ୟବସିତ। କିପରି ଶିକ୍ଷା ଅଭାବରୁ ଅନ୍ୟ ଜଣଙ୍କ ଶିକ୍ଷାକୁ ଅନ୍ଧବିଶ୍ୱାସ ତଥା କୁସଂସ୍କାର ରୂପେ ଗ୍ରହଣ କରୁଛନ୍ତି, ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ରେବତୀର ଶିକ୍ଷା ପ୍ରତି ଅହେତୁକ ମନୋଭାବକୁ କାଳ ସଦୃଶ ବିବେଚନା କରି ତା'ର ଜେଜେମା' ତାକୁ ମାନସିକ ପୀଡ଼ା ଦେଇଛନ୍ତି। ଆଜିର ସମାଜରେ ଯଦିଓ ନାରୀ ଶିକ୍ଷାକୁ ସେପରି ଅନ୍ଧବିଶ୍ୱାସ ରୂପେ ଗ୍ରହଣ କରାଯାଉ ନାହିଁ, ତଥାପି ନାରୀମାନଙ୍କ ଶିକ୍ଷା ପ୍ରତି ବିତୃଷ୍ଣାଭାବ ରହୁଛି। ତେବେ ପ୍ରଶ୍ନ ଉଠେ, ସତରେ କ'ଣ ରେବତୀର ଜେଜେମା' ପରି ଚରିତ୍ର ବଞ୍ଚିଛନ୍ତି ରେବତୀମାନଙ୍କ ଭବିଷ୍ୟତ ନଷ୍ଟ କରିବାକୁ ? ପ୍ରତିଦିନ ନାରୀମାନଙ୍କ ସୁରକ୍ଷା ଉପରେ ବିଭିନ୍ନ ଆନ୍ଦୋଳନ ହେଉଛି। ଅନେକ ବୁଦ୍ଧିଜୀବୀ ଏହା ଉପରେ ମତ ଓ ମନ୍ତବ୍ୟ ଦେଉଛନ୍ତି, ହେଲେ ଏହା ବୋଧହୁଏ କେବଳ ସେହି ଆନ୍ଦୋଳନ ଭିତରେ ସୀମିତ ରହୁଛି। ରୋଗ ସଭିଏଁ ଜାଣିଛନ୍ତି, ହେଲେ ଏହାର ନିଦାନ ବାହାର କରିବାକୁ କେହି ପ୍ରସ୍ତୁତ ନାହାନ୍ତି। ଏବେ କିନ୍ତୁ ସଚେତନ ସହ ମାନସିକତାରେ ପରିବର୍ତ୍ତନ କରିବାର ସମୟ ଉପନୀତ।

ନାରୀ ପ୍ରଗତିରେ ରାଷ୍ଟ୍ରର ଉନ୍ନତି ବୋଲି କୁହାଯାଏ। ହେଲେ ଯେଉଁଠି ଲିଙ୍ଗଗତ ପ୍ରଭେଦ ଅଧିକ, ସେଠାରେ ରାଷ୍ଟ୍ରର ବିକାଶ ହେବା ଅନିଶ୍ଚିତ। ହେଲେ ଭୂମିଷ୍ଠ ହେବା ପରେ ନିଷ୍ପତ୍ତି ନିଆଯାଉଛି ଝିଅ କେଉଁ ଶିକ୍ଷା ଗ୍ରହଣ କରିବ ଏବଂ ପୁଅ କେଉଁ ପ୍ରକାର ଶିକ୍ଷାଲାଭ କରିବ। ଏପରି ତୁଳନାତ୍ମକ କାର୍ଯ୍ୟଦ୍ୱାରା ଅନେକ ରେବତୀଙ୍କ ଭାଗ୍ୟ ଶିକ୍ଷା ବିନା ଅଜ୍ଞାନର ଅନ୍ଧାରରେ ଶ୍ୱାସରୁଦ୍ଧ ହୋଇଯାଉଛି। ନାରୀଶିକ୍ଷା ପାଇଁ ଆନ୍ଦୋଳନ ଅପେକ୍ଷା କିପରି ଝିଅମାନଙ୍କୁ ଉଚିତ୍ ଶିକ୍ଷା ମିଳିପାରିବ, ସେଥିପାଇଁ ଯତ୍ନବାନ ହେବା ଉଚିତ୍।

ନାରୀ ଶିକ୍ଷାର ମୂଳଦୁଆ ମୁଖ୍ୟତଃ ପରିବାର ସ୍ତରରୁ ଆରମ୍ଭ ହେବା ଉଚିତ୍। ଯେଉଁ ପରିବାରରେ ନାରୀ ଶିକ୍ଷିତା, ସେଠାରେ ଜନ୍ମ ନେଉଥିବା ପ୍ରତ୍ୟେକ ସନ୍ତାନଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବା ସହ ପରିବାରବର୍ଗଙ୍କ ଉନ୍ନତି ହୋଇଥାଏ। ତତ୍‌ସହିତ ସେମାନେ ଆର୍ଥିକ ଶାରୀରିକ ତଥା ମାନସିକ ରୂପେ ମଧ୍ୟ ସହାୟକ ହୋଇଥାଆନ୍ତି ଏବଂ ସୁ-ପଥ ପ୍ରଦର୍ଶକ ହୋଇ ପରିବାର ମଙ୍ଗଳ କାମନା କରନ୍ତି। କିନ୍ତୁ ନାରୀମାନଙ୍କୁ ଅବହେଳିତ କରାଯାଇ ସେମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯିବ, ତେବେ ପରିବାର ଏବଂ ଦେଶର ପ୍ରଗତି ହେବାରେ ବାଧା ସୃଷ୍ଟି ହେବ। ତେଣୁ ପ୍ରତ୍ୟେକ ପରିବାର ଏଥିପ୍ରତି ଯତ୍ନବାନ୍ ହେଲେ ବୋଧହୁଏ ଲିଙ୍ଗଗତ ସମସ୍ୟାର ମୂଳୋତ୍ପାଟନ ହେବା ସହ ସମୃଦ୍ଧଶାଳୀ ରାଷ୍ଟ୍ରଗଠନ ହୋଇପାରିବ ବୋଲି ଆଶା କରିପାରିବା। ତେବେ ଯାଇ ଏକ ନୂତନ ରାଷ୍ଟ୍ରର ଅଭ୍ୟୁଦୟ ହେବ।



ସାମ୍ପ୍ରତିକ ସମାଜରେ ନାରୀ ଶିକ୍ଷା ବା ନାରୀ ପ୍ରଗତିରେ ମୁଖ୍ୟ ବାଧକ ସାଜିଛି ଅସୁରକ୍ଷିତ ସମାଜ। ସଭ୍ୟତାର ଶିଖରକୁ ଛୁଇଁଥିବା ମାନବ ସମାଜରେ ଯଦି ନାରୀଟିଏ ସୁରକ୍ଷିତ ନୁହେଁ, ତାହା ଆମ ଶିକ୍ଷିତପଣିଆକୁ ତାଚ୍ଛଲ୍ୟ କରୁନାହିଁ କି ? ଦେଶରେ ଲିଙ୍ଗଗତ ସମାନତାର ପ୍ରଚାର ହେଉଥିବା ବେଳେ ସାକ୍ଷରତା ହାରରେ ପୁରୁଷମାନଙ୍କ ସଂଖ୍ୟା ନାରୀମାନଙ୍କଠାରୁ ଯଥେଷ୍ଟ ଆଗରେ। ପ୍ରତ୍ୟେକ ସ୍ତରରେ ନାରୀମାନଙ୍କ ପାଇଁ ସ୍ୱଳ୍ପ ସ୍ଥାନ ସଂରକ୍ଷିତ ରଖାଯାଉଥିବା ବେଳେ ପୁରୁଷଙ୍କ ପାଇଁ ଅଧିକ ରଖାଯାଉଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଏବେ ମଧ ନାରୀ ଲିଙ୍ଗଗତ ପ୍ରଭେଦର ଶିକାର ହେଉଛି। ତେଣୁ ଏ ପ୍ରଚାର ବଦଳରେ କିପରି କାର୍ଯ୍ୟକାରୀ ହୋଇପାରିବ ତା'ର ଉଚିତ ପଦକ୍ଷେପ ନେବା ଆବଶ୍ୟକ।ଝିଅମାନଙ୍କ ପ୍ରତି ସରକାର ନେଉଥିବା ପଦକ୍ଷେପ ଯଦିଓ ସ୍ୱାଗତଯୋଗ୍ୟ, ତଥାପି କିଛି ଜନସାଧାରଣଙ୍କ ଅବିକଶିତ ଚିନ୍ତାଧାରା ଯୋଗୁ ଆଜିବି ନାରୀଟିଏ ଅବହେଳିତା। ତେଣୁ ସରକାରଙ୍କ ସଚେତନତା ବାର୍ତ୍ତାକୁ ଯଦିଓ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ନାରୀମାନଙ୍କୁ ଦିଆଯାଉଥିବା ନିର୍ଯାତନା ପାଇଁ ଆଇନାନୁଯାୟୀ କଠୋର ଦଣ୍ଡବିଧାନକୁ ତୁରନ୍ତ କାର୍ଯ୍ୟକାରୀ କରାଯାଆନ୍ତା, ତେବେ ଅସୁରକ୍ଷିତ ମନୋଭାବର ଦୂରୀକରଣ କରାଯାଇପାରନ୍ତା।

କିଛିଦିନ ପୂର୍ବରୁ ଗଣମାଧ୍ୟମରେ ଦେଖିଥିଲେ ବା ପଢ଼ିଥିଲେ ଝିଅଟି ଟ୍ୟୁଶନ୍ ଯାଇ ଘରକୁ ଫେରି ନଥିଲା। ଅନେକ ଖୋଜାଖୋଜି ପରେ ସେ ମିଳି ନ ଥିଲା। ପରଦିନ ଗାଁ ନିକଟସ୍ଥ ପୋଖରୀରେ ତା'ର ମୃତଦେହ ମିଳିଥିଲା। ଘଟଣାରୁ ଜଣାପଡ଼ିଲା ଯେ, କିଛି ଅସାମାଜିକ ପିଲାଙ୍କ ମୁହଁରେ ଜବାବ ଦେଇଥିବାରୁ ସେମାନେ ତାକୁ ମାରି ପୋଖରୀରେ ଫୋପାଡ଼ି ଦେଇଥିଲେ। ଉକ୍ତ ଘଟଣା ଝିଅମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠାଇଥିଲା। ଅନ୍ୟ ଘଟଣାଟି ଏହିପରି ଯେ, ଝିଅଟି ପାଠ ପଢ଼ିବାକୁ ଜିଦ୍ କରିବାରୁ ମା'ବାପାଙ୍କ ଆକଟ ତା' ପ୍ରତି କଠୋର ହେଉଥିଲା। ଗୋଟେପଟେ ଉଚ୍ଚଶିକ୍ଷା ଲାଭ କରିବାର ଆଶା, ଅନ୍ୟପଟେ ପାଠ ପଢ଼ିବା ପାଇଁ ଦିଆଯାଉଥିବା ନିର୍ଯାତନା। ଧୀରେ ଧୀରେ ତା' ପାଠ ପଢ଼ିବାର ଆଶା ଟିକକ ମଉଳିଗଲା, ଯେବେ ଚଉଦ ବର୍ଷ ବୟସରେ ତା'ର ବିବାହ ସ୍ଥିର କରାଗଲା। ତା' କୋମଳ ମନରେ ମା'ବାପା ଏପରିକି ନିଜ ଜୀବନ ପ୍ରତି ବିତୃଷ୍ଣା ମନୋଭାବ ଆସିଗଲା ଓ ଆତ୍ମହତ୍ୟା କରିଦେଲା। ଦୁଇ ଦୃଷ୍ଟାନ୍ତରେ ପ୍ରଥମଟିରେ ଶିକ୍ଷାଲାଭର ସୁଯୋଗ ମିଳିଥିବା ସତ୍ତ୍ୱେ ଅସୁରକ୍ଷିତ ପରିବେଶ ପାଇଁ ଜୀବନ ହାନି ହେଲା ଏବଂ ଅନ୍ୟଟିରେ ଶିକ୍ଷା ପ୍ରତି ପରିବାରବର୍ଗଙ୍କ ବିତୃଷ୍ଣାଭାବ ଝିଅଟିର ଜୀବନ ନେଇଗଲା। ଏହିପରି ଅନେକ ରେବତୀଙ୍କ ପ୍ରାଣ ଅକାଳରେ ଝଡ଼ିଯାଉଛି କିଛି ଆମ ଜ୍ଞାତ ଭିତରେ ଆଉ କିଛି ଆମ ଅଜ୍ଞାତ ବାହାରେ। ତେଣୁ ରେବତୀମାନଙ୍କୁ ମୌଳିକ ଅଧିକାର ଦେବା ସହ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପ୍ରଦାନ କରିବା ଆମର ମୁଖ୍ୟ ଦାୟିତ୍ୱ ହେବା ଉଚିତ୍।

ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩

## ଏଇ ଭାରତରେ

ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ରାଜ୍ୟଗୁଡ଼ିକରେ ଧାନ କିମ୍ବା ଗହମ ଅମଳ ପରେ କୃଷକମାନେ ଖୁଣ୍ଟା ପୋଡ଼ିଦିଅନ୍ତି। ଏହାଦ୍ୱାରା ଦିଲ୍ଲୀ ସମେତ ଉତ୍ତର ଭାରତର ବହୁ ସହରରେ ବାୟୁର ମାନ ହ୍ରାସ ପାଇବା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଛି। ଖୁଣ୍ଟା ପୋଡ଼ି ରୋକି ଏଭଳି ସମସ୍ୟା ଦୂର କରିବାରେ ନୂଆ ବାଟ ଦେଖାଇଛନ୍ତି ଚଣ୍ଡିଗଡ଼ର ତିନି ବନ୍ଧୁ ବୀରେନ୍ଦ୍ର ସିଂ, ନୀତୀନ କୁମାର ସାଲୁଜା ଏବଂ ବିଳାସ ଚିକ୍କରା। କୃଷକ ପରିବାରରେ ଜନ୍ମିତ ଏହି ତିନିବନ୍ଧୁ ଏକ ମେଶିନ ନିର୍ମାଣ କରିଛନ୍ତି ; ଯାହା ଶସ୍ୟ ଖୁଣ୍ଟାକୁ ପାଉଡର କରିପାରୁଛି ଓ ଏହାକୁ ଇଟାଡିଆରିରେ ବ୍ୟବହାର କରାଯାଉଛି। କେବଳ ଏତିକି ନୁହେଁ ଏହି ପାଉଡରରୁ ବାୟୋଫୁଏଲ ମଧ୍ୟ ପ୍ରସ୍ତୁତ କରାଯାଉଛି। ୨୦୧୮ରେ ସେମାନେ ଜିଏଫ୍‌ଟି ଟେକ୍ନୋଲୋଜି ଷ୍ଟାର୍ଟଅପ୍ ଗଠନ କରି ତା' ଦ୍ୱାରା ନିର୍ମାଣ କରିଥିବା ମେଶିନର ନାମ ରଖିଛନ୍ତି 'ମୋକ୍ଷ' । ଏହାକୁ ଏକ ଟ୍ରାକ୍ଟରରେ ଖଞ୍ଜାଯିବା ପରେ ଏହା ବିଲରୁ ଖୁଣ୍ଟା ସଂଗ୍ରହ କରି ପାଉଡର କରିଦେଉଛି । ୪୦ ମିନିଟରେ ଏହା ୧ ଏକର ଜମିରୁ ଖୁଣ୍ଟା ସଫା କରିଦେଉଛି। ଫଳରେ ଚାଷୀମାନଙ୍କର ଜମି ସଫା କରିବା ବ୍ୟୟ କମ୍ ହେବା ସହ ପରିବେଶ ମଧ୍ୟ ସୁସ୍ଥ ରହୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଡିସେମ୍ବର ୧୯୯୭**

- କୂଟନୈତିକ ସମ୍ପର୍କ ସ୍ଥାପନ ନେଇ ଦକ୍ଷିଣ ଆଫ୍ରିକା ଏବଂ ଚୀନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।
- କେନିଆ ଏବଂ ସୋମାଲିଆରେ ଅଜଣା ରୋଗ ବ୍ୟାପି ୭୦୦ ଲୋକଙ୍କ ପ୍ରାଣହାନି।
- ଆସାମ ବିଧାନସଭାରେ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ମହାନ୍ତଙ୍କ ନେତୃତ୍ୱାଧୀନ ମିଳିତ ସରକାର ବିରୁଦ୍ଧରେ ବିରୋଧୀ ଦଳ ଆଣିଥିବା ଅନାସ୍ଥା ପ୍ରସ୍ତାବ ବାଚନିକ ଭୋଟରେ କାଟ ଖାଇଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚଶିକ୍ଷା କ୍ଷେତ୍ରରେ ସରକାରୀ ପକ୍ଷପାତିତା

ମହାଶୟ,

ରାଜ୍ୟର ୨୭ ଜିଲାରେ ସରକାରୀ ମହାବିଦ୍ୟାଳୟ ଥିବା ବେଳେ କେବଳ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଝାରସୁଗୁଡ଼ା ନାହିଁ। ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ୩ ଜିଲାରେ ସରକାରୀ ମହାବିଦ୍ୟାଳୟଟିଏ ପ୍ରତିଷ୍ଠା ନ ହେବା ଆଶ୍ଚର୍ଯ୍ୟର ବିଷୟ। ଏହାଦ୍ୱାରା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପକ୍ଷପାତିତା ପ୍ରମାଣିତ ହେଉଛି। ଏ ସମ୍ପର୍କରେ ଏହି ୩ ଜିଲାର ଜନପ୍ରତିନିଧି ଓ ନାଗରିକ ସମାଜ ତରଫରୁ ଦାବି ନ ହେବା ଦୁର୍ଭାଗ୍ୟଜନକ । ଜଗତ୍‌ସିଂହପୁର ଜିଲାର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଝାରସୁଗୁଡ଼ା ଜିଲାର ଗୋଟିଏ ଅଗ୍ରଣୀ ମହାବିଦ୍ୟାଳୟକୁ ସରକାର ସରକାରୀ ମାନ୍ୟତା ଦେବା ଜରୁରୀ ମନେହୁଏ। ଏହାଦ୍ୱାରା ଏହି ତିନୋଟି ଅଗ୍ରଣୀ ଶିକ୍ଷାନୁଷ୍ଠାନର ପ୍ରଶାସନିକ ସ୍ୱଚ୍ଛତା ବୃଦ୍ଧି ହେବା ସହ ଛାତ୍ରୀଛାତ୍ରୀମାନେ ଆର୍ଥିକ ବୋଝରୁ ରକ୍ଷା ପାଇବେ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ
ମୋର ପଥେ ଅଛି ଚାହିଁ
ପ୍ରଭାତ କୁକୁଟ କଣ୍ଠ ସଜାଡ଼େ
ସେ ପରା ମୋହରି ପାଇଁ!
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

**ବାଲିଅନ୍ତା,୩୦।୧୨(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତି ପରିସରରେ ଶୁକ୍ରବାର ସରକାରୀ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଯୋଗାଣ ଓ ସମବାୟ ବିଭାଗ ମିଳିତ ଭାବେ ଏହି ଧାନମଣ୍ଡି ମାଧ୍ୟମରେ ସପ୍ତାହକୁ ୨ ଦିନ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ଜଣାପଡିଛି। ଉତ୍ସବରେ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସରୋଜ ପଣ୍ଡା, ଗାୟତ୍ରୀ ପଟ୍ଟନାୟକ, ସିମ୍ବାରାଣୀ ଶତପଥୀ, ଅମିୟ ଖୁଣ୍ଟିଆଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି ଓ ସମିତି ସଭାପତି ନୀଳକଣ୍ଠ ପଣ୍ଡା, ଆଇଏମ୍‌ସି ଓ ମିଲ୍‌ର କର୍ମଚାରୀ ଯୋଗଦେଇଥିଲେ। ଏହି ସମିତି ମାଧ୍ୟମରେ ୬୪୯ ଜଣ ଚାଷୀ ଧାନ ବିକ୍ରି ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ଶୁଭାରମ୍ଭ ଦିବସରେ ମାତ୍ର ୨ ଚାଷୀଙ୍କ ପାଇଁ ଟୋକନ ଆସିଥିଲା ବୋଲି ସମିତି ସମ୍ପାଦକ ହେମନ୍ତ ନାୟକ କହିଛନ୍ତି। ଧାନର ଟାର୍ଗେଟ୍ ବୃଦ୍ଧି ପାଇଁ ଚାଷୀ ଦାବି କରିଛନ୍ତି।

### ୫ ମୋବାଇଲ ଜବତ,ଯୁବକ ଗିରଫ

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍ ନଗର ଅଞ୍ଚଳରେ ଥିବା ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କ ନିକଟରେ ଚୋରା ମୋବାଇଲ ବିକ୍ରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ପୁରୀ ଜିଲାର ସୋମେଶ ପ୍ରଧାନ ଓରଫ ପାପୁନୁ । ତାଙ୍କଠାରୁ ୫ ମୋବାଇଲ ଜବତ କରାଯାଇଛି । ଏନେଇ ଶହୀଦନଗର ଥାନା ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପାପୁନୁଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପଚରାଉଚରା ସମୟରେ ଅଭିଯୁକ୍ତ ଉକ୍ତ ମୋବାଇଲଗୁଡ଼ିକୁ ସହରର ବିଭିନ୍ନ ସ୍ଥାନରୁ ଚୋରି ଓ ଲୁଟ କରିଥିବା ସ୍ୱୀକାର କରିଥିଲେ।

### ବିଶ୍ୱକୁ ଭାରତୀୟ ସଂସ୍କୃତିର ଅବଦାନ ଅତୁଳନୀୟ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ସମଗ୍ର ବିଶ୍ୱକୁ ଦର୍ଶନ, ବିଜ୍ଞାନ ଓ ସାହିତ୍ୟ କ୍ଷେତ୍ରରେ ଜୀବନର ଅଭିବୃଦ୍ଧି ପାଇଁ ଦେଇଥିବା ବାର୍ତ୍ତା ଆଜି ଉପାଦେୟ। ପ୍ରାଚୀନ ଭାରତର ସଂସ୍କୃତି ମହାନ ଥିଲା। ଆଧୁନିକ ଭାରତ ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି ସତ କିନ୍ତୁ ସଂସ୍କୃତିର ପ୍ରଚାର ପ୍ରସାର ଠିକ୍ ଭାବେ ହୋଇପାରୁନାହିଁ ବୋଲି ଶୁକ୍ରବାର ଭାରତୀୟ ବିଦ୍ୟାଭବନରେ ମୁକ୍ତ ଚିନ୍ତନ ମଞ୍ଚର ୧୮୬ତମ ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଶରତ ଚନ୍ଦ୍ର ଯୋଗଦେଇ ରଥ କହିଛନ୍ତି। ଏହି ଅବସରରେ କବି ଡ. ଗାୟତ୍ରୀବାଳା ପଣ୍ଡା ଓ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡ. ଅଶୋକ ମହାପାତ୍ର ଯୋଗଦେଇଥିଲେ। ସଭାପତି ସାତକୋଡ଼ି ହୋତା ଭାରତୀୟ ସାମାଜିକ ପରମ୍ପରା ଓ ଧର୍ମବିଶ୍ୱାସ ପୃଥିବୀବାସୀଙ୍କ ପାଇଁ ଆଦର୍ଶ ବୋଲି ଘୋଷଣା କରିଥିଲେ। ସମ୍ପାଦକ ପୀତବାସ ରାଉତରାୟ ,ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରଫେସର ଶରତ ଚନ୍ଦ୍ର ରଥଙ୍କ ସଂକଳିତ ପୁସ୍ତକ ସ୍ୱାଧୀନତାର ଅମୃତ ମହୋତ୍ସବ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

# ସହରାଞ୍ଚଳ ସମନ୍ୱିତ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ

## ଗୋଟିଏ ଛାତ ତଳେ ସମସ୍ତ ସରକାରୀ ସୁବିଧା

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**

ସରକାରୀ ସେବା ତଥା କାର୍ଯ୍ୟ ପାଇଁ ରାଜଧାନୀବାସୀଙ୍କୁ ଆଉ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ। ଗୋଟିଏ ଛାତ ତଳେ ସେମାନେ ବିଭିନ୍ନ ସରକାରୀ କାର୍ଯ୍ୟକୁ ସୁବିଧାରେ ସମ୍ପାଦନ କରିପାରିବେ। ଏଥିପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ରାଜ୍ୟ ଆଇଟି ବିଭାଗର ସହଯୋଗରେ ବାପୁଜୀନଗରଠାରେ 'ସହରାଞ୍ଚଳ ସମନ୍ୱିତ ମୋ ସେବା କେନ୍ଦ୍ର' ସ୍ଥାପନ କରାଯାଇଛି। ଏହାକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏଠାରେ କୃଷକ ପଞ୍ଜୀକରଣଠାରୁ ଆରମ୍ଭ କରି ଶ୍ରମ କାର୍ଡର ଆବେଦନ ଓ ନବୀକରଣ ସୁବିଧା, ଜନ୍ମ ମୃତ୍ୟୁ ପ୍ରମାଣପତ୍ର, ରାଶନକାର୍ଡ ଆବେଦନ/ସଂଶୋଧନ, ଅଗ୍ନି ଲାଇସେନ୍ସ, ବିଦ୍ୟୁତ୍ ବିଲ୍ ପୈଠ, ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ, ହୋଲ୍ଡିଂ/ସମ୍ପତ୍ତି କର ପୈଠ, ମଧୁବାବୁ ପେନ୍‌ସନ୍‌ଯୋଜନା ସମେତ ବିଏମ୍‌ସିଠାରୁ ଆରମ୍ଭ କରି ତହସିଲ ପର୍ଯ୍ୟନ୍ତ ରହିଥିବା ୪ଶହରୁ ଉର୍ଦ୍ଧ୍ୱ ସେବା ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ସେହିପରି ବିଭିନ୍ନ ସେବା ପାଇଁ ୩ ଟଙ୍କାରୁ ୩୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେବାକୁ ପଡିବ। ମୋ ସେବା କେନ୍ଦ୍ରରେ ୪ଟି ସାଧାରଣ କାଉଣ୍ଟର ଓ ୨ଟି ଆଧାର କାଉଣ୍ଟର ରହିଛି।

ତିନିମହଲା ବିଶିଷ୍ଟ ଏହି କୋଠାରେ 'ମୋ ସେବା' କେନ୍ଦ୍ର, ଇ-ଲାଇବ୍ରେରି ଓ ରିକ୍ରିଏଶନ ସେଣ୍ଟର ରହିଛି। ଇ-ଲାଇବ୍ରେରିରେ ୩୦ଟି କମ୍ପ୍ୟୁଟର ରହିଛି। ଏକ ସମୟରେ ୩୦ଜଣ ଏହି ଲାଇବ୍ରେରିକୁ ବ୍ୟବହାର କରିପାରିବେ। ସହରରେ 'ମୋ ସେବା କେନ୍ଦ୍ର' ପ୍ରତିଷ୍ଠା ପାଇଁ ବିଏସ୍‌ସିଏଲ, ଆଇଟି ବିଭାଗ ଏବଂ 'ସହଜ' ସହିତ ଏକ ତ୍ରିପାକ୍ଷିକ ଚୁକ୍ତିନାମା କରାଯାଇଛି। ଇ-ସେବା ପ୍ରଦାନ ପାଇଁ ଓଡିଶା ସରକାରଙ୍କ ୫-ଟି ପଦକ୍ଷେପ ଅନୁଯାୟୀ ମୋ ସେବା କେନ୍ଦ୍ର କାର୍ଯ୍ୟ କରୁଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମେୟର ସୁଲୋଚନା ଦାସ, ବିଡିଏ ଉପାଧ୍ୟକ୍ଷ ବଲୱନ ସିଂହ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଓକାକ୍ ସାଧାରଣ ପରିଚାଳିକା ଓ 'ସହଜ' ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ରାଜଧାନୀରେ ବର୍ଷକରେ ୧୨.୯୬ କୋଟି ଠକେଇ

## ଡିସେମ୍ବରରେ ଲୁଟିଲେ ୧.୧୭ କୋଟି

- ବର୍ଷକରେ ସାଇବର ଥାନାରେ ୫୩ ମାମଲା ରୁଜୁ
- ଗିରଫ ହୋଇଛନ୍ତି ୪୧ ଅଭିଯୁକ୍ତ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ରାଜଧାନୀରେ ସାଇବର ଠକେଇରେ ରୋକ ଲଗାଯାଇପାରୁ ନାହିଁ। ଲୋକଙ୍କୁ ବିଭିନ୍ନ ଜରିଆରେ ସଚେତନ କରାଯାଉଥିଲେ ମଧ୍ୟ ସାଇବର ଅପରାଧୀଙ୍କ ଜାଲରେ ପଡ଼ି ବହୁ ଟଙ୍କା ହରାଉଛନ୍ତି। ଡିସେମ୍ବରରେ ରାଜଧାନୀରେ ୧ କୋଟି ୧୭ ଲକ୍ଷ ୩୫ ହଜାର ୧୬୭ ଟଙ୍କା ସାଇବର ଠକ ଲୁଟିନେଇଛନ୍ତି। ତେବେ ଏଥିରୁ ମାତ୍ର ୧୧ ଲକ୍ଷ ୭ ହଜାର ୨୭୧ ଟଙ୍କା ଫେରାଇ ଅଣାଯାଇଥିବା ବେଳେ ୧୫ ଲକ୍ଷ ୭ ହଜାର ୮୬ ଟଙ୍କା ବ୍ଲକ/ଫ୍ରିଜ୍ କରାଯାଇଛି। ଏନେଇ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସର ସାଇବର କ୍ରାଇମ ହେଲ୍ପଡେସ୍କକୁ ରାଜଧାନୀରୁ ନଭେମ୍ବରରେ ମୋଟ ୨୯୪ ଅଭିଯୋଗ ଆସିଥିଲା। ଭୁବନେଶ୍ୱରରୁ ୧୪୯ଟି ୟୁପିଆଇ, ୮୧ଟି କ୍ରେଡିଟ/ଡେବିଟ କାର୍ଡ ସମ୍ବନ୍ଧୀୟ ଠକେଇ, ୪୨ଟି ସାମାଜିକ ଗଣମାଧ୍ୟମ ଜନିତ ଠକେଇ ଓ ୨୨ଟି ଅନ୍ୟାନ୍ୟ ଅନଲାଇନ ଜନିତ ଠକେଇ ଅଭିଯୋଗ ହେଲ୍ପଡେସ୍କକୁ ଆସିଥିଲା। ତେବେ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ମାତ୍ର ୪ଟି ମାମଲା ରୁଜୁ କରାଯାଇଥିବା ସୂଚନା ଦିଆଯାଇଛି। ତେବେ ଡିସେମ୍ବରକୁ ଲଗାଇ ୨୦୨୨ରେ ୧୨ କୋଟି ୯୬ ଲକ୍ଷ ୩୫ ହଜାର ୭୮୧ ଟଙ୍କା ସାଇବର ଠକେଇ ହୋଇଥିବା କୁହାଯାଇଛି। ଠକେଇ ଟଙ୍କାରୁ ୧ କୋଟି ୨୩ ଲକ୍ଷ ୨ ହଜାର ୮୦୪ ଟଙ୍କା ଫେରାଇ ଅଣାଯାଇଥିବା ବେଳେ ୧ କୋଟି ୪୬ ଲକ୍ଷ ୨ ହଜାର ୩୧୯ ଟଙ୍କା ବ୍ଲକ/ଫ୍ରିଜ୍ କରାଯାଇଛି। ବର୍ଷକରେ ୩ ହଜାର ୮୧୧ ଅଭିଯୋଗ ଆସିଥିବା ବେଳେ ଏଥିରୁ ୫୬୫ ସାମାଜିକ ଗଣମାଧ୍ୟମ ଜନିତ ଠକେଇ ରହିଥିଲା। ତେବେ ବର୍ଷକରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଆର୍ଥିକ ଠକେଇ, ସାମାଜିକ ଗଣମାଧ୍ୟମ ଜନିତ ଠକେଇ, ତଥ୍ୟ ଚୋରି ଆଦି ୫୩ଟି ମାମଲା ରୁଜୁ କରି ୪୧ ଜଣଙ୍କୁ ଗିରଫ କରିଥିବା ସୂଚନା ଦିଆଯାଇଛି।

# ଅଚିହ୍ନା ମୃତଦେହର ସାହାରା ସାଜିଲା 'ଶେଷ ସାଥୀ'

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ବାରଙ୍ଗ ପୁରୁଣା ଷ୍ଟେଶନ ନିକଟ ଏକ ଅର୍ଦ୍ଧନିର୍ମିତ ଘରୁ ପୋଲିସ ଜବତ କରିଥିବା ଏକ ଅଚିହ୍ନା ଯୁବକଙ୍କ ମୃତଦେହର ପରିଚୟ ନ ମିଳିବାରୁ ଶେଷରେ ଓଡ଼ିଶା ମୋ ପରିବାର ପକ୍ଷରୁ ଅନ୍ତିମ ସଂସ୍କାର କରାଯାଇଛି। ତେବେ ମୃତଦେହ ପରିବହନରେ ସାହାରା ସାଜିଥିଲା ଜୟଓଡ଼ିଶାର ସ୍ୱତନ୍ତ୍ର ଗାଡ଼ି 'ଶେଷ ସାଥୀ'। ବାରଙ୍ଗ ବଜାରରେ ଏଭଳି ଘଟଣା ଘଟିଥିଲେ ବି ପୋଲିସ ଓ ସ୍ଥାନୀୟ ଲୋକେ କେହି ଜାଣି ନ ଥିଲେ। ବାରଙ୍ଗ, ନନ୍ଦନକାନନ ଓ ରେଲ୍‌ୱେ ଫାଣ୍ଡି ମଧ୍ୟରେ ସୀମା ବିବାଦ କାରଣରୁ ପ୍ରାୟ ୮ଘଣ୍ଟା ପର୍ଯ୍ୟନ୍ତ ମୃତଦେହ ସେମିତି ପଡି ରହିଥିଲା। ସ୍ଥାନୀୟ ପୋଲିସ ସମସ୍ତ ତଦନ୍ତ କରି ସାରିବା ପରେ ମୃତଦେହକୁ ଚିହ୍ନଟ ପାଇଁ ୭୨ ଘଣ୍ଟା ରଖାଯାଇଥିଲା। ତେବେ କେହି ଦାବିଦାର ନ ଆସିବାରୁ ନିୟମ ଅନୁସାରେ ସତ୍କାର ପାଇଁ ପୋଲିସ ଓଡ଼ିଶା ମୋ ପରିବାରର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଯୋଗାଯୋଗ କରିଥିଲା। ରୁଦ୍ର ଏନେଇ ସଂଗଠନର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ଏହାପରେ ଜୟ ଓଡ଼ିଶାର ଶବ ପରିବହନ ଯାନ 'ଶେଷ ସାଥୀ' ମାଧ୍ୟମରେ ମୃତଦେହକୁ ସତ୍ୟନଗର ଶ୍ମଶାନକୁ ନିଆଯାଇ ପୋଲିସ ଦ୍ୱାରା ଶେଷକୃତ୍ୟ ସମ୍ପନ୍ନ କରାଯାଇ ଥିଲା। ସଂଗଠନ ଯୁଗ୍ମ ସମ୍ପାଦକ ସମସ୍ତ କାର୍ଯ୍ୟ ତୁଲାଇଥିଲେ।


ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ସରିଲା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ**

# ଓଡ଼ିଶୀ ଅଭିନୟରେ ମନ୍ତ୍ରମୁଗ୍ଧ ଦର୍ଶକ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ୫ଦିନ ଧରି ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଶୁକ୍ରବାର ଥିଲା ଉଦ୍‌ଯାପନୀ ଦିବସ। ଭାରତ ନୃତ୍ୟ ମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଦୁର୍ଗାସ୍ତୁତି ପରିବେଷଣରୁ ପୂର୍ବାହ୍ନ ଅଧିବେଶନ ଆରମ୍ଭ ହୋଇଥିଲା। ଏକକ ପର୍ଯ୍ୟାୟରେ ଦେବଜ୍ୟୋତି ବିଶ୍ୱାଳ, ସଙ୍ଘମିତ୍ରା ପାଣିଗ୍ରାହୀ, ତନୟା ରାୟଙ୍କ ଅଭିନୟରେ' ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ସେହିପରି ବିଶିଷ୍ଟ ନୃତ୍ୟ ଗୁରୁ ଓ ସାଥିଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ସହ ନୃତ୍ୟାଭିନୟରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ସନ୍ଧ୍ୟା ଅଧିବେଶନର ପ୍ରଥମ କାର୍ଯ୍ୟକ୍ରମ ଥିଲା ଏକକ ନିରଞ୍ଜନ ରାଉତଙ୍କ ଦ୍ୱାରା ଅଭିନୟ 'ତୋ ଲାଗି ଗୋପ ଦାଣ୍ଡ ମନାରେ କାଳିଆ ସୁନା'। ଏହାପରେ ସିମ୍ରନ ଜମାନଙ୍କ ଦ୍ୱାରା ଅଭିନୟ 'ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭବତୁମେ' ପ୍ରଦର୍ଶିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱୈତ ଏବଂ ଦଳଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ଦାସ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଗୁରୁ ଅରୁଣା ମହାନ୍ତି, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

# ଆସ୍ଥାର ବାର୍ଷିକ ପତ୍ରିକା 'ଅନ୍ୱେଷଣ' ଉନ୍ମୋଚିତ

**ବାଲିଅନ୍ତା,୩୦।୧୨(ଡି.ଏନ୍.ଏ.)**

ଅଗ୍ରଣୀ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଆସ୍ଥା ସ୍କୁଲ୍‌ର ବାର୍ଷିକ ପତ୍ରିକା 'ଅନ୍ୱେଷଣ'ର ୫ମ ସଂସ୍କରଣ ଭୁବନେଶ୍ୱରର ଏକ ହୋଟେଲରେ ଶୁକ୍ରବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରଫେସର ଡ. ସ୍ୱରୂପ ଚନ୍ଦ୍ର ସାହୁ, ଆସ୍ଥା ଅଧ୍ୟକ୍ଷା ସମ୍ପାଦକ ଶର୍ମିଳା ସୁବ୍ରମନିୟମ୍, ସହସମ୍ପାଦକ ପ୍ରଫେସର ସଞ୍ଜୟ ଅଦଲେଖା ଓ ଅନୁଷ୍ଠାନ ନିର୍ଦ୍ଦେଶକ ଓ ସମ୍ପାଦକ ଡ. ବଙ୍କିମ୍ ମହାନ୍ତି ପ୍ରମୁଖ ଅତିଥି ରୂପେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ। ଏଥିସହ ପତ୍ରିକାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ ଓଡ଼ିଶା ସମେତ ଓ ଅନ୍ୟ ରାଜ୍ୟରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ଶିକ୍ଷାବିତ୍ ଯୋଗଦେଇ ଲେଖନି ମାଧ୍ୟମରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପତ୍ରିକାରେ ଗବେଷଣା ସନ୍ଦର୍ଭ, ବିଷୟବସ୍ତୁ ବିଶ୍ଳେଷଣ, ପୁସ୍ତକ ବିଶ୍ଳେଷଣ, ଶ୍ରେଷ୍ଠ ସମର ଇଣ୍ଟର୍ନଶିପ୍ ପେପର ଓ କର୍ପୋରେଟ୍ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସାକ୍ଷାତ୍‌କାର ପ୍ରକାଶ ପାଇଛି। ପ୍ରଫେସର ଜିନାଶିଷ ମହାନ୍ତି ପରିଚାଳନା କରିଥିବାବେଳେ ପ୍ରଫେସର ବିଷ୍ଣୁପ୍ରସାଦ କର ଧନ୍ୟବାଦ ଦେଇଥିଲେ।



ଆସ୍ଥାର ବାର୍ଷିକ ପତ୍ରିକା 'ଅନ୍ୱେଷଣ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ପ୍ରତିଷ୍ଠା ଦିବସ ପାଳିଲା ଉତ୍କଳ ସମ୍ମିଳନୀ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ଉତ୍କଳ ସମ୍ମିଳନୀର ୧୨୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଜଭବନ ଛକସ୍ଥିତ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ ମାର୍ଗସ୍ଥିତ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଅନନ୍ତପ୍ରସାଦ ଜେନା, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ସମିତି ସଭାପତି ବିଭୂତି ମିଶ୍ର, ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ବାସନ୍ତୀ ତ୍ରିପାଠୀ, ଅକ୍ଷୟ ଜେଠୀ, ଗୋପୀ ମୋହନ ପଟ୍ଟନାୟକ, ପ୍ରକାଶ ସାମଲ, ଦୀପ୍ତିମୟୀ ନାୟକ, ରାମ ଚନ୍ଦ୍ର ସାମଲ ଓ ଶ୍ୱେତାଙ୍କ ମିଶ୍ର ଉପସ୍ଥିତ ଥିଲେ।



ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

# ସହଜ, ବୋଧଗମ୍ୟ ଭାଷାରେ ଶିଶୁ ସାହିତ୍ୟ ରଚନା ହେଉ

- ରମେଶ ଚନ୍ଦ୍ର ପରିଡ଼ାଙ୍କୁ ଝୁମୁକା ପୁରସ୍କାର
- ସଂଘମିତ୍ରା, ନଗେନ୍ଦ୍ରନାଥ ଓ ରବି ନାରାୟଣଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ'

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ସହଜ ଓ ବୋଧଗମ୍ୟ ଭାଷାରେ ଶିଶୁ ସାହିତ୍ୟ ରଚନା କଲେ ଏହା ପାଠକଙ୍କ ନିକଟରେ ଅପହଞ୍ଚ ହେବ ନାହିଁ। ବୁଦ୍ଧମନ୍ଦିରରେ ଅନୁଷ୍ଠିତ ସାହିତ୍ୟ ପତ୍ରିକା ଝୁମୁକାର ୩୭ତମ ସାରସ୍ୱତ ସମାରୋହରେ ଯୋଗଦେଇ ବକ୍ତାମାନେ ଏହା କହିଛନ୍ତି। ସାହିତ୍ୟ ସମାଲୋଚକ ଓ ପ୍ରାବନ୍ଧିକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ, ସାହିତ୍ୟ ଜୀବନ ଦେଇଥାଏ, ଗଦ୍ୟ ସାହିତ୍ୟକୁ ବାଦ୍‌ଦେଲେ ସାହିତ୍ୟ ରସୋତୀର୍ଣ୍ଣ ହୋଇପାରିବ ନାହିଁ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ତଥା ଅନୁବାଦିକା ନିର୍ମାଳୀ ମହନ୍ତ କହିଲେ, ପରସ୍ପର ମଧ୍ୟରେ ଭାଷାର ଆଦାନ ପ୍ରଦାନ ପାଇଁ ଅନୁବାଦର ଆବଶ୍ୟକତା ରହିଛି। ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁରଙ୍କ ଅଧ୍ୟକ୍ଷତାରେ 'ଶିଶୁ ସାହିତ୍ୟର ବିକାଶରେ ଅନୁବାଦର ଭୂମିକା' ଶୀର୍ଷକ ଏକ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ରରେ ପତ୍ରିକା ସମ୍ପାଦକ ମାନସ ରଞ୍ଜନ ସାମଲ କହିଲେ, ପିଲାର ରୁଚି, ଆଗ୍ରହ ଓ ସାମର୍ଥ୍ୟକୁ ଲକ୍ଷ୍ୟ ରଖି ସାହିତ୍ୟ ସୃଷ୍ଟି କରିବାକୁ ଯୋଜନାବଦ୍ଧ ଉଦ୍ୟମ ଜରୁରୀ। ଏହି ଅବସରରେ ଝୁମୁକା ପୃଷ୍ଠାର ସଫଳ ଲେଖକ ତଥା ବିଜ୍ଞାନ ଭିତ୍ତିକ ଲେଖା ପାଇଁ ପ୍ରଫେସର ରମେଶ ଚନ୍ଦ୍ର ପରିଡାଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ଲାଗି 'ଝୁମୁକା ପୁରସ୍କାର', ଲେଖିକା ତଥା ଅନୁବାଦିକା ସଂଘମିତ୍ରା ଭଞ୍ଜ, ନଗେନ୍ଦ୍ରନାଥ ପଟ୍ଟନାୟକ ଓ ଡ. ରବି ନାରାୟଣ ସାହୁଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ସେମାନଙ୍କୁ ଫଳକ, ଅଙ୍ଗବସ୍ତ୍ର ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଝୁମୁକାର ନୂଆବର୍ଷ – ୨୦୨୩ ଅନୁବାଦ ବିଶେଷ ସଂଖ୍ୟା ଓ ରବି ନାରାୟଣ ସାହୁଙ୍କ ଲିଖିତ 'ଧନୁଯାତ୍ରା ଓ ଅନ୍ୟାନ୍ୟ ଗୀତିନାଟ୍ୟ' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କଣ୍ଠଶିଳ୍ପୀ ପ୍ରତିଭା ପ୍ରଧାନ ସଙ୍ଗୀତ ପରିବେଷଣ କରିଥିବାବେଳେ ସୁଜାତା ଦାଶ ଧନ୍ୟବାଦ ଦେଇଥିଲେ।



ବୁଦ୍ଧମନ୍ଦିରରେ ଅନୁଷ୍ଠିତ ସାହିତ୍ୟ ପତ୍ରିକା ଝୁମୁକାର ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି।

## ସଂକ୍ଷେପରେ

### କଂଗ୍ରେସର ସାଙ୍ଗଠନିକ ବୈଠକ

**କଣ୍ଟାପଡା,୩୦।୧୨(ଡି.ଏନ୍.ଏ.):** ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ କଣ୍ଟାପଡା କଂଗେସର ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କଂଗ୍ରେସ ଦଳିତ ସେଲ୍ ଅଧ୍ୟକ୍ଷ ରଙ୍କନିଧି ବେହେରା ଯୋଗଦେଇ ଦଳୀୟ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବୁଧନାଥ ମଲ୍ଲିକ, ବିକ୍ରମ ମଲ୍ଲିକ, ପ୍ରଫୁଲ ଭୋଇ, ଆଲୋକ ଭୋଇ, ଭରତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନକୁ ମଜଭୁତ କରିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ପିସିସି ସଦସ୍ୟ ନିମାଇଁ ରାଉତରାୟ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ।

### କଟକ କଲେଜ ଓଡ଼ିଆ ବିଭାଗର ସ୍ୱାଗତ ଉତ୍ସବ

**କଟକ ଅଫିସ,୩୦।୧୨:** କଟକ କଲେଜ ଓଡ଼ିଆ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱାଗତ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର କେଶବ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧାପିକା ଡ. ଅମିତାରାଣୀ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଡ. ପ୍ରଣତୀ ପଟ୍ଟନାୟକ, ଡ. ଅମ୍ରିତା ହାଲଦାର, ପୃଥ୍ୱୀରାଜ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟୟନ ପ୍ରତି ନିଷ୍ଠାପର ମନୋଭାବ ପ୍ରଦର୍ଶନ ନିମନ୍ତେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ସିପିଆଇ ପ୍ରତିଷ୍ଠା ଦିବସ

**କଟକ ଅଫିସ, ୩୦।୧୨:** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସିପିଆଇ କଟକ ମହାନଗର କମିଟି ପକ୍ଷରୁ ଚାନ୍ଦିନୀଚୌକସ୍ଥିତ କାର୍ଯ୍ୟାଳୟରେ ଦଳୀୟ ନେତା ବିଜୟ ପଢିହାରୀ ଲାଲ ପତାକା ଉତ୍ତୋଳନ କରିଥିଲେ। ଜିଲା ସମ୍ପାଦକ ବିନୋଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ କମ୍ରେଡ ସୁଶାନ୍ତ ମହାପାତ୍ର, ଭ୍ରମରବର ସାହୁ, ରାମଚନ୍ଦ୍ର ବେହେରା, କୃଷ୍ଣପ୍ରିୟା ମହାପାତ୍ର, ସୁକାନ୍ତ ବାରିକ, ନିରଞ୍ଜନ ପାତ୍ର, କ୍ଷୀରୋଦ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସର୍ଭେ

**କଟକ ସଦର,୩୦।୧୨(ଡି.ଏନ୍.ଏ.):** କଟକ-ନୂଆଗାଁ ୫୫ନଂ. ଜାତୀୟ ରାଜପଥର କନ୍ଦରପୁର ବଜାର ଉଚ୍ଛେଦ ବନ୍ଦ କରିବା ପାଇଁ ଶୁକ୍ରବାର ବିକଳ୍ପ ବାଇପାସ୍ ସର୍ଭେ କରାଯାଇଥିଲା। ଜାତୀୟ ରାଜପଥ ପ୍ରାଧିକରଣ ଅତିରିକ୍ତ ମହାନିର୍ଦ୍ଦେଶକ ଧର୍ମାନନ୍ଦ ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ବୈଷୟିକ ଟିମ୍ ତଦନ୍ତ କରିଥିଲା। ସ୍ଥାନୀୟ ବ୍ୟବସାୟୀମାନେ ବାଇପାସ୍ ରାସ୍ତା ପାଇଁ ଦୁଇଟି ବିକଳ୍ପ ପ୍ରସ୍ତାବ ଦେଇଥିଲେ। ଯାହା କନ୍ଦରପୁର ଲେଭଲ କ୍ରସିଂ ନିକଟରେ ଲାଗିବ। କେବଳ ଚାଷ ଜମିରେ ହିଁ ରାସ୍ତାଟି ଯିବ। ବର୍ତ୍ତମାନ ରାସ୍ତା ଦ୍ୱାରା ଦୋକାନ ଓ ବାସଗୃହ ଭାଙ୍ଗିବାକୁ ପଡ଼ିବ। ଏହି ସର୍ଭେବେଳେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉପସ୍ଥିତ ଥିଲେ। କନ୍ଦରପୁର-ନୂଆଗାଁ ମଧ୍ୟରେ ଜଗତ୍‌ସିଂହପୁର ଜିଲାର ଜନବସତି ଓ ବଜାର ଭଙ୍ଗାକୁ ରୋକିବା ପାଇଁ ୬ଟି ବାଇପାସ୍ ରାସ୍ତା ନିର୍ମାଣ କରାଯାଉଛି। ତେଣୁ କଟକ ଜିଲା ଅଂଶରେ ଏହି ବିକଳ୍ପ ବାଇପାସ୍‌କୁ ମଞ୍ଜୁରୀ ମିଳିଲେ ସ୍ଥାନୀୟ ବଜାରକୁ ରକ୍ଷା କରାଯାଇପାରିବ।

### ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ

**କଟକ ଅଫିସ,୩୦।୧୨:** କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ ଇଦ୍‌ଗାସ୍ଥିତ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ ସହ ବନ୍ଦେ ଉତ୍କଳ ଜନନୀ ଗାନ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ବଂଶୀମୋହନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ଭୂମିକା ଓ ଇଦ୍‌ଗା ପଡ଼ିଆର ସ୍ୱତନ୍ତ୍ରତା ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ, ଗୋପାଳ ଚନ୍ଦ୍ର ମିଶ୍ର, ସୋମନାଥ ଦାସ, ପ୍ରଶାନ୍ତ ନାୟକ, କୁଳମଣି ପଣ୍ଡା, ବିଚିତ୍ରାନନ୍ଦ ମିଶ୍ର, ଅଶ୍ୱିନୀ କୁମାର ସେଠୀ, ଭୁବନାନନ୍ଦ ମହାନ୍ତି, ସମରେନ୍ଦ୍ର ଘୋଷ ଉପସ୍ଥିତ ଥିଲେ। ସମ୍ପାଦକ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

# କେନାଲ ବନ୍ଧ ଆର୍‌ଡି ରାସ୍ତା ମରଣଯନ୍ତା

**କଟକ ସଦର,୩୦।୧୨(ଡି.ଏନ୍.ଏ.)**

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ବିରିବାଟି-ଅଥଙ୍ଗା ମାଛଗାଁ କେନାଲ ବନ୍ଧ ଆର୍‌ଡି ରାସ୍ତା ମରଣଯନ୍ତା ପାଲଟିଛି। କେତେକ ସ୍ଥାନରେ ଖାଲ ସୃଷ୍ଟି ହୋଇଛି। ପ୍ରତିଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟୁଛି। ମାତ୍ର ୧୫ ଫୁଟ ଚଉଡା ରାସ୍ତାରେ ହାଲୁକା ଓ ଭାରିଯାନ ଦ୍ରୁତ ଗତିରେ ଚଳାଚଳ କରିବା ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି। ତେଣୁ ରାଉତସାହି ଛକ, କୁସିଙ୍ଗା, ମହୁରା(ଜେନାସାହି)ଠାରେ ହମ୍ପ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀଯନ୍ତ୍ରୀଙ୍କୁ ପରମହଂସ ପଞ୍ଚାୟତବାସୀଙ୍କ ପକ୍ଷରୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରାୟ ୩ ବର୍ଷ ତଳେ ଏହି ରାସ୍ତା କାମ ଆରମ୍ଭ ହୋଇଥିଲା। କାମ ସରିବା ପରେ ହଠାତ୍ ଗାଡ଼ି ଚଳାଚଳ ବଢିଗଲା। ଟ୍ରେନ୍



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

**ଦ୍ରୁତ ଗାଡ଼ିଚାଳନାରୁ ଘଟୁଛି ଦୁର୍ଘଟଣା**

ଯାତାୟାତ ପାଇଁ କନ୍ଦରପୁରଠାରେ ଥିବା ଲେଭଲ କ୍ରସିଂ ପ୍ରତି ୫ ମିନିଟ୍‌ରେ ବନ୍ଦ ହୋଇଯାଉଛି। ତେଣୁ ଜଗତ୍‌ସିଂହପୁର ପଟୁ ଆସୁଥିବା ଗାଡି କେନାଲ ବନ୍ଧରେ କଟକ ସହରକୁ ଯିବା ପାଇଁ ସୁବିଧା ହେଉଛି। ଏଥିପାଇଁ ଗାଡ଼ିଗୁଡ଼ିକ ଦ୍ରୁତ ଗତିରେ ଯିବା ଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ମାନସ ରଞ୍ଜନ ଚୌଧୁରୀ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନିଆ ଯିବା ପରେ ହମ୍ପ ନିର୍ମାଣ କରାଯିବ।

# ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯାଉ ଧବଳେଶ୍ୱର ମନ୍ଦିର



ହିନ୍ଦୁସେନା ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଉଛି।

**କଟକ ଅଫିସ, ୩୦।୧୨**

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠକୁ ସଂଯୋଗ କରୁଥିବା ଝୁଲାପୋଲ ଦୀର୍ଘବର୍ଷ ଧରି ମରାମତି କରାଗଲା ନାହିଁ। ଗୁଜରାଟ ଝୁଲାପୋଲ ଭୁଶୁଡ଼ିବା ପରେ କଟକ ଜିଲା ପ୍ରଶାସନ ପକ୍ଷରୁ ଧବଳେଶ୍ୱର ଶୈବପୀଠକୁ ସଂଯୋଗ କରୁଥିବା ଝୁଲାପୋଲରେ ଯାତାୟାତ ଉପରେ ନିଷେଧାଦେଶ ଜାରି କରାଯାଇଥିଲା। ବିକଳ୍ପ ବ୍ୟବସ୍ଥା ନ କରି ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଗଲା। ଫଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହେବା ସହ ସେବାୟତମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଲେ। ଏହାକୁ ନେଇ ସେବାୟତଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି ବୋଲି ହିନ୍ଦୁ ସେନା ଓ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ସଙ୍ଗଠନର ସଦସ୍ୟମାନେ ଶୁକ୍ରବାର ନୂଆପଡ଼ା ଛକଠାରେ ହୋମଯଜ୍ଞ କରି ଅଭିନବ ଢଙ୍ଗରେ ଆନ୍ଦୋଳନ କରିଥିଲେ। ଏଥିସହ ଧବଳେଶ୍ୱର ପୀଠକୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖୋଲାଯିବା, ସେବାୟତଙ୍କୁ କ୍ଷତିପୂରଣ, ଝୁଲାପୋଲରୁ ଆଦାୟ ହୋଇଥିବା ଅର୍ଥର ଉଚ୍ଚସ୍ତରୀୟ ତଦନ୍ତ, ନଦୀରେ ଡଙ୍ଗା ମାଧ୍ୟମରେ ଦର୍ଶନ ବ୍ୟବସ୍ଥା କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସଭାପତି ଦେବାଶିଷ ରାଉତ, ମୁଖ୍ୟ ଉପଦେଷ୍ଟା ସଞ୍ଜିତ ସାମଲ, ଜିଲା ସଭାପତି ଆଶିଷ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ହିନ୍ଦୁ ଜାଗରଣ ମଞ୍ଚ କଟକ ନଗର ପକ୍ଷରୁ ଧବଳେଶ୍ୱର ପୀଠକୁ ଶ୍ରଦ୍ଧାଳୁଙ୍କ ଯାତାୟତ ପାଇଁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ଦିଆଯାଇଛି। ଝୁଲାପୋଲର ଫିଟ୍‌ନେସ ଯାଞ୍ଚ ସହ ଯାତାୟାତ ପାଇଁ ଭକ୍ତଙ୍କୁ ଅନୁମତି, ମନ୍ଦିରର ନିଷ୍ପତ୍ତିରେ ସେବାୟାତ ଓ ସ୍ଥାନୀୟ ଅଧିବାସୀଙ୍କୁ ସାମିଲ କରିବା, ସେବାୟତଙ୍କୁ କ୍ଷତିପୂରଣ ପ୍ରଦାନ, ଧବଳେଶ୍ୱର ମନ୍ଦିରର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ ବନ୍ଦୋବସ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଙ୍ଗଠନର ସଦସ୍ୟ ଗୁରୁପ୍ରସାଦ ସାହୁ, ରଣଦୀପ ରାୟ, ଜଗନ୍ନାଥ ବେହେରା, ରାକେଶ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଅସହାୟଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**କଟକ ସଦର,୩୦।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ହୁଲିପୁର ଗ୍ରାମର ଅସହାୟ ବୃଦ୍ଧ ମଙ୍ଗୁଳି ବେହେରାଙ୍କର ବାର୍ଦ୍ଧକ୍ୟଜନିତ କାରଣରୁ ଗୁରୁବାର ମୃତ୍ୟୁ ଘଟିଥିଲା। ତାଙ୍କର କେହି ନ ଥିବାରୁ ଉତ୍କଳ ବିକାଶ ପରିଷଦର ସ୍ୱେଚ୍ଛାସେବୀ ପ୍ରକାଶ ଚନ୍ଦ୍ର ସେଠୀ, ସରୋଜ ବାରିକ, ପ୍ରଦୀପ ଦାସ, ତାପସ ମଣ୍ଡଳ, ଅଶୋକ ସାମନ୍ତରାୟ ଓ ଗ୍ରାମବାସୀ ମଙ୍ଗୁ ବେହେରା, ପ୍ରଦୀପ ମିଶ୍ର ପ୍ରମୁଖ ମୃତଦେହକୁ ନେଇ ଶ୍ମଶାନରେ ସତ୍କାର କରିଥିଲେ।

## ବନ୍ଧୁମିଳନ କାର୍ଯ୍ୟକ୍ରମ

**କଟକ ଅଫିସ,୩୦।୧୨**

ସିଡିଏ ସେକ୍ଟର-୧୧ ଆବାସିକମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗଡ଼ଗଡ଼ିଆ ପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନୂତନ ବର୍ଷର ଆଞ୍ଚଳିକ ଓ ଜାତୀୟ ଦିବସଗୁଡିକରେ ବିଭିନ୍ନ ସାମାଜିକ ଏବଂ ସେବାମୂଳକ କାର୍ଯ୍ୟ କରାଯିବ ବୋଲି ଆବାସିକମାନେ ମତ ପ୍ରକାଶ କରିଥିଲେ। ପ୍ରାଧ୍ୟାପକ ଅକ୍ଷୟ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା, ଅକ୍ଷୟ କୁମାର ଦେଓ, ଜଗବନ୍ଧୁ ସାହୁ, ରେବତୀପ୍ରସାଦ ମହାନ୍ତି ଓ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ ଯୋଗଦେଇଥିଲେ।

# 'ସ୍ୱାବଲମ୍ବୀ ହୁଅନ୍ତୁ ଛାତ୍ରୀଛାତ୍ର'

**ଚୌଦ୍ୱାର,୩୦।୧୨(ଡି.ଏନ୍.ଏ.)**

ଚୌଦ୍ୱାର କଲେଜ ବାଣିଜ୍ୟ ବିଭାଗରେ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରାଧ୍ୟାପକ ପ୍ରମୋଦ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଭଲ ମଣିଷ ହୋଇ ମାଆବାପାଙ୍କ ନାଁ ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଭାକର ମିଶ୍ର, ପ୍ରଶାସନିକ ମୁଖ୍ୟ ଶରତ କୁମାର ମଲ୍ଲିକ, ଅଧାପିକା ଲିଜା ରଥ, ସୁଚିତ୍ରା ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଥିବା ବାଣିଜ୍ୟ ବିଭାଗ ଛାତ୍ରୀ ପୂଜାରାଣୀ ବେଜ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୌମ୍ୟ ରଞ୍ଜନ ରାଜନ୍, ହିମାଂଶୁ ଶେଖର, ହିତ୍ରିକ୍ ସିଂଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'କଳା ଭଗବାନ୍‌ଙ୍କ ବରଦାନ'

**କଣ୍ଟାପଡା, ୩୦।୧୨(ଡି.ଏନ୍.ଏ.)**

ପଲିଭାରତ ସାରସ୍ୱତ କଳା ପରିଷଦର ଦ୍ୱାଦଶତମ ବାର୍ଷିକ ଉତ୍ସବ ଅଡଶପୁରସ୍ଥିତ ଜୟଦେବ ସାଧନା ପୀଠରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ସଂସ୍କୃତି ଗବେଷକ ହଂସନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରତିଭା ଆପେ ପ୍ରସ୍ଫୁଟିତ ହୋଇଥାଏ। ଯାହା ପାଖରେ କଳା ରହିଛି, ନିଶ୍ଚିତ ଦିନେ ନା ଦିନେ ତାହା ବିକଶିତ ହେବ। ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, କଳା ଭଗବାନ୍‌ଙ୍କ ବରଦାନ। ଏଥିରେ ମୁଖ୍ୟବକ୍ତା ଭାବେ ଖବରଦାତା ସୁଜ୍ଞାନ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗର ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ, ଯୋଗେଶ ଦାସ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତାମାନଙ୍କୁ ରାଜ୍ୟସ୍ତରୀୟ ସାମ୍ବାଦିକ ଗୌରବ ସମ୍ମାନ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିଙ୍କୁ ପଲିରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ପାଲା ସଂଚାର ତ୍ରିମନ ମାଝୀ, ସଂକୀର୍ତ୍ତନ ଗୁରୁ ଅଶୋକ କୁମାର ନାୟକ, ସଙ୍ଗଠକ ଅମିଲ ପୁଟେଲ, କଳାକାର ମୀନକେତନ ପ୍ରଧାନ, ସାମାଜିକ କର୍ମୀ ମିନତି କର, ସୁଭେନ୍ଦୁ ମେହେର, ମମତା ତ୍ରିପାଠୀଙ୍କ ସମେତ ବହୁ କଳାକାର ଓ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଜୟ ମିଶ୍ର ବାର୍ଷିକ ବିବରଣୀ ପାଠ ଓ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ପରିଚାଳନା ସମ୍ପାଦକ ବିନୋଦ କୁମାର ଭୋଇ, ଉପସଭାପତି ପ୍ରଦୀପ୍ତ କୁମାର ନନ୍ଦ, ପ୍ରଶନ୍ନ କୁମାର ପାତ୍ର, ସୁଧାଂଶୁ ପରିଡା, ବିଜୟା ନନ୍ଦିନୀ ଲେଙ୍କା, ସନ୍ଧ୍ୟାରାଣୀ ଦାସ, ପ୍ରଫୁଲ୍ଲ କୁମାର ସାହୁ, ଅବ୍‌ଦୁଲ ବାରି, ପ୍ରଶାନ୍ତ ମଲ୍ଲିକ, ପାବନୀ ବସ୍ତିଆ, ଶିଶିର ନାୟକ, ସୁବଳ ଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ଗୌତମ ବିହାରୀ ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# 'ଆମ ଐତିହ୍ୟର ଜ୍ୟୋତିଶିଖା' ଉନ୍ମୋଚିତ



ଟାଉନ୍ ହଲ୍‌ରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୩୦।୧୨**

ଓଡ଼ିଆ ଭାଷା ସାହିତ୍ୟର ଅନୁଷ୍ଠାନ କାୟାକଳ୍ପ ପକ୍ଷରୁ ସୁଷମା ବାରିକଙ୍କ ରଚିତ 'ଆମ ଐତିହ୍ୟର ଜ୍ୟୋତିଶିଖା' ପୁସ୍ତକ କଟକ ଟାଉନ୍ ହଲ୍‌ରେ ଉନ୍ମୋଚିତ ହୋଇଯାଇଛି। ପ୍ରାଧ୍ୟାପିକା ଚିନ୍ମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ବିଭାଗର ରାଷ୍ଟ୍ରୀୟ ସଦସ୍ୟ ଚୌଧୁରୀ ପ୍ରତାପ କେଶରୀ ମିଶ୍ର, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ବରିଷ୍ଠ ପୋଲିସ ପ୍ରଶାସକ ବିକାଶ ଦାସ, ଗୋପାଳ ମଲ୍ଲିକ, ଓଡ଼ିଶା ଲେଖିକା ସଂସଦର ସାଧାରଣ ସମ୍ପାଦିକା ଡ. ଶକୁନ୍ତଳା ବନ୍ଦିୟାର ସିଂ ପ୍ରମୁଖ ଅତିଥିଭାବରେ ଯୋଗଦେଇ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନାଟ୍ୟଶିଳ୍ପୀ ନିହାରବାଳା ପଟ୍ଟନାୟକଙ୍କୁ ବ୍ରଜ କିଶୋର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଲେଖକ ନନ୍ଦ କିଶୋର ଦଳାଇ, ଛାତ୍ରୀ ସ୍ନେହପ୍ରଭା ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପରିଚାଳନା ସମ୍ପାଦକ ତ୍ରିଲୋଚନ ଦାଶ ସ୍ୱାଗତ ଭାଷଣ ଓ ମାତୃ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# 'ରଘୁନାଥଙ୍କ ସାହିତ୍ୟରେ ରହିଛି ବିପ୍ଳବର ଆହ୍ୱାନ'

**କଟକ ଅଫିସ, ୩୦।୧୨**

ସମକାଳୀନ ସମାଜରେ ପରିଲକ୍ଷିତ ସମସ୍ୟା ଓ ଏହାର ସମାଧାନ ପାଇଁ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାରସ୍ୱତ ସ୍ରଷ୍ଟା ରଘୁନାଥଙ୍କ ସାହିତ୍ୟରେ ମଣିଷଙ୍କ ମୁକ୍ତି ପାଇଁ ବିପ୍ଳବର ଆହ୍ୱାନ ରହିଥିବା ପରିବେଶବିତ୍ ତଥା ସ୍ତମ୍ଭକାର ପ୍ରଫୁଲ୍ଲ ସାମନ୍ତରା କହିଥିଲା। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ କବି ରଘୁନାଥ ଦାସ(ଜଟାୟୁ)ଙ୍କ ସ୍ମୃତିସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସାମନ୍ତରା ଯୋଗଦେଇ ଏହି ମତବ୍ୟକ୍ତ କରିଥିଲେ।

ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା କବି ପିନାକୀ ସିଂହ କହିଥିଲେ, ମାନବିକତାର ବାଣୀ ରଘୁନାଥଙ୍କ ବୈପ୍ଳବିକ କବିତାରେ ପ୍ରତିଧ୍ୱନିତ ହୋଇଛି। ସେ ଥିଲେ ମାର୍କ୍ସବାଦୀ ଚେତନାର ଉଜ୍ଜ୍ୱଳ ଜ୍ୟୋତିଷ୍କ। ସେହିପରି ସମ୍ମାନିତ ବକ୍ତା ଭାବେ ରଘୁନାଥ ଦାସଙ୍କ କନ୍ୟା ଡକ୍ଟର ମମତା ଦାସ ଯୋଗଦେଇ ସ୍ରଷ୍ଟାଙ୍କ ବ୍ୟକ୍ତିତ୍ୱ ଓ ସାଧନା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ।



ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ସ୍ମୃତିସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ।

ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ମନୋଜ ପଟ୍ଟନାୟକ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆବୃତ୍ତି ପ୍ରତିଯୋଗିତାରେ ଦୁର୍ଗେଶ ନନ୍ଦିକା ମହାରଣା ପ୍ରଥମ, ପ୍ରତୀକ୍ଷା ଦାସ ଦ୍ୱିତୀୟ, ଅନସୂୟା ବେହେରା ଓ ବେଦସ୍ମିତା ବେହେରା ଯୁଗ୍ମ ଭାବେ ତୃତୀୟ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରଦ୍ଧାଞ୍ଜଳି ବିଶ୍ୱାଳ ପ୍ରଥମ, ଦେବାଶିଷ ମହାରଣା ଦ୍ୱିତୀୟ, ଜୟଶ୍ରୀ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ସୁକାନ୍ତ ପ୍ରସାଦ ନନ୍ଦ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କବିଙ୍କ ପୁତ୍ର ରାହୁ ଦାସ, କେତୁ ଦାସ, ଜାମାତା ଡ. ଅଜୟ କୁମାର ପଟ୍ଟନାୟକ, ବୋହୂ ରାଜରାଣୀ ଦାସ ଓ ଆକାଶୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।






**ଏପଟେ ଚମକ, ସେପଟେ ମଳିନ:** ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ମହାନଦୀ ରିଂରୋଡ୍‌କୁ ସୌନ୍ଦର୍ଯ୍ୟକରଣ କରାଯାଉଛି। କାଠଯୋଡି ନଦୀ ରିଂରୋଡ୍ ଫୁଟ୍‌ପାଥରୁ ଟାଇଲ ଉଠିଯାଇଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କଣାସ (ସ୍ୱ.ପ୍ର.):କଣାସ ବ୍ଲକ ଅନ୍ତର୍ଗତ ଚଉଦମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୩ ଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଅନୁଷ୍ଠାନ ଅଧକ୍ଷ ବିଷ୍ଣୁ ପ୍ରସାଦ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡ଼ାରେ ଦୌଡ଼ ପ୍ରତିଯୋଗିତା, ହାଇଜମ୍ପ୍, ଲଙ୍ଗଜମ୍ପ୍, ଜାଭେଲିନ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷ ଦିବସରେ କ୍ରୀଡ଼ା ଶିକ୍ଷକ ରଜନୀକାନ୍ତ ବଡ଼ଜେନାଙ୍କ ତତ୍ତ୍ୱାବଧାନରେ ଅଧକ୍ଷ ସାମନ୍ତରାୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଅଧାପିକା ଦୀପ୍ତିମୟୀ ରାୟ, ଲକ୍ଷ୍ମୀପ୍ରିୟା ସାହୁ, ଅଧାପିକା ଅଳୀ ମିଶ୍ର, ସାମାରାଣୀ ସାହୁ, ଅଧାପକ ବିଜୟ ପଣ୍ଡା, ଅଧାପକ କାର୍ତ୍ତିକଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ସବୁଜ ଶାଖା କର୍ମକର୍ତ୍ତାଙ୍କ ଦ୍ୱାରା ବଜାର ସଫେଇ

ଅସ୍ତରଙ୍ଗ ,୩୦।୧୨(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକର ସେବାନୁଷ୍ଠାନ ସବୁଜ ଶାଖାର କର୍ମକର୍ତ୍ତାଙ୍କ ଦ୍ୱାରା ଅସ୍ତରଙ୍ଗ ବଜାର ବସଷ୍ଟାଣ୍ଡଠାରୁ ପଞ୍ଚାୟତ ଅଫିସ ପ୍ରାଙ୍ଗଣ, ହାଟ ଗଳି, ମେଡିକାଲ ଓ ମହାବୀର ମନ୍ଦିର ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶାଖାର ପରିଚାଳକ ତଥା ସାମାଜିକ କର୍ମୀ ଦିବାକର ଛାଟୋଇଙ୍କ ସଂଯୋଜନାରେ ସହସଂଯୋଜକ ହୃଷୀକେଶ ଛାଟୋଇ, ସଭାପତି ରମାକାନ୍ତ ବସ୍ତିଆ, ଉପସଭାପତି ପ୍ରଶାନ୍ତ ମୁଦୁଲି, କୋଷାଧକ୍ଷ ମାନସ ବେହେରା, ସମ୍ପାଦକ ହୃଷୀକେଶ ମୁଦୁଲି, ସହ ସମ୍ପାଦକ ପ୍ରଶାନ୍ତ ବେହେରା, ସଭ୍ୟ ଅଭୟ, ସୁଜନ, ରମାରଞ୍ଜନ, ପ୍ରଶନ୍ନ, ବେଣୁଧର, ମନମୋହନ, ବାପି, ମନୋଜ, ସନ୍ତୋଷ, ଶିବ, ଦୀପକ, ଅଶୋକ, ପପି, ବିଜୟ, ସ୍ୱାଧୀନ, ମନୋଜ, ଗୁରୁପ୍ରସାଦ, ପ୍ରକାଶ, ଜ୍ୟୋତିରଞ୍ଜନ, ଗୌରିଶ୍ୟାମ, ପ୍ରକାଶ, ସାହାଜି, ବିଷ୍ଣୁ ପ୍ରମୁଖ ସଭ୍ୟମାନେ ଏହି ସଫେଇ କାର୍ଯ୍ୟରେ ଯୋଗଦେଇଥିଲେ। ଆଗକୁ ଅସ୍ତରଙ୍ଗ ଗ୍ରାମ ସହିତ ବିଭିନ୍ନ ପଞ୍ଚାୟତ ସଫେଇ କାର୍ଯ୍ୟ ହେବ ବୋଲି ସଂଯୋଜକ ଛାଟୋଇ ପ୍ରକାଶ କରିଛନ୍ତି।

### ବିଡିଓ, ଥାନାଧିକାରୀଙ୍କୁ ସମ୍ବର୍ଦ୍ଧନା

ଡେଲାଙ୍ଗ,୩୦।୧୨(ଡି.ଏନ୍.ଏ): ଡେଲାଙ୍ଗ ବ୍ଲକର ସୁଜନପୁର ପଞ୍ଚାୟତର ପଟଣପୁରସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ମା' ମଙ୍ଗଳା ବିକାଶ ପରିଷଦ ପକ୍ଷରୁ ବିଡିଓ ଦିଲୀପ କୁମାର ଷଡଙ୍ଗୀ ଓ ଡେଲାଙ୍ଗ ଥାନା ଅଧିକାରୀ ଅନିଲ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଗୁରୁବାର ପରିଷଦ ପକ୍ଷରୁ ଆୟୋଜିତ ଯାତ୍ରା ମହାରଥି କଳିଙ୍ଗ ଗଣନାଟ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ପରିଷଦର ସଭାପତି ବିପ୍ଳବ ନରେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ପଟଣପୁର ମା' ମଙ୍ଗଳା ମନ୍ଦିର ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ନରେନ୍ଦ୍ର ବେହେରା, କୋଷାଧକ୍ଷ ମୀନକେତନ ମଙ୍ଗରାଜଙ୍କ ସହିତ ଥାନାଧିକାରୀ ମହାନ୍ତି ଓ ବିଡିଓ ଷଡଙ୍ଗୀ ଯୋଗଦେଇ ବ୍ୟସ୍ତବହୁଳ ଜୀବନରେ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିହାତି ଦେଖିବା ଆବଶ୍ୟକ ବୋଲି କହିଥିଲେ। ଏହାଦ୍ୱାରା ମନ ପ୍ରଫୁଲ୍ଲିତ ରହିବା ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉଜ୍ଜୀବିତ ରହିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଡିଓ ଷଡଙ୍ଗୀ ଓ ଥାନାଧିକାରୀ ମହାନ୍ତିଙ୍କୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଭଜଗୋବିନ୍ଦ ବେହେରା ଓ ନିରୋଦ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୧୯୭୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ବଳଙ୍ଗା,୩୦।୧୨(ଡି.ଏନ୍.ଏ.): ବଳଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୨ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କର ଏକ ବନ୍ଧୁମିଳନ ଉତ୍ସବ ଭୁବନେଶ୍ୱର କେଦାରଗୌରୀଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଜେନେରାଲ ମ୍ୟାନେଜର ଦୁର୍ଗାପ୍ରସାଦ ମିଶ୍ର, ୧୯୭୨ ମାଟ୍ରିକ୍ ବ୍ୟାଚ୍ ଟପ୍ପର ତଥା ବଳଙ୍ଗା ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ସୁଧାଂଶୁ ମୋହନ ଲେଙ୍କା, ଯୁଧିଷ୍ଠିର ମଲ୍ଲିକ, ସଚ୍ଚିଦାନନ୍ଦ ମହାନ୍ତି, ପ୍ରଫୁଲ୍ଲ ଶତପଥୀ, ପ୍ରଫୁଲ୍ଲ ପତି, ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ପରସ୍ପର ମଧ୍ୟରେ ପୁରୁଣା ସ୍ମୃତି ବାଣ୍ଟିଥିଲେ।

# ୮ ଦାବି ନେଇ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପୁରୀ ଅଫିସ,୩୦।୧୨




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶନିବାର ଅଙ୍ଗନୱାଡ଼ି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନର କର୍ମଚାରୀମାନଙ୍କ ଦୀର୍ଘଦିନର ଦାବିଗୁଡ଼ିକୁ ପୂରଣ କରିବା ଦାବିରେ ଶୁକ୍ରବାର ଆସୋସିଏଶନର ପୁରୀ ଜିଲା ଶାଖା ପକ୍ଷରୁ ଏକ ବିଶାଳ ପଦଯାତ୍ରା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଆସୋସିଏଶନ୍ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୧୮ମସିହାରେ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା। ଅଙ୍ଗନୱାଡି କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ। ଯେତେଦିନ ପର୍ଯ୍ୟନ୍ତ ମାନ୍ୟତା ପ୍ରଦାନ କରାଯାଇନାହିଁ ସେତିକିଦିନ ପର୍ଯ୍ୟନ୍ତ କର୍ମୀମାନଙ୍କୁ ୧୮ହଜାର ଏବଂ ସହାୟିକାମାନଙ୍କୁ ୯ହଜାର ଟଙ୍କା ପ୍ରଦାନ କରିବା ସହ ଇପିଏଫ୍, ଇଏସ୍‌ଆଇସି ଏବଂ ଗ୍ରାଚୁଇଟିରେ ସାମିଲ କରିବା। ମିନି ଅଙ୍ଗନୱାଡ଼ି ଉଚ୍ଛେଦ କରି ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ କରାଯାଉ। କର୍ମୀମାନଙ୍କୁ ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ସହ ମାସକୁ ପେନ୍‌ସନ ୫ ହଜାର ଟଙ୍କା ପ୍ରଦାନ କରାଯାଉ। କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ କଲେ ଅଙ୍ଗନୱାଡି କର୍ମୀମାନଙ୍କୁ ମୃତ୍ୟୁକାଳୀନ ୫ ଲକ୍ଷ ସହାୟତା ରାଶି ପ୍ରଦାନ କରିବା ସହ ପରିବାରର ଜଣଙ୍କୁ ଚାକିରି ପ୍ରଦାନ କରାଯାଉ।

ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମଚାରୀମାନଙ୍କୁ ବାଦ୍ ଦିଆଯାଉ ପୋଷଣ ଟ୍ରାକରରେ ଅନ୍‌ଲାଇନ ଲୋକେଶନ୍‌କୁ ବନ୍ଦ କରାଯିବା ସହିତ ୨୦୧୮ରେ ଘୋଷଣା କରାଯାଇଥିବା ଗ୍ରୀଷ୍ମ ଅବକାଶକୁ ଲାଗୁ କରାଯାଉ। ନୂତନ ଶିକ୍ଷା ନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସ ସୀମା ନ ରଖି ସମସ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ପ୍ରି ପ୍ରାଇମେରୀ ଶିକ୍ଷୟତ୍ରୀ ମାନ୍ୟତା ପ୍ରଦାନ କରାଯାଉ। ସେହିପରି ୫୦ ଶତକଡା ଅଙ୍ଗନୱାଡ଼ି କର୍ମୀଙ୍କୁ ପଦୋନ୍ନତି ଦିଆଯାଉଥିବା ବେଳେ ୫୦ ଶତକଡା ସ୍ନାତକ ଓ ତଦୁର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀମାନଙ୍କୁ ସୁପରଭାଇଜର ପଦବୀରେ ପଦୋନ୍ନତି ଦିଆଯାଉ ବୋଲି ଆସୋସିଏଶନ ଦାବି କରିଛି। ଆସୋସିଏଶନର ପୁରୀ ଜିଲାର ସାଧାରଣର ସମ୍ପାଦିକା ଝୁନାପଣା ଶତପଥୀ ଏବଂ ସଭାନେତ୍ରୀ ଜ୍ୟୋତ୍ସ୍ନା ରାଣୀ ସାହୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ହେବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଶ୍ରୀମନ୍ଦିର ୪ ଦୁଆରରେ ଭକ୍ତଙ୍କ ପ୍ରବେଶ ପାଇଁ ଦାବି

ପୁରୀ ଅଫିସ,୩୦।୧୨

ଭକ୍ତମାନଙ୍କୁ ମୌଳିକ ସୁବିଧା ଯୋଗାଇଦେବା ସହ ଶ୍ରୀମନ୍ଦିର ଚାରି ଦୁଆର ଦେଇ ଭକ୍ତଙ୍କୁ ପ୍ରବେଶ ପାଇଁ ଦାବି କରି ଓଡ଼ିଶା ଯୁବ ଚେତନ ସଂଗଠନ ପକ୍ଷରୁ ଶୁକ୍ରବାର ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ପୁରୀକୁ ଆସୁଛନ୍ତି। ମାତ୍ର ଭକ୍ତମାନେ ଅଧିକାଂଶ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଶ୍ରୀମନ୍ଦିର ଚାରିପାଖର ପରିସ୍ରାଗାର ନ ଥିବା ହେତୁ ଭକ୍ତମାନେ ହଇରାଣ ହେଉଛନ୍ତି। ବିଶେଷ କରି ମହିଳାମାନେ ବାଧ୍ୟ ହୋଇ ବଡ଼ଦାଣ୍ଡ ଉପରେ ପରିଶ୍ରା କରୁଛନ୍ତି। ଯାହା ଭକ୍ତମାନଙ୍କ ଭକ୍ତି ଭାବନା ଉପରେ ପ୍ରଭାବ ପକାଉଛି। ସେହିପରି ବିନା ପରିସ୍ରାଗାରରେ ଶୃଙ୍ଖଳିତ ଦର୍ଶନ ଏକ ପ୍ରହେଳିକା ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ବାରିକେଡ, ଯାହା ଏକ କିଲୋମିଟର ଲମ୍ବାଲାଇନ ବ୍ୟାପିଛି। ଏଥିପାଇଁ ଭକ୍ତମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଲମ୍ବାଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ତେଣୁ ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ଉତ୍ତମ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଉ। ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ବଡ଼ଦାଣ୍ଡର ଉଭୟେ ପାର୍ଶ୍ୱରେ ନଳା ଉପରେ ଓ ପାଣି କଳ ପାଖରେ ୨୦ଟି ଅସ୍ଥାୟୀ ପରିସ୍ରାଗାର କରନ୍ତୁ। ବିଭିନ୍ନ ଲୋକମାନଙ୍କ ଦ୍ୱାରା କରାଯାଇଥିବା ମୋବାଇଲ ଷ୍ଟାଣ୍ଡ ନିକଟରୁ ଭକ୍ତମାନଙ୍କ ଲୁଟ୍ ରୋକିବାକୁ ସ୍ୱତନ୍ତ୍ର ପୋଲିସ ଜଗାନ୍ତୁ। ଶ୍ରୀମନ୍ଦିରର ପବିତ୍ରତା ରକ୍ଷା ପାଇଁ ମଦୁଆଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଲଗାନ୍ତୁ ବୋଲି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ତେବେ ଏହି ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି।

# ରାମକୃଷ୍ଣ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

କାକଟପୁର,୩୦।୧୨(ଡି.ଏନ୍.ଏ.)

ପୁରୀ ଜିଲା କାକଟପୁରର ପ୍ରାଚୀ ୟୁଥ୍ ଆଣ୍ଡ୍ ସୋସିଆଲ ଅର୍ଗାନାଇଜେଶନ ଦ୍ୱାରା ପରିଚାଳିତ ରାମକୃଷ୍ଣ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଓ ଅଗାଧୁ ରଥ ଶିକ୍ଷା ସମ୍ମାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦେବରାଜ ଦୀକ୍ଷିତଙ୍କ ସଭାପତିତ୍ୱରେ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆମେରିକାର ପ୍ରବାସୀ ଭାରତୀୟ ଇ. ବାସୁଦେବ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୁକ୍ସ ରାପିଡ ଏଜୁକେଶନର ପ୍ରତିଷ୍ଠାତାଯୁକ୍ତ ଶ୍ରୀମୟ ରଥ, କାକଟପୁର ମଣ୍ଡଳ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ କୈଳାସ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ରାମକୃଷ୍ଣ ଶିଶୁମନ୍ଦିରର ବଡ଼ ଗୁରୁମା ଶକୁନ୍ତଳା ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାଳୟ ସମ୍ପାଦକ ଦାୟିତ୍ୱରେ ଥିବା ପ୍ରଭାତ ଦୀକ୍ଷିତ ସଂଯୋଜନା କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ଅଗାଧୁ ରଥ ଶିକ୍ଷା ସମ୍ମାନ ଓ ସ୍ଥାନୀୟ ଅହମୁଣିଆପାଟଣାର ଶ୍ରୀମତୀ ସନ୍ଧ୍ୟାରାଣୀ ସାହୁଙ୍କୁ କମଳା ଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ୨୦୨୧-୨୨ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ଅଭିଜିତ ସାହୁଙ୍କୁ ଟ୍ରଫି ଓ ପ୍ରଶଂସା ପତ୍ର ଦେଇ ସମ୍ମାନିତ କରାଯିବା ସହ ୩୬ ଜଣ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରଶଂସା ପତ୍ର ଦିଆଯାଇଥିଲା।

# ମଣିଷପଣିଆକୁ ସାହିତ୍ୟରେ ରୂପାନ୍ତର କରିବା ଜରୁରୀ




ପୁରୀ ମଙ୍ଗଳା ମନ୍ଦିର ପରିସରରେ ସମତା ସାହିତ୍ୟ ସମିତି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ,୩୦।୧୨

ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ଡେଲଟା ମଙ୍ଗଳା ମନ୍ଦିର ପରିସରରେ 'ସାହିତ୍ୟରେ ମାନବବାଦ' ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତିର ଉପଦେଷ୍ଟା ଶିବସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଡକ୍ଟର ରମାକାନ୍ତ କର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ବାଣପୁର ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ଶିକ୍ଷା ମଣ୍ଡଳାଧିକାରୀ ବିଜୟଲକ୍ଷ୍ମୀ ଦାସ, ଆଶାଲତା ପ୍ରଧାନ, ରେଣୁକା ମିଶ୍ର, ଅଧ୍ୟାପିକା ଶୁଚିସ୍ମିତା ମହାନ୍ତି ଯୋଗଦେଇଥିଲେ। ମଣିଷର ଦୁଃଖ ଅଭାବ ଅନଟନ ଜାତିଆଣ ଭାବ ବର୍ଣ୍ଣ ବୈଷମ୍ୟ ଏସବୁକୁ ପରିହାର କରି ମଣିଷ ପଣିଆକୁ ସାହିତ୍ୟରେ ରୂପାନ୍ତର କରିବା ଦରକାର। ସମାଜରେ ମାନବିକତା ହଜିଯାଇଛି। ଜନମାନସରେ ବିବେକ ବୃଦ୍ଧି ବିଚାର ଆଚାର ପ୍ରଭୃତି ଯାହା ନିହାତି ଜରୁରୀ ତାହା ଆଜି ଦେଖିବାକୁ ମିଳୁନାହିଁ। ସମାଜରୁ ସାହିତ୍ୟର ସୃଷ୍ଟି। ଏହା ସମାଜ ସହିତ ଓତଃପ୍ରୋତ ଭାବେ ଜଡ଼ିତ ବୋଲି ଏହି ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୂର୍ଯ୍ୟନାରୟଣ ପାଣିଗ୍ରାହୀ, ଶ୍ୟାମସୁନ୍ଦର ମହାପାତ୍ର, ରତିକାନ୍ତ ପ୍ରତିହାରୀ, ନୃସିଂହଚରଣ ମହାନ୍ତି, ପଣ୍ଡିତ ଦୟାନିଧି ପଣ୍ଡା, ନାରାୟଣ ଚନ୍ଦ୍ର ସିହ୍ନା ଅଂଶଗ୍ରହଣ କରିଥିଲେ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତା ଆବୃତ୍ତି କରିଥିଲେ ଆର୍ତ୍ତତ୍ରାଣ ମାନସିଂହ, ରେଣୁକା ମିଶ୍ର, ମଞ୍ଜୁଶ୍ରୀ ମିଶ୍ର, ସୁଦୀପ୍ତା ମିଶ୍ର, ଫୁଲରାଣୀ ପାଳ, ଉଷାରାଣୀ ଓଝା, କନକଲତା ଦାସ, ସଦାଶିବ ମିଶ୍ର, ଲବଙ୍ଗ ମହାପାତ୍ର, ପ୍ରଭାସିନୀ ମିଶ୍ର, ପୌର୍ଣ୍ଣମାସି ଦେବୀ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଝରଣା ରାଣୀ ରଥ, ରଘୁନାଥ ମହାନ୍ତି, ମୀନକେତନ ପାଟ ଯୋଶୀ, ଅନ୍ନପୂର୍ଣ୍ଣା ଦେବୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବ ସମତା ସାହିତ୍ୟ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମିତିର ସମ୍ପାଦକ ଭାଗବତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେକବି ଭବାନୀ ପ୍ରସାଦ ବଳିଆର ସିଂ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାର୍ଥୀ ବିଦ୍ୟାବ୍ରତୀ ହେଲେ ସମୃଦ୍ଧିର ଶିଖର ଛୁଇଁପାରିବେ

ପୁରୀ ଅଫିସ,୩୦।୧୨

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା ଏକ ବିଭାଗୀୟ ପାଠଚକ୍ର 'ବେଦାଧ୍ୟୟନଂ ଛାତ୍ରାଣା ଭବିଷ୍ୟ ଚ' ବିଷୟରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦ ବେଦାଙ୍ଗ ସଂକାୟର ପୂର୍ବ ସଂକାୟ ଅଧ୍ୟକ୍ଷ ତଥା ବେଦ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ପ୍ରଫେସର ଦେବେନ୍ଦ୍ରନାଥ ପାଣ୍ଡେୟ ଯୋଗଦେଇ ଶିକ୍ଷା କ୍ଷେତ୍ର, ପ୍ରଶାସନିକ କ୍ଷେତ୍ର, ପ୍ରକାଶନ କ୍ଷେତ୍ର, ସମାଜ କଲ୍ୟାଣ କ୍ଷେତ୍ର, କଥାବାଚନ କ୍ଷେତ୍ର, ଅନୁବାଦ କ୍ଷେତ୍ର, ସମ୍ବାଦ ପରିବେଷଣ କ୍ଷେତ୍ର, ଧର୍ମଯାଜକ କର୍ମ, ପୌରୋହିତ୍ୟ କର୍ମ, ଗ୍ରନ୍ଥ ସମ୍ପାଦନ କ୍ଷେତ୍ର, ଯୋଗ ବିଜ୍ଞାନ କ୍ଷେତ୍ର ଇତ୍ୟାଦି ବହୁବିଧ କର୍ମସଂସ୍ଥା ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ରହିଛି ବୋଲି କହିଥିଲେ। ସଂସ୍କୃତ ତଥା ସର୍ବୋପରି ବୈଦିକ ସାହିତ୍ୟ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନେ ଆତ୍ମପ୍ରତ୍ୟୟର ସହିତ ବିଦ୍ୟାବ୍ରତୀ ହେଲେ ସମୃଦ୍ଧିର ଶିଖର ସ୍ପର୍ଶ କରିପାରିବେ ବୋଲି ମଧ୍ୟ କହିଥିଲେ। ଏହି ସଭାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା ବେଦ ବିଭାଗର ଆଚାର୍ଯ୍ୟ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟକ୍ଷା ସହାଚାର୍ଯ୍ୟା ଡ. ପରାମାଶ୍ରୀ ଯୋଗମାୟା ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଦେଇଥିଲେ। ବିଭାଗୀୟ ପାଠଚକ୍ରକୁ ବିଭାଗର ସହାୟକ ଆଚାର୍ଯ୍ୟ ଡ.ଚନ୍ଦନ କୁମାର ମିଶ୍ର ସଞ୍ଚାଳନ କରିଥିଲେ। ସଭାର ପ୍ରାରମ୍ଭରେ ବେଦ ବିଭାଗର ଛାତ୍ର ସୂର୍ଯ୍ୟକାନ୍ତ ପଣ୍ଡା ଓ ଅଚ୍ୟୁତାନନ୍ଦ ମିଶ୍ର ବେଦପାଠ କରିଥିଲେ। ସାମୂହିକ ବୈଦିକ ପ୍ରାର୍ଥନାରେ ସଭା ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭାଗର ବିଶିଷ୍ଟାଚାର୍ଯ୍ୟ (ଏମ.ଫିଲ) ଛାତ୍ରୀମାନେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର ଏହି ପାଠଚକ୍ରରେ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ଶିବିର ଉଦ୍‌ଘାଟିତ




ଶିବିରରେ ଯୋଗଦେଇଥିବା ଅତିଥିମାନେ।

ଅସ୍ତରଙ୍ଗ, ୩୦।୧୨(ଡି.ଏନ୍.ଏ.)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ପୁରୀ ଓ କାକଟପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମା' ଗଜଲକ୍ଷ୍ମୀ ୟୁଥ ସୋସିଆଲ ଅର୍ଗାନାଇଜେଶନର ମିଳିତ ଆନୁକୂଲ୍ୟରେ କାକଟପୁର ବ୍ଲକର ମହାଦେବବସ୍ତରେ ଏକ ସ୍କିଲ୍ ବେସ୍‌ଡ ଏଣ୍ଟର୍ପ୍ରିନୋରଶିପ ପ୍ରୋଗ୍ରାମ ଉଦ୍‌ଘାଟିତ ହୋଇଛି। ଗ୍ରାମୀଣ ଯୁବକ ଯୁବତୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ଦକ୍ଷ କରିବା ନିମନ୍ତେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର, ପୁରୀର ଯୁବ ଅଫିସର ଜୟଶଙ୍କର ଯୋଶୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଶିକ୍ଷାବିତ ଅକ୍ଷୟ କୁମାର ସ୍ୱାଇଁ, ସାମାଜିକ କର୍ମୀ ରତ୍ନାକର ତରାଇ ଓ ରାମକୃଷ୍ଣ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରାଜଲକ୍ଷ୍ମୀ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ୨୫ଜଣ ଶିକ୍ଷାର୍ଥୀଙ୍କୁ ନେଇ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ତିନିମାସ ବ୍ୟାପୀ ପରିଚାଳିତ ହେବ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ସଂଗଠନର ସଭ୍ୟା ରେଖାରାଣୀ ନନ୍ଦ ସଭା ପରିଚାଳନା କରିଥିବା ବେଳେ ସଂଗଠନ ସମ୍ପାଦକ ସୂର୍ଯ୍ୟକାନ୍ତ ଦଳାଇ ଧନ୍ୟବାଦ ଦେଇଥିଲେ। ସଂଗଠନର ସଭ୍ୟ ସୌମ୍ୟ ରଞ୍ଜନ ଦଳାଇ, ସନ୍ଧ୍ୟାରାଣୀ ଦଳାଇ ଆଦି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିବାରୁ ସମ୍ପାଦକ ସମସ୍ତ ସଭ୍ୟ ସଭ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ଦୋକାନରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି

ବଳଙ୍ଗା,୩୦।୧୨(ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ପଦ୍ମପୁର ବଜାରରେ ଥିବା ଏକ ରେଡିମେଡ୍ ଡ୍ରେସ୍ ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୧୫/୨୨) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ପଦ୍ମପୁର ଗ୍ରାମର ବିଶ୍ୱଜିତ୍ ମହାପାତ୍ରଙ୍କ ପଦ୍ମପୁର ବଜାରରେ ଏକ ରେଡିମେଡ୍ ଡ୍ରେସ୍ ଦୋକାନ ଅଛି। ସେ ସବୁଦିନ ପରି ଗୁରୁବାର ରାତି ୯ଟାରେ ଦୋକାନ ବନ୍ଦକରି ଘରକୁ ଫେରିଥିଲେ। ଶୁକ୍ରବାର ସକାଳେ ଦୋକାନ ଖୋଲିବାକୁ ଗଲାବେଳେ ତାଲା ଭଙ୍ଗାଯାଇ ଦୋକାନରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଦୋକାନରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଡିଜିପିଙ୍କୁ ଦାବି

**ଘରେ ପଶି ଯୁବତୀଙ୍କୁ ଅସଦାଚରଣ କରିବା ମାମଲା**

ପୁରୀ ଅଫିସ, ୩୦।୧୨

ଘରେ କେହି ନ ଥିବାବେଳେ ଘରେ ବଳପୂର୍ବକ ପଶି ଯୁବତୀଙ୍କୁ ଅସଦାଚରଣ କରିବା ନେଇ ହୋଇଥିବା ମାମଲାକୁ କ୍ରାଇମବ୍ରାଞ୍ଚକୁ ତଦନ୍ତ ପାଇଁ ହସ୍ତାନ୍ତର କରିବାକୁ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ମେଲ ମାଧ୍ୟମରେ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ, ବାସେଳି ସାହି ଥାନା ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀ ଅଭିଯୋଗ କରିଥିଲେ ଯେ, ଗତ ଅଗଷ୍ଟ ୨୦ରେ ସେ ଘରେ ଏକା ଥିବାବେଳେ ଜଣେ ତତ୍କାଳୀନ ଏସ୍‌ଆଇ କେତେଜଣ ପୋଲିସ କର୍ମଚାରୀଙ୍କ ସହ ତାଙ୍କ ଘରକୁ ଆସିଥିଲେ। ମା'ବାପା କୁଆଡେ ଯାଇଛନ୍ତି ବୋଲି ପଚାରି ତତ୍କାଳୀନ ଏସ୍‌ଆଇ ଜଣକ ବଳପୂର୍ବକ ଘରେ ପଶିଥିଲେ। ସେମାନେ ଡାକ୍ତରଖାନାକୁ ଯାଇଥିବା କହିବା ପରେ ତାଙ୍କୁ ଫୋନ କରି ଥାନାକୁ ଯାଇ ଦେଖା କରିବା ପାଇଁ କହିଥିଲେ। ଏଥିସହ ପୋଲିସ ନାନା ଗାଳିଗୁଲଜ କରି ଯୁବତୀଙ୍କ ଅସଦାଚରଣ କରିଥିଲେ। ଏନେଇ ଯୁବତୀ ବାପାଙ୍କୁ ଫୋନ କରିବାରୁ ପୋଲିସ ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ଯୁବତୀଙ୍କ ବାପାମା ଘରକୁ ଆସି ସମସ୍ତ ଘଟଣା ଜାଣିବା ପରେ ଥାନାକୁ ଯାଇଥିଲେ। ତେବେ ଥାନା ଅଧିକାରୀ ପୋଲିସଙ୍କୁ ପଠାଇ ନ ଥିବା ସୂଚନା ଦେଇଥିଲେ। ଏହା ଜାଣିବା ପରେ ପରିବାର ଲୋକ ଘଟଣା ସମ୍ପର୍କରେ ଅତିରିକ୍ତ ଏସ୍‌ପିଙ୍କୁ ସାକ୍ଷାତ କରି ଉକ୍ତ ତତ୍କାଳୀନ ଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ତେବେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସେ ଏ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କୁ ସାକ୍ଷାତ କରିଥିଲେ। ସେ ଜୟନ୍ତଙ୍କ ସହାୟତାରେ ନଭେମ୍ବର ୪ରେ ଜାତୀୟ ମାନବଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କୁ ଅଭିଯୋଗ କରିଥିଲେ। ଏ ନେଇ ଏନ୍‌ଏଚ୍‌ଆର୍‌ସି କେସ ନଂ. ୩୯୪୧/୧୮/୧୨/୨୦୨୨ ରେ ଏକ ମାମଲା ରୁଜୁ କରିଥିଲେ। ଏନେଇ କମିଶନ ୧୪ ନଭେମ୍ବରରେ ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ପୁରୀ ଏସ୍‌ପିଙ୍କୁ ସୂଚନା ଦେଇଥିଲେ। ପରେ ଡିସେମ୍ବର ୨ରେ ଯୁବତୀ ଜଣଙ୍କ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ବାସେଳି ସାହି ଥାନାକୁ ଅଭିଯୋଗ କରିଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ଗତ ୬ ତାରିଖରେ ଏନେଇ ଚିଠି ମାଧ୍ୟମରେ ପୁଣି ଏସ୍‌ପିଙ୍କୁ ଜଣାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗତ ୧୦ ତାରିଖ ଦିନ ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ତେବେ ବାସେଳିସାହି ଥାନାର ତତ୍କାଳୀନ ଏସ୍‌ଆଇ ଜଣକ ପୋଲିସ ବିଭାଗରେ କାର୍ଯ୍ୟ କରୁଥିବାରୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଘଟଣାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବା ପାଇଁ ମାନବାଧିକାରୀ କର୍ମୀ ଜୟନ୍ତ ଦାସ ଅନୁରୋଧ କରିଛନ୍ତି।

# ରାମେଶ୍ୱରକୁ ହରାଇ ଏମ୍‌ସିସି ଫାଇନାଲରେ

**ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍**

କାକଟପୁର,୩୦।୧୨(ଡି.ଏନ୍.ଏ.)




କାକଟପୁର ମିନି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ପୁରୀ ଜିଲା କାକଟପୁରର ମିନି ଷ୍ଟାଡିୟମରେ ଚାଲିଥିବା ୩୩ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ପ୍ରତିଯୋଗିତାରେ ଶୁକ୍ରବାର ସେମିଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ଓ ମଙ୍ଗଳା କ୍ରିକେଟ କ୍ଲବ(ଏମ୍‌ସିସି) କାକଟପୁର ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି ରାମେଶ୍ୱର ବ୍ୟାଟିଂ କରି ୨୫ ଓଭରରେ ୪ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିହାର ୬୨, ସୂର୍ଯ୍ୟାଂଶ କୁମାର ୫୭ ରନ ସଂଗ୍ରହ କରିଥିଲେ। ଏମ୍‌ସିସିର ବୋଲର କୁନା ଗୋଚ୍ଛାୟତ ୫ ଓଭର ବୋଲିଂ କରି ୨ ଉଇକେଟ ଅକ୍ତିଆର କରିଥିଲେ। ୧୯୯ ରନର ବିଜୟ ଲକ୍ଷ୍ୟ ନେଇ ଏମ୍‌ସିସିର ପ୍ରାରମ୍ଭିକ ବ୍ୟାଟିଂର ବିପର୍ଯ୍ୟୟ ଘଟିଥିଲା। ମାତ୍ର ୧୧୧ ରନରେ ୯ଟି ଉଇକେଟ ଦଳ ହରାଇଥିଲା। ଶେଷ ଉଇକେଟ ଯୋଡ଼ିରେ ଚିତ୍ତରଞ୍ଜନ ପାତ୍ର ବ୍ୟକ୍ତିଗତ ୪୩ଟି ବଲ ଖେଳି ୧୨ଛକା ଓ ୬ ଚଉକା ମାରି ଦଳକୁ ଏକ ଅବିଶ୍ୱାସନୀୟ ବିଜୟ ଭେଟି ଦେଇଥିଲେ। ଅପରପକ୍ଷେ ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ବିଶ୍ୱଜିତ ଭୂୟାଁ ୫ ଓଭର ବୋଲିଂ କରି ୫ ଉଇକେଟ, ପ୍ରତୀକ ସ୍ୱାଇଁ ୨ ଉଇକେଟ ଅକ୍ତିଆର କରିଥିଲେ। ଖେଳର ଉନ୍ନତ ପ୍ରଦର୍ଶନ ପାଇଁ ଏମ୍‌ସିସିର ଅଲରାଉଣ୍ଡର ଚିତ୍ତରଞ୍ଜନ ପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ଖୁଣ୍ଟିଆ କନଭେନ୍ସନର ପରିଚାଳକ କ୍ୟାପଟେନ ଶୁଭ୍ରକାନ୍ତ ଖୁଣ୍ଟିଆ, କାକଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ, ଜେକେ ମେଡିସିନର ପରିଚାଳକ ମହେନ୍ଦ୍ର ସ୍ୱାଇଁ। ଖେଳର ପରିଚାଳନା ଦାୟିତ୍ୱରେ ଥିଲେ ଓସିଏର ସ୍ୱୀକୃତି ପ୍ରାପ୍ତ ୨ବରିଷ୍ଠ ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ଅୟସକାନ୍ତ ମିଶ୍ର। ଆୟୋଜକ କ୍ଲବର ମ୍ୟାନେଜର ଭାଗବତ ସ୍ୱାଇଁ, ଭବାନୀ କୁମାର ଧାରା ବିବରଣୀ ପ୍ରଦାନ କରିଥିବାବେଳେ ସ୍କୋରର ଭାବେ ସଚିନ ଓ ଲିକୁନ ଦାୟିତ୍ୱ ତୁଲାଇଥିଲେ। ଜାନୁୟାରୀ ୮ ତାରିଖରେ ଫାଇନାଲ ମ୍ୟାଚ ଏମ୍‌ସିସି କାକଟପୁର ଓ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ଜଣାଇଛନ୍ତି।


ନୂଆବର୍ଷ ପାଇଁ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଭକ୍ତଙ୍କ ଗହଳି। (ଫଟୋ: ଯଜ୍ଞେଶ୍ୱର)

# ଶ୍ରୀକ୍ଷେତ୍ରରେ ନୂଆବର୍ଷ ଭିଡ଼, ଲାଗିଲା କଟକଣା

ପୁରୀ ଅଫିସ,୩୦।୧୨

## ଆଜି, ୧ରେ ବଡ଼ଦାଣ୍ଡର ଉଠାଦୋକାନ ବନ୍ଦ

■ଶ୍ରୀମନ୍ଦିରରେ ଜଣେ ଅତିରିକ୍ତ ଏସ୍‌ପି ସହ ୨୦ ପ୍ଲାଟୁନ ଫୋର୍ସ

■ବେଳାଭୂମିରେ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ଖୋଲିଛି

ନୂଆ ଆଶା, ନୂଆ ଉଦ୍ଦୀପନା ନେଇ ଆସୁଛି ନୂଆବର୍ଷ। ୨୦୨୩କୁ ସ୍ୱାଗତ କରିବାକୁ ଚାହିଁ ରହିଛନ୍ତି ବିଶ୍ୱବାସୀ। ପର୍ଯ୍ୟଟନ କ୍ଷେତ୍ର ପୁରୀରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଲାଗି ରହିଛି। ଶୁକ୍ରବାର ମଧ ଶ୍ରୀମନ୍ଦିର, ବଡଦାଣ୍ଡ ଓ ସମୁଦ୍ରକୂଳରେ ଅସମ୍ଭାଳ ଗହଳି ଦେଖିବାକୁ ମିଳିଥିଲା। ତେବେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ଓ ପର୍ଯ୍ୟଟକଙ୍କ ସୁରକ୍ଷିତ ଭ୍ରମଣ ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ତଥା କଟକଣା ଲାଗୁ କରାଯାଇଛି। ଆଇନଶୃଙ୍ଖଳା, ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ହୋଇଥିବା ବ୍ୟାରିକେଡ୍ ମାର୍କେଟ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଉଛି। ସମସ୍ତ ଶ୍ରଦ୍ଧାଳୁ ମାର୍କେଟ ଛକଠାରୁ ପ୍ରବେଶ କରି ଶ୍ରୀମନ୍ଦିର ସିଂହଦ୍ୱାର ହୋଇ ଯାଇ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଜନଗହଳିକୁ ଏଡ଼ାଇବା ପାଇଁ ବଡ଼ଦାଣ୍ଡରେ ଥିବା ସମସ୍ତ ଉଠା ଦୋକାନୀ ୩୧ ଡିସେମ୍ବର ଓ ଜାନୁୟାରୀ ୧ରେ ବନ୍ଦ ରହିବ। ପ୍ରଶାସନର ଏଭଳି ନିଷ୍ପତ୍ତିରେ ବ୍ୟବସାୟୀ ସଂଘ ସହମତି ପ୍ରକାଶ କରିଛନ୍ତି ବୋଲି ଜିଲାପାଳ ସମର୍ଥ ବର୍ମା ଶୁକ୍ରବାର କହିଛନ୍ତି। ସେହିପରି ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ, ଜୋତା ଷ୍ଟାଣ୍ଡ, ବିଶ୍ରାମ ସ୍ଥାନର ବ୍ୟବସ୍ଥା କିପରି ହେବ ସେନେଇ ଜିଲାପାଳ ବର୍ମା ଓ ଏସ୍‌ପି ଡ.କେ ବିଶାଲ ସିଂ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ସୁରକ୍ଷିତ ସମୁଦ୍ର ସ୍ନାନ, ପାର୍କିଂ, ଶୃଙ୍ଖଳିତ ଦର୍ଶନ ଓ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। କେବଳ ଶ୍ରୀମନ୍ଦିର ଭିତରେ ୨୦ ପ୍ଲାଟୁନ ଫୋର୍ସ ଓ ଜଣେ ଅତିରିକ୍ତ ଏସ୍‌ପି ନିୟୋଜିତ ହେବେ। ନୂଆବର୍ଷ ପାଇଁ ପୋଲିସ ପ୍ରଶାସନ ଗୁରୁବାର ହୋଟେଲ ମାଲିକ ଏବଂ ଶୁକ୍ରବାର ଅଟୋ ଓ ବସ୍ ମାଲିକଙ୍କ ସହ ବୈଠକ କରିଛି। ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ତଥା ଅଭିଯୋଗ ଶୁଣାଣି ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିପରି ନିରାପଦ ସମୁଦ୍ର ସ୍ନାନ ପାଇଁ ଲାଇଫ୍‌ଗାର୍ଡଙ୍କୁ ତାଲିମ ଦିଆଯାଇଛି। ଶନିବାର ମହାପ୍ରଭୁଙ୍କ ନୀତିକାନ୍ତିକୁ ତ୍ୱରାନ୍ୱିତ କରାଯିବା ନେଇ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ସମସ୍ତ ସେବାୟତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରଦ୍ଧାଳୁ ଯେଭଳି ଶୃଙ୍ଖଳିତ ଭାବେ ଦର୍ଶନ କରି ଫେରିବେ ସେନେଇ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତ ସମସ୍ତେ ତତ୍ପର ହୋଇପଡ଼ିଛନ୍ତି। ଡିସେମ୍ବର ୩୧ ଏବଂ ଜାନୁୟାରୀ ୧ ଦୁଇଦିନ ପୁରୀ ପ୍ରବଳ ଗହଳି ହେବ। ତେଣୁ ଟ୍ରାଫିକ ସମସ୍ୟାକୁ ଦୂର କରିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡରେ ସମସ୍ତ ଉଠାଦୋକାନୀ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ସ୍କୁଲ ପିଲାଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଉଛି।

ଏ ନେଇ ଜିଲାପାଳ କହିଛନ୍ତି, ଡିସେମ୍ବରରେ ବହୁତ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଛନ୍ତି। ୩୧ ଓ ୧ ତାରିଖରେ ଭକ୍ତଙ୍କ ସଂଖ୍ୟା ବଢ଼ିବାକୁ ଥିବାରୁ ଅସ୍ଥାୟୀ ବ୍ୟାରିକେଡକୁ ମାର୍କେଟ ଛକ ଯାଏଁ ବୃଦ୍ଧି କରାଯାଇଛି। ଶନିବାରଠାରୁ ତାହା କାର୍ଯ୍ୟକାରୀ ହେବ। ପୌରସଂସ୍ଥାଠାରୁ ଜୋତା ଷ୍ଟାଣ୍ଡ କରାଯାଉଛି। ଭକ୍ତଙ୍କ ପାଇଁ ଅନେକ ସ୍ଥାନରେ ଏଲିଡି ଟିଭିର ବ୍ୟବସ୍ଥା କରାଯାଇଛି। ଫଳରେ ଭକ୍ତମାନେ ନୀତି କ'ଣ ଚାଲିଛି ଜାଣିପାରିବେ। ବିଶ୍ରାମ ନେବା ପାଇଁ ବ୍ୟବସ୍ଥା କରାଯାଉଛି। ଶ୍ରଦ୍ଧାଳୁଙ୍କୁ ପାଣି ଯୋଗାଇଦେବା ପାଇଁ ୧୨ରୁ ୧୫ଟି ପଏଣ୍ଟ କରାଯାଇଛି। ଭକ୍ତଙ୍କୁ ଯେପରି ଶୋଷଣ କରା ନ ଯିବ ସେଥିପାଇଁ ଜୋତାଷ୍ଟାଣ୍ଡଗୁଡ଼ିକରେ ଚେକିଂ କରାଯାଉଛି। ମୂଲ୍ୟର ଚାର୍ଟ ଲଗାଯାଇଛି। ଏକ ହେଲ୍ପ ଲାଇନ ନମ୍ବର ଲଗାଯିବ, ଯାହାର କିଛି ଅସୁବିଧା ହେବ ସେ ସେହି ନମ୍ବରରେ ଯୋଗାଯୋଗ କରିବ। ସେହିପରି ସରକାରଙ୍କ ଗାଇଡ୍‌ଲାଇନ୍ ପାଳନ କରି ଜିରୋ ନାଇଟ ସେଲିବ୍ରଶନ କରିବା ପାଇଁ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସହରରେ ୧୧ଜଣ ଅତିରିକ୍ତ ଏସ୍‌ପି, ୨୪ଜଣ ଡିଏସ୍‌ପି, ୫୧ଜଣ ଇନ୍ସପେକ୍ଟର, ୨୫୦ଜଣ ଅଫିସର, ୯୦୦ କନଷ୍ଟେବଲ, ହୋମଗାର୍ଡ ଏବଂ ଲାଇଫ ଗାର୍ଡ ସହ ୬୦ରୁ ଊର୍ଦ୍ଧ୍ୱ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### ଅଟୋ, ବସ୍ ମାଲିକଙ୍କ ସହ ପୋଲିସର ଆଲୋଚନା

ନୂଆ ବର୍ଷରେ ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଯେପରି ଅଟୋ ଓ ଟାଉନ ବସ୍ ଦ୍ୱାରା ସୁବିଧାରେ ବୁଲିପାରିବେ ସେଥିଲାଗି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ନୂଆବର୍ଷରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା ପାଇଁ ଅଟୋ ଓ ଟାଉନ ବସ୍ ମାଲିକ ଏବଂ ପୋଲିସ ମଧ୍ୟରେ ଏକ ଆଲୋଚନା ପୁରୀ ଟାଉନ ଥାନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ ଡିଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୁରୀ ଆର୍‌ଟିଓ ରବୀନ ପଟ୍ଟନାୟକ, ଟ୍ରାଫିକ ଡିଏସ୍‌ପି ମନବ୍ରତା ଶତପଥୀ, ଟ୍ରାଫିକ ଆଡିସନାଲ ଆଇଆଇସି ସଙ୍ଗୀତା ଦାସ ଓ ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସଙ୍କ ଉପସ୍ଥିତିରେ ଅଟୋ ମାଲିକ ଓ ଟାଉନ ବସ ମାଲିକମାନଙ୍କୁ ନେଇ ଟ୍ରାଫିକ ନିୟନ୍ତ୍ରଣକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ନୂଆବର୍ଷରେ କିପରି ଟ୍ରାଫିକ ବ୍ୟବସ୍ଥା ଶୃଙ୍ଖଳିତ ଭାବେ କରାଯିବ, ପୁରୀକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ କିପରି ଭଲରେ ଯିବେ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥଲା। ଟ୍ରାଫିକ ବ୍ୟବସ୍ଥାକୁ ବେଖାତିର କରି ଯେଉଁ ଡ୍ରାଇଭର ଭୁଲ ରାସ୍ତାରେ ଯିବେ ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ସୂଚନା ଦିଆଯାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୨।୨୦୨୨

| | |
|---|---|
| ୪,୪୯,୪୦୭ ଟଙ୍କା | |
| ସୁନା | ୩୩.୫୫୦ ଗ୍ରାମ |
| ରୁପା | ୧୪୭.୭୫୦ ଗ୍ରାମ |

# ମାନ୍ଦା ରହିବ ଆମିଷ ବେପାର

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

## ରାଜଧାନୀରେ ୧କୋଟି କାରବାର ଆଶା

ନୂଆବର୍ଷପ୍ରଥମଦିନକୁଭଲରେକାଟିବା ପାଇଁ ସମସ୍ତେ ଆଶା କରିଥାନ୍ତି। ଏଥର ରବିବାର ପଡୁଥିବାରୁ ଆମିଷ ବ୍ୟବସାୟୀମାନେ ଭଲ ବେପାର ନେଇ ଆଶା ରଖିଥିଲେ। ହେଲେ ଉକ୍ତଦିନ ଶାମ୍ବଦଶମୀ ପଡୁ ଥିବାରୁ ବେପାର ମାନ୍ଦା ରହିବ। ଯେଉଁ ପରିମାଣରେ ଆମିଷ ବଜାରରେ ଭିଡ଼ ହେବାକଥା ତାହା ହେବ ନାହିଁ ବୋଲି ବ୍ୟବସାୟୀମାନେ ମନ ଉଣା କରିଛନ୍ତି। ତଥାପି ଯେଉଁମାନେ ପୂଜା କରୁ ନାହାନ୍ତି ସେମାନେ ତ ଆମିଷରୁ ନୂଆବର୍ଷର ଆରମ୍ଭ କରିବେ। ତେଣୁ ଲୋକଙ୍କ ଚାହିଦାକୁ ଦୃଷ୍ଟିରେରଖିରାଜଧାନୀରବ୍ୟବସାୟୀମାନେ ମାଛ, ମାଂସ ବରାଦ କରି ସାରିଲେଣି। ୪ ଟ୍ରକ୍ ମାଛ ଆନ୍ଧ୍ରରୁ ଆସିବାକୁ ଥିବାବେଳେ କୋଲକାତା, ଉତ୍ତରପ୍ରଦେଶ ଏବଂ ଓଡ଼ିଶାର ବାରିପଦା, ସମ୍ବଲପୁର, ନୂଆଗଡ଼ରୁ ଖାସି ଅଣାଯିବ। ରୋହି ମାଛ କିଲୋ ୧୮୦ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଭାକୁର ୨ଶହ, ଛୋଟ ଚିଙ୍ଗୁଡି ୧୮୦ରୁ ୨ଶହ, ବଡ଼ ଚିଙ୍ଗୁଡି ୩୫୦ରୁ ୪ଶହ, ନଦୀ ଚୁଙ୍ଗୁଡି ୫ଶହ, ପାମ୍ଫ୍ଲେଟ୍ ୯ଶହ, ଖଇଙ୍ଗା ୩୫୦ରୁ ୪ଶହ, ଜଳଙ୍ଗ ୧୮୦, କଙ୍କଡା ୩ଶହରୁ ୧ହଜାର (ଆକାର ଅନୁଯାୟୀ) ଟଙ୍କା ରହିବ। ସେହିପରି ଖାସି ମାଂସ ନୂଆ ଆଶା, ନୂଆ ଉଦ୍ଦୀପନା ନେଇ ଆସୁଛି ନୂଆବର୍ଷ। ଏହାକୁ ସ୍ୱାଗତ କରିବାକୁ ଚାହିଁ ରହିଛନ୍ତି ବିଶ୍ୱବାସୀ। କିଲୋ ୭୫୦ରୁ ୮ଶହ, ବ୍ରଏଲର ୨ଶହ, ଦେଶୀ ଚିକେନ୍ ୪ଶହରୁ ୪୫୦, କଲର୍‌ବ୍ରିଡ୍ ୨୫୦ରୁ୩ଶହ ଏବଂ ବନରାଜ କୁକୁଡ଼ା ୩ଶହ ଟଙ୍କା ରହିବ ବୋଲି ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘର ରାଜ୍ୟ ସଭାପତି ସେଖ୍ ମୁନ୍ତାକିମ୍ ବକ୍ସଙ୍କ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆକାଶ


@ ନିରୁପମା


@ ମଧୁସୂଦନ


@ ରାକେଶ


@ ପ୍ରତାପ


@ ସତ୍ୟରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।







ଭୁବନେଶ୍ୱର ଇନ୍ଦିରାଗାନ୍ଧୀ ପାର୍କରେ ବିଏମ୍‌ସି ପକ୍ଷରୁ ଚାଲିଥିବା 'ମ୍ୟୁଜିକ୍ ଇନ୍ ପାର୍କ'ରେ ଦୁଇ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।




ପୁରୀ ବେଳାଭୂମିରେ ଶନିବାର ବ୍ରାଜିଲର କିମ୍ବଦନ୍ତୀ ଫୁଟବଲ୍ ଖେଳାଳି ପେଲେଙ୍କୁ ବାଲୁକା କଳା ମାଧ୍ୟମରେ ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାତା ହୀରାବେନଙ୍କ ପରଲୋକରେ ଶୋକ ପ୍ରକାଶ କରି ଶନିବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# କଇଁଛକୁ ଆକ୍ରମଣ କରି ଯୁବକ ଜେଲ ଗଲେ

ୱାଶିଂଟନ୍

ନିଶା ମଣିଷର ସବୁଠାରୁ ବଡ଼ ଶତ୍ରୁ। ଯେତେବେଳେ ସେ ନିଶାରେ ଥା'ନ୍ତି, ସେତେବେଳେ କିଛି ଅଜବ କାମ କରିଥା'ନ୍ତି। ତାହା ମଜାଳିଆ ଏବଂ ଆଶ୍ଚର୍ଯ୍ୟ ମଧ୍ୟ ହୋଇପାରେ। ଆମେରିକାର ଜଣେ ବ୍ୟକ୍ତି ନିଶାରେ ଏକ ଦୁର୍ଲଭ କଇଁଛକୁ ଆକ୍ରମଣ କରି ଏବେ ଜେଲ ଯାଇଥିବା ଜଣାପଡିଛି। ରିପୋର୍ଟ ମୁତାବକ, ୨୦୨୧ରେ ଆମେରିକାର ଇଷ୍ଟ ସାନ ଜୋସ୍‌ରେ ଥିବା ଏକ ପ୍ଲେ ସ୍କୁଲରେ ଜିଓର୍ଜି ରୋବଲେସ୍ ନାମକ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଏକ କଇଁଛକୁ ଆକ୍ରମଣ କରିଥିଲେ। ଆଫ୍ରିକାନ୍ ସୁଲକାଟା ପ୍ରଜାତିର ଉକ୍ତ ଦୁର୍ଲଭ କଇଁଛର ବୟସ ୭୦ ବର୍ଷ। ରିପୋର୍ଟ ଅନୁସାରେ, ଉକ୍ତ ବ୍ୟକ୍ତି ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ। ହେଲେ ସେଠାରେ କଇଁଛକୁ ଦେଖି ଶତ୍ରୁ ଭାବି ତାକୁ ଉଠାଇ ଫୋପାଡି ଦେଇଥିଲେ। ଏ ସବୁକୁ ତାଙ୍କ ପଡୋଶୀ ଦେଖି ପାଟି କରିବାକୁ ଲାଗିଥିଲେ। ଉକ୍ତ ବ୍ୟକ୍ତି ଏକ ମୁନିଆ ଅସ୍ତ୍ରରେ କଇଁଛର ମୁଣ୍ଡ ଏବଂ ପିଠିକୁ ଆକ୍ରମଣ କରିଥିଲେ। ସେଥିପାଇଁ ଉକ୍ତ ବ୍ୟକ୍ତିଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ୧୦ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ପ୍ରାଣୀ ପାଳିବାକୁ ବାରଣ ହୋଇଛି। ତେବେ ଉକ୍ତ ବ୍ୟକ୍ତି ଜଣକ ସେଦିନ ପ୍ଲେ ସ୍କୁଲରୁ କିଛି ବିଦ୍ୟୁତ୍ ସରଞ୍ଜାମ ଚୋରି କରିଥିବା ଜଣାପଡିଛି।



# ଟପ୍‌ଲେସ୍ ହେଲେ ଉର୍ଫି

**ମୁମ୍ବାଇ:** ଅଭିନେତ୍ରୀ ଉର୍ଫି ଜାଭେଦ ସବୁବେଳେ ତାଙ୍କ ଡ୍ରେସ୍ ପାଇଁ ଚର୍ଚ୍ଚାରେ ରହିଥାନ୍ତି। କେବେ ଅଖାରେ ତିଆରି ପୋଷାକ ପିନ୍ଧି ଲାଇମ୍‌ଲାଇଟ୍‌ରେ ରୁହନ୍ତି ତ କେବେ ସାଇକେଲ ଚେନ। ଆଉ କେବେ ମୋବାଇଲ ଚାର୍ଜରରେ ତିଆରି ଡ୍ରେସ ପିନ୍ଧି ଲୋକଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ଏବେ ଆଉ ଏକ ଭିନ୍ନ ଡିଜାଇନର ଡ୍ରେସ ପିନ୍ଧି ପୁଣି ଥରେ ସେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଅଭିନେତ୍ରୀ ମିନିସ୍କର୍ଟ ସହିତ ଟପ୍ ବଦଳରେ ଡାଏମଣ୍ଡର ନେକ୍‌ଲେସ୍ ପିନ୍ଧି ନଜରକୁ ଆସିଛନ୍ତି। ଅନେକେ ଉର୍ଫିଙ୍କ ନୂଆ ଲୁକ୍ ପସନ୍ଦ କରୁଥିବାବେଳେ ଆଉ କେତେ ୟୁଜର୍ସ ଟ୍ରୋଲ କରିଛନ୍ତି।



# ହସ୍ପିଟାଲ ମେସେଜ୍ ଦେଖି ଡରିଗଲେ ୮ ହଜାର ରୋଗୀ

**ଲଣ୍ଡନ:** ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୮,୦୦୦ ରୋଗୀଙ୍କ ପାଖକୁ ଏକ ସମୟରେ ଏକ ମେସେଜ୍ ଆସିଥିଲା। ଯାହାକୁ ଦେଖି ସମସ୍ତେ ବ୍ୟସ୍ତ ଏବଂ କାନ୍ଦି ପକାଇଥିଲେ। ବ୍ରିଟେନ୍‌ର ଏକ ଆସ୍କେନ ହସ୍ପିଟାଲରେ ଏପରି ଘଟଣା ଘଟିଛି। ରିପୋର୍ଟ ମୁତାବକ, ହସ୍ପିଟାଲ ପକ୍ଷରୁ ରୋଗୀଙ୍କୁ ଖ୍ରୀଷ୍ଟମାସ ମେସେଜ୍ ଦେବାକୁ ଚାହିଁଥିଲେ। ହେଲେ ଭୁଲ୍ ବଶତଃ ମେଡିକାଲ ଷ୍ଟାଫ୍ ସମସ୍ତ ରୋଗୀଙ୍କୁ ମସ୍ତିଷ୍କ କ୍ୟାନ୍‌ସର ହୋଇଥିବା ନେଇ ମେସେଜ ପଠାଇଦେଇଥିଲେ। ଏଥିରେ ସମସ୍ତେ ବ୍ୟସ୍ତବିବ୍ରତ ହେବା ସହ ଚିନ୍ତାରେ ପଡିଯାଇଥିଲେ। ଏହାର କିଛି ସମୟ ପରେ ସମସ୍ତ ରୋଗୀଙ୍କୁ ଅନ୍ୟ ଏକ ମେସେଜ୍ ଆସିଥିଲା। ଯେଉଁଥିରେ କି ହସ୍ପିଟାଲ ପକ୍ଷରୁ ଭୁଲ୍ ମେସେଜ୍ ଯାଇଥିବା ନେଇ ଅନ୍ୟ ଏକ ମେସେଜ୍ ଜରିଆରେ ଭୁଲ୍ ମାଗି ସତ କଥା ଜଣାଇଥିଲେ। ଏଥିସହ ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଥିଲେ।

# କସ୍‌ମେଟିକ୍ ସର୍ଜରିରୁ ମୃତ୍ୟୁ

**ୱାଶିଂଟନ୍:** ସୁନ୍ଦର ଦେଖାଯିବା ପାଇଁ ଆମେରିକାର ଜଣେ ମହିଳା ତାଙ୍କ କସ୍‌ମେଟିକ୍ ସର୍ଜରି କରିଥିଲେ। କିନ୍ତୁ କିଛିଦିନ ମଧ୍ୟରେ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଚିକାଗୋର ମହିଳା ସୁକ୍ରେତା ଟାଲିବର୍ ତାଙ୍କ କସ୍‌ମେଟିକ୍ ସର୍ଜରି ପାଇଁ ୧୨ ଡିସେମ୍ବରରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅପରେଶନର କିଛି ସମୟ ପରେ ତାଙ୍କ ଅନ୍ତଃ ରକ୍ତସ୍ରାବ ଆରମ୍ଭ ହୋଇଥିଲା। ସେଥିପାଇଁ ତାଙ୍କ ପରିବାର ତାଙ୍କୁ ଅନ୍ୟ ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଡାକ୍ତରମାନେ ତାଙ୍କ ମୃତ୍ୟୁର କାରଣ ଅନ୍ତଃ ରକ୍ତସ୍ରାବ ବୋଲି କହିଛନ୍ତି। ଏପରି ସର୍ଜରି ବହୁତ ବିପଦପୂର୍ଣ୍ଣ ହୋଇଥାଏ। ତେବେ ଏହି ସର୍ଜରିରେ ଲକ୍ଷେରେ ୨୦ ଜଣଙ୍କ ଏହିପରି ମୃତ୍ୟୁ ହେଉଥିବା ଜଣାପଡିଛି।

# ରାଜସ୍ଥାନର ପ୍ରଥମ ମହିଳା ବଡି ବିଲ୍ଡର




**ଜୟପୁର:** ଇଚ୍ଛାଶକ୍ତି ଥିଲେ ମଣିଷ ସମସ୍ତ କାର୍ଯ୍ୟ କରିପାରିବ। ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ତାକୁ ପଛରେ ପକାଇ ପାର କରିଯିବ। ଏପରି କିଛି କରିଛନ୍ତି ରାଜସ୍ଥାନର ଜଣେ ମହିଳା। ପ୍ରିୟା ସିଂ ଥାଇଲାଣ୍ଡର ଇଣ୍ଟର ନ୍ୟାଶନାଲ ବଡି ବିଲ୍ଡିଂ ଚାମ୍ପିୟନ୍‌ଶିପ୍‌ରେ ଜିତି ଦେଶର ନାମ ଉଚ୍ଚା କରିଛନ୍ତି। ଏଥିସହ ସେ ଅନ୍ୟ ମହିଳାଙ୍କ ପାଇଁ ମଧ୍ୟ ଏକ ପ୍ରେରଣା ପାଲଟିଛନ୍ତି। ପ୍ରିୟାଙ୍କ ୮ ବର୍ଷ ବୟସରେ ବିବାହ ହୋଇଯାଇଥିଲା। ବୈବାହିକ ଜୀବନ ପାଇଁ ଯେପରି ତାଙ୍କ ସ୍ୱପ୍ନ ମରି ଯାଇଥିଲା। ସେ ଜଣେ ବଡି ବିଲ୍ଡର ହେବାକୁ ଚାହୁଁଥିଲେ। ସେ ଏପରି ସମାଜରୁ ଥିଲେ ଯେଉଁଠାରେ କି ବିବାହ ପରେ ମହିଳାଙ୍କୁ ସବୁବେଳେ ଓଢଣି ତଳେ ରହିବାକୁ ପଡୁଥିଲା। ହେଲେ ନିଜ ସ୍ୱପ୍ନକୁ ଭାଙ୍ଗିବାକୁ ଦେଇ ନ ଥିଲେ ପ୍ରିୟା। ସେ ଏପରି ପରମ୍ପରାରୁ ବାହାରି ନିଜକୁ ବଡି ବିଲ୍ଡର କରିବାରେ ଲାଗିପଡିଲେ। ଏଥିରେ ତାଙ୍କ ୨ ଝିଅଙ୍କ ସବୁବେଳେ ସହାୟତା ରହିଛି। ସେଥିପାଇଁ ଆଜି ସେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛନ୍ତି। ସେ ପରିଶ୍ରମ କରି ଇଣ୍ଟର ନ୍ୟାଶନାଲ ବଡି ବିଲ୍ଡିଂରେ ସ୍ୱର୍ଣ୍ଣ ପଦକ ଜିତି ରାଜସ୍ଥାନର ପ୍ରଥମ ମହିଳା ବଡି ବିଲ୍ଡର ହୋଇପାରିଛନ୍ତି। ଏଥିସହ ତାଙ୍କୁ ପ୍ରୋ କାର୍ଡ ମଧ୍ୟ ମିଳିଯାଇଛି।

## ରାଜ୍ୟ ଖବର

# ରାଉରକେଲାରେ ବିମାନ ଉଡ଼ାଣର ପରୀକ୍ଷଣ




ରାଉରକେଲା ବିମାନ ବନ୍ଦରରେ ଏଟିଆର-୭୨ ବିମାନ ଅବତରଣ କରିଛି।

ରାଉରକେଲା ଅଫିସ,୩୦।୧୨

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାଉରକେଲାରେ ବିମାନ ଉଡ଼ାଣର ପରୀକ୍ଷଣ ସଫଳ ହୋଇଛି। ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ବିମାନବନ୍ଦରରେ ୭୨ ସିଟ୍ ବିଶିଷ୍ଟ ଯାତ୍ରୀବାହୀ ବିମାନ (ଏଟିଆର-୭୨) ଅବତରଣ କରିଛି। ଏହି ବିମାନ ଶୁକ୍ରବାର ଅପରାହ୍ନ ୩ଟା ୨୦ମିନିଟ୍ ସମୟରେ ରାଉରକେଲାରେ ଅବତରଣ କରିଥିଲା। ଏହାପରେ ପ୍ରାୟ ୩ଟା ୪୫ ମିନିଟ୍ ପରେ ଉକ୍ତ ବିମାନ ଝାରସୁଗୁଡା ଅଭିମୁଖେ ଉଡ଼ାଣ ଭରିଥିଲା। ଏହି ସମୟରେ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢୀ, କ୍ରୀଡା ଓ ଯୁବସେବା ସଚିବ ଆର୍. ଭିନିଲ କ୍ରିଷ୍ଣା, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଦେବଦତ୍ତା ସୁରନଜିତା ଜେନା, ସୁନ୍ଦରଗଡ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ରାଜ୍ୟ ସରକାର, ଆର୍‌ଏସ୍‌ପି ଏବଂ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଉରକେଲା ବିମାନ ବନ୍ଦରରୁ ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଗତ ୧୯ ତାରିଖରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କଠାରୁ ୨ସି ଲାଇସେନ୍ସ ମିଳିଥିଲା। ଆସନ୍ତା ଜାନୁୟାରୀ ୭ରେ ହକି ବିଶ୍ୱକପ୍ ଥିବାରୁ ରାଉରକେଲାରୁ ନିୟମିତ ବିମାନ ସେବା ଆରମ୍ଭ ହେବ ବୋଲି ଜଣାପଡିଛି।

# ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପିର ଅତ୍ୟାଧୁନିକ ଅସ୍ତ୍ରୋପଚାର ପ୍ରକ୍ରିୟା ଶିଖାଇଲେ ଡା. ମନୋଜ ସାହୁ

ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦିନକୁ ଦିନ ଓଡ଼ିଶାର ଖ୍ୟାତି ବଢ଼ିବାରେ ଲାଗିଛି। ବିଗତ ଦିନଗୁଡ଼ିକରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ରୋଗୀଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ମାତ୍ର ଏବେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ରୋଗୀ ଭୁବନେଶ୍ୱର ଆସି ଚିକିତ୍ସିତ ହେଉଛନ୍ତି। ଏପରିକି ଓଡ଼ିଶାର ଡାକ୍ତର ଅନ୍ୟ ରାଜ୍ୟକୁ ଯାଇ ଉନ୍ନତ ଚିକିତ୍ସା ପ୍ରଣାଳୀ ଶିଖାଉଛନ୍ତି। ରାଜ୍ୟର ପେଟରୋଗ ବିଶେଷଜ୍ଞ ପ୍ରଫେସର ଡା. ମନୋଜ ସାହୁ ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର ପ୍ରକ୍ରିୟା ଶିଖାଇଛନ୍ତି। ଏହି ଅସ୍ତ୍ରୋପଚାରର ଅତ୍ୟାଧୁନିକ ପ୍ରକ୍ରିୟା ଏବଂ ଜ୍ଞାନକୌଶଳକୁ ରୋଗୀ ସେବାରେ ବହୁଳ ବିନିଯୋଗ କରିବା ଲକ୍ଷ୍ୟ ନେଇ କୋଲକାତାସ୍ଥିତ ରବୀନ୍ଦ୍ରନାଥ ଟେଗୋର୍ ହସ୍ପିଟାଲ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୬୦ରୁ ଉର୍ଦ୍ଧ୍ୱ ଡାକ୍ତର ପ୍ରଫେସର ସାହୁଙ୍କଠାରୁ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପିର ଅତ୍ୟାଧୁନିକ ଅସ୍ତ୍ରୋପଚାର ସଂକ୍ରାନ୍ତ ଜ୍ଞାନ ଆହରଣ କରିଥିଲେ। ଏହାଦ୍ୱାରା ବିନା କୌଣସି କଟାକଟିରେ ବିଭିନ୍ନ ଛାତି ରୋଗ ଓ ପେଟ ରୋଗର ସଫଳ ଅସ୍ତ୍ରୋପଚାର କରାଯାଇପାରିବ। ରୋଗୀମାନେ ଅସ୍ତ୍ରୋପଚାରର ଦିନେ କିମ୍ବା ଦୁଇଦିନ ମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରି ପାରିବେ।



ସୂଚନାଯୋଗ୍ୟ, ଏହି ଜ୍ଞାନକୌଶଳ ଜାପାନ ଓ ଜର୍ମାନୀ ଆଦି ଦେଶରୁ ଆରମ୍ଭ ହୋଇଥିବାବେଳେ ଭାରତର ମାତ୍ର କିଛି ଡାକ୍ତରଖାନାରେ ଏହାର ବିନିଯୋଗ କରାଯାଉଛି। ଓଡ଼ିଶାର ଭୁବନେଶ୍ୱରଠାରେ ୨୦୧୪ରୁ ଏହି ଜ୍ଞାନକୌଶଳ ଜରିଆରେ ସଫଳ ଅସ୍ତ୍ରୋପଚାର କରାଯାଉଛି। ତେବେ ପୂର୍ବଭାରତର ସମସ୍ତ ଛୋଟ ବଡ଼ ହସ୍ପିଟାଲରେ ଏହି ସେବା ଦିଆଯିବା ପାଇଁ ଡା. ସାହୁ ଏପରି ପ୍ରୟାସ ଜାରି ରଖିଛନ୍ତି।

# ଭିତରକନିକା, ଗହୀରମଥାକୁ ଜଗିବ ଡ୍ରୋନ

## ଏଣିକି ଜଳଦସ୍ୟୁ, ଶିକାରୀ କ୍ୟାମେରାରେ ବନ୍ଦି ରହିବେ

ରାଜନଗର, ୩୦।୧୨(ଡି.ଏନ.ଏ.)

ପ୍ରକୃତିର ଗନ୍ତାଘର ଭିତରକନିକା ଓ ବିରଳ ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ଅନ୍ତୁଡିଶାଳ ଗହୀରମଥାର ସୁରକ୍ଷା ପାଇଁ ଡ୍ରୋନ୍ କ୍ୟାମେରା ଜଗିବ ବୋଲି ହାଇକୋର୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ଭିତରକନିକାର ଆଦ୍ରଭୂମି, ହେନ୍ତାଳବଣ ଏବଂ ଏଥିରେ ବସବାସ କରୁଥିବା ଜୀବଜନ୍ତୁମାନଙ୍କର କ୍ଷତି ଘଟାଉଥିବା ଶିକାରୀମାନଙ୍କୁ ଧରିବା ପାଇଁ ଏହି ଡ୍ରୋନ କ୍ୟାମେରା ଜାଗ୍ରତ ପ୍ରହରୀ ଭାବେ କାମ କରିବ। ଏହାଛଡା ତଟାଞ୍ଚଳଠାରୁ ୨୦ କିମି ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ନିଷିଦ୍ଧାଞ୍ଚଳକୁ ପ୍ରତିବର୍ଷ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ସମୂହ ଅଣ୍ଡାଦାନ ପାଇଁ ଏକତ୍ରିତ ହେଉଥିବା ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷାରେ ବାଧା ଉପୁଜାଉଥିବା ଦେଶ ବିଦେଶର ଜଳଦସ୍ୟୁ ଏବଂ ସେମାନଙ୍କ ବ୍ୟବହାର କରୁଥିବା ଟ୍ରଲରଗୁଡିକୁ ଧରିବାରେ ଏହି କ୍ୟାମେରା ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ବନବିଭାଗ, ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡ୍ରୋନ କ୍ୟାମେରା ଉଡାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ପ୍ରକ୍ରିୟା ଆରମ୍ଭ ହୋଇଛି। ବନ ବିଭାଗକୁ ଚକମା ଦେଇ ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ବସବାସ କରୁଥିବା ପେଶାଦାର ଶିକାରୀମାନେ ଅବାଧରେ ହରିଣ, ବାର୍‌ହା ଓ ଅନ୍ୟ ଜୀବଜନ୍ତୁଙ୍କୁ ଶିକାର କରି ଏମାନଙ୍କର ମାଂସ, ଚମଡା, ଶିଙ୍ଗ ପ୍ରଭୃତି ବିଦେଶକୁ ଚାଲାଣ କରୁଥିବାରୁ ଏହି କ୍ୟାମେରା ପ୍ରଚଳନ କରାଗଲେ ସେମାନଙ୍କୁ ଧରି ପାରିବ। ଅପରପକ୍ଷରେ ଭିତରକନିକାର ଆଦ୍ରଭୂମି ଏବଂ ଜୈବ ବିବିଧତାକୁ ଅଧିକାଂଶ ସମୟରେ ପ୍ରଚୁର ଭାବେ କ୍ଷତି ଘଟାଇ ଆସୁଥିବା ଜାତୀୟ ଉଦ୍ୟାନ ସୀମା ସରହଦରେ ଗଢି ଉଠିଥିବା ବ୍ୟାପକ ବେଆଇନ ଚିଙ୍ଗୁଡି ଘେରିକୁ ମଧ୍ୟ ଚିହ୍ନଟ କରିବାରେ ସକ୍ଷମ ହେବ। ଏ ସମ୍ପର୍କରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ କହିବା ଅନୁସାରେ, ଭିତରକନିକା ଆମର ଜାତୀୟ ସମ୍ପତ୍ତି,



ଏହାର ଜୈବ ବିବିଧତା ଓ ଆର୍ଦ୍ରଭୂମି ଯୋଗୁ ଏଠାରେ ବସବାସ କରୁଥିବା ଖାଦ୍ୟ, ଖାଦକର ସମ୍ପର୍କ ଆମ ପରିବେଶ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଭିତରକନିକାର ଜୈବ ବିବିଧତାକୁ ନଷ୍ଟ କରି ଆସୁଥିବା ବେଆଇନ ଚିଙ୍ଗୁଡି ଘେରିଗୁଡିକୁ ଚିହ୍ନଟ କରାଯିବା କ୍ଷେତ୍ରରେ ଡ୍ରୋନ କ୍ୟାମେରା ଅଧିକ ଫଳପ୍ରଦ ହେବ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ଶିକାରୀଙ୍କୁ ଛାଡ଼ି ବେପାରୀ ପଛରେ ଅଧିକାରୀ

ବାରିପଦା ଅଫିସ/ ଉଦଳା,୩୦।୧୨(ଡି.ଏନ୍.ଏ.)

ମହାବଳ, କଲରାପତରିଆ ଓ କଳା ବାଘ ପାଇଁ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଏବେ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଅଧିକାରୀ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଯୋଗୁ ଅନେକ ଜୀବଜନ୍ତୁଙ୍କ ବଂଶ ଲୋପ ହେବାକୁ ବସିଲାଣି। ବିରଳ ମହାବଳ ସମେତ ହାତୀ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଅବାଧ ଶିକାର ବଢ଼ିବାରେ ଲାଗିଛି। ଉପରିସ୍ଥ ଅଧିକାରୀମାନେ ଧର୍ମକୁ ଆଖିଠାର ସଦୃଶ ବିଭାଗର ଦୋଷକୁ ଘୋଡ଼ାଇବାରେ ବ୍ୟସ୍ତ ରହୁଥିବା ବେଳେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛି। ଗତ ୩ ବର୍ଷ ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ ଓ ବନ ବିଭାଗ ଚଢ଼ାଉ କରି ୫ ବାଘ ଚମଡ଼ା ଜବତ କରିବା ସହ ୮ଜଣଙ୍କୁ ଗିରଫ କରିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ସେହିପରି ଶିମିଳିପାଳରେ ହାତୀ ଶିକାର ଚିରାଚରିତ ଘଟଣାରେ ପରିଣତ ହେଲାଣି। ଅଧିକାରୀମାନେ କେବଳ ବେପାରୀଙ୍କୁ ଧରି ନିଜ ଦାୟିତ୍ୱ ଶେଷ କରୁଥିବା ବେଳେ ଶିକାରୀଙ୍କ ପାଖରେ ପହଞ୍ଚି ନ ପାରିବା ବିଭାଗର ଅପାରଗତାକୁ ପଦାରେ ପକାଇଛି। ଜନ୍ତୁ ଶିକାର ଓ ଚମଡ଼ା ବିକ୍ରି ଘଟଣାରେ ବନ ଅଧିକାରୀ ଓ ସେମାନଙ୍କ ଆତ୍ମୀୟସ୍ୱଜନଙ୍କ ସମ୍ପୃକ୍ତି ରହୁଥିବା ନଜିର ରହିଛି। ରକ୍ଷକ ହୋଇ ଯଦି ଭକ୍ଷକ ସାଜିବେ ତେବେ ନିରୀହ ବନ୍ୟପ୍ରାଣୀଙ୍କୁ ସୁରକ୍ଷା କିଏ ଦେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଉଦଳା-ବାରିପଦା ରାସ୍ତାର ବିସିପୁର ଛକ ନିକଟରେ ମହାବଳ ବାଘ ଚମଡ଼ା ବିକ୍ରି ଲାଗି ଡିଲ୍ ଚାଲିଥିବା ବେଳେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୭ଫୁଟ ଲମ୍ବ ଓ ୫ଫୁଟ ଓସାରର ଏକ ମହାବଳ ବାଘ ଚମଡ଼ାକୁ ଜବତ କରିଥିଲା। ଏହି ଘଟଣାରେ ଉଦଳା ଥାନା ମୃଷାଖାଇ ଅଞ୍ଚଳର ଦେବାଶିଷ ପାତ୍ର ନାମକ ଜଣେ ବେପାରୀଙ୍କୁ ଏସ୍‌ଟିଏଫ୍ ମାଡ଼ି ବସିଥିଲା। ତା' ପରଦିନ ମୁଖ୍ୟ କାର୍ପଟଦାର ଦେବକୁଣ୍ଡ ନିକଟସ୍ଥ ଶ୍ରୀଦାମଚନ୍ଦ୍ରପୁର ଅଞ୍ଚଳର ଫାଗୁ ହାଁସଦାଙ୍କୁ ମଧ୍ୟ ଗିରଫ କରିଥିଲା। ଅଧିକ ତଦନ୍ତ ଜାରି ରହିଥିବା ବେଳେ ଶୁକ୍ରବାର ଅନ୍ୟତମ ଅଭିଯୁକ୍ତ ଶାସଙ୍ଗବେଢ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝି ଗିରଫ ହୋଇଛନ୍ତି।

- **୩ ବର୍ଷରେ ଜବତ ହେଲାଣି ୫ ବାଘ ଚମଡ଼ା**
- **ମହାବଳ ଛାଲ ବିକ୍ରି ଘଟଣାରେ ଆଉ ଜଣେ ଗିରଫ**

ସେହିପରି ଗତ ଜାନୁୟାରୀ ୬ ତାରିଖ ରାତିରେ ଏସ୍‌ଟିଏଫ ଚଢ଼ାଉ କରି ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱ ରାଧା କଲେଜ ନିକଟରୁ ଦୁଇଟି କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ଏହା ସହିତ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଦ୍ୱୟ ହେଲେ ଖୁଣ୍ଟା ଥାନା ଅଧୀନ କ୍ଷୀରପଦା ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ବଡ଼ସାହି ଥାନା ଅଧୀନ ବାଲିଯୋଡ଼ା ଗ୍ରାମର ଗୁରା ବିନ୍ଧାଣୀ। ୨୦୨୧ ସେପ୍ଟେମ୍ବର ୨୦ରେ ବାରିପଦା ସହର ଗାନ୍ଧୀ ପାର୍କ ନିକଟରୁ ଏସ୍‌ଟିଏଫ୍ ଚଢ଼ାଉ କରି ୨ଫୁଟ ଲମ୍ବର କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଜଣେ ବନ କର୍ମଚାରୀଙ୍କ ଇଞ୍ଜିନିୟରିଂ ପଢୁଆ ପୁଅ ସମେତ ୨ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବଡ଼ସାହି ଥାନା ଉଠାଣିନୂଆଗାଁ ଗ୍ରାମର ବିକାଶ ବେଷ୍ଟକାର ଓ ଖାନୁଆ ପଞ୍ଚାୟତ ପଳାଶବଣି ଗ୍ରାମର ବିକାଶ ବିନୟ ସିଂ। ଫେସବୁକ୍ ମାଧ୍ୟମରେ ବାଘ ଚମଡ଼ା ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ଇଞ୍ଜିନିୟରିଂ ଛାତ୍ର ଜଣକ ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିଲେ। ଜଣେ ବନ ଅଧିକାରୀଙ୍କ ପୁଅ ବାଘ ଚମଡ଼ା ବିକ୍ରି କରୁଥିବା ବେଳେ ଜଙ୍ଗଲରେ ବନ୍ୟଜନ୍ତୁ କିପରି ସୁରକ୍ଷିତ ରହିବେ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସେହିପରି ୨୦୨୦ ସେପ୍ଟେମ୍ବର ୩ ତାରିଖ ରାତିରେ ବିଶୋଇ ଥାନା ଅଧୀନ ଖେଜୁରିକଟାସ ଗ୍ରାମ ନିକଟରୁ ବନ ବିଭାଗ ଚଢ଼ାଉ କରି ୫ଫୁଟ ୨ଇଞ୍ଚ ଲମ୍ବର ଏକ କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ବିକ୍ରି କରିବାକୁ ଆଣିଥିବା ଅଭିଯୁକ୍ତ ଜଣକ ଥିଲେ ବଡ଼ବାଲିଜୁଆ ଗ୍ରାମର ଲକ୍ଷ୍ମଣ ନାଏକ। ଅନ୍ୟ ୩ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଶିମିଳିପାଳ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର,୩୦।୧୨(ଡି.ଏନ୍.ଏ.): ଲିଙ୍ଗରାଜ ଥାନା ଅଞ୍ଚଳରୁ ଶୁକ୍ରବାର ସକାଳେ ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ପ୍ଲଟ ନଂ.୯୪୮ କାଜୁ ଫ୍ୟାକ୍ଟ୍ରି ଗଳିରେ ଭଡ଼ାରେ ରହୁଥିବା ନିରଞ୍ଜନ ଦାସ(୪୫)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ନିରଞ୍ଜନଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୨)ରୁଜୁକରି ତଦନ୍ତ ଚଳାଇଛି।

### କବିତା ପୁସ୍ତକ 'ମିତା ଦାସ' ଲୋକାର୍ପିତ

ବାଲିପାଟଣା,୩୦।୧୨(ଡି.ଏନ୍.ଏ.): ପ୍ରାଚୀଧାରା ପ୍ରକାଶନୀ ପ୍ରସ୍ତୁତି କବି ଭଗବାନ ସାହୁଙ୍କ କବିତା ପୁସ୍ତକ 'ମିତା ଦାସ' ଲୋକାର୍ପିତ ହୋଇଯାଇଛି। ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ମୁଖ୍ୟ ଅତିଥିଭାବେ ଡ.ଫଣୀ ମହାନ୍ତି ଯୋଗଦେଇ କହିଥିଲେ, ପ୍ରେମ ହେଉଛି ଏକ ମଧୁର ଯନ୍ତ୍ରଣା। ଏଥିରେ ତଲ୍ଲୀନ ହେଲେ ଜଣେ ସଫଳ ପ୍ରେମ କବିତା ସମାଜକୁ ଦାନ କରିପାରିବ। ଅନ୍ୟତମ ଅତିଥିଭାବେ ସଂଳାପ ଲେଖକ ରଜନୀ ରଞ୍ଜନ ଦାଶ, ପୂର୍ବତନ ଅଧକ୍ଷ କ୍ଷୀରୋଦରାୟ ମହାପାତ୍ର, ଶିଶୁ ସାହିତ୍ୟିକ ବିଧୁଭୂଷଣ ମହାନ୍ତି, ବଙ୍କିମ ଚନ୍ଦ୍ର ନାୟକ, ଡ. ଭବାନୀ ଶଙ୍କର ଦାସ, ସରୋଜ ମହାପାତ୍ର, ଡ. ମୁରଲୀଧର ସାହୁ, କବି ପୂର୍ଣ୍ଣ ମହାରଣା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କବି ବିପିନ ମହାନ୍ତି ସଭା ପରିଚାଳନା କରିଥିଲେ। କବୟିତ୍ରୀ ବୈଜୟନ୍ତୀ ସାହୁ ଓ କବି ଅଭିମନ୍ୟୁ ନାୟକ ଲେଖକଙ୍କ ଲେଖାର ଅଙ୍କୁର ରୋପଣ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ କବି ଓ ପୀତବସ୍ତ୍ରଧାରିଣୀ ପାଠିକାମାନେ ମିତା ଦାସ ପୁସ୍ତକରୁ କବିତା ଆବୃତ୍ତି କରିଥିଲେ। ଉପସ୍ଥିତ ସମସ୍ତ କବିଙ୍କ ମଧରେ ଭାବର ଆଦାନପ୍ରଦାନ ହୋଇଥିଲା।

### ନାବାଳିକାଙ୍କୁ ଅସଦାଚରଣ

ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ) ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଖାରବେଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ୟୁନିଟ-୮ ଅଞ୍ଚଳର ପ୍ରମୋଦ କୁମାର ନାୟକ । ଏନେଇ ପୋଲିସ ମାମଲା (ନଂ ୫୦୯/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ବୀରେନ୍ଦ୍ର ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି

ଜଟଣୀ, ୩୦।୧୨ (ଡି.ଏନ୍.ଏ.): ଜଟଣୀର ବରିଷ୍ଠ ଆଇନଜୀବୀ ବୀରେନ୍ଦ୍ର କୁମାର ପଟ୍ଟନାୟକ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଭାବେ ମନୋନୀତ ହୋଇଛନ୍ତି। ଭୁବନେଶ୍ୱର ରେଲ୍‌ୱେ ଅଡିଟୋରିୟମରେ ଦୁଇଦିନ ଧରି ଚାଲିଥିବା ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୧ତମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା। ଆଇନଜୀବୀ ବୀରେନ୍ଦ୍ର ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଆଇନଜୀବୀ ଅମରେଶ ରାଉତରାୟ ଏକ୍‌ଜିକ୍ୟୁଟିଭ୍ ମେମ୍ବର ଭାବେ ମନୋନୀତ ହୋଇଛନ୍ତି। ଏନେଇ ବୀରେନ୍ଦ୍ର କୁହନ୍ତି, ଆଇନଜୀବୀଙ୍କ ନ୍ୟାଯ୍ୟ ଦାବି ପାଇଁ ସଦାସର୍ବଦା ସଂଗ୍ରାମ ଜାରି ରହିବ।

# ଦୟାନଦୀ ପାଣି ଦୂଷିତ, କମୁଛି କଇଁଛ ସଂଖ୍ୟା

ପୁରୁଣା ଭୁବନେଶ୍ୱର,୩୦।୧୨(ଡି.ଏନ୍.ଏ.)



ଦୟାନଦୀ ପାଣି ଦୂଷିତ ହେବାରୁ ସ୍ଥାନୀୟ ଲୋକେ ଓ ଜଳଚର ପ୍ରାଣୀ ପ୍ରଭାବିତ ହେଉଛନ୍ତି। ଭୁବନେଶ୍ୱର ବ୍ଲକ ଅଧୀନ ଶିଶୁପାଳଗଡ଼, ଲିଙ୍ଗିପୁର, ଟିକରପଡ଼ା ଆଦି ୬ ପଞ୍ଚାୟତର ନଈକୂଳିଆ ବାସିନ୍ଦା ଉକ୍ତ ନଦୀ ଉପରେ ନିର୍ଭର କରିଥାନ୍ତି। ଚାଷଠାରୁ ଆରମ୍ଭ କରି ଅନେକେ ପିଇବା ପାଣି ଭାବେ ମଧ ବ୍ୟବହାର କରନ୍ତି। ଦୂଷିତ ପାଣି ଯୋଗୁ ସଂକ୍ରାମକ ରୋଗ ବ୍ୟାପିବା ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଅନୁରୂପ ଭାବେ ଏହି ନଦୀରେ ଅନେକ ସଂଖ୍ୟାରେ କଇଁଛ ରହିଥିଲେ। ଏବେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଥିବା ଜଣାପଡ଼ିଛି। ନଦୀଜଳରେ କାଠି, କୁଟା, ପଲିଥିନ, ମୂର୍ତ୍ତି ପକାଯିବା ଏହାର ମୁଖ୍ୟ କାରଣ। ମୂର୍ତ୍ତି ଏହି ନଦୀରେ ବିସର୍ଜନ କରାଯାଉଥିବାରୁ ରାସାୟନିକ ରଙ୍ଗ ମିଶି ପାଣି ବିଷାକ୍ତ ହୋଇଥାଏ। କେବଳ ପାର୍ବଣ ସମୟରେ ଦୟାବ୍ରିଜ୍ ନିକଟ ନଦୀପଠାରେ ଅସ୍ଥାୟୀ ପୁଷ୍କରିଣୀ କରାଯାଏ। କିନ୍ତୁ ବର୍ଷର ଅନ୍ୟ ସମୟରେ ଲୋକେ ପୂଜା ସାମଗ୍ରୀ, ପଲିଥିନ ଏବଂ ଅଦରକାରୀ ପଦାର୍ଥ ଦୟାବ୍ରିଜ୍ ଉପରୁ ପାଣିକୁ ପକାଇଥା'ନ୍ତି। ଏହାକୁ କିଏ ବାରଣ କରିବାକୁ ନ ଥା'ନ୍ତି। କମିଶନରେଟ ପୋଲିସ ପକ୍ଷରୁ କଟକଣା କଡ଼ାକଡ଼ି କରାଗଲେ ଏଭଳି ଏକ ବଡ଼ ସମସ୍ୟାରୁ ଲୋକମାନେ ରକ୍ଷାପାଇବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସାମାଜିକ କର୍ମୀ ଦୀନବନ୍ଧୁ ବେଉରା କୁହନ୍ତି, ଲୋକେ ସଚେତନ ହେବାର ଆବଶ୍ୟକ ରହିଛି। ସେହିପରି ସ୍ଥାନୀୟ ବାସିନ୍ଦା ବୃନ୍ଦାବନ ସାହୁ କୁହନ୍ତି, ପୋଲିସ ପକ୍ଷରୁ କଟକଣା କଡ଼ାକଡ଼ି କରାଗଲେ ଲୋକେ ବ୍ରିଜ୍ ଉପରୁ ଅଦରକାରୀ ସାମଗ୍ରୀ ପକାଇବେ ନାହିଁ। ଲିଙ୍ଗରାଜ ସାହୁ କହନ୍ତି, କେବଳ ବର୍ଷର ପାର୍ବଣ ସମୟରେ ଅସ୍ଥାୟୀ ପୋଖରୀ ବ୍ୟବହାର କରା ନ ଯାଇ ସବୁ ସମୟରେ କରାଯିବା ପାଇଁ ପୋଲିସ ପକ୍ଷରୁ ସୂଚନା ଦିଆଯିବା ସହ ସଚେତନ କରାଯିବା ଉଚିତ୍। ଅନ୍ୟପକ୍ଷରେ ପରିବେଶ ପ୍ରେମୀ ସୁଶାନ୍ତ ସାହୁ କୁହନ୍ତି, ଅତୀତରେ ଏଠାରେ ପାଣି ରହୁଥିଲା। ପଙ୍କୁଆ ଜାତିର କଇଁଛମାନେ ନଦୀପାଣିରୁ ଖାଦ୍ୟ ସଂଗ୍ରହ କରିଥାନ୍ତି। ଏବେ ପରିବେଶ ଅନୁକୂଳ ନ ଥିବାରୁ ଏମାନଙ୍କ ସଂଖ୍ୟା ହ୍ରାସ ପାଉଥିବା ସେ କହିଛନ୍ତି।



ଜୟଦେବ ବିହାର ଛକରେ ରହିଥିବା ହକି ବିଶ୍ୱକପ୍‌ର ମଡେଲ ନିକଟରେ ଯୁବତୀମାନେ ସେଲ୍‌ଫି ନେଉଛନ୍ତି। (ଫଟୋ- ବିକାଶ)

### ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରଙ୍ଗ,୩୦।୧୨(ଡି.ଏନ୍.ଏ.)

ପଟିଆ କାନନବିହାର ଫେଜ-୨ସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ଭାରତୀୟ ଶିକ୍ଷା ପରିଷଦ ତରଫରୁ ଆୟୋଜିତ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ପରିଷଦର ସଭାପତି ସୁଧୀର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବୈଜ୍ଞାନିକ ପ୍ରଫେସର ସୁନୀଲ ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ସ୍ୱାଧ୍ୟାୟ ଓ ସ୍ୱାବଲମ୍ବନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଡ. ଦିଗରାଜ ବ୍ରହ୍ମା ଓ ପରିଷଦର ଉପ-ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ରବିନାରାୟଣ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ବାବାଜୀ କୁମାର ଶିବିର ବିବରଣୀ ପ୍ରଦାନ କରିଥିଲେ। ବିଜ୍ଞାନ ପୁସ୍ତକ ରଚନା ପାଇଁ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ସହକାରୀ ଶିକ୍ଷୟିତ୍ରୀ ରୋଜାଲିନ ସ୍ୱାଇଁ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତୀ ହାସଲ କରିଥିବା ମାନସଲକ୍ଷ୍ମୀ ଦାସ, ଲକ୍ଷ୍ମୀପ୍ରିୟା ଘଡ଼ାଇ ଓ ବିଶ୍ୱନାଥ ବିନ୍ଧାଣିଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ତଥା ସଂଗଠନ ସମ୍ପାଦକ ପ୍ରଦୀପ ପାଣି ଧନ୍ୟବାଦ ଦେଇଥିଲେ। ଡ.ବିଶ୍ୱରଞ୍ଜନ ରଥ, ଡ.ସୁନ୍ଦର ମୋହନ ବାରିକ, ବିଚିତ୍ରାନନ୍ଦ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଅଜୟ ଦାଶ, ଭାସ୍କର ଚନ୍ଦ୍ର ନାୟକ, ମନୋଜ ବାରିକ, ମଧୁମତି ଦାସ, ଏମ୍.ବାଣୀ ପ୍ରମୁଖ ସହଯୋଗ କରିଥିଲେ।

# ୫ ଟଙ୍କା ପାଇଁ ମୋ ବସ୍ କର୍ମଚାରୀଙ୍କୁ ଥାନାକୁ ଟାଣିଲେ ମହିଳା ଯାତ୍ରୀ

## ପୋଲିସ ହସ୍ତକ୍ଷେପ ପରେ ଫେରାଇଲେ ଟଙ୍କା

ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)

୫ଟଙ୍କା ପାଇଁ ଥାନାକୁ ଆସିଲେ ମୋ ବସ୍ କର୍ମଚାରୀ। କଥାଟା ଶୁଣିଲେ ଅଡୁଆ ଲାଗୁଥିଲେ ମଧ ଘଟଣା ସତ। ଏଭଳି ଘଟଣା ଇନଫୋସିଟି ଥାନା ଅଞ୍ଚଳରେ ଘଟିଛି। ମହିଳା ଯାତ୍ରୀଙ୍କ ଅଭିଯୋଗ ପରେ ପୋଲିସ ହସ୍ତକ୍ଷେପ କରିବାରୁ ମୋ ବସ୍ କର୍ମଚାରୀ ଜଣକ ସମ୍ପୃକ୍ତ ମହିଳାଙ୍କୁ ୫ ଟଙ୍କା ଫେରାଇଛନ୍ତି। ଏପରିକି ପରବର୍ତ୍ତୀ ସମୟରେ ବସ୍ କର୍ମଚାରୀମାନେ ମହିଳାଙ୍କୁ ଏକ ଅଟୋ ଭଡ଼ା କରି ଡମଣା ପଠାଇଥିବା ଜଣାପଡିଛି। ଅନ୍ୟପଟେ ୫ଟଙ୍କା ପାଇଁ ବସ କର୍ମଚାରୀ ଓ ମହିଳାଙ୍କ ମଧରେ ଯୁକ୍ତିତର୍କ ହେବା ସହ ଘଟଣା ଥାନାକୁ ଯିବାରୁ ବସ୍‌ରେ ବସିଥିବା ଯାତ୍ରୀମାନେ ହଟହଟା ହୋଇଥିଲେ। ଘଟଣାଥିଲା ଏମିତି। ଶୁକ୍ରବାର ଜଣେ ମହିଳା ମୋ ବସ୍‌ରେ ଜାଭିୟର ଛକରୁ ଚଢ଼ିଥିଲେ। ସେ ଡମଣା ଛକ ନିକଟ ସୁବାଷ ଏନ୍‌କ୍ଲେଭକୁ ଯାଇଥାନ୍ତେ। କଣ୍ଡକ୍ଟର ମହିଳାଙ୍କୁ ଭଡ଼ା ବାବଦକୁ ୫ଟଙ୍କା ମାଗିଥିଲେ। ମହିଳା ଜଣକ ପାଖରେ ଥିବା ଶହେ ଟଙ୍କିଆ ନୋଟ୍ ଧରାଇଥିଲେ। କଣ୍ଡକ୍ଟରଙ୍କ ପାଖରେ ଖୁଚୁରା ୫ଟଙ୍କା ନ ଥିବାରୁ ସେ ୯୫ ଟଙ୍କା ବଦଳରେ ୯୦ଟଙ୍କା ଦେଇଥିଲେ। ରସିଦରେ ୫ ଟଙ୍କା ଫେରସ୍ତ ହେବ ଲେଖି ଓହ୍ଲାଇଲେ ନେଇଯିବ ବୋଲି କହିଥିଲେ। ହେଲେ ମହିଳା ଜଣକ ବସ୍‌ରୁ ଓହ୍ଲାଇବା ସମୟ ହୋଇଥିଲେ ମଧ କଣ୍ଡକ୍ଟର ତାଙ୍କୁ ୫ ଟଙ୍କା ଫେରାଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରେ ମହିଳା ଜଣକ ଇନଫୋସିଟି ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମୋ ବସ୍‌କୁ ଅଟକାଇ କର୍ମଚାରୀଙ୍କୁ ଥାନାକୁ ନେଇଥିଲା। ଶେଷରେ ବସ୍ କଣ୍ଡକ୍ଟର ମହିଳାଙ୍କୁ ୫ଟଙ୍କା ଫେରାଇବା ପରେ ମୋ ବସ୍‌କୁ ପୋଲିସ ଛାଡିଥିଲା।

# ହୋଟେଲ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିସିପି



## ୯ ହୋଟେଲରେ ରହିବେ ଖେଳାଳି
## ଉତ୍ତମ ବ୍ୟବହାର ପାଇଁ ପରାମର୍ଶ

ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)

ଜାନୁୟାରୀ ୧୩ରୁ ହକି ବିଶ୍ୱକପ୍ ଆରମ୍ଭ ହେବ। ସହରର ୯ଟି ହୋଟେଲରେ ଖେଳାଳିମାନେ ରହିବାର ବ୍ୟବସ୍ଥା କରାଯାଇଛି। ଏହାକୁ ନଜରରେ ରଖି ଶୁକ୍ରବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ବିଭିନ୍ନ ହୋଟେଲ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଏହାସହ ଖେଳାଳିମାନେ କିପରି ସୁବିଧାରେ ରହିବେ ଓ ହୋଟେଲର ସୁରକ୍ଷା କର୍ମଚାରୀଙ୍କର ଖେଳାଳିଙ୍କ ପ୍ରତି କିପରି ଦାୟିତ୍ୱ ରହିବ ସେନେଇ ହୋଟେଲ କର୍ତ୍ତୃପକ୍ଷ ବା ପରିଚାଳକଙ୍କ ସହିତ ଆଲୋଚନା କରିଛନ୍ତି। ହୋଟେଲରେ ରହିବାବେଳେ ଖେଳାଳିଙ୍କ ସହିତ ହୋଟେଲ କର୍ମଚାରୀମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାନେଇ ଡିସିପି ସିଂ ପରାମର୍ଶ ଦେଇଛନ୍ତି। ଏହାସହ ହୋଟେଲ ବାହାରେ ଓ ଭିତରେ ଲାଗିଥିବା ସିସିଟିଭି ଫୁଟେଜ ଠିକ୍‌ରେ କାମ କରୁଛି କି ନାହିଁ ଯାଞ୍ଚ କରିଥିଲେ। ସେହିପରି ଖେଳାଳିମାନେ ରହୁଥିବା ପ୍ରତ୍ୟେକ ହୋଟେଲରେ ଜଣେ ଲେଖାଏ ଡିଏସ୍‌ପିଙ୍କ ତତ୍ତ୍ୱାବଧାନରେ ୩ଜଣ ଇନ୍ସପେକ୍ଟର, ୬ଜଣ ସବ୍‌ଇନ୍ସପେକ୍ଟର/ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୩ ଜଣ ସିଗନାଲ୍ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ଏପିଆର୍ -୬, ୨ ପ୍ଲାଟୁନ ଫୋର୍ସ, ହୋମ୍ ଗାର୍ଡ ୩ଜଣ ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ରହିବେ।

# 'ଆଳିଶି ଶାସନରେ ପଞ୍ଚାୟତ କାର୍ଯ୍ୟାଳୟ ହେଉ'

ବାଲିପାଟଣା,୩୦।୧୨(ଡି.ଏନ୍.ଏ.)

୨୦୧୬ ଜୁଲାଇ ୫ରେ ପଞ୍ଚାୟତିରାଜ ବିଭାଗ ଚିଠି ନଂ.୧୧୫୬୮ ଦ୍ୱାରା ଖୋର୍ଦ୍ଧା ଜିଲାରେ ପଞ୍ଚାୟତ ପୁନଃ ନିର୍ମାଣ କରାଯିବାରୁ ବାଲିପାଟଣା ବ୍ଲକ ଅଧୀନ ରାଜସ ପଞ୍ଚାୟତରୁ ଅଲଗା ହୋଇ ଆଳିସି ପଞ୍ଚାୟତ ନାମରେ ନୂତନ ପଞ୍ଚାୟତ ଘୋଷଣା କରାଯାଇଥିଲା। ଏହି ନୂତନ ପଞ୍ଚାୟତରେ ଧନୁଆ ନଦୀର ଗୋଟିଏ ପଟେ ଥିବା ଦନାପଡ଼ା, ଆଳିଶିବିନ୍ଧା, ଆଳିଶି ଶାସନ ଓ ବିନ୍ଧା ରାଜସ୍ୱ ଗ୍ରାମ ରହିଥିବା ବେଳେ ନଦୀର ଅନ୍ୟପାର୍ଶ୍ୱରେ ଥିବା ଭଇରିପୁର ଓ ବଦଲାପଡ଼ା ଗ୍ରାମ ରହିଛି। ଗତ ୬ବର୍ଷ ଧରି ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣକୁ ନେଇ ନଦୀର ଉଭୟ ପାର୍ଶ୍ୱ ଲୋକ ଏକମତ ନ ହେବାରୁ ଗୃହ ନିର୍ମାଣ ହୋଇପାରୁ ନାହିଁ। ନିୟମ ଅନୁଯାୟୀ ଯେଉଁ ଗ୍ରାମ ନାମରେ ପଞ୍ଚାୟତ ହୋଇଛି, ସେଠାରେ କାର୍ଯ୍ୟାଳୟ ହେବ। ତେବେ ତତ୍କାଳୀନ ପ୍ରଶାସନିକ ଅଧିକାରୀଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ନବ ଗଠିତ ପଞ୍ଚାୟତ ପାଇଁ ଆଳିଶି ଶାସନ ଗ୍ରାମରେ ଅଦଲାବାଦ ରାଜସ୍ୱ ନୀରିକ୍ଷକ ଜମି ଚିହ୍ନଟ କରି ଖାତା ନଂ.୪୮୩ ପ୍ଲଟ୯୯୧ ରେ ୧ଏକର ଜମି ମଧ ଯୋଗାଇ ଦେଇଛନ୍ତି। ପ୍ରତିବାଦ କରୁଥିବା ଲୋକମାନେ ଭଇରିପୁରରେ କାର୍ଯ୍ୟାଳୟ ଗୃହ ଦାବି କରୁଥିଲେ ମଧ ଜିଲାପାଳଙ୍କ ଦ୍ୱାରା ଗଠିତ ଉପ ଜିଲାପାଳଙ୍କ ନେତୃତ୍ୱରେ ତଦନ୍ତ କମିଟର ସୁପାରିସ ଆଧାରରେ ଆଳିଶି ପଟେ ଅଧିକ ଲୋକ ସଂଖ୍ୟା ସହିତ ସମସ୍ତ ସୁବିଧା ଥିବାରୁ ଏହିପଟେ କାର୍ଯ୍ୟାଳୟ ଗୃହ କରିବାକୁ ସ୍ଥିର କରିଥିଲେ। ବିଭାଗୀୟ ମନ୍ତ୍ରୀ ମଧ ଏହାକୁ ଅନୁମୋଦନ କରିଛନ୍ତି। ଏବେ ମଧ ଆଳିସି ଶାସନର ଏକ ପରିତ୍ୟକ୍ତ ବିଦ୍ୟାଳୟରେ ପଞ୍ଚାୟତ କର୍ଯ୍ୟାଳୟ କାର୍ଯ୍ୟ କରୁଛି। ତେଣୁ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ନ କରି, ଆଳିଶିଶାସନ ଠାରେ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ନିକଟରେ କେତେଜଣ ଗ୍ରାମବାସୀ ଲିଖିତ ଦାବି କରିଛନ୍ତି।




ଭୁବନେଶ୍ୱରସ୍ଥିତ ଓଡେଶା ଭବନରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ୪୪ତମ ରାଜ୍ୟସ୍ତରୀୟ ସମ୍ମିଳନୀରେ ଅତିଥିମାନେ କ୍ୟାଲେଣ୍ଡର ଓ ଡାଏରୀ ଉନ୍ମୋଚନ କରୁଛନ୍ତି।

# ପୁସ୍ତକ 'ଆଲୋକର ପଥେ' ଉନ୍ମୋଚିତ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ଓୟୁଏଟିର ପୂର୍ବତନ ପ୍ରଫେସର ଓ ଡିନ୍ ଅଭିମନ୍ୟୁ ମିଶ୍ରଙ୍କ ରଚିତ ପୁସ୍ତକ 'ଆଲୋକର ପଥେ' ଉନ୍ମୋଚିତ ହୋଇଯାଇଛି। ଘାଟିକିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ବିଶୁଦ୍ଧାନନ୍ଦ ସାରସ୍ୱତ ସଂଘର ୪୯ତମ ବାର୍ଷିକ ସାରସ୍ୱତ ଭକ୍ତ ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିରେ ଲେଖକ ମିଶ୍ରଙ୍କ ବାଲ୍ୟାବସ୍ଥା, ବୈଷୟିକ ଶିକ୍ଷାଲାଭ, ପାରିବାରିକ ସମ୍ପର୍କ, ଜୀବନ, ସାଧୁ ଦର୍ଶନ, ସଦ୍‌ଗୁରୁ ଗ୍ରହଣ ଓ ତଦୀୟ ସେବାକାର୍ଯ୍ୟ, ତୀର୍ଥ ଭ୍ରମଣ, ବନ୍ଧୁମିଳନ, ସାଧନ ଭଜନ, ସଂଘଟିତ ଅଲୌକିକ ଦିବ୍ୟ ଅନୁଭୂତି ପ୍ରକାଶ ପାଇଛି। ଏହାପୂର୍ବରୁ ମିଶ୍ରଙ୍କ ଦ୍ୱାରା ରଚିତ 'ସାଧନା ଓ ଅନୁଭୂତି' ଓ 'ସ୍ପିରିଚୁଆଲ ପ୍ରାକ୍ଟିସ ଆଣ୍ଡ ରିଏଲାଇଜେସନ୍' ପୁସ୍ତକରେ ତାଙ୍କ ଆଧାତ୍ମିକ ସାଧନାଲବ୍ଧ ଘଟଣାକ୍ରମ, ତାହାର ତାତ୍ତ୍ୱିକ ବିଶ୍ଳେଷଣ ତଥା ବ୍ରହ୍ମ ସମ୍ବନ୍ଧୀୟ ଜ୍ଞାନ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି। 'ଆଲୋକର ପଥେ' ପୁସ୍ତକଟି ଭଗବତ୍ ପ୍ରେମୀଙ୍କୁ ଈଶ୍ୱରଙ୍କ ଲୀଳା ସଂଦର୍ଶନ ପାଇଁ ଅନୁପ୍ରେରିତ କଲେ ଲେଖକଙ୍କ ଶ୍ରମ ସାର୍ଥକ ହେବ ବୋଲି ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଓ ଉପସ୍ଥିତ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଅତିଥିମାନେ ପୁସ୍ତକ 'ଆଲୋକର ପଥେ'କୁ ଉନ୍ମୋଚିତ କରୁଛନ୍ତି।

# ଆର୍‌ଆଇ ଅଫିସରେ ତାଲା, ଜନ ଅସନ୍ତୋଷ

ବାରଙ୍ଗ, ୩୦।୧୨(ଡି.ଏନ୍.ଏ.)

ବାରଙ୍ଗ ତହସିଲ ଅଧୀନରେ ଥିବା ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ଗତ ଶନିବାରଠାରୁ ତାଲା ଝୁଲି ରହିଛି। ଫଳରେ ତହସିଲକୁ କାର୍ଯ୍ୟ ପାଇଁ ଆସୁଥିବା ଲୋକ ବନ୍ଦ ଥିବା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଲୋକମାନେ ବିଭିନ୍ନ ସମସ୍ୟା ନେଇ ଆର୍‌ଆଇଙ୍କ ପାଖକୁ ଆସୁଥିବାବେଳେ କାର୍ଯ୍ୟାଳୟ ଫାଟକରେ ତାଲା ପଡି ରହିବା ଯୋଗୁ ନିରାଶରେ ଫେରୁଛନ୍ତି। ଏସବୁସତ୍ତ୍ୱେ ତହସିଲାଦାର କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।



ପ୍ରକାଶ ଯେ, ସୋମବାର ବାରଙ୍ଗ ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) କାର୍ଯ୍ୟାଳୟ ଯାଞ୍ଚ ହେବାର ଥିବାରୁ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକମାନେ ଉପରିସ୍ଥ ଅଧିକାରୀମାନଙ୍କ ପାଖରେ ବସି କାଗଜପତ୍ର ସଜାଡୁଛନ୍ତି। ଅନ୍ୟପଟେ ବକେୟା ୨୭ହଜାର ଟଙ୍କାର ବିଦ୍ୟୁତ୍ ବିଲ୍ ପୈଠ କରାଯାଇ ନ ଥିବାରୁ ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟକୁ ଗୋଡ଼ି ସାହି ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ଶନିବାର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏହି ସୁଯୋଗରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ତାଲା ପକାଇଦେଇ ଆସୁନାହାନ୍ତି। ଫଳରେ ସାଧାରଣ ଲୋକ ବିଭିନ୍ନ ସମସ୍ୟା ନେଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସୁଥିଲେ ମଧ ତାଲା ପଡ଼ିଥିବା ସହ କେଉଁ କାରଣ ପାଇଁ ତାଲା ପଡିଛି ନ ଜାଣିପାରି ଫେରୁଛନ୍ତି। ଗତ ଶନିବାରଠାରୁ ଏଭଳି ସମସ୍ୟା ଲାଗିରହିଥିଲେ ମଧ ବାରଙ୍ଗ ତହସିଲ ଓ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ରାମଦାସପୁର ଆର୍‌ଆଇ ଅନିଲ ସାମନ୍ତରାୟ କହିଛନ୍ତି, ବିଦ୍ୟୁତ କଟାଯାଇଥିବାରୁ କାମ କରିବାରେ ଅସୁବିଧା ହେଉଛି। ଫଳରେ କାର୍ଯ୍ୟାଳୟକୁ ବନ୍ଦ କରାଯାଇଛି। ଅନ୍ୟପଟେ ଆଡ୍‌ସିନାଲ ତହସିଲାଦାର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ସୋମବାର ଯେହେତୁ ସବୁ ଆରଆଇ ଅଫିସ୍ ଇନସପେକ୍ସନ ହେବାର ଅଛି। ତେଣୁ ସମସ୍ତେ ତହସିଲ କାର୍ଯ୍ୟାଳୟରେ ରହି ସୁପରଭାଇଜରଙ୍କ ପାଖରେ କାମ କରୁଛନ୍ତି। ତେଣୁ ସହକାରୀ ଆର୍‌ଆଇଙ୍କୁ କହି କାର୍ଯ୍ୟାଳୟ ଖୋଲିବେ ବୋଲି କହିଥିଲେ।

## ସଂକ୍ଷେପରେ

### ଜାନୁୟାରୀ ୧୪ରୁ ମକରମେଳା

ବଡ଼ମ୍ବା,୩୦।୧୨(ଡି.ଏନ୍.ଏ.): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ନିକଟ ମହାନଦୀ ମଧଭାଗରେ ଥିବା ପ୍ରଭୁ ସିଂହନାଥଦେବଙ୍କ ମକର ମେଳା ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ନୀଳକଣ୍ଠ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜାନୁୟାରୀ ୧୪ରୁ ହେବାକୁ ଥିବା ୩ ଦିନିଆ ମକର ମେଳା କିପରି ଶାନ୍ତିଶୃଙ୍ଖଳା ସହିତ ସମ୍ପର୍ଣ୍ଣ ହେବ ତାହା ଉପରେ ଗୁରୁତ୍ୱାରୋପ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବାଙ୍କି ଉପଜିଲାପାଳ ରଞ୍ଜନ କୁମାର ଜେନା, ବାଙ୍କି ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବଡ଼ମ୍ବା ବିଡିଓ ରମେଶ କୁମାର ଜେନା, ବାଙ୍କି ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ, ସମିତିସଭ୍ୟ ଜିତେନ୍ଦ୍ର କୁମାର ମଲ୍ଲିକ, ମାଳି ସେବାୟତ ସଙ୍ଘ ସଭାପତି ଜଳଧର ରଣା, ସମ୍ପାଦକ ଭାଗିରଥି ରଣାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ମହାନଦୀର ଉତ୍ତର ପାର୍ଶ୍ୱ ବଡ଼ମ୍ବା ସମେତ ବିଭିନ୍ନ ଅଞ୍ଚଳ ଓ ଦକ୍ଷିଣ ପାର୍ଶ୍ୱ ବାଙ୍କି ସମେତ ବିଭିନ୍ନ ଅଞ୍ଚଳରୁ ଜନସାଧାରଣଙ୍କ ସମାଗମ ନେଇ ମନ୍ଦିରକୁ ସଂଯୋଗ କରୁଥିବା ଟି ସେତୁରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହିତ ଜନଗହଳିକୁ ଏଡ଼ାଇବା ପାଇଁ ଗୋପୀନାଥପୁରଠାରୁ ମନ୍ଦିର ନିକଟ ପର୍ଯ୍ୟନ୍ତ ବାଲିରେ ଏକ ଫେୟାର ୱେଦର ରାସ୍ତା ନିର୍ମାଣ କରାଯାଉଥିବା ବୈଠକରେ ସୂଚନା ଦିଆଯାଇଥିଲା।

### ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରଙ୍ଗ,୩୦।୧୨(ଡି.ଏନ୍.ଏ.): ପଟିଆ କାନନବିହାର ଫେଜ-୨ସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ଭାରତୀୟ ଶିକ୍ଷା ପରିଷଦ ତରଫରୁ ଆୟୋଜିତ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷା ପରିଷଦର ସଭାପତି ସୁଧୀର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବୈଜ୍ଞାନିକ ପ୍ରଫେସର ସୁନୀଲ ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ସ୍ୱାଧାୟ ଓ ସ୍ୱାବଲମ୍ବନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଡ. ଦିଗରାଜ ବ୍ରହ୍ମା ଓ ପରିଷଦର ଉପ-ସଭାପତି ହିମାଂଶୁ ଶେଖର ଆଚାର୍ଯ୍ୟ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ରବିନାରାୟଣ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ବାବାଜୀ କୁମାର ଶିବିର ବିବରଣୀ ପ୍ରଦାନ କରିଥିଲେ। ବିଜ୍ଞାନ ପୁସ୍ତକ ରଚନା ପାଇଁ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ସହକାରୀ ଶିକ୍ଷୟିତ୍ରୀ ରୋଜାଲିନ ସ୍ୱାଇଁ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତୀ ହାସଲ କରିଥିବା ମାନସଲକ୍ଷ୍ମୀ ଦାସ, ଲକ୍ଷ୍ମୀପ୍ରିୟା ଘଡ଼ାଇ ଓ ବିଶ୍ୱନାଥ ବିନ୍ଧାଣିଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ତଥା ସଂଗଠନ ସମ୍ପାଦକ ପ୍ରଦୀପ କୁମାର ପାଣି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ବିଶ୍ୱରଞ୍ଜନ ରଥ, ଡ.ସୁନ୍ଦର ମୋହନ ବାରିକ, ବିଚିତ୍ରାନନ୍ଦ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଅଜୟ ଦାଶ, ଭାସ୍କର ଚନ୍ଦ୍ର ନାୟକ, ମନୋଜ ବାରିକ, ମଧୁମତି ଦାସ, ଏମ୍.ବାଣୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

ନରସିଂହପୁର,୩୦।୧୨ (ସ୍ୱ.ପ୍ର.)


ଚାଷୀମାନେ ଜିଲିଣ୍ଡା ଛକରେ ରାସ୍ତାରୋକୋ କରିଛନ୍ତି।

ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ସରକାର ଯେତେ ସୁବିଧା କଲେ ବି ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବା ପରେ ବି ନିର୍ଦ୍ଧାରିତ ତାରିଖରେ ମଣ୍ଡିରେ ଧାନ ବିକ୍ରି କରି ନ ପାରି ସେମାନେ ହତାଶ ହୋଇଛନ୍ତି। କଟକ ଜିଲା ନରସିଂହପୁର ବ୍ଲକ ଜିଲିଣ୍ଡା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପ୍ରତିବାଦରେ ରାସ୍ତାରେ ଧାନ ବସ୍ତା ରଖି ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜିଲିଣ୍ଡା ସେବା ସମବାୟ ସମିତି ଅଧୀନରେ ବସନ୍ତପୁର, ଯୋଉମୁ, ଚକାମୁଣ୍ଡା ରେଗେଡା ଆଦି ୪ ପଞ୍ଚାୟତର ଚାଷୀ ଧାନ ବିକିବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ଡିସେମ୍ବର ୨୩ରେ ଏହି ସମବାୟ ସମିତିରେ ଧାନ ବିକ୍ରି କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏନେଇ ଚାଷୀଙ୍କ ନିକଟକୁ ଟୋକନ ଆସିଥିଲା। ଚାଷୀମାନେ ମଣ୍ଡିରେ ପହଞ୍ଚି ଧାନ ବିକ୍ରି କରିବାକୁ ଜଗି ରହିଥିଲେ। ଦିନ ତମାମ ଅପେକ୍ଷା କରିବା ସତ୍ତ୍ୱେ ରାଇସ ମିଲ ମାଲିକ କିମ୍ବା ଗାଡ଼ି ଆସି ନ ଥିଲା। ଫଳରେ ସେମାନେ ନିରାଶ ହୋଇଥିଲେ। ନରସିଂହପୁରରେ ନୂତନ ଭାବେ ନିର୍ମାଣ ହୋଇଥିବା ଏହି ମିଲ୍‌କୁ ପ୍ରଥମ ଥର ପାଇଁ ମଣ୍ଡିରୁ ଧାନ କିଣିବାକୁ ଅନୁମତି ମିଳିଥିଲା। ମାତ୍ର ସମ୍ପୃକ୍ତ ମିଲ୍‌ର ନିଜର ଏମ୍‌ଏସ୍‌ପି ଅର୍ଥ ସରକାରଙ୍କ ନିକଟରେ ଜମା କରି ନ ଥିବାରୁ ଧାନ କିଣିପାରିଲା ନାହିଁ। ଚାଷୀମାନଙ୍କ ଧାନ ତୁରନ୍ତ କିଣିବା ପାଇଁ ଗତ ୨୭ ତାରିଖରେ ସମବାୟ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ

**ମଣ୍ଡିକୁ ଆସିଲେନି ମିଲର**

ଏକ ବୈଠକ କରାଯାଇଥିଲା। ମାତ୍ର କୌଣସି ସମାଧାନ ନ ହେବାରୁ ଶୁକ୍ରବାର ସକାଳୁ କମଲାଡ଼ିହ ଜିଲିଣ୍ଡା ଛକର ରାସ୍ତା ମଝିରେ ଚାଷୀମାନେ ବସି ରହିଥିଲେ। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁବାସ କୁମାର ବେହେରା ଯୋଗାଣ ବିଭାଗ କର୍ମଚାରୀ ଚିତ୍ତରଞ୍ଜନ ବେହେରା ଘଟଣାସ୍ଥଳକୁ ଯାଇ ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ୨ ଦିନ ମଧ୍ୟରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଥିଲେ। ପ୍ରତିଶ୍ରୁତି ରଖା ନ ଗଲେ ପୁର୍ନବାର ଆନ୍ଦୋଳନ କରାଯିବ ବୋଲି ବସନ୍ତପୁର ସରପଞ୍ଚ ପ୍ରକାଶ ବେହେରା, କୃଷକ ନେତା ପବିତ୍ର ପ୍ରଧାନ, ମାନସ କୁମାର ଗଡ଼ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ୧୦ ଦଫା ଦାବିରେ ଉପଜିଲାପାଳଙ୍କୁ ସ୍ମାରକପତ୍ର

ଆଠଗଡ଼,୩୦।୧୨(ସ୍ୱ.ପ୍ର.)

ଚଳିତ ବର୍ଷ ଚାଷୀଙ୍କ ଧାନ ବିକ୍ରି ନେଇ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ, ମଣ୍ଡିରେ ଅବ୍ୟବସ୍ଥା ଆଦି ୧୦ ଦଫା ଦାବି ନେଇ ଆଠଗଡ଼ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଉପ-ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ମୋର୍ଚ୍ଚା ପ୍ରଶାସନକୁ ଚେତାବନୀ ଦେଇଛି। କଟକ ଜିଲା ଭାଜପା କୃଷକ ମୋର୍ଚ୍ଚା ଉପ-ସଭାପତି ଜଗତାନନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ଆଠଗଡ଼ ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାଏ, ବିଚିତ୍ରାନନ୍ଦ ଜେନା, ରମାକାନ୍ତ ସେନାପତି ପ୍ରମୁଖ ଆଠଗଡ଼ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ସହକାରୀ ଉପଜିଲାପାଳ ଦୀପ୍ତିରେଖା ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ।

# ମଣ୍ଡଳସ୍ତରୀୟ କବାଡ଼ି, ଫୁଟବଲ୍ ପ୍ରତିଯୋଗିତା


କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ନିଶ୍ଚିନ୍ତକୋଇଲି,୩୦।୧୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ କବାଡି ଓ ଫୁଟବଲ ପ୍ରତିଯୋଗିତା ବନ୍ଧକାଟିଆ ପଞ୍ଚାୟତ ଅନ୍ତର୍ଗତ ଚକରପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କବାଡି ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଚାମ୍ପିୟନ ହୋଇଥିବା ବେଳେ କନିଷ୍ଠ ବର୍ଗରେ ବରାଦ ପଞ୍ଚାୟତ ଚାମ୍ପିୟନ ହୋଇଛି। ସେହିଭଳି ଫୁଟବଲ ପ୍ରତିଯୋଗିତାରେ ନେମାଳକୁ ୪-୩ଗୋଲରେ ହରାଇ ତରତଶାସନ ଚାମ୍ପିୟନ ଆଖ୍ୟା ଅର୍ଜନ କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛି। କବାଡି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଦାଉଦପୁର ଓ ବରାଦ ମଧ୍ୟରେ ଖେଳାଯାଇଥିଲା।

ଉକ୍ତ ଖେଳକୁ ଅଜୟ କୁମାର ବେହେରା, ସୂର୍ଯ୍ୟକାନ୍ତ ଲେଙ୍କା, ଅକ୍ଷୟ କୁମାର ସିଂ ଓ ଭରତ ଚନ୍ଦ୍ର ପରିଡା ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବନ୍ଧକାଟିଆ ପଞ୍ଚାୟତ ସରପଞ୍ଚ ପ୍ରଦିପ୍ତ ପରିଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୋଜି ସେଠୀ, ମୁଖ୍ୟ ବକ୍ତାଭାବେ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ବୁହାଳ ସରପଞ୍ଚ ରମାକାନ୍ତ ମହାନ୍ତି, ପୂର୍ବତ ଅଧକ୍ଷ ଗିରିଶ ମହାପାତ୍ର, ସାମାଜିକ କର୍ମୀ ବ୍ରଜବନ୍ଧୁ ପଣ୍ଡା, ଜିଲା ପରିଷଦ ସଭ୍ୟ ବିଭୂତି ଭୂଷଣ ଷଣ୍ଢ, ଜ୍ୟୋତି ପ୍ରକାଶ ସ୍ୱାଇଁ, ଜ୍ଞାନ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିଥିଲେ। ଜିପିଓ ଜନ୍ମେଜୟ ରାଉତ କ୍ରୀଡା ସଂଯୋଜନା କରିଥିଲେ।

## ମୁକ୍ତାନଗର ଧାନମଣ୍ଡି ଉଦ୍‌ଘାଟିତ

ମାଣିଆବନ୍ଧ,୩୦।୧୨(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମୁକ୍ତାନଗର ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ମନୋଜ ବିଶ୍ୱାଳଙ୍କ ଉପସ୍ଥିତିରେ ସମିତି ସଭାପତି ସୁବାସ ଦେବନାଥ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସିଗଲ ଏଣ୍ଟରପ୍ରାଇଜେସ୍‌ର ମ୍ୟାନେଜର ପ୍ରଶାନ୍ତ ମହାନ୍ତି ୧୭ ଚାଷୀଙ୍କଠାରୁ ୪୭୩ କୁଇଣ୍ଟାଲ ଧାନ କ୍ରୟ କରିଥିଲେ। କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ବିରଞ୍ଚି ଦାଶ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ପଣ୍ଡା, ସୂର୍ଯ୍ୟମଣି ଦାଶ, ଅଖିଳ ପଣ୍ଡା, କୁଆଁରପାଳ ସରପଞ୍ଚ ମନୋଜ ପରିଡ଼ା, ଅଭିମାନପୁର ସରପଞ୍ଚ ଓ ସମିତିସଭ୍ୟାଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ଏନ୍‌ଏସିରେ ଖୋଲିଲା ଧାନମଣ୍ଡି

ଆଠଗଡ଼,୩୦।୧୨(ସ୍ୱ.ପ୍ର.)

ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଶୁକ୍ରବାର ଆଠଗଡ଼ ଏନ୍‌ଏସି ନିଜିଗଡ଼ ସେବା ସମବାୟ ସମିତି ଓ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ ଏହାକୁ ଉଦ୍‌ଘାଟନ କରିଥିଲେ। ଧାନ କିଣିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସୁବିଧା ନେବା ଲାଗି ଚାଷୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏହାଛଡା ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୪ ଘଣ୍ଟା ମଧ୍ୟରେ ସହାୟତା ରାଶି ପ୍ରଦାନ ପାଇଁ ଓଡ଼ିଶା ସରକାର ତତ୍ପର ବୋଲି କହିଥିଲେ। ଚଳିତ ବର୍ଷ ନିଜିଗଡ଼ ସେବା ସମବାୟ ସମିତିରେ ଧାନ ବିକ୍ରି ପାଇଁ ମୋଟ୍ ୧୯୨ଜଣ ମହିଳା ପୁରୁଷ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ପ୍ରଥମ ଦିନରେ ୯ ଚାଷୀଙ୍କଠାରୁ ୫୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କ୍ରୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରଶାନ୍ତ ସ୍ୱାଇଁ, ସମିତି ସଭାନେତ୍ରୀ ରଶ୍ମିତା ସାହୁ, ଉପସଭାପତି କଲ୍ୟାଣ ପଟ୍ଟନାୟକ, ସୁଷମା ପରିଡ଼ା, ଶିବଙ୍କର ଜେନା, ଜଗଦୀଶ ବେହେରା, ସମବାୟୀ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଦୀପ୍ତ ଦାସ ଧନ୍ୟବାଦ ଦେଇଥିଲେ।


ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ ଓ ଅନ୍ୟମାନେ।

# ସେମିଫାଇନାଲ୍‌ରେ ୟୁନାଇଟେଡ୍ କ୍ଲବ

ଟିଗିରିଆ,୩୦।୧୨(ଡି.ଏନ. ଏ )

**ପାଞ୍ଚଗାଁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ୭ମ ପାଞ୍ଚଗାଁ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନାଇଟେଡ କ୍ଲବ (ଭୁବନେଶ୍ୱର ) ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ ୟୁନାଇଟେଡ କ୍ଲବ ଓ ଆଞ୍ଚଳିକ ଆଥଲେଟିକ ଆସୋସିଏଶନ (ପାଞ୍ଚଗାଁ) ମଧ୍ୟରେ ଖେଳାଯାଇଥିଲା। ୟୁନାଇଟେଡ଼ କ୍ଲବର ୧୧ ନଂ. ଖେଳାଳି ତୋଫାନୀ ନାଏକ ପ୍ରଥମାର୍ଦ୍ଧର ୨୦ ମିନିଟରେ ଗୋଟିଏ ଗୋଲ ସ୍କୋର କରି ଦଳକୁ ଆଗୁଆ କରିଥିଲେ। ପରେ ପାଞ୍ଚଗାଁ ଦଳର ୨୧ନଂ. ଖେଳାଳି ବଣ୍ଟି ପିରୋଇ ଦ୍ୱିତୀୟାର୍ଦ୍ଧର ଗୋଟିଏ ଗୋଲ ସ୍କୋର କରି ଖେଳକୁ ସମାନସ୍ତରକୁ ଆଣିଥିଲେ। ଶେଷରେ ଟାଇବ୍ରେକର ଜରିଆରେ ୟୁନାଇଟେଡ଼ କ୍ଲବ ୫-୪ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଦଧିବାମନ ଜୀଉ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁବାସ ଚନ୍ଦ୍ର ମୁଦୁଲି ଯୋଗ ଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ। ତୋଫାନୀ ନାଏକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଫରି ଭାବେ ସଞ୍ଜୀବ ଦାଶ ମ୍ୟାଚ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ଭୋଇ, ଅରୁଣ ସାହୁ ସହଯୋଗ କରିଥିଲେ। ଶକ୍ତି ପ୍ରସାଦ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ।


ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

## ପ୍ୟାରୀମୋହନଙ୍କ ଲେଖା ବ୍ରିଟିଶମାନଙ୍କୁ ବ୍ୟତିବ୍ୟସ୍ତ କରିଥିଲା

ମାହାଙ୍ଗା, ୩୦।୧୨(ସ୍ୱ.ପ୍ର.)

ସେକ୍ ମତ୍ଲୁବ ଅଲ୍ଲି ସ୍ମୃତି କମିଟି ଆନୁକୂଲ୍ୟରେ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ୧୪୧ ତମ ସ୍ମୃତି ଉତ୍ସବ ବାପୁଜୀ ଭବନ ଖନ୍ଦୋଲଠାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ସେକ୍ ମସୁଦ ଅଲ୍ଲି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପଦାର୍ଥ ବିଜ୍ଞାନୀ ଡ. କାର୍ତ୍ତିକ ଚନ୍ଦ୍ର ବରାଳ ଯୋଗଦେଇ ସ୍ୱାଧୀନ ଚେତା ପ୍ୟାରୀମୋହନ ତାଙ୍କ ଲେଖାରେ ଏକ ସୁପ୍ତ ଜାତିକୁ ଜାଗ୍ରତ କରିବା ସହ ଶକ୍ତିଶାଳୀ ବ୍ରିଟିଶ ସରକାରଙ୍କୁ ବ୍ୟତିବ୍ୟସ୍ତ କରି ପକାଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ସଂସଦର ସମ୍ପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି,ପଣ୍ଡିତ ପ୍ରଭାତ କୁମାର କର, ଯୁବନେତା ସୌକତ ଅଲି,ସମାଜସେବୀ ନଳିନୀକାନ୍ତ ନାୟକ ଯୋଗଦେଇ ପ୍ୟାରୀମୋହନଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ । ଯୁବନେତା ସୁକାନ୍ତ ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ରବି ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମହମ୍ମଦ କଲିମୁଲ୍ଲା ଆଜାଦ, ଭ୍ରମରବର ଦାସ, ସେକ ଇସଲାମ, ସେକ ଜଲିଲ, ଦୈତାରୀ ସାହୁ, ଅଧାପକ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଟିଗିରିଆ,୩୦।୧୨(ଡି.ଏନ.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ସୁଧାଂଶୁବାଳା ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବେହେରା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ପ୍ରତ୍ୟେକ ଦିନ କ୍ରୀଡ଼ା ଅଭ୍ୟାସ ଜାରି ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ କ୍ରୀଡ଼ା ସଂସଦର ଅନୁରୋଧ ରକ୍ଷାକରି ଖେଳପଡ଼ିଆର ଉନ୍ନତୀକରଣ ପାଇଁ ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଥିଲେ। ଯୁକ୍ତ ୨ ବାଳିକା ବିଭାଗରେ ନିକିତା ସ୍ୱାଇଁ ଓ ବିମଳା ଖଟୁଆ ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ବାଳକ ବିଭାଗରେ ରୁଦ୍ରପ୍ରସାଦ ସାହୁ, ଯୁକ୍ତ ୩ ବାଳିକା ବିଭାଗରେ ଅନନ୍ୟା ମହାନ୍ତି ଚାମ୍ପିୟନ ହୋଇଥିବାବେଳେ ବାଳକ ବିଭାଗରେ ଦିଲୀପ ରାଉତ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ରୂପେନ୍ଦ୍ର ନାରାୟଣ ତ୍ରିପାଠୀ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରସନ୍ନମଣି ଶାରୀରିକ ମହାବିଦ୍ୟାଳୟର ଅଧାପକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। କ୍ରୀଡ଼ା ସଂସଦ ଉପ ସଭାପତି ପ୍ରାଧାପକ ବନୋଜ ଦାସ ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ସଂସଦର ମୁଖ୍ୟ ପରାମର୍ଶଦାତା ପ୍ରାଧାପକ ବିଜୟ ବେହେରା ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କୁ ତଦନ୍ତ ଦାୟିତ୍ୱ

 କଟକ ସଦର,୩୦।୧୨(ଡି.ଏନ୍.ଏ.)

**ବିଦ୍ୟାଳୟ ପକ୍ଷରୁ ଟିଏମ୍‌ସି ବିଦ୍ୟୁତ୍ ବିଲ୍ ପଇଠ ଘଟଣା**

କରୋନା ମୁକାବିଲା ପାଇଁ ୨୦୨୦ରେ କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର(ଟିଏମ୍‌ସି) ଖୋଲା ଯାଇଥିଲା। ପରବର୍ତ୍ତୀ ସମୟରେ ଏହି ସବୁ କେନ୍ଦ୍ରର ବିଦ୍ୟୁତ୍ ବିଲ୍ ଉକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ପଇଠ କରିବାକୁ ପଡ଼ିଥିଲା। ଯାହା ସମ୍ପୂର୍ଣ୍ଣ ବେଆଇନ ଥିଲା। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରବାସୀ ଓଡ଼ିଆଙ୍କୁ ୧୫ ଦିନ ପାଇଁ ସଙ୍ଗରୋଧରେ ରଖିବାକୁ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ୨୦୨୦ ଜୁନ୍‌ଠାରୁ ସେପ୍ଟେମ୍ବର ମଧ୍ୟରେ ଟିଏମ୍‌ସି ଖୋଲିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି କେନ୍ଦ୍ରରେ ୨୪ ଘଣ୍ଟିଆ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଥିଲା। କେନ୍ଦ୍ର ପରିଚାଳନା ଦାୟିତ୍ୱ ବିଡିଓ ଏବଂ ସରପଞ୍ଚମାନଙ୍କ ହାତରେ ଥିଲା। ବିଦ୍ୟୁତ୍ ସଂଯୋଗ ବିଦ୍ୟାଳୟ ମିଟରରୁ ନିଆଯାଇଥିଲା। ହେଲେ ଟିଏମ୍‌ସି ବନ୍ଦ ହେବା ପରେ ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ଟାଟା ପାୱାରକୁ ବିଦ୍ୟୁତ୍ ବିଲ୍ ପଇଠ କରାଗଲା ନାହିଁ। ଏହି ସମୟରେ ବିଦ୍ୟାଳୟ ପରିସରକୁ ପିଲା ଆସି ନ ଥିଲେ। ୨୦୨୨ ମାର୍ଚ୍ଚରେ ବିଲ୍ ପଇଠ ପାଇଁ ତାଗିଦ୍ କରାଯିବାରୁ ଶିକ୍ଷକମାନେ ପିଲାଙ୍କଠାରୁ ଚାନ୍ଦା ଆଦାୟ କରି ବିଲ୍ ପଇଠ କରିଥିଲେ। ଏ ସମ୍ପର୍କରେ କଟକ ସଦର ଅଞ୍ଚଳର ଜଣେ ସାମାଜିକ କର୍ମୀ ସରକାରଙ୍କୁ ଜଣାଇଥିଲେ। ଏହି ଅଭିଯୋଗ ପାଇବା ପରେ ପଞ୍ଚାୟତିରାଜ ବିଭାଗର ଅନୁଶାସନ ସଚିବ ପତ୍ରସଂଖ୍ୟା ୨୧୮୪୮/୧୪।୧୧।୨୦୨୨ରେ କଟକ ଜିଲାପାଳଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତଦନ୍ତ ରିପୋର୍ଟ ସରକାରଙ୍କୁ ଜିଲାପାଳ ପ୍ରଦାନ କରିନାହାନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୨୪୧୪୯/୯।୧୨।୨୦୨୨ରେ ସୂଚନା ମିଳିଛି। ଟିଏମ୍‌ସି ପରିଚାଳନା ଦାୟିତ୍ୱରେ ବିଡିଓ ନୋଡାଲ ଅଫିସର ଥିଲେ। ସେହିପରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦେଖାରଖାରେ ସମସ୍ତ କେନ୍ଦ୍ର ଚାଲିଥିଲା।

# ଆର୍‌ଆଇ ଅଫିସରେ ତାଲା, ଜନ ଅସନ୍ତୋଷ

ବାରଙ୍ଗ, ୩୦।୧୨(ଡି.ଏନ୍.ଏ.)


ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ।

ବାରଙ୍ଗ ତହସିଲ ଅଧୀନରେ ଥିବା ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ଗତ ଶନିବାରଠାରୁ ତାଲା ଝୁଲି ରହିଛି। ଫଳରେ ତହସିଲକୁ କାର୍ଯ୍ୟ ପାଇଁ ଆସୁଥିବା ଲୋକ ବନ୍ଦ ଥିବା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଲୋକମାନେ ବିଭିନ୍ନ ସମସ୍ୟା ନେଇ ଆର୍‌ଆଇଙ୍କ ପାଖକୁ ଆସୁଥିବାବେଳେ କାର୍ଯ୍ୟାଳୟ ଫାଟକରେ ତାଲା ପଡି ରହିବା ଯୋଗୁ ନିରାଶରେ ଫେରୁଛନ୍ତି। ଏସବୁସତ୍ତ୍ୱେ ତହସିଲାଦାର କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ସୋମବାର ବାରଙ୍ଗ ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) କାର୍ଯ୍ୟାଳୟ ଯାଞ୍ଚ ହେବାର ଥିବାରୁ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକମାନେ ଉପରିସ୍ଥ ଅଧିକାରୀମାନଙ୍କ ପାଖରେ ବସି କାଗଜପତ୍ର ସଜାଡୁଛନ୍ତି। ଅନ୍ୟପଟେ ବକେୟା ୨୭ହଜାର ଟଙ୍କାର ବିଦ୍ୟୁତ୍ ବିଲ୍ ପୈଠ କରାଯାଇ ନ ଥିବାରୁ ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟକୁ ଗୋଡ଼ି ସାହି ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ଶନିବାର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏହି ସୁଯୋଗରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ତାଲା ପକାଇଦେଇ ଆସୁନାହାନ୍ତି। ଫଳରେ ସାଧାରଣ ଲୋକ ବିଭିନ୍ନ ସମସ୍ୟା ନେଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ତାଲା ପଡ଼ିଥିବା ସହ କେଉଁ କାରଣ ପାଇଁ ତାଲା ପଡିଛି ନ ଜାଣିପାରି ଫେରୁଛନ୍ତି। ଗତ ଶନିବାରଠାରୁ ଏଭଳି ସମସ୍ୟା ଲାଗିରହିଥିଲେ ମଧ୍ୟ ବାରଙ୍ଗ ତହସିଲ ଓ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ରାମଦାସପୁର ଆର୍‌ଆଇ ଅନିଲ ସାମନ୍ତରାୟ କହିଛନ୍ତି, ବିଦ୍ୟୁତ କଟାଯାଇଥିବାରୁ କାମ କରିବାରେ ଅସୁବିଧା ହେଉଛି। ଫଳରେ କାର୍ଯ୍ୟାଳୟକୁ ବନ୍ଦ କରାଯାଇଛି। ଅନ୍ୟପଟେ ଆଡ୍‌ସିନାଲ ତହସିଲାଦାର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ସୋମବାର ଯେହେତୁ ସବୁ ଆରଆଇ ଅଫିସ୍ ଇନସପେକ୍ସନ ହେବାର ଅଛି। ତେଣୁ ସମସ୍ତେ ତହସିଲ କାର୍ଯ୍ୟାଳୟରେ ରହି ସୁପରଭାଇଜରଙ୍କ ପାଖରେ କାମ କରୁଛନ୍ତି। ତେଣୁ ସହକାରୀ ଆର୍‌ଆଇଙ୍କୁ କହି କାର୍ଯ୍ୟାଳୟ ଖୋଲିବେ ବୋଲି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୧ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ଅମାନିଆ ବାଇକ୍ ଚାଳକଙ୍କୁ ୭୦ ହଜାର ଜରିମାନା

ବାଲୁଗାଁ,୩୦।୧୨(ଡି.ଏନ୍.ଏ.): ନୂଆବର୍ଷ ପରିପ୍ରେକ୍ଷୀରେ କେତେଜଣ ବାଇକ୍ ଚାଳକ ଦ୍ରୁତଗତିରେ ଗାଡ଼ି ଚାଳନା ସହ ମୋବାଇଲ୍ ଫୋନ୍‌ର ବ୍ୟବହାର ଏବଂ ବେଆଇନ ଭାବେ ୩ ଜଣ ବସି ଗାଡ଼ି ଚାଳନା ଯୋଗୁ ପଥଚାରୀ ଏବଂ ଅନ୍ୟ ଯାନବାହନ ପ୍ରଭାବିତ ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବାଲୁଗାଁ ପୋଲିସ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରାଯାଇ ୬୪ ଜଣ ଅମାନିଆ ବାଇକ୍ ଚାଳକଙ୍କୁ ମୋଟ୍ ୭୦ ହଜାର ଟଙ୍କା ଜରିମାନା କରାଯାଇଛି। ବାଲୁଗାଁ ବଜାର ସମେତ ବସ୍‌ଷ୍ଟାଣ୍ଡ, ପାନ୍ଥନିବାସ ଛକ, ନାଭାଲ ଛକ ୧୬ନଂ. ଜାତୀୟ ରାଜପଥ ଏବଂ ଚିଲିକା କୂଳ ଛକ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସଙ୍କ ନେତୃତ୍ୱରେ ସମସ୍ତ ପୋଲିସ କର୍ମଚାରୀ ପୃଥକ୍ ଭାବେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ବୀରେନ୍ଦ୍ର ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି



ଜଟଣୀ, ୩୦।୧୨ (ଡି.ଏନ୍.ଏ.): ଜଟଣୀର ବରିଷ୍ଠ ଆଇନଜୀବୀ ବୀରେନ୍ଦ୍ର କୁମାର ପଟ୍ଟନାୟକ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଭାବେ ମନୋନୀତ ହୋଇଛନ୍ତି। ଭୁବନେଶ୍ୱର ରେଲ୍‌ୱେ ଅଡିଟୋରିୟମରେ ଦୁଇଦିନ ଧରି ଚାଲିଥିବା ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୧ତମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା। ଆଇନଜୀବୀ ବୀରେନ୍ଦ୍ର ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଆଇନଜୀବୀ ଅମରେଶ ରାଉତରାୟ ଏକ୍‌ଜିକ୍ୟୁଟିଭ୍ ମେମ୍ବର ଭାବେ ମନୋନୀତ ହୋଇଛନ୍ତି। ଏନେଇ ବୀରେନ୍ଦ୍ର କୁହନ୍ତି, ଆଇନଜୀବୀଙ୍କ ନ୍ୟାଯ୍ୟ ଦାବି ପାଇଁ ସଦାସର୍ବଦା ସଂଗ୍ରାମ ଜାରି ରହିବ। ତାଙ୍କୁ ସଭାପତି ଭାବେ ମନୋନୀତ କରିଥିବାରୁ ଓଡ଼ିଶାର ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### କବିତା ପୁସ୍ତକ 'ମିତା ଦାସ' ଲୋକାର୍ପିତ

ବାଲିପାଟଣା,୩୦।୧୨(ଡି.ଏନ୍.ଏ.): ପ୍ରାଚୀଧାରା ପ୍ରକାଶନୀ ପ୍ରସ୍ତୁତି କବି ଭଗବାନ ସାହୁଙ୍କ କବିତା ପୁସ୍ତକ 'ମିତା ଦାସ'ଲୋକାର୍ପିତ ହୋଇଯାଇଛି। ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ମୁଖ୍ୟ ଅତିଥିଭାବେ ଡ.ଫନୀ ମହାନ୍ତି ଯୋଗଦେଇ କହିଥିଲେ, ପ୍ରେମ ହେଉଛି ଏକ ମଧୁର ଯନ୍ତ୍ରଣା। ଏଥିରେ ତଲ୍ଲୀନ ହେଲେ ଜଣେ ସଫଳ ପ୍ରେମ କବିତା ସମାଜକୁ ଦାନ କରିପାରିବ। ଅନ୍ୟତମ ଅତିଥିଭାବେ ସଂଳାପ ଲେଖକ ରଜନୀ ରଞ୍ଜନ ଦାଶ, ପୂର୍ବତନ ଅଧକ୍ଷ କ୍ଷୀରୋଦ ରାୟ ମହାପାତ୍ର, ଶିଶୁ ସାହିତ୍ୟିକ ବିଧୁଭୂଷଣ ମହାନ୍ତି, ବଙ୍କିମ ଚନ୍ଦ୍ର ନାୟକ, ଡ.ଭବାନୀ ଶଙ୍କର ଦାସ, ସରୋଜ ମହାପାତ୍ର, ଡ.ମୁରଲୀଧର ସାହୁ, କବି ପୂର୍ଣ୍ଣ ମହାରଣା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

# କମ୍ ଦାମରେ ଚାଷୀଙ୍କଠାରୁ ନେଉଛନ୍ତି ଧାନ

## ଗାଁରେ ବୁଲୁଛନ୍ତି ବେପାରୀ, ଦଲାଲ ସକ୍ରିୟ

ଖୋର୍ଦ୍ଧା ଅଫିସ,୩୦।୧୨

ଖୋର୍ଦ୍ଧା ଜିଲାରେ ଧାନମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛନ୍ତି। ଗ୍ରାମରେ ବେପାରୀ, ଦଲାଲମାନେ ବୁଲିବା ସହ ବିଲରେ ଗାଡି ଲଗାଇ କମ୍ ଦାମରେ ଚାଷୀଙ୍କ ଠାରୁ ଧାନ କିଣି ନେଉଛନ୍ତି। ଏପରିକି ଆନ୍ଧ୍ର ବେପାରୀମାନେ ସ୍ଥାନୀୟ ସ୍ତରରେ ଲୋକଙ୍କୁ ହାତ କରି ଧାନ କିଣି ନେଉଛନ୍ତି। ଅନ୍ୟପଟେ ଧାନ ସଂଗ୍ରହ ପୂର୍ବରୁ ମିଲର୍ସମାନଙ୍କ ଗୋଦାମ ଭର୍ତ୍ତି ହେଲାଣି। ମିଲର୍ସଙ୍କ ଗୋଦାମ ଯାଞ୍ଚ କରାଗଲେ, ଏହାର ସତ୍ୟତା ଜଣାପଡିବ ବୋଲି ଚାଷୀ ସଙ୍ଗଠନଙ୍କ ପକ୍ଷରୁ ଅଭିଯୋଗ ହେଉଛି। ବେଗୁନିଆ, ବୋଲଗଡ, ବାଣପୁର, ବାଲୁଗାଁ, ଚିଲିକା, ଜଟଣୀ ଆଦି ଅଞ୍ଚଳର କେତେଜଣ ଚାଷୀ ଆଗୁଆ ଧାନ ବିକ୍ରି କରିସାରିଥିବା ଜଣାପଡିଛି। ଚାଷୀ ଧାନର ଉପଯୁକ୍ତ ସହାୟକ ମୂଲ୍ୟ ପାଇବା ପୂର୍ବରୁ ଧାନ ବ୍ରିକି କରିବା ନେଇ ବିଭିନ୍ନ ଚାଷୀ ସଙ୍ଗଠନ ସ୍ୱର ଉତ୍ତୋଳନ କରିଥିବା ବେଳେ ପରବର୍ତ୍ତି ସମୟରେ ଭାରତୀୟ ଜନତା ପାର୍ଟି ମଧ୍ୟ ସ୍ୱର ମିଳାଇଥିଲା। ନବ ନିର୍ମାଣ କୃଷକ ସଙ୍ଗଠନ ଖୋର୍ଦ୍ଧା ଜିଲା ପକ୍ଷରୁ ଜୱାଦରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଏବଂ ତୁରନ୍ତ ଧାନମଣ୍ଡି ଖୋଲିବା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ବେଳେ ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ସୂଚନାଯୋଗ୍ୟ, ଗତ ବର୍ଷ ମଣ୍ଡି ଧାର୍ଯ୍ୟ ତାରିଖଠାରୁ ୧୫ଦିନ ବ୍ୟବଧାନରେ ଖୋଲିବାର ସୁଯୋଗ ନେଇ ଆନ୍ଧ୍ର ବେପାରୀ ଗାଁରେ ପଶି ଟନ୍ ଟନ ଧାନ କିଣିନେଲେ। କେତେଜଣ ମିଲର୍ସ ଅସାଧୁ କର୍ମଚାରୀଙ୍କୁ ହାତ କରି ଧାନର ଗୁଣାବର୍ତ୍ତା ନ ଥିବା କହି ଧାନ ଉଠାଇଲେ ନାହିଁ। ଗତବର୍ଷ ବାଲିଅନ୍ତା ବ୍ଲକର ଏକ ଗୋଦାମରେ ଲକ୍ଷାଧିକ କୁଇଣ୍ଟାଲ ଗଚ୍ଛିତ ଧାନର ହିସାବ ଦେଇପାରିନଥିଲେ ମିଲ୍ ମାଲିକ। ପରେ ଜିଲା ପ୍ରଶାସନ ସେହି ଗୋଦାମକୁ ସିଲ୍ କରିଥିଲା।

### ଏମାନେ ଯାହା କୁହନ୍ତି...

"ଗତବର୍ଷ ନକଲି ଚାଷୀଙ୍କ ଠାରୁ କୁଇଣ୍ଟାଲ ଧାନ କିଣାଗଲା, ପ୍ରକୃତ ଚାଷୀ ଉପେକ୍ଷିତ ହେଲେ। ଟୋକନ ଲାପସ ପରେ ଏହାର ଅବଧି ବୃଦ୍ଧି କରାଗଲା ନାହିଁ। ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଲେ। ମଣ୍ଡି ମିଲରର୍ସଙ୍କ ମନମାନିରେ ଚାଲିଲା। ଚାଷୀ ନିରୁପାୟ ହୋଇ କମ୍ ମୂଲ୍ୟରେ ଧାନ ଦେଲେ। ଚଳିତବର୍ଷ ଯେପରି ପୁନରାବୃତ୍ତି ନ ଘଟିବ, ତାହା ଜିଲା ପ୍ରଶାସନର ଉତ୍ତର ଦାୟିତ୍ୱ।

**- ଗୋପାଳ ଦଳେଇ, ଚାଷୀ, ଉଇଲକିଶନ ନଗର**

"ଚାଷୀ ପ୍ରତିକୂଳ ପରିସ୍ଥିତି ସହ ଖାପ ଖୁଆଇ ଧାରକରଜ କରି ଧାନ ଅମଳ କରୁଛି। ତେବେ ଧାନ ବିକ୍ରି ବେଳେ ନାହିଁ ନଥିବା ହଇରାଣ ହେଉଛି। ଚଳିତବର୍ଷ ମୌସୁମୀ ପ୍ରବେଶରେ ବିଳମ୍ବ, ଅନାବୃଷ୍ଟି, ନିଅଣ୍ଟିଆ ବୃଷ୍ଟି, ବନ୍ୟା, ବାତ୍ୟାରେ ଚାଷୀଙ୍କ ଅର୍ଦ୍ଧାଧିକ ଧାନ ଧୋଇଗଲା। ଏକାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ପରେ ବି ଚାଷୀ ଧାନ ଅମଳ କରୁଛନ୍ତି। ତେବେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅମଳ ପରେ ବିକ୍ରି ବେଳେ ଧାନମଣ୍ଡିରେ ଅବ୍ୟବସ୍ଥା, ବିଳମ୍ବରେ ମଣ୍ଡି ଖୋଲିବା, ଧାନକ୍ରୟରେ ଅନିୟମିତତା ଯୋଗୁ ଚାଷୀ ଉପେକ୍ଷିତ ହେଉଛନ୍ତି।

**-ସୁରେଶ ମାନସିଂ, ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ**

"ପ୍ରତିବର୍ଷ ଧାନମଣ୍ଡିରେ ଚାଷୀଙ୍କୁ ଉପେକ୍ଷା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେଉଛି। ପ୍ରତିଶ୍ରୁତି ମିଳୁଛି, ପରବର୍ତ୍ତି ସମୟରେ ଏହା ସରକାରୀ ନାଳିଫିତା ଚାପି ହୋଇ ରହିଯାଉଛି। ଚାଷୀଙ୍କ ସମସ୍ୟା ପାଇଁ ରାଜନୈତିକ ନେତା କିମ୍ବା ଜିଲା ପ୍ରଶାସନ କାହାରି ଆନ୍ତରିକତା ନାହିଁ।

**-ମଧୁସୂଦନ ଦାସ, ଭାରତୀୟ କିଷାନ ସଂଘ**

"ଧାନମଣ୍ଡିକୁ ଶୃଙ୍ଖଳିତ, ଦଲାଲ ମୁକ୍ତ କରାଯାଉ। ପ୍ରତି ବ୍ଲକଠାରୁ ଜିଲାସ୍ତରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ। ଚାଷୀ ପଞ୍ଜୀକରଣ ଅନିୟମିତତା ବନ୍ଦ କରାଯାଉ। ଟୋକନ ସମସ୍ୟା ସମାଧାନ ସହ ୨୦୧୬ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବୋନସ ଚାଷୀଙ୍କୁ ଦିଆଯାଉ।

**- ରଶ୍ମିରଞ୍ଜନ ମହାପାତ୍ର, ଭାଜପା ଜିଲା ସଭାପତି**

"କଟନୀ ଛଟନୀ ଉପରେ ପ୍ରଶାସନର ଅଙ୍କୁଶ ନାହିଁ। ମିଲରର୍ସ ମନଇଚ୍ଛା କାଟୁଛନ୍ତି। ଏହାକୁ ନିୟନ୍ତ୍ରଣ କରାଯାଉ। ଚାଷୀ ବହୁ କଷ୍ଟରେ ଫସଲ ଅମଳ କରୁଛି। ବିକ୍ରି ସମୟରେ ପ୍ରଶାସନ ପକ୍ଷରୁ ସହଯୋଗ କରାଯାଉ। ମଣ୍ଡି ଗାଇଡଲାଇନ ଅନୁସାରେ ଚାଲିବା ଆବଶ୍ୟକ। ବିଭାଗୀୟ ଅଧିକାରୀ ମଣ୍ଡି ଯାଞ୍ଚ କରନ୍ତୁ।

**- ଶ୍ରୀରଞ୍ଜନ ମଙ୍ଗରାଜ, କୃଷକ ନେତା**

"ଜିଲାର ଦୁଇଟି ବ୍ଲକ ପ୍ୟାକ୍ସରେ ମଣ୍ଡି ଉଦ୍‌ଘାଟନ କରାଯାଇଛି। ସୋମବାର ଠାରୁ ସମସ୍ତ ପ୍ୟାକ୍ସରେ ଧାନ ସଂଗ୍ରହ କରାଯିବ। ମଣ୍ଡିରେ ସ୍ୱଚ୍ଛତା, ଦଲାଲ, ଅସାଧୁ ବ୍ୟକ୍ତିଙ୍କ ଦୂରେଇ ରଖିବା ଲାଗି ତାଗିଦ୍ କରାଯାଇଛି। ସମସ୍ତ ପ୍ୟାକ୍ସରେ ଚାଷୀ ତାଲିକା, ଗୁଣାବତ୍ତା ଯାଞ୍ଚ ରିପୋର୍ଟ ରେଜିଷ୍ଟରରେ ଉଲ୍ଲେଖ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅନିୟମିତତା ଅଭିଯୋଗ ଆସିଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ।

**- କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପାଳ**

# ଖୋଲିଲା ଧାନମଣ୍ଡି, ସ୍ୱଚ୍ଛତା ଉପରେ ଗୁରୁତ୍ୱ



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଧାନମଣ୍ଡିର ଶୁଭାରମ୍ଭ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୩୦।୧୨

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ବାଲିଅନ୍ତା ବ୍ଲକର କାକରୁଦ୍ରପୁର ଏବଂ ଟାଙ୍ଗୀ ବ୍ଲକର ବଡ଼ପୋଖରିଆଠାରେ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିବା ସହ ଶୃଙ୍ଖଳିତ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଧାନ ସଂଗ୍ରହ ନିମନ୍ତେ ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀମାନେ ଯେପରି ଉପଯୁକ୍ତ ପ୍ରାପ୍ୟ ପାଇବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ସମ୍ପାଦକମାନେ ରେଜିଷ୍ଟର ବ୍ୟବହାର କରିବେ। ଏଥିରେ ମାନ ଯାଞ୍ଚ ତଥ୍ୟ ଓ କୃଷକଙ୍କ ତାଲିକା ଉଲ୍ଲେଖ କରିବାକୁ କହିଥିଲେ। ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନ କରନ୍ତି ଏଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏହି ସେବା ସମବାୟ ସମିତିରେ ୫୩୦ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ଦିବସରେ ଜଣେ ଚାଷୀଙ୍କଠାରୁ ୧୮ କୁଇଣ୍ଟାଲ ଧାନ କିଣାଯାଇଛି। ଚଳିତବର୍ଷ ଧାନ ସଂଗ୍ରହ ନିମନ୍ତେ ୧୦ଟି ବ୍ଲକର ୧୩୯ଟି ପ୍ରାଥମିକ ସେବା ସମବାୟ ସମିତି ଏବଂ ୧୪ଟି ଉପକେନ୍ଦ୍ର ମୋଟ ୧୫୩ଟି ସ୍ଥାନରେ କୃଷକଙ୍କଠାରୁ ଧାନ ସଂଗ୍ରହ କରାଯିବ। ସେହିଭଳି ଧାନକ୍ରୟ ନିମନ୍ତେ ଚଳିତବର୍ଷ ୪୮ ହଜାର ୪୦୮ ଚାଷୀ ପଞ୍ଜୀକରଣ କରିଛନ୍ତି, ଯାହା ଗତବର୍ଷ ତୁଳନାରେ ୧୮୧୩ ଅଧିକ ରହିଛି। ସେମାନଙ୍କ ମଧ୍ୟରୁ ୪୭,୧୪୭ଜଣ ଚାଷୀଙ୍କ ପଞ୍ଜୀକରଣ ବୈଧ ରହିଛି। ଚଳିତ ଖରିଫ ଋତୁରେ ୧୧ଲକ୍ଷ ୧୫,୫୭୩ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ରହିଛି। ଧାନ ବାବଦକୁ ୭୮ ହଜାର ୫୯୦ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରାଯିବ। ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା, ଗ୍ରେଡ୍ ଏ ଧାନ ପାଇଁ ୨୦୬୦ ଟଙ୍କା ସର୍ବନିମ୍ନ ସହାୟତା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଜିଲାରୁ ୧୭ ଜଣ ମିଲର ଏଥିରେ ଭାଗନେବେ। ତେବେ ବର୍ତ୍ତମାନ ସୁଦ୍ଧା ୧୬ ମିଲର ନାମ ପଞ୍ଜୀକରଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଡିଆରସିଏସ୍ ଅଳକା ଜେନା, ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡାଙ୍କ ସମେତ ଟାଙ୍ଗୀ ବ୍ଲକର ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

**ପ୍ରଥମ ଦିନରେ ଉଠିଲା ୧୮ କୁଇଣ୍ଟାଲ**

# କ୍ରୀଡ଼ା ଶୈକ୍ଷିକ ଜୀବନର ଅଭିନ୍ନ ଅଂଶ





କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ନିରାକାରପୁର, ୩୦।୧୨ (ଡି.ଏନ୍.ଏ.)

କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ୫୮ତମ କ୍ରୀଡ଼ା ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରଫେସର ଶ୍ରୀଧର ମହାପାତ୍ର, ଆଇନଜୀବୀ ନାରାୟଣ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ଶୈକ୍ଷିକ ଜୀବନର ଅଭିନ୍ନ ଅଂଶ କହିବା ସହ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରିଥିଲେ। ଶୃଙ୍ଖଳା, ଏକାଗ୍ରତା ଓ ଉତ୍ସାହ ଭରିଦେଇ ବିଦ୍ୟାର୍ଥୀ ଜୀବନକୁ ପ୍ରଭାବିତ କରିଥାଏ କ୍ରୀଡ଼ା ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ.ସଞ୍ଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ହରପ୍ରସନ୍ନ ତ୍ରିପାଠୀ ମଞ୍ଚ ସଞ୍ଚାଳନା କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ମନୋଜ କୁମାର ବାରିକ ଓ ମାନସ ରଞ୍ଜନ ମହାନ୍ତିଙ୍କ ପରିଚାଳନାରେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡ. ଜୟନ୍ତ ବାନାର୍ଜୀ, ସୌରଭ ମହାପାତ୍ର, ପୁଣ୍ୟଦର୍ଶନ ସାହୁ, ଚନ୍ଦନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଡ.ଅନୁଜା ମିଶ୍ର ଧନ୍ୟବାଦ ଦେଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ମା' ହୀରାବେନ୍‌ଙ୍କ ବିୟୋଗରେ ଶୋକ

ଖୋର୍ଦ୍ଧା ଅଫିସ,୩୦।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବେନ୍‌ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଭାଜପାର ଖୋର୍ଦ୍ଧା ବୁଦ୍ଧିଜୀବୀ ପ୍ରକୋଷ୍ଠ ପକ୍ଷରୁ ଏକ ଶୋକସଭା ଲୋକେଶ୍ୱର ଦେବଙ୍କ ପୀଠସ୍ଥଳରେ ସୂର୍ଯ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ଗୁଣନିଧି ମହାପାତ୍ର, ବଦ୍ରିନାରାୟଣ ଦାଶ, କୃଷ୍ଣଚନ୍ଦ୍ର ଦାଶ, ନାରାୟଣ ସେଠୀ, ସୁଶାନ୍ତ ବାହିନୀପତି, ଜିତୁ ବେହେରା, ତ୍ରିନାଥ ମହାପାତ୍ର, ବିଜୟ ନନ୍ଦ, ଅଶୋକ ମହାପାତ୍ର, ସତ୍ୟ ବିଶୋଇ, ଅରବିନ୍ଦ ରାଉତରାୟ ଉପସ୍ଥିତ ଥିଲେ। ହୀରାବେନଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ହୀରାବେନ ମୋଦିଙ୍କ ପ୍ରେରଣାର ଉତ୍ସ ଥିଲେ। ସମସ୍ତେ ମା'ବାପାଙ୍କ ସେବା କରି ଏକ ଆର୍ଦଶ ସମାଜ ଲାଗି ଆହ୍ୱାନ ଦିଆଯାଇଛି। ସେହିପରି ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ବହୁମୁଖୀ ପ୍ରତିଭାଧାରୀ ସତ୍ୟନାରାୟଣ

ଜଟଣୀ,୩୦।୧୨(ଡି.ଏନ୍.ଏ.)



ସତ୍ୟନାରାୟଣ ବର୍ମା

ଖୋର୍ଦ୍ଧା ଜିଲା ଜଟଣୀ ପୋରୀଅଞ୍ଚଳ ରାଜା ବଜାର ଅଞ୍ଚଳରେ ରହୁଥିବା ସତ୍ୟନାରାୟଣ ବର୍ମା ନିଜ ନୀତି ଆଦର୍ଶ, କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ଓ ସେବା ମନୋବୃତ୍ତି ପାଇଁ ସମଗ୍ର ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସତ୍ୟନାରାୟଣ ବହୁମୁଖୀ ପ୍ରତିଭା ହୋଇଥିବା ବେଳେ ପରିବେଶର ସୁରକ୍ଷା ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି। ସେ ସାଇକେଲ ଚଳାଇ ସମାଜକୁ ସବୁଜ ପରିବେଶ ରଖିବା ଆବଶ୍ୟକ ବୋଲି ସଚେତନତା କରୁଛନ୍ତି। ସତ୍ୟନାରାୟଣଙ୍କ ଜନ୍ମ ସ୍ଥାନ ଉତ୍ତର ପ୍ରଦେଶ ବଲିଆ ଜିଲା ଅନ୍ତର୍ଗତ ଡୁମୁରିଆ ଗ୍ରାମ ହୋଇଥିବା ବେଳେ ଦୀର୍ଘ ତିନି ଦଶନ୍ଧି ଧରି ଓଡ଼ିଶାକୁ କର୍ମ ଭୂମିକରି ସେବା କରିଚାଲିଛନ୍ତି। ଭାରତୀୟ ରେଳ ସେବାରେ ଜୁନିୟର ଇଞ୍ଜିନିୟର ଭାବେ ଖୋର୍ଦ୍ଧା ରୋଡ ରେଳମଣ୍ଡଳ(ଜଟଣୀ)ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଚାକିରି ସହିତ ଧର୍ମ ସଂସ୍କୃତିର ସୁରକ୍ଷା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ରାମାୟଣ, ମହାଭାରତ, ଗୀତା,ବେଦ ଉପନିସେଦ ଆଦି ଚର୍ଚ୍ଚା ଓ ପାଠ କରି ସଚେତନତା ସୃଷ୍ଟି କରିଚାଲିଛନ୍ତି। ୬ଟି ଭାଷାରେ କବିତା ଲେଖିବା, ସଂସ୍କୃତ, ହିନ୍ଦୀ, ଓଡ଼ିଆ, ବଙ୍ଗଳା, ବିଯୋଜପୁରୀ, ଇଂଲିଶ୍ ଭାଷାରେ ଗୀତ ଗାଇବା ସହିତ ରଙ୍ଗମଞ୍ଚରେ ଅଭିନୟ ନାଟ୍ୟ ରଚନା ଏବଂ ନିର୍ଦ୍ଦେଶକ ରୂପେ ସମଗ୍ର ଅଞ୍ଚଳ ଏବଂ ରେଳ ବିଭାଗରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି।

## ଫାଇନାଲରେ ରାମଚଣ୍ଡୀ କ୍ରିକେଟ କ୍ଲବ

ବୋଲଗଡ଼,୩୦।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାଣିକାଗୋଡ଼ା କ୍ରିକେଟ କ୍ଲବକୁ ହରାଇ ଠଣାପଲ୍ଲୀର ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ରାମଚଣ୍ଡୀ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୮୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମାଣିକାଗୋଡା କ୍ଲବ ୧୩.୪ ଓଭରରେ ସମସ୍ତ ଉଇକେଟ ହରାଇ ୬୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅତିଥିଭାବେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ଭାଜପା ରାଜ୍ୟ ପ୍ରବକ୍ତା ଶ୍ରୀରଞ୍ଜନ ମଙ୍ଗରାଜ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଭଗବାନ ମଙ୍ଗରାଜ ଓ ରାଜକୁମାର ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶାନ୍ତନୁ ଛୋଟରାୟ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୩୦।୧୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବାସଂସ୍ଥାର ସ୍ୱତନ୍ତ୍ର ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥି ଭାବେ ରସାୟନ ବିଜ୍ଞାନ ପ୍ରାଧ୍ୟାପକ ପ୍ରଭାତ କୁମାର ଆଚାର୍ଯ୍ୟ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କର୍ମଚାରୀ ଏବଂ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କଲେଜର ପୋଷ୍ୟ ଗ୍ରାମ ମାଲୁଦରେ ୭ ଦିନ ଧରି ଚାଲିଥିବା ସଚେତନତା ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଶୁଭମ୍, ସିନୁ, ତାରାକାନ୍ତ, ସନ୍ତୋଷ, ସୁଶୀଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରାଜକିଶୋର ସାମନ୍ତରାୟ, ଅଧ୍ୟାପକ ମଧୁସୂଦନ ସାହୁ, ଦୀନେଶ ରଥ, ଅଧ୍ୟାପିକା ଚନ୍ଦନା ନାୟକ, ସୁକାନ୍ତ ଜେନା, ବିଶ୍ୱନାଥ ପରିଡ଼ା, ଅନିରୁଦ୍ଧ ସାହୁ, ସପନ ଦାଶ, ରଙ୍ଗଲତା ଖଟେଇ, ସତ୍ୟବାନ୍ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲଗଡ଼ ମହୋତ୍ସବ ଉଦ୍‌ଯାପିତ

ବୋଲଗଡ଼,୩୦।୧୨(ଡି.ଏନ୍.ଏ.)



ବୋଲଗଡ଼ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ଚାଲିଥିବା ବୋଲଗଡ଼ ମହୋତ୍ସବର ଶୁକ୍ରବାର ଥିଲା ଅନ୍ତିମ ଦିବସ। ମହୋତ୍ସବ ଟ୍ରଷ୍ଟ ଓ ପରିଚାଳନା କମିଟି ଆନୁକୂଲ୍ୟରେ ଚାଲିଥିବା ଏହି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଚନ୍ଦ୍ରବିଜୟୀ ମିଶ୍ରଙ୍କ ପରିଚାଳନାରେ କୁଇଜ କାର୍ଯ୍ୟକ୍ରମ ପରେ ବୋଲଗଡ଼ର ସଞ୍ଜୟ କୁମାର ସାହୁ ଓ ସାଥିଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ନାରାୟଣୀପଡାର ମା'ଯୋଗମାୟା ଭାଗବତ ମଣ୍ଡଳୀ ଦ୍ୱାରା ଭାଗବତ ମେଳା ଓ ବୋଲଗଡ଼ର ବିନୋଦିନୀ ମହାରଣା ଓ ସାଥିଙ୍କ ଦ୍ୱାରା ପାଲା ପରିବେଷିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ରାଜେନ୍ଦ୍ର କୁମାର ସାହୁ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁ, ମୁଖ୍ୟ ବକ୍ତାଭାବେ ପୂର୍ବତନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଅତିଥିଭାବେ ଆଶା ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷା ଲୁସି ମହାପାତ୍ର, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସଭ୍ୟ ସୁବାସ ରାୟଗୁରୁ ଓ ପ୍ରଦୀପ୍ତ ଛୋଟରାୟ, ବିଜେଡି ଜିଲା ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱମୋହନ ନରେନ୍ଦ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମହୋତ୍ସବ ପ୍ରତିଷ୍ଠାତା ସ୍ୱର୍ଗତ ଜାନକୀ ବଲ୍ଲଭ ପାଢ଼ୀଙ୍କୁ (ମରଣୋତ୍ତର) ବଳଦୁର୍ଗ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପୁଷ୍ପରାଜ ପଶ୍ଚିମକବାଟ, ରୁଦ୍ରପ୍ରତାପ ଦଳାଇ, ପ୍ରତ୍ୟାଶା ପ୍ରିୟଦର୍ଶିନୀ, ସୁଲଗ୍ନା ବେହେରା, ଗଦାଧର ଚମ୍ପତି ଓ ଗୀତାଞ୍ଜଳି ମହାପାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଗି ବୋଲଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବୀର ଦାସ ଧନ୍ୟବାଦ ଦେଇଥିଲେ। ପରେ ସ୍ଥାନୀୟ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓଡ଼ିଶୀ ଓ ଲୋକନୃତ୍ୟ ପରିବେଷଣ କରିଥିଲେ। ବରଗଡ଼ର ଦୁଲ୍‌ଫୁଲ କଳା ପରିଷଦ ଦ୍ୱାରା ଦୁଲଫୁଲ ନୃତ୍ୟ, ବୋଲଗଡର ଆରାଧନା ପ୍ରିନ୍ସେସ୍ ଡ୍ୟାନ୍ସ ଏକାଡେମୀ ଦ୍ୱାରା କ୍ରିଏଟିଭ ଡ୍ୟାନ୍ସ ଓ ଖୋର୍ଦ୍ଧାର ସାଇ ଡିଟେସ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ମଡର୍ନ ଡ୍ୟାନ୍ସ ଦର୍ଶକଙ୍କୁ ବିଭୋର କରିଥିଲା। ମହୋତ୍ସବ କମିଟି ସଦସ୍ୟ ଜିତେନ୍ଦ୍ର କୁମାର ମାର୍ଥା, ଲକ୍ଷ୍ମୀଧର ଚୌଧୁରୀ, ଭଞ୍ଜକିଶୋର ଯତି, ଅବିନାଶ ସୁବୁଦ୍ଧି, ଅଖିଳେଶ ମହାପାତ୍ର, ଶ୍ରୀକାନ୍ତ ନାୟକ, ଇନ୍ଦ୍ରସ୍ୱରୂପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
Bhubaneswar, Saturday, December 31/2022

## କୋର୍ ସେକ୍ଟରରେ ୫.୪% ବୃଦ୍ଧି

ନୂଆଦିଲ୍ଲୀ: ଚଳିତ ବର୍ଷ ନଭେମ୍ବରରେ ଦେଶର କୋଇଲା, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ପରି ୮ଟି ଭିତ୍ତିଭୂମି କ୍ଷେତ୍ରରେ ଉତ୍ପାଦନ ହାର ହାରାହାରି ୫.୪% ବୃଦ୍ଧି ପାଇଥିବା ଏକ ସରକାରୀ ରିପୋର୍ଟରେ ପ୍ରକାଶ ପାଇଛି। ଏଥିପୂର୍ବରୁ ଦେଶରେ ଅଶୋଧିତ ତେଲ, ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଗତ ଅକ୍ଟୋବରରେ ୮ ପ୍ରମୁଖ କ୍ଷେତ୍ରର ଉତ୍ପାଦନ ଅଭିବୃଦ୍ଧି ହ୍ରାସ ପାଇ ୦.୯%କୁ ଖସି ଆସିଥିଲା। ତେବେ ନଭେମ୍ବରରେ ଶୁଭସଙ୍କେତ ମିଳିଛି। କୋଇଲା ଉତ୍ପାଦନ ୧୨.୩%, ସାର ୬.୪%, ଇସ୍ପାତ ୧୦.୮%, ସିମେଣ୍ଟ ୨୮.୬% ବୃଦ୍ଧି ପାଇଛି।



# ବୃଦ୍ଧି ପାଉଛି ଦେଶର ବିତ୍ତୀୟ ନିଅଣ୍ଟ

- ଏପ୍ରିଲରୁ ନଭେମ୍ବର ମଧ୍ୟରେ ୯.୭୮ ଲକ୍ଷ କୋଟି ଟଙ୍କା
- ସରକାରଙ୍କ ଅଧିକ ଖର୍ଚ୍ଚ ପ୍ରମୁଖ କାରଣ: ବିଶେଷଜ୍ଞ



ନୂଆଦିଲ୍ଲୀ,୩୦।୧୨

ଚଳିତ ବର୍ଷର ନଭେମ୍ବର ଶେଷ ସୁଦ୍ଧା ସରକାରଙ୍କ ବିତ୍ତୀୟ ନିଅଣ୍ଟ ପୂର୍ଣ୍ଣ ବର୍ଷର ବଜେଟ୍ ଆକଳନର ୫୯ % ନିକଟତର ହୋଇଛି। ଏପରିକି ଶୁକ୍ରବାର କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ (ସିଜିଏ)ଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଏପରିକି ପ୍ରକୃତ ଅର୍ଥରେ ଏହା ବ୍ୟୟ ଏବଂ ରାଜସ୍ୱ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇଥାଏ ବୋଲି କୁହାଯାଉଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ଅବଧି ମଧ୍ୟରେ ୯,୭୮,୧୫୪ କୋଟି ଟଙ୍କା ଥିଲା। ଗତ ବର୍ଷ ଅନୁରୂପ ଅବଧିରେ ୨୦୨୧-୨୨ର ବଜେଟ୍ ଆକଳନରୁ ନିଅଣ୍ଟ ୪୬.୨% ଥିଲା। ୨୦୨୨-୨୩ ପାଇଁ ସରକାରଙ୍କ ଆର୍ଥିକ ନିଅଣ୍ଟ ୧୬.୬୧ ଲକ୍ଷ କୋଟି କିମ୍ବା ଜିଡିପିର ୬.୪% ବୋଲି ଆକଳନ କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ମାସ ମଧ୍ୟରେ ଦେଶର ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇ ପ୍ରାୟ ୯.୭୮ ଲକ୍ଷ କୋଟି ଟଙ୍କାରେ ରହିଛି। ଏହା ସରକାରଙ୍କ ଆର୍ଥିକ ବର୍ଷର ଲକ୍ଷ୍ୟର ପ୍ରାୟ ୫୯% (୫୮.୯) ବୋଲି କୁହାଯାଉଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ଦେଶର ବିତ୍ତୀୟ ନିଅଣ୍ଟ ୪୬.୨% ପ୍ରତିଶତ ରହିଥିଲା। ବିଶେଷକରି ସରକାରଙ୍କ ପକ୍ଷରୁ ଜାରି ପରିସଂଖ୍ୟାନରୁ ଏହା ଜଣାପଡିଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ସରକାରଙ୍କ ରାଜସ୍ୱ ବଢି ୧୪.୬୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ସରକାରଙ୍କ ଖର୍ଚ୍ଚ ଏହି ଅବଧି ମଧ୍ୟରେ ୨୪.୪୩ ଲକ୍ଷ କୋଟି ଟଙ୍କାରେ ରହିଛି। ଏହା ଚଳିତ ଆର୍ଥିକ ବର୍ଷର ବଜେଟ ଲକ୍ଷ୍ୟର ୬୪.୧% ଏବଂ ୬୧.୯%। ଏଥିରେ ରାଜସ୍ୱ ୧୪.୨୩ ଲକ୍ଷ କୋଟି ଟଙ୍କା ରହିଥିଲା। ୧୨.୨୫ ଲକ୍ଷ କୋଟି ଟଙ୍କା ଟିକସ ସଂଗ୍ରହରୁ ଏବଂ ୧.୯୮ ଲକ୍ଷ କୋଟି ଅଣଟିକସରୁ ଆସିଛି ବୋଲି କୁହାଯାଇଛି। ଟିକସ ରେଭେନ୍ୟୁ ବଜେଟ ଲକ୍ଷ୍ୟର ୬୩.୩% ଏବଂ ଅଣ-ଟିକସ ରେଭେନ୍ୟୁରୁ ୭୩.୫% ଅନ୍ତର୍ଭୁକ୍ତ ରହିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିର ୭୩.୫% ଏବଂ ୯୧.୮ ରୁ କମ୍ ରହିଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ମେ'ରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପ୍ରଭାବକୁ ହ୍ରାସ କରିବା ପାଇଁ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ (ଏକ୍ସାଇଜ୍ ଡ୍ୟୁଟି) ହ୍ରାସ କରିଥିଲେ। ଏହାଦ୍ୱାରା ସରକାରଙ୍କ ରାଜସ୍ୱହାନି ହୋଇଥିଲା। ଏପରିକି ସରକାରଙ୍କ ଦ୍ୱାରା ଚଳିତ ବର୍ଷ କରାଯାଉଥିବା ଅତିରିକ୍ତ ଖର୍ଚ୍ଚ ଯୋଗୁ ବିତ୍ତୀୟ ନିଅଣ୍ଟ ସରକାରଙ୍କ ଅନୁମାନଠାରୁ ୧ଲକ୍ଷ କୋଟି ଟଙ୍କା ଅଧିକ ରହିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୩୦।୧୨

ଦିନକ ପରେ ପୁଣି ଥରେ ଷ୍ଟକ୍ ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୯୩ (୨୯୩.୧୪) ପଏଣ୍ଟ ଖସି ୬୦,୮୪୧ (୬୦,୮୪୦.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୫.୭୦) ପଏଣ୍ଟ ହ୍ରାସ ଘଟି ୧୮,୧୦୫ (୧୮,୧୦୫.୩୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ବିଏସଇରେ ପଞ୍ଜୀକୃତ ସମସ୍ତ ନିବେଶକ କମ୍ପାନୀର ବଜାର ପୁଞ୍ଜି ୧୬.୪୩ ଲକ୍ଷ କୋଟି ହ୍ରାସ ଘଟି ୨୮୨.୪୪ ଲକ୍ଷ କୋଟିରେ ରହିଛି। ସୂଚନାଯୋଗ୍ୟ , ଚଳିତ ବର୍ଷରେ ଏହା ଶେଷ କାର୍ଯ୍ୟ ଦିବସ ହୋଇଥିବା ବେଳେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି।

## 'ବିର୍ଲା ଆଗ୍ରୋ ମେଶିନର ନୂତନ ଉତ୍ପାଦ ଉନ୍ମୋଚିତ'




ଭୁବନେଶ୍ୱର,୩୦।୧୨

ମାସ୍ୱାଦକର ଅଟୋଲାଇନ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହଯୋଗୀ ସଂସ୍ଥା ବିର୍ଲା ଆଗ୍ରୋ ମେଶିନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ଶୁକ୍ରବାର ସ୍ଥାନୀୟ କଟକରୋଡ୍‌ସ୍ଥିତ ଏକ ହୋଟେଲ ପରିସରରେ ଦିନିକିଆ ରାଜ୍ୟସ୍ତରୀୟ ଡିଲର ମିଟ୍ ସାଙ୍ଗକୁ ନୂତନ ଉତ୍ପାଦ ଉନ୍ମୋଚନ କରାଯାଇଥିଲା। ବିଶେଷକରି ବିର୍ଲା ଆଗ୍ରୋ ମେଶିନର ନୂତନ ଉତ୍ପାଦ 'ପାୱାର ୱେଡ୍‌ର ବିଏଏମ୍ ୭୩୨ଜି'ର ଉନ୍ମୋଚନ କରାଯାଇଥିଲା। ଏପରିକି ମାସ୍ୱାଦକର ଅଟୋଲାଇନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ନିନାଦ ଶାହ, ବିର୍ଲା ଆଗ୍ରୋ ମେଶିନର ମାର୍କେଟିଂ ମୁଖ୍ୟ ସାଜନ ସଇନି ଏବଂ ଜୟ କିଷାନ ଏଗ୍ରି ସଲ୍ୟୁସନ୍‌ର ସିଇଓ କଳ୍ପତରୁ ସାହୁଙ୍କ ଉପସ୍ଥିତିରେ ନୂଆ ମେଶିନ୍ ଓ ଟୁଲ୍‌ସକୁ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ କମ୍ପାନୀ ପକ୍ଷରୁ 'ମିସନ୧୦୦୦' ନାମକ ଏକ ସେଲ୍‌ସ ପ୍ରତିଯୋଗିତାର ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଥିଲା। ଉକ୍ତ ଉତ୍ପାଦଗୁଡିକ ମୁଖ୍ୟତଃ ଓଡ଼ିଶାର କୃଷକମାନଙ୍କ ପାଇଁ ପ୍ରସ୍ତୁତି କରାଯାଇଛି। ଏପରିକି ଏଠାକାର କୃଷକଙ୍କୁ ଯେଉଁସବୁ ସୁବିଧା ଆବଶ୍ୟକ ତାହାକୁ ଦୃଷ୍ଟିରେ ରଖି ଏଭଳି ଯନ୍ତ୍ରପାତି ତିଆରି କରାଯାଇଛି। ଏହି ପରିପ୍ରେକ୍ଷୀରେ ବିର୍ଲା ଆଗ୍ରୋ ମେଶିନ ପକ୍ଷରୁ ଏକ ଅଲ୍ ଓଡ଼ିଶା ଡିଲର ମିଟ୍ ସହ କୃଷି ଯାନ୍ତ୍ରିକୀକରଣ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ ରାଜେନ୍ଦ୍ର ବେସରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଯାନ୍ତ୍ରିକୀକରଣର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି କୃଷି ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କେ.ଏସ୍. ଚନ୍ଦ୍ରଶେଖର, ନୂଆଦିଲ୍ଲୀ ସାମାଜିକ,ଅର୍ଥନୈତିକ ଅଧ୍ୟୟନ କେନ୍ଦ୍ରର ପରାମର୍ଶଦାତା ଅକ୍ଷୟ କୁମାର ସାହୁ ଏବଂ ଜୟ କିଷାନ ଏଗ୍ରି ସଲ୍ୟୁସନ୍ସର ସିଇଓ କଳ୍ପତରୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷି ଯନ୍ତ୍ରପାତି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ।

ଉଲ୍ଲେଖଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଡିଲର ମଧ୍ୟ ଅଂଶଗ୍ରହଣ କରିଥିଲେ। ଏପରିକି କାର୍ଯ୍ୟକ୍ରମରେ ଉପସ୍ଥିତ ଡିଲରମାନଙ୍କୁ ନୂଆ ମେଶିନ୍ ଓ ଟୁଲ୍‌ସଗୁଡିକର ବିଭିନ୍ନ ଦିଗ ଏବଂ ଲାଭ ବିଷୟରେ ଅବଗତ କରାଯାଇଥିଲା। ପରିଶେଷରେ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଡିଲରମାନଙ୍କୁ ସାର୍ଟିଫିକେଟ ଏବଂ ମେମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫୋର୍ଡ ପ୍ଲାଣ୍ଟ ଅଧିଗ୍ରହଣ କରିବ ଟାଟା

ନୂଆଦିଲ୍ଲୀ,୩୦।୧୨

ମୋଟରଯାନ ନିର୍ମାଣ କ୍ଷେତ୍ରରେ ଦେଶର ଅଗ୍ରଣୀ ସଂସ୍ଥା ଟାଟା ମୋଟର୍ସ ଆସନ୍ତା ୧୦ ଜାନୁୟାରୀ ସୁଦ୍ଧା ଗୁଜରାଟସ୍ଥିତ ଫୋର୍ଡ ଇଣ୍ଡିଆର ସାନନ୍ଦ ପ୍ଲାଣ୍ଟକୁ ଅଧିଗ୍ରହଣ କରିବ। ଏ ନେଇ ଶୁକ୍ରବାର ଟାଟା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଅଗଷ୍ଟରେ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍ (ଟିପିଇଏମ୍ଏଲ୍) ଗୁଜରାଟଠାରେ ଥିବା ଫୋର୍ଡ ଇଣ୍ଡିଆର ସାନନ୍ଦ ପ୍ଲାଣ୍ଟକୁ ଅଧିଗ୍ରହଣ କରିବ ବୋଲି କହିଥିଲା। ଏଥିରେ ପ୍ରାୟ ୭୨୫.୭ କୋଟି ଟଙ୍କା ବିନିଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି। ଦେଶରେ ବୈଦ୍ୟୁତିକ ଯାନ ବ୍ୟବସାୟ ବଜାର ବୃଦ୍ଧି ଘଟିଛି। ଏହି ଅଧିଗ୍ରହଣ କମ୍ପାନୀକୁ ଆଗକୁ ନେବାରେ ସହାୟତା କରିବ ବୋଲି ଟାଟା ମୋଟର୍ସ ପକ୍ଷରୁ କୁହାଯାଇଛି।

## ନାଲ୍‌କୋର ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦ ଶୁଭାରମ୍ଭ




ଭୁବନେଶ୍ୱର,୩୦।୧୨

ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦ 'ଆଲୁମିନିୟମ୍ ଏଲ୍ଇଡି କ୍ୟାପ୍ ଷ୍ଟକ୍ ଏଲୋୟ ଏଏ୧୧୦୦ର କଏଲ୍ ଫର୍ମ ଏଚ୧୨ ସହ ଶୁଭାରମ୍ଭ କରାଯାଇଛି। ଏପରିକି ନିକଟରେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ ସମୟରେ କେନ୍ଦ୍ର ଖଣି ସଚିବ ବିବେକ ଭରଦ୍ୱାଜଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଅନୁଗୋଳସ୍ଥିତ ନାଲ୍‌କୋର ସ୍ମେଲଟର ୟୁନିଟ୍‌ର ଆର୍‌ପିୟୁଠାରୁ ଉକ୍ତ ଉତ୍ପାଦର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଯୁଗ୍ମ ସଚିବ ଡ. ବୀଣା କୁମାରୀ ଡି, ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଉନ୍ମୋଚନ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଉତ୍ପାଦନ ୟୁନିଟ୍ ଅର୍ଥାତ୍ ଅନୁଗୋଳ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ରୋଲ୍ଡ ପ୍ରଡକ୍ଟ ୟୁନିଟ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଉତ୍ପାଦର ପ୍ରଥମ ସାମଗ୍ରୀକୁ ମଧ୍ୟ ପଠାଯାଇଥିଲା। ଏହା ସାଧାରଣତଃ ଏଲ୍ଇଡି ବଲ୍‌ବରେ କ୍ୟାପ୍ ଭାବେ ବ୍ୟବହୃତ ହୁଏ, ଯାହା ବଲ୍‌ବ ନିମନ୍ତେ ଉତ୍ତାପ ନିୟନ୍ତ୍ରଣର ଭାବେ କାମ କରେ। ଉତ୍ତାପ ନିୟନ୍ତ୍ରଣର ପ୍ରୟୋଗଗୁଡ଼ିକ ପାଇଁ ଆଲୁମିନିୟମ୍ ଏକ ଆଦର୍ଶ ଓ ଉପଲବ୍ଧ ପଦାର୍ଥ ଭାବେ ପରିଗଣିତ ହୋଇଥାଏ। ଏପରିକି ଏହା ଏଲ୍ଇଡି ବଲ୍‌ବ କ୍ୟାପ୍ ପାଇଁ ଏଏ୧୧୦୦ ଅଧିକ ଉପଯୁକ୍ତ।

## ସୋନାଲିକାର ୱେବ୍‌ସାଇଟ୍‌ରେ ଟ୍ରାକ୍ଟର ମୂଲ୍ୟ ପ୍ରଦର୍ଶିତ

ନୂଆଦିଲ୍ଲୀ,୩୦।୧୨

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ତଥା ୧ ନମ୍ବର ରପ୍ତାନିକାରୀ ଭାବେ ପରିଚିତ ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଏକ ଆକର୍ଷଣୀୟ ସେବା ଓ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର କିଷାନ ଦିବସ ଅବସରରେ ଦେଶର କୃଷକଙ୍କ ସୁବିଧା ଓ କମ୍ପାନୀର ଉତ୍ପାଦଗୁଡିକର ମୂଲ୍ୟରେ ସ୍ୱଚ୍ଛତା ପ୍ରଦର୍ଶନ ପାଇଁ କମ୍ପାନୀର ସମସ୍ତ ଟ୍ରାକ୍ଟର ରେଞ୍ଜର ମୂଲ୍ୟକୁ ଅନ୍‌ଲାଇନରେ ପ୍ରଦର୍ଶିତ କରିବାକୁ ସୋନାଲିକା ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏପରିକି ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ଅନେକ ସଫଳତା ପାଇବା ସହ ପାର୍ବଣ ଖୁସିକୁ ବୃଦ୍ଧି ମଧ୍ୟ ସମସ୍ତଙ୍କ ସହ ପାଳନ କରିଛି। ସେହିଭଳି ସୋନାଲିକାର ଏଭଳି ଏକ ଅତୁଳନୀୟ ପଦକ୍ଷେପ ଟ୍ରାକ୍ଟର ମୂଲ୍ୟଗୁଡିକରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ଲକ୍ଷ୍ୟ ରଖିଛି, ଯାହାକି ବର୍ତ୍ତମାନ ଚାଷୀମାନେ ସମ୍ମୁଖୀନ ହେଉଥିବା ସର୍ବବୃହତ୍ ସମସ୍ୟାର ସମାଧାନର ପ୍ରୟାସ ବୋଲି କୁହାଯାଉଛି। ଏହି ସ୍ୱତନ୍ତ୍ର ପଦକ୍ଷେପ ସହ ସୋନାଲିକା ଟ୍ରାକ୍ଟର୍ସ ଟ୍ରାକ୍ଟର ଶିଳ୍ପରେ ପରିବର୍ତ୍ତନ ଆଣିବାକୁ ପଦକ୍ଷେପ ଗ୍ରହଣ କରୁଛି। କୃଷକମାନଙ୍କ ଜଟିଳ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ପରିଣତ ହୋଇଛି। ଏପରିକି ଶକ୍ତିଶାଳୀ ଇଞ୍ଜିନ୍ ସହ କଷ୍ଟମାଇଜ୍‌ଡ ଟ୍ରାକ୍ଟର ଅଭିନବ ଟ୍ରାନ୍ସମିଶନ ଓ ଠିକ୍ ହାଇଡ୍ରାଉଲିକ୍ ଆଦି ସୋନାଲିକାକୁ ବିଶ୍ୱବ୍ୟାପୀ ୧୪୦ଟି ଦେଶରେ ଏକ ଶକ୍ତିଶାଳୀ ଉପସ୍ଥିତି ରଖିବା ପାଇଁ ସଶକ୍ତ କରିଛି। ସେହିପରି ମୂଲ୍ୟ ଉପରେ ଉନ୍ନତ ସ୍ୱଷ୍ଟତା ସହିତ ଏକ ଅଫିସିଆଲ ୱେବ୍‌ସାଇଟ୍ ଉନ୍ମୋଚନ କରିବା ଦ୍ୱାରା କୃଷକମାନେ ମଧ୍ୟ ଏକ ବଡ ଆଶ୍ୱସ୍ତି ପାଇପାରିବେ ଓ ନିଜ ପସନ୍ଦର ଟ୍ରାକ୍ଟର କିଣିବା ପାଇଁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବେ। ଏ ସମ୍ପର୍କରେ ସୋନାଲିକା ଟ୍ରାକ୍ଟର୍ସର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଏକ ଟ୍ରାକ୍ଟର କିଣିବା ପାଇଁ ନିଷ୍ପତ୍ତିକୁ ସରଳ କରିବାରେ ମୂଲ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଅନେକ ପିଢି ହେବ ମୂଲ୍ୟ ଉପରେ ସ୍ୱଚ୍ଛତା ଏକ ବଡ ଆହ୍ୱାନ ଭାବେ ରହିଆସିଛି। ଆମେ ଆମର ଅଫିସିଆଲ ୱେବ୍‌ସାଇଟ୍‌ରେ ଟ୍ରାକ୍ଟର ରେଞ୍ଜର ମୂଲ୍ୟକୁ ଉନ୍ମୋଚନ କରି ଉତ୍ସାହିତ ରହିଛୁ ଯାହା ୨୦୨୩ ଆର୍ଥିକ ବର୍ଷରେ ସମଗ୍ର କୃଷି ସମୁଦାୟ ପାଇଁ ପାର୍ବଣ ଉତ୍ସାହକୁ ବୃଦ୍ଧି କରିବ।



ରମଣ ମିତ୍ତଲ

## 'ଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କର'



### ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୦।୧୨

ଭୁବନେଶ୍ୱର ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୬ତମ ବାର୍ଷିକ ଉତ୍ସବ 'ଗ୍ରେସ୍-୨୦୨୨' ଶୁକ୍ରବାର ଶିକ୍ଷାନୁଷ୍ଠାନର ଜି.ପି. ସିଂହ ପ୍ରେକ୍ଷାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ଚରିତ୍ର ଗଠନ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦ୍ୱାରା ଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗଣିତଜ୍ଞ ଆନନ୍ଦ କୁମାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଷ୍ଠାନର ଉଚ୍ଚକୋଟୀର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରିଥିଲେ। ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଛାତ୍ର ବହୁସଂଖ୍ୟାରେ କୃତିତ୍ୱ ଅର୍ଜନ କରି ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜାତୀୟସ୍ତରରେ ଗୌରବାନ୍ୱିତ କରିପାରିବେ ବୋଲି ସେ ଆଶା ପ୍ରକଟ କରିଥିଲେ।

ଶିକ୍ଷାନୁଷ୍ଠାନ ଚେୟାରମ୍ୟାନ୍ ତଥା ଶିକ୍ଷାବିତ୍ ଅଜୟ ବାହାଦୁର ସିଂହ କହିଲେ, ଶୃଙ୍ଖଳା, ସାଧନା ଏବଂ ସଂଘର୍ଷ ମାଧ୍ୟମରେ ଯେକୌଣସି ବ୍ୟକ୍ତି ସଫଳତା ହାସଲ କରିପାରିବେ। ଏହି ଅବସରରେ ରୁଚି ଫୁଡ୍‌ଲାଇନ୍‌ର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିନ୍ସ ଡ୍ୟାନ୍ସଗ୍ରୁପ୍ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ଅଧିକାରୀ ହେମନ୍ତ କୁମାର, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀ ଅତୁଲ୍ କୁମାର ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରିଙ୍କୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ର କୋଇଲା ସଚିବ ଓ କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଜେଏସ୍‌ପି ଗସ୍ତ



ଅନୁଗୋଳ ଅଫିସ, ୩୦।୧୨

କେନ୍ଦ୍ର କୋଇଲା ସଚିବ ଅମ୍ରିତ ଲାଲ ମୀନା ଏବଂ କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ଗୁରୁବାର ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର କୋଲ୍ ଗ୍ୟାସିଫିକେଶନ ପ୍ଲାଣ୍ଟ (ସିଜିପି) ପରିଦର୍ଶନ କରିଥିଲେ। ଜେଏସ୍‌ପି ପକ୍ଷରୁ ଦୁଇ ଅଧିକାରୀଙ୍କୁ ସିଜିପିକୁ ସ୍ୱାଗତ କରାଯାଇଥିଲା। ଜେଏସ୍‌ପି ପକ୍ଷରୁ ଏକ ଟୁଇଟ୍‌ରେ କୁହାଯାଇଛି ଯେ, କୋଲ୍ ଗ୍ୟାସିଫିକେଶନ ହେଉଛି କୋଇଲାର ଭବିଷ୍ୟତ। ଶକ୍ତି ଉତ୍ସ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରାଇବା ସହିତ ଆମଦାନୀର ବିକଳ୍ପ ଭାବେ ଏହା ସହାୟତା କରିବ। ଏହାସହିତ କେନ୍ଦ୍ର କୋଇଲା ସଚିବ ଓ କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଜେଏସ୍‌ପି ଗସ୍ତ ପ୍ରେରଣା ଯୋଗାଇବ। ଆଜିର ସମୟରେ ସିଜିପି ଏକ ଅନ୍ୟାନ୍ୟ ଟେକ୍ନୋଲୋଜି ପ୍ରଦର୍ଶନକାରୀ ହୋଇପାରିବା ସହିତ ବିଭିନ୍ନ ବିଶେଷଜ୍ଞଙ୍କ ଦ୍ୱାରା ମଧ୍ୟ ଏହା ପ୍ରଶଂସିତ ହୋଇପାରିଛି। ସିଜିପିରେ ଉତ୍ପାଦନ ହେଉଥିବା ସିନ୍-ଗ୍ୟାସ୍‌ରେ ୬୦% ହାଇଡ୍ରୋଜେନ ରହିଥିବାରୁ ଏହା ପରିବେଶ ଉପଯୋଗୀ ନୀଳହାଇଡ୍ରୋଜେନ ଉତ୍ପାଦନ କରିବାରେ ମଧ୍ୟ ସାହାଯ୍ୟ କରିପାରିବ। ଏହି ଗସ୍ତବେଳେ ଜେଏସ୍‌ପି ଚେୟାରମ୍ୟାନ ନବୀନ ଜିନ୍ଦଲ, ପରାମର୍ଶଦାତା ଗୋଷ୍ଠୀର ଉପାଧ୍ୟକ୍ଷ ଭି.ଆର୍. ଶର୍ମା, ଜେଏସ୍‌ପି ସିଇଓ ଦୀନେଶ କୁମାର ସରୋଗୀ, ଇଡି ଦାମୋଦର ମିତ୍ତଲ ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଜାନୁୟାରୀ ୨ରୁ ନୂଆ ଧାରାବାହିକ 'ତୁ ଖରା ମୁଁ ଛାଇ'




ଭୁବନେଶ୍ୱର,୩୦।୧୨

ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକ ପକ୍ଷରୁ ନୂତନ ବର୍ଷର ପରିପ୍ରେକ୍ଷୀରେ ମେଗା ଓଡ଼ିଆ ନୂଆ ଧାରାବାହିକ ପ୍ରସାରଣ କରିବାକୁ ଯାଉଛି। ଏପରିକି ଆସନ୍ତା ଜାନୁୟାରୀ ୨ରୁ ଜୀ ସାର୍ଥକର ନୂଆ ଧାରାବାହିକ 'ତୁ ଖରା ମୁଁ ଛାଇ'ର ପ୍ରସାରଣ ସୋମବାରରୁ ଶନିବାର ରାତି ୮ଟା ୩୦ରେ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ବିଶେଷକରି ଓଡ଼ିଆ ଘରର କାହାଣୀକୁ ନେଇ ପ୍ରସାରିତ ହେବାକୁ ଯାଉଥିବା ଏହି ଧାରାବାହିକଟି ମାନିନୀର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି। ମାନିନୀ ଏପରି ଏକ ଚରିତ୍ର ଯେ ସେ ଯୁଆଡ଼େ ଯାଏ କିଛି ନା କିଛି ବିଗାଡ଼ିଦିଏ। ଏପରିକି ନାୟକ ଅଭିମନ୍ୟୁଙ୍କୁ କିନ୍ତୁ ସବୁକିଛି ପରଫେକ୍ଟ ଦରକାର ହୋଇଥାଏ। ଉକ୍ତ କାହାଣୀର ଏହି ଦୁଇ ଭିନ୍ନ ଚରିତ୍ର କିପରି ଆଗକୁ ବଢୁଛନ୍ତି, କାରଣ ଜଣେ ପରଫେକ୍ଟସନିଷ୍ଟ ଆଉ ଜଣେ ଖାମଖିଆଲି ଭାବେ କାର୍ଯ୍ୟ କରିଥାଏ। ଏମାନଙ୍କ ଯୋଡ଼ି ବନିବ ତ, ଯଦି ଦୁଇ ଜଣଙ୍କ ସମ୍ପର୍କ ଯୋଡ଼ି ହୁଏ ତେବେ କେତେଦୂର ଚିରସ୍ଥାୟୀ ହେବ ବୋଲି କୁହାଯାଉଛି। ସେହିଭଳି ମାନିନୀ କ'ଣ ଏତେ କମ୍ ବୟସର ଶାଶୁ ହୋଇ ୩ବୋହୂଙ୍କୁ ନେଇ ପରିବାର ସମ୍ଭାଳିବ ପାରିବ। ଏଭଳି କିଛି ବିଷୟକୁ ନେଇ 'ତୁ ଖରା ମୁଁ ଛାଇ'ର କାହାଣୀ ଗତିଶୀଳ ହେଉଛି। ସେହିପରି ଓଡ଼ିଆ ଧାରାବାହିକ ଇତିହାସରେ ପ୍ରଥମ ଥର ପାଇଁ ଏପରି ଏକ ନିଆରା କାହାଣୀକୁ ନେଇ ନିର୍ମିତ ଉକ୍ତ ଧାରାବାହିକଟି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ଜୀ. ସାର୍ଥକ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଧାରାବାହିକର ମୁଖ୍ୟ ଚରିତ୍ର ମାନିନୀ ଭୂମିକାରେ ସ୍ମୃତି ଓ ଅଭିମନ୍ୟୁ ଭୂମିକାରେ ରଞ୍ଜନ ପଣ୍ଡା ଅଭିନୟ କରୁଥିବା ଜଣାପଡ଼ିଛି।

## 'ବିକ୍ରି ପରବର୍ତ୍ତୀ ସେବା, ସୁବିଧାକୁ ଗୁରୁତ୍ୱାରୋପ'

ନୂଆଦିଲ୍ଲୀ,୩୦।୧୨

ଦେଶର ପ୍ରମୁଖ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋର୍ଟସ ନିକଟରେ ତା'ର ସ୍ମଲ୍ କମର୍ସିଆଲ ଭେଇକିଲ୍ସ (ଏସ୍‌ସିଭି) ବର୍ଗର ନୂତନ ମଡେଲ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରିଥିଲା। ଏହି ପରିପ୍ରେକ୍ଷୀରେ ଟାଟା ମୋଟର୍ସର ଗ୍ଲୋବାଲ ହେଡ୍ (କଷ୍ଟମର କେୟାର,କମର୍ସିଆଲ ଭେଇକିଲ ବିଜ୍‌ନେସ ୟୁନିଟ୍) ଆର୍. ରାମକ୍ରିଷ୍ଣନ କହିଥିଲେ, କମ୍ପାନୀ ଉଭୟ ଗୁଣାତ୍ମକ ଯାନ ନିର୍ମାତା ଏବଂ ଗ୍ରାହକ କେନ୍ଦ୍ରିକତାକୁ ସର୍ବଦା ଅଗ୍ରାଧିକାର ଦେଇ ଆସିଛି। ସେହିଭଳି କମ୍ପାନୀର ସମ୍ପୂର୍ଣ୍ଣ ସେବା ୨.୦ ମାଧ୍ୟମରେ ବାର୍ଷିକ ସମାଧାନ ପ୍ୟାକେଜ ଓ ରୋଡ୍ ସାଇଡ୍ ଆସିଷ୍ଟାଣ୍ଟ ସର୍ଭିସ୍ ମଧ୍ୟ ପ୍ରଦାନ କରିଥାଏ। ସେହିପରି କମ୍ପାନୀର ମୁଖ୍ୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଟାଟା ଆଲର୍ଟ, ରୋଡ୍ ସାଇଡ୍ ଆସିଷ୍ଟାଣ୍ଟ ପାଇଁ ସୂଚନା ମିଳିବାର ୩୦ମିନିଟ୍ ମଧ୍ୟରେ ନିଶ୍ଚିତ ପ୍ରତିକ୍ରିୟା ଏବଂ ପ୍ରାୟ ୨ଘଣ୍ଟା ମଧ୍ୟରେ ଗ୍ରାହକଙ୍କ ସମସ୍ୟାର ସମାଧାନ ପାଇଁ ମଧ୍ୟ ପ୍ରୟାସ କରାଯାଇଥାଏ। ଏପରିକି ୱାରେଣ୍ଟି ଅଧୀନରେ ଥିବା ଯାନଗୁଡ଼ିକ ପାଇଁ ୨୪ଘଣ୍ଟା ମଧ୍ୟରେ ନିଶ୍ଚିତ ସେବା ଓ ସମାଧାନ ପ୍ରଦାନ କରାଯାଇଥାଏ। ଅପରପକ୍ଷରେ ଟାଟା ଜିପି ଏକ ନିର୍ଦ୍ଦିଷ୍ଟ ମରାମତି ସମୟ ନିଶ୍ଚିତତା ସହ ପ୍ରାୟ ୪୮ଘଣ୍ଟା ମଧ୍ୟରେ ଗ୍ରାହକଙ୍କ ସମସ୍ୟାର ସମାଧାନ କରିଥାଏ। ଏପରିକି ଟାଟା ଗୁରୁ ଜରିଆରେ ୫୦,୦୦୦ରୁ ଅଧିକ ତାଲିମପ୍ରାପ୍ତ ଟେକ୍ନିସିଆନ୍ ସମଗ୍ର ଦେଶରେ କମ୍ପାନୀର ଯାନ ମରାମତି ଏବଂ ସେବା ପାଇଁ ରାସ୍ତାକଡ଼ ଏବଂ କର୍ମଶାଳା ସହାୟତା ପ୍ରଦାନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଏସବୁ ହେଉଛି ଟାଟା ମୋଟର୍ସ ମାଧ୍ୟମରେ ବିତରଣ ୨୮୦୦ରୁ ଅଧିକ ଟଚ୍ ପଏଣ୍ଟ ସେବା ନେଟ୍‌ୱର୍କର ବିସ୍ତୃତ ଡିଲରଶିପ୍ ପଏଣ୍ଟ ଏବଂ ଦେଶର ପ୍ରତ୍ୟେକ ୬୨ କି.ମି.ରୁ ଅଧିକ ସେବା ସୁବିଧା ସହ ତାଲିମପ୍ରାପ୍ତ ବିଶେଷଜ୍ଞ ଏବଂ ଟାଟା ଜେନୁଇନ୍ ପାର୍ଟସ୍ ଦ୍ୱାରା ସମର୍ଥିତ ରହିଛି। କମ୍ପାନୀ ତା'ର ଯାନ ବିକ୍ରୟ ପରେ ଆବଶ୍ୟକ ସେବାକୁ ମଧ୍ୟ ଇକୋ-ସିଷ୍ଟମ ବିକଶିତ କରିଛି, ଯେଉଁଠାରେ ଗ୍ରାହକମାନେ ୨୯ ରାଜ୍ୟ ସହ ୨୫୦ରୁ ଅଧିକ ଟାଟା ମୋଟର୍ସ ଇଞ୍ଜିନିୟର, ୧୫୦୦ରୁ ଅଧିକ ଚ୍ୟାନେଲ ସହଭାଗୀ ଏବଂ ଉପକରଣ ସୁବିଧା ଓ ୨୪x୭ ମୋବାଇଲ ଭ୍ୟାନ୍ ଟାଟା ମୋଟର୍ସ ବିସ୍ତୃତ ଡିଲରଶିପ୍ ସେବା ନେଟ୍‌ୱର୍କ ଜରିଆରେ ଯୋଗାଇ ଦେଉଛି। ସମଗ୍ର ଦେଶରେ ଉପଲବ୍ଧ ଏବଂ ସମ୍ପୂର୍ଣ୍ଣ ସେବା ଯୋଜନା ଅଧୀନରେ ଅନନ୍ୟ ସେବା ପ୍ରଦାନ କରିଥାଏ। ଏପରିକି ସମ୍ପୂର୍ଣ୍ଣ ସେବାର ମୁଖ୍ୟ ଆକର୍ଷଣ ହେଉଛି ଟାଟା ଜିପି ପ୍ରୋଗ୍ରାମ ଯାହା ସମାଧାନ ପାଇଁ ଡିଜାଇନ୍ ହୋଇଛି। ୮ ଘଣ୍ଟା ମଧ୍ୟରେ କର୍ମଶାଳାରେ ନିୟମିତ ସେବା ଏବଂ ପ୍ରମୁଖ ଏଗ୍ରିମେଣ୍ଟ ମରାମତି ପାଇଁ ସମସ୍ୟା ୪୮ଘଣ୍ଟା ମଧ୍ୟରେ ଟାଟା ମୋଟର୍ସ ଗ୍ରାହକଙ୍କୁ ୫୦୦୦ ଟଙ୍କା କ୍ଷତିପୂରଣ ଦେଇଥାଏ। ବିଶେଷକରି ସମସ୍ତ ଟ୍ରକ୍ ପାଇଁ ପ୍ରତିଦିନ ୫୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତି ୨୪ ଘଣ୍ଟା ବିଳମ୍ବ ପାଇଁ ପ୍ରିମା ଟିପ୍ପର ଉପରେ ପ୍ରତିଦିନ ୫୦୦୦ ଟଙ୍କାର କ୍ଷତି ପୂରଣ କମ୍ପାନୀ ଗ୍ରାହକଙ୍କୁ ପ୍ରଦାନ କରିଥାଏ।



ଆର୍. ରାମକ୍ରିଷ୍ଣନ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ୟୁନିଟ୍-୯, ସକାଳ ୯ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସେବା ଉତ୍ସବ ସମିତି, ନୟାଗଡ଼ ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଓଡ଼ିଆ ଗାନ୍ଧିବାଦୀ ଓ ପ୍ରାବନ୍ଧିକ ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କ ୧୩୩ତମ ଜୟନ୍ତୀ ଉତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା।
- ସୀତା-ଶିବ ସ୍ମୃତି ନ୍ୟାସ ସ୍ଥାପନା ଏବଂ ସାଧନା ସମ୍ମାନ ପ୍ରଦାନ ଉତ୍ସବ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀର ୧୨୦ତମ ପ୍ରତିଷ୍ଠା ଦିବସ ସମାରୋହ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅପରାହ୍ନ ୪ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ଅଧିବେଶନ, ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।

**କଟକ**

- ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ୧୦ମ ଶ୍ରାଦ୍ଧୋତ୍ସବ, ଗାନ୍ଧୀଭବନ, ବାଖରାବାଦ, ପୂର୍ବାହ୍ନ ୧୧ଟା।
- ଏଗ୍ରିକଲ୍‌ଚରାଲ ସେନ୍‌ସସ୍ ଉପରେ ପ୍ରଥମ ଡିଏଲ୍‌ସିସି ବୈଠକ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।

# 'ଖେଳ ନୁହେଁ ଭାତ ଚାହୁଁ'

## ହକି ପାଇଁ ଉଚ୍ଛେଦକୁ ବିରୋଧ

- ବିଡିଏ କାର୍ଯ୍ୟାଳୟ ଘେରିଲେ ଉଠାଦୋକାନୀ
- ଆଲୋଚନା ପରେ ନବୀନ ନିବାସ, କଳିଙ୍ଗ ଷ୍ଟାଡ଼ିୟମ ଓ ବିଏମ୍‌ସି ଘେରାଉ ସ୍ଥଗିତ



ଉଠାଦୋକାନୀମାନେ ଶୋଭାଯାତ୍ରାରେ ବିଡିଏ ଅଫିସ ଅଭିମୁଖେ ଯାଉଛନ୍ତି।

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ହକି ବିଶ୍ୱକପ୍ ପାଇଁ ସହରର ପ୍ରମୁଖ ସ୍ଥାନରେ ରାସ୍ତାକଡ଼ରେ ଥିବା ଉଠାଦୋକାନ ଉଚ୍ଛେଦ କରାଯାଉଛି। ସମ୍ବିଧାନର ଧାରା ଓ ଉଠାଦୋକାନୀ ଆଇନକୁ ଉଲ୍ଲଂଘନ କରି ୧୫ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ଯୋଗୁ ୧ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଫଳରେ ଜୀବିକା ହରାଉଥିବା ଉଠାଦୋକାନୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ହକି ବିଶ୍ୱକପ୍‌କୁ ବିରୋଧ ଆରମ୍ଭ କରିଛନ୍ତି। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ହଜାର ହଜାର ଉଠା ଦୋକାନୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ)କାର୍ଯ୍ୟାଳୟ ଘେରାଉ କରିଥିଲେ। ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁଙ୍କ ନେତୃତ୍ୱରେ ଉଠାଦେକାନୀ ହାତରେ ପ୍ଲାକାର୍ଡ ଧରି 'ଖେଳ ନୁହେଁ ଭାତ ଚାହୁଁ, ସ୍ମାର୍ଟସିଟି ନୁହେଁ ରୋଟି ଚାହୁଁ, ଉଠାଦୋକାନୀ ଆଇନ ଅବମାନନା କରିବା ଚଳିବ ନାହିଁ ଆଦି ସ୍ଲୋଗାନ ଦେଇ ମାଷ୍ଟର କ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ବାହାରି ରାମମନ୍ଦିର ଛକରେ ପହଞ୍ଚିଥିଲେ। ଏହାପରେ ଏସିପି ମାନସ ଗଡ଼ନାୟକଙ୍କ ସହଯୋଗରେ ଏକ ୧୩ଜଣିଆ ପ୍ରତିନିଧି ମଣ୍ଡଳୀ ବିଡିଏ କାର୍ଯ୍ୟଳୟ ଯାଇଥିଲେ। ସେଠାରେ ବିଏମ୍‌ସିର ଅତିରିକ୍ତ କମିଶନର ବିନୟ କୁମାର ଦାସ, ବିଡିଏର ଏନ୍‌ଫୋର୍ସମେଣ୍ଟ ଅତିରିକ୍ତ ସଚିବ ହରିଶ୍ଚନ୍ଦ୍ର ନାୟକଙ୍କ ସହ ୧ଘଣ୍ଟା ଧରି ଆଲୋଚନା ହୋଇଥିଲା। ଉଚ୍ଛେଦକୁ ତୁରନ୍ତ ବନ୍ଦ କରିବା, ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ କ୍ଷତିପୂରଣ ଦେବା ସହ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ କରିବା, ଉଚ୍ଛେଦ ସମୟରେ ଗାଳି ଗୁଲଜ କରୁଥିବା ଅଧିକାରୀଙ୍କୁ ଆପରାଧିକ ଆଇନ ଅନୁଯାୟୀ ଗିରଫ କରିବା, ଉଚ୍ଛେଦ ଦୋକାନୀଙ୍କୁ ମାସକୁ ୨୦ ହଜାର ଟଙ୍କା ଆର୍ଥିକ ଅନୁଦାନ ଦେବା, ବିଡ଼ିଏ ସ୍କ୍ୱାଡ୍ ସହିତ ମହାସଂଘର ସ୍କ୍ୱାଡ୍‌କୁ ସାମିଲ୍ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା, ଭେଣ୍ଡିଂଜୋନ୍‌ରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ ବାଦ୍ ଦେବାସହ ସ୍ମାର୍ଟସିଟିରେ ଦିଆଯାଇଥିବା କିଓସ୍କଗୁଡ଼ିକର ସିବିଆଇ ତଦନ୍ତ ଆଦି ୧୨ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ତେବେ ବିଏମ୍‌ସି ଓ ବିଡିଏ ପକ୍ଷରୁ ପଦକ୍ଷେପ ପାଇଁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ମହାସଂଘ ନବୀନ ନିବାସ, କଳିଙ୍ଗ ଷ୍ଟାଡ଼ିୟମ ଓ ବିଏମ୍‌ସି ଘେରାଉକୁ ସ୍ଥଗିତ ରଖିଥିବା ଘୋଷଣା କରିଛି।

## ନକଲି ଔଷଧ କାରବାରରେ ଜଡ଼ିତ କ୍ୟାଲ୍ ଏଜେନ୍ସି ଉପରେ ଜିଏସ୍‌ଟି ଚଢ଼ାଉ

**କଟକ ଅଫିସ,୩୦।୧୨**

ନକଲି ଔଷଧ କାରବାର ମାମଲା ପରେ ଏବେ ଜିଏସ୍‌ଟି ଫାଙ୍କି ମାମଲାରେ ଛନ୍ଦି ହୋଇଛି ନିମଚୌଡିସ୍ଥିତ କ୍ୟାଲ ଏଜେନ୍ସି। ଏହି ଔଷଧ ବିକ୍ରେତା ସଂସ୍ଥା ଜିଏସ୍‌ଟି ଫାଙ୍କୁଥିବା ଜଣାପଡିଥିଲା। ଶୁକ୍ରବାର ଜିଏସ୍‌ଟି ଅଧିକାରୀମାନେ ଦିନତମାମ ଉକ୍ତ ଏଜେନ୍ସିର ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଏଥିସହ ଏହାର ଆଉ ଏକ ସହଯୋଗୀ ସଂସ୍ଥା କ୍ୟାଲ୍ ଆସୋସିଏଟ ଉପରେ ମଧ୍ୟ ଚଢ଼ାଉ ହୋଇଥିଲା। ଜିଏସ୍‌ଟି ଅଧିକାରୀମାନେ ସଂସ୍ଥାର ବିଭିନ୍ନ ଆର୍ଥିକ କାରବାରକୁ ନେଇ ଖୋଳତାଡ଼ କରିଛନ୍ତି। ନକଲି ଔଷଧ କାରବାର ମାମଲାରେ ସଂସ୍ଥାର ମାଲିକ ଗିରଫ ହୋଇଥିବାବେଳେ ସଂସ୍ଥା ନାମରେ ଜିଏସ୍‌ଟି ଫାଙ୍କିବାର ଅଭିଯୋଗ ରହିଥିଲା। ତେବେ ଚଢ଼ାଉ ପ୍ରକ୍ରିୟା ଜାରି ରହିବ, ଜିଏସ୍‌ଟି ଫାଙ୍କିର ସତ୍ୟାସତ୍ୟ ଜଣାପଡ଼ିବା ପରେ ଗଣମାଧ୍ୟମ ଆଗରେ ସବୁ କିଛି ସୂଚନା ଦିଆଯିବ ବୋଲି ଜଣେ ଅଧିକାରୀ ପରିଚୟନ ଗୋପନ ରଖି କହିଛନ୍ତି।

## ବାଣୀଭୂଷଣ ନିରଞ୍ଜନ ବ୍ରହ୍ମାଙ୍କ ପରଲୋକ

**ପୁରୀ ଅଫିସ,୩୦।୧୨**



ପ୍ରଫେସର ଡ.ବାଣୀଭୂଷଣ ନିରଞ୍ଜନ ବ୍ରହ୍ମାଙ୍କ ଗୋପୀନାଥପୁରସ୍ଥିତ ବାସଭବନରେ ଶୁକ୍ରବାର ଭୋରରେ ପରଲୋକ ହୋଇଛି। ତାଙ୍କୁ ୯୬ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ବିଳାସିନୀ ବ୍ରହ୍ମା, ଜ୍ୱାଇଁ ଦେବନାଥ ରଥ, ଝିଆରୀ ଓ ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ବ୍ରହ୍ମା ୧୯୨୬ରେ ରାଜରଣପୁରର ଲତାର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। କାଶୀ ସଂସ୍କୃତ ବିଦ୍ୟାଳୟରୁ ବେଦରେ ଆଚାର୍ଯ୍ୟ ହେବା ପରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ସେ ତାଙ୍କ ଜୀବନକାଳ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଜ୍ୟୋତିଷ, କର୍ମକାଣ୍ଡ, ମାଳିକା, ଶୂନ୍ୟପୁରାଣ, ନିତ୍ୟପାଠ, ଶ୍ରାଦ୍ଧପଦ୍ଧତି, ବାସ୍ତୁଶାସ୍ତ୍ର, ଜାତକ ବିଚାର ଭଳି ପୁସ୍ତକ ରଚନା କରିଛନ୍ତି। ତାଙ୍କର ବ୍ୟକ୍ତିଗତ ପାଠାଗାରରେ ୫ ହଜାରରୁ ଊର୍ଦ୍ଧ୍ୱ ଦୁର୍ଲଭ ସଂସ୍କୃତ ପୁସ୍ତକ ରହିଛି। ସେହିପରି ସ୍ୱର୍ଗତ ବ୍ରହ୍ମା ୧୯୮୧ରେ ଗୋବର୍ଦ୍ଧନ ପୀଠର ୧୪୪ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିରଞ୍ଜନ ଦେବ ତୀର୍ଥଙ୍କଠାରୁ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ସ୍ୱର୍ଗତ ପଣ୍ଡିତ ନିରଞ୍ଜନ ବ୍ରହ୍ମା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ବ୍ରହ୍ମର୍ଷି, ଦାରୁବ୍ରହ୍ମ, କଳିଙ୍ଗରତ୍ନ, ଉତ୍କଳ ଚାଣକ, ପ୍ରାଚ୍ୟ ସଂସ୍କୃତି ବାଚସ୍ପତି, ଭାରତ ଭ୍ରମଣ ଭଳି ଅନେକ ଉପାଧିରେ ଭୂଷିତ ହୋଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ପୁତୁରା ପ୍ରଭାତ ଶତପଥୀ ମୁଖାଗ୍ନି ଦେଇଥିଲେ।

## ବନ୍ଦ ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ପିପିଲି,୩୦।୧୨(ସ୍ୱ.ପ୍ର.)**

ପିପିଲି ଥାନା ଅନ୍ତର୍ଗତ ଭାରତୀପୁର ଗ୍ରାମର ଏକ ବନ୍ଦ ଘରୁ ଶୁକ୍ରବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ଜବତ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ରେଣୁକା ମହାରଣା। ତେବେ ଝିଅ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ (ନଂ.୧୬/୨୨) ପ୍ରାଥମିକ ତଦନ୍ତ ଚଳାଇଛି। ରେଣୁକା ବାଲେଶ୍ୱର କୋର୍ଟରେ ଗତ ୪ବର୍ଷ ହେଲା ଟାଇପିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨ଦିନ ତଳେ ସେ ଭାରତୀପୁରସ୍ଥିତ ଘରକୁ ଛୁଟିରେ ଆସିଥିଲେ। କୌଣସି କାରଣକୁ ନେଇ ସେ ସବୁବେଳେ ଡିପ୍ରେସନରେ ରହୁଥିଲେ। ଶୁକ୍ରବାର ସକାଳେ ରେଣୁକା ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ଖୋଲି ନ ଥିଲେ। କବାଟ ଭଙ୍ଗାଯିବା ପରେ ରେଣୁକା ଫ୍ୟାନରେ ଲୁଗା ଲଗାଇ ବେକରେ ବାନ୍ଧି ଝୁଲୁଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପିପିଲି ସରକାରୀ ମେଡିକାଲକୁ ନେଇଥିବା ବେଳେ ଡାକ୍ତର ରେଣକାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ଥାନା ଅଫିସର ଆଲଫାରାଣି ସାମଲ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛନ୍ତି।



ଶାଶ୍ୱତୀ ସାଂସ୍କୃତିକ ସାମାଜିକ କେନ୍ଦ୍ର ପକ୍ଷରୁ ଭୁବନେଶ୍ୱର ସୂଚନା ଭବନଠାରେ ଶୁକ୍ରବାର ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'।

## ଶ୍ରୀମନ୍ଦିରରେ ଦୀପ ନିଆଁ ଲାଗି ନାବାଳକ ଆହତ

**ପୁରୀ ଅଫିସ,୩୦।୧୨:** ଶ୍ରୀମନ୍ଦିର ଭିତର କାଠ ନିକଟରେ ଦୀପ ନିଆଁ ଲାଗି ଜଣେ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ସେ ହେଲେ ଦେବରାଜ ଭୂୟାଁ। ଦକ୍ଷିଣା ଥାଳିରେ ଦୀପଧରି ଜଣେ ସେବାୟତ ବୁଲୁଥିବା ସମୟରେ ତାଙ୍କ ବାମ ହାତ କହୁଣି ଲାଗିଯାଇଥିଲା। ଫଳରେ ହାତରେ ଫୋଟକା ହୋଇଯାଇଛି। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଅଛନ୍ତି। ଦେବରାଜ ବାପା ହେମନ୍ତ କୁମାର ଭୂୟାଁ ଓ ମା ଲିପିକାଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ବେଳେ ସେବାୟତ ଦୀପ ଜଳୁଥିବା ଦକ୍ଷିଣାଥାଳି ନେଇ ଗହଳି ଭିତରେ ବୁଲିବା ଘଟଣାକୁ ନିନ୍ଦା କରାଯାଇଛି।

## ଆବାସ ଗୃହ ତଦନ୍ତ ବେଳେ ପିଇଓଙ୍କୁ ପିଟିଲେ

**ଖୋର୍ଦ୍ଧା ଅଫିସ,୩୦।୧୨**

ଆବାସ ଗୃହର ତଦନ୍ତ ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ଆକ୍ରମଣ ହୋଇଥିବା ନେଇ ଶୁକ୍ରବାର ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଖୋର୍ଦ୍ଧା ବ୍ଲକ ନାଳିପଡା ଅର୍ଜ୍ଜୁନପୁର ପଞ୍ଚାୟତରେ ଅଶୋକ କୁମାର ପାଟ୍ଟଶାଣୀ ପିଇଓଭାବେ କାର୍ଯ୍ୟରତ ଅଛନ୍ତି। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ ଆବାସ ଗୃହ ତଦନ୍ତ ଲାଗି ଅଶୋକ ଜିଆରଏସ ପ୍ରଦୋଷ କୁମାର ରାୟଙ୍କ ସହ ଯାଇଥିଲେ। ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୃହ ଯାଞ୍ଚ ବେଳେ ହଠାତ୍ ମନୋରଞ୍ଜନ ବଡ଼ଜେନା ପହଞ୍ଚି ବିରୋଧ କରିଥିଲେ। ସ୍ଥାନୀୟ ୱାର୍ଡମେମ୍ବର, ସମିତିସଭ୍ୟ ଓ ସରପଞ୍ଚଙ୍କ ବିନା ଅନୁମତିରେ କାହିଁକି ତଦନ୍ତ କରିବାକୁ ଆସିଛ ବୋଲି ମନୋରଞ୍ଜନ କହିବା ସହ ଗାଳିଗୁଲଜ କରିଥିଲେ। ଏପରିକି ଚପଲରେ ମଧ୍ୟ ପିଟିଥିଲେ। ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଉକ୍ତ ସମୟରେ ସେଠାରେ କେତେଜଣ ସ୍ଥାନୀୟ ଯୁବକ ଉପସ୍ଥିତ ଥିଲେ ବୋଲି ଅଶୋକ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ପ୍ରେକ୍ଷାଳୟରେ ଚଳଚ୍ଚିତ୍ର 'ବୋଉର ହାତବାକ୍ସ'



ଚଳଚ୍ଚିତ୍ର 'ବୋଉର ହାତବାକ୍ସ'ର ଶୁଭ ମହୁରତ ଅବସରରେ ଅଭିନେତା ଓ ଅନ୍ୟମାନେ।

## ବାସ୍ତବ କାହାଣୀକୁ ନେଇ ଆଉଏକ ଓଡ଼ିଆ ସିନେମା

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ପରିବାର ପାଇଁ ସନ୍ତୁଳି ହେଉଥିବା ଚରିତ୍ରଟି ହେଉଛି ବୋଉ। ସ୍ନେହ ଓ ସମ୍ପର୍କକୁ ନେଇ ପରିବାର ଗଢୁଥିବା ବୋଉ ନିଜ ପିଲାଙ୍କ ପାଇଁ କେତେ କ'ଣ କରିଥାଏ। ବିଶେଷକରି ଓଡିଆ ଘରେ ପିଲାଙ୍କ ପାଇଁ ସବୁ ବୋଉ ହାତ ବାକ୍ସଟିଏ ରଖିଥାନ୍ତି। କିନ୍ତୁ ସେଥିରେ କ'ଣ ଥାଏ ତାହା କାହାକୁ ବି ଜଣା ନ ଥାଏ। ଏଭଳି ଏକ ଅକୁହା କଥାକୁ ନେଇ ଏବେ ପ୍ରେକ୍ଷାଳୟକୁ ଆସିଛି ଚଳଚ୍ଚିତ୍ର 'ବୋଉର ହାତବାକ୍ସ'। ଗାଁରେ ଥିବା ପରିବାର ଓ ସହରରେ ରହୁଥିବା ପୁଅକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ର ଶୁକ୍ରବାର ରାଜ୍ୟର ୩୦ଟି ପ୍ରେକ୍ଷାଳୟରେ ଶୁଭମୁକ୍ତି ହୋଇଛି। ନାରାୟଣ ପତିଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରଟି ଗାଁଠୁ ସହର ଯାଏ ଲମ୍ବିଥିବା ସ୍ନେହ ଓ ସମ୍ପର୍କକୁ ଅତି ନିଚ୍ଛକ ଭାବେ ଦର୍ଶକଙ୍କ ସାମ୍ନାକୁ ଆଣିଛି। ଓଡିଆ ପରିବାରର ଶବ୍ଦ ଚାତୁରୀ ବଡ ପରଦାରେ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରରେ ବୋଉ ଭୂମିକାରେ ଲୋପାମୁଦ୍ରା ମିଶ୍ର ରହିଥିବାବେଳେ ରାଜେଶ ପଣ୍ଡା, ସବିତା ପ୍ରମୁଖ ଅଭିନୟ କରିଛନ୍ତି। ନିର୍ମାତା ସଂଜୟ ଦାସ ପାରମ୍ପରିକ ଚଳଚ୍ଚିତ୍ରଠୁ ଦୂରରେ ରହି ଏଭଳି ଏକ ବାସ୍ତବ କାହାଣୀ ତଥା ପ୍ରତ୍ୟେକ ପରିବାରର କାହାଣୀକୁ ଚଳଚ୍ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରିଛନ୍ତି। ଡ. ଆରତୀ ପାଟ୍ଟଯୋଶୀଙ୍କ ବଳିଷ୍ଠ କାହାଣୀ ସହ ନାରାୟଣ ପତିଙ୍କ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ସିନେମାକୁ ଜୀବନ୍ତ କରିଛି। ଚାଇରୋସନା ଫିଲ୍ମ ପ୍ରଯୋଜିତ ଓ ସଂଜୟ ଦାସ ନିବେଦିତ 'ବୋଉର ହାତବାକ୍ସ'ରେ ଦେବଦାସ ଛୋଟରାୟ ଓ ମାନଗୋବିନ୍ଦ ବାରିକ ଗୀତ ରଚନା କରିଥିବାବେଳେ ସଂଗୀତରେ ସଜାଇଛନ୍ତି କ୍ଷୀତିପ୍ରକାଶ ମହାପାତ୍ର। ବିରଜା ପ୍ରସନ୍ନ କର ଚିତ୍ର ଉତ୍ତୋଳନ ଓ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା କରିଛନ୍ତି। ଚଳଚ୍ଚିତ୍ରର ମିଡିଆ କ୍ରିଏଟିଭ୍ ହେଡ୍ ରହିଛନ୍ତି ପ୍ରଣୟ ଜେଠୀ। ଦମନ ଓ ପ୍ରତୀକ୍ଷା ପରି ବାସ୍ତବ କାହାଣୀକୁ ନେଇ ନିର୍ମିତ 'ବୋଉର ହାତବାକ୍ସ' ଭଲ ଚାଲିବ ବୋଲି ଆଶା କରାଯାଉଛି।


**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା: ୪୦୭/ଡିସିଓ ତାରିଖ: ୩୦।୧୨।୨୦୨୨

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି '୨୫ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩' ଆସନ୍ତା ଜାନୁୟାରୀ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୨୦୦ ଗୋଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ। ଷ୍ଟଲଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ୍ www.kalahandi.nic.inରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲଗୁଡ଼ିକ ଆବଣ୍ଟନ କରାଯିବ। ତା୦୩।୦୧।୨୦୨୩ରିଖରୁ ଷ୍ଟଲ ଆରକ୍ଷଣ କରିବା ଆରମ୍ଭ ହେବ।

ସ୍ୱା./- ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି

**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR**

Phone: 0680-2291405, E-Mail: eerw_gm1@yahoo.co.in

No. O-1549 **Government of Odisha**

**e-Procurement Notice**

Bid Identification No. Online Tender//08//SERWDG-I//2022-23
Letter No. 3978//RWDG-I//BAM Date: 28.12.2022

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.54.62 Lakh |
| 3 | Period of Completion | : | 03 (Three) Calendar Months as shown in Column No. 05 of Annexure |
| 4 | Date & time of availability of Bid Documents in the Portal | : | From 02.01.2023 at 11.30 A.M. to 07.01.2023 upto 5.00 P.M. |
| 5 | Last Date/Time for receipt of Bids in the portal | : | 07.01.2023 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Superintending Engineer
R.W. Division-I, Ganjam, Berhampur
OIPR-25085/11/0010/2223

**GOVERNMENT OF ODISHA** No. B-1072

**"e" PROCUREMENT NOTICE**

**WORKS DEPARTMENT**

E-mail: ceroads.bbsr@gmail.com
RFP Identification No. CE-DPI&R-05/2022-23

1. The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Project" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of Work : Road works
3. No. of Project : 1 No.
4. Tender Paper Cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 hours of 17.01.2023 to 16.00 hours of 17.02.2023
7. Date of Pre-Application conference : 27.01.2023 at 12.30 hours
8. Date of opening of Bid : Dt.17.02.2023 at 16.30 hours
9. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0075/2223

**OFFICE OF THE DEAN & PRINCIPAL M.K.C.G. MEDICAL COLLEGE, BERHAMPUR - 760 004, (GANJAM)**

Tel.: 0680 2292746/Fax: 0680 2292809//E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com, Website: www.mkcgmch.org

No. 13593/MCB-2022/Welfare/ Dated, Berhampur the 30th December, 2022

**5th CORRIGENDUM**

No. E-775: As per the Tender Call Notice No. 11182 Dt.04.11.2022, the last date for submission of tender towards Outsourcing of Parking of Vehicles at MKCG Medical College Campus, Berhampur was on Dt.27.12.2022. Since only one firms have submitted the tender with in due period, hence the last date for submission of tender is extended upto Dt.10.01.2023 by 05.00 P.M. and will be opened on the same date (i.e. Dt.10.01.2023 at 05.00 P.M.). The other terms & conditions in the tender remains unaltered.

Sd./- Dean & Principal
MKCG Medical College, Berhampur
OIPR-10013/11/0030/2223

**QUOTATION CALL NOTICE**

**ORMAS, DRDA CAMPUS, NABARANGPUR**

No. CAD-4320: Sealed quotations are invited from potential supplier, tent house and electrical decorators, Video Graphers, Printers, Security Service Agencies, CCTV suppliers to take up different works for organizing Pallishree Mela - 2022, Nabarangpur on the occasion of **Mandei** from **10th to 14th December, 2022**. The different quotation call notice has been issued vide Qtn. No. 255, 256, 257, 258, 259, 260, 261 & 262 dated 31.11.2022. The tender papers are available at the website of **www.nabarangpur.nic.in**.
The last date of submitting quotations is **15.11.2022 by 3.00 P.M.** and the sealed quotations will be opened at 3.30 P.M. on 15.11.2022. The sealed quotations will be received through **Speed Post/Regd. Post** of the Postal Department only (other means of receipt of quotation will be summarily rejected). For more details, please visit: **www.Nabarangpur.nic.in**.

Sd./- CDO-cum-EO, ZP, Nabarangpur
OIPR-19254/11/0003/2223

**OFFICE OF THE CDM & PHO & DISTRICT MISSION DIRECTOR, BHADRAK**

**DISTRICT HEALTH MISSION**

(Department of Health & FW, Govt. of Orissa)

Advt. No. 14737 Date: 29.12.2022

**REQUEST FOR PROPOSAL (RFP) FOR HIRING OF VEHICLES FOR MVC UNDER SUNETRA (UEHP)**

No. E-774: Sealed proposals as per the Prescribed RFP document are invited from interested eligible bidders (Individuals/Tour Operators/Travel Agencies/Firms) for hiring of 1 (One) No. of Vehicle for Mobile Vision Centre (MVC) on **Monthly Basis** for the year 2022-23. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website **www.bhadrak.nic.in**. Interested bidders fulfilling the eligibility criteria may submit their proposal (with EMD and documents as per RFP. The bidders have to submit their proposal to the Office of the CDM & PHO, BHADRAK. The details of proposal complete in all respect superscribing **"Tender for hiring of vehicle on Monthly rental Basis for MVC under SUNETRA (UEHP) & the advertisement reference No. .............................."** on the envelope and should reach to the Office of the CDM & PHO, Bhadrak on or before 19.01.2023 (till 4 P.M.) by Speed Post or Registered Post only. The technical and financial bids shall be opened at the Office of the CDM & PHO, Bhadrak on 25.01.2023 date at 12.00 Noon. The authority reserves the right to reject any or all the proposals without assigning any reason threrof.

Sd./- CDM & PHO, Bhadrak
OIPR-10123/11/0007/2223

# ପନ୍ତଙ୍କ ଆଶୁ ଆରୋଗ୍ୟ କାମନା

ନୂଆଦିଲ୍ଲୀ, ୩୦।୧୨ (ପି.ଟି.)

ଦିଲ୍ଲୀ-ଡେରାଡୁନ୍ ରାଜପଥରେ ଶୁକ୍ରବାର ପ୍ରତ୍ୟୁଷରେ ଏକ ଭୟଙ୍କର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଭାରତର ଅନ୍ୟତମ ଷ୍ଟାର କ୍ରିକେଟର ରିଷଭ ପନ୍ତ। ତାଙ୍କର ଆଶୁ କାମନା କରି ବାର୍ତ୍ତାର ସୁଅ ଛୁଟିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ତାଙ୍କ ମା'ଙ୍କୁ ହରାଇଛନ୍ତି। ଏହାସତ୍ତ୍ୱେ ସେ ପନ୍ତଙ୍କ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରି



ଭଗବାନଙ୍କୁ ପ୍ରାର୍ଥନା କରିଥିବା ଟୁଇଟ କରି କହିଛନ୍ତି। କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ଓ ତାଙ୍କ ପୂର୍ବତନ ଟିମ୍‌ମେଟ୍ ଏହି ଷ୍ଟାର ଉଇକେଟ୍‌କିପର-ବ୍ୟାଟରଙ୍କ ଆଶୁ କାମନା କରି ବାର୍ତ୍ତାମାନ ଟୁଇଟରରେ ପୋଷ୍ଟ କରିଛନ୍ତି। ତୁମର ଶୀଘ୍ର ସୁସ୍ଥ କାମନା ସେ ପ୍ରାର୍ଥନା କରୁଛନ୍ତି ବୋଲି ତେନ୍ଦୁଲକର ଟୁଇଟ୍ କରି କହିଛନ୍ତି। ଭାରତର ପୂର୍ବତନ ବ୍ୟାଟର ତଥା ଜାତୀୟ କ୍ରିକେଟ ଏକାଡେମୀ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ କହିଛନ୍ତି, ରିଷଭ ପନ୍ତଙ୍କ ପାଇଁ ସେ ପ୍ରାର୍ଥନା କରୁଛନ୍ତି। ସେ ବିପଦମୁକ୍ତ ଥିବାରୁ ଧନ୍ୟବାଦ। ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି, ତାଙ୍କ ପ୍ରିୟ ପନ୍ତ ଖୁବ୍‌ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସମ୍ପାଦକ ଜୟ ଶାହା ତାଙ୍କର ଏକ ବିବୃତିରେ ଚିକିତ୍ସା କ୍ଷେତ୍ରରେ ପନ୍ତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ବିସିସିଆଇ ରିଷଭଙ୍କ ପରିବାର ଏବଂ ତାଙ୍କୁ ଚିକିତ୍ସା କରୁଥିବା ମେଡିକାଲ୍ ଟିମ୍ ସହ ନିୟମିତ ଯୋଗାଯୋଗରେ ରହିବ। ଏହାଛଡ଼ା ଆଇପିଏଲ୍ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ ମୁଖ୍ୟ କୋଚ୍ ରିକି ପଣ୍ଟିଂ, ଆଫଗାନିସ୍ତାନ ସ୍ପିନର ରଶିଦ ଖାନ୍, ପନ୍ତଙ୍କ ଦିଲ୍ଲୀ ଓ ଭାରତ ଟିମ୍‌ମେଟ୍ ଶିଖର ଧାୱନ, ପାକିସ୍ତାନ ପେସ୍ ବୋଲର ଶାହିନ ଶାହ ଆଫ୍ରିଦୀ, ସିମ୍ ବୋଲର ହସନ ଅଲି ଏବଂ ଇଂଲଣ୍ଡ ଉଇକେଟ୍‌କିପର ବ୍ୟାଟର ଜନି ବେୟାରଷ୍ଟୋ ପ୍ରମୁଖ ଶ୍ରୀଘ ଆରୋଗ୍ୟ କାମନା କରି ବାର୍ତ୍ତାମାନ ପଠାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ବିଶ୍ୱକପ୍ ବିଜେତା ତଥା ପୂର୍ବତନ ଚୟନକର୍ତ୍ତା କେ. ଶ୍ରୀକାନ୍ତ, ଅଲିମ୍ପିକ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା, ଭାରତର କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ, ପୂର୍ବତନ ବାମହାତୀ ବ୍ୟାଟର ସୁରେଶ ରାଇନା, ଭାରତର ପୂର୍ବତନ ମହିଳା ପେସ୍ ବୋଲର ଝୁଲଣ ଗୋସ୍ୱାମୀ।

## ରିଷଭଙ୍କୁ ଉଦ୍ଧାର କରିଥିଲେ ବସ୍ କର୍ମଚାରୀ

**କର୍ନାଲ:** କ୍ରିକେଟର ରିଷଭ ପନ୍ତଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରିଥିଲେ ହରିୟାଣା ରୋଡ୍‌ୱେଜ୍‌ର ଏକ ବସ୍ ଡ୍ରାଇଭର ସୁଶୀଲ ମାନ୍ ଓ କଣ୍ଡକ୍ଟର ପରମଜିତ୍ ସିଂ। ଉଭୟ ପାନିପତ୍ ଡିପୋରେ ନିଯୁକ୍ତି ପାଇଛନ୍ତି। ରୁଟିନ୍ ଅନୁସାରେ ସେମାନେ ହରିଦ୍ୱାରରୁ ପାସେଞ୍ଜର ନେଇ ଫେରୁଥିଲେ। ରାସ୍ତାରେ ଏକ ଦୁର୍ଘଟଣାଗ୍ରସ୍ତ କାର୍ ଦେଖି ବସ୍ ଅଟକାଇ ଆଘାତପ୍ରାପ୍ତ ରିଷଭଙ୍କୁ ଉଦ୍ଧାର କରିବା ସହ ଘଟଣା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ। ଦୁହେଁ ପ୍ରଥମେ ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ସେମାନେ ଜାଣିବାକୁ ପାଇଥିଲେ ଯେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ଭାରତୀୟ ଉଇକେଟ୍‌କିପର ରିଷଭ ପନ୍ତ। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ରିଷଭଙ୍କୁ ଥଣ୍ଡାରୁ ବଞ୍ଚାଇବା ପାଇଁ ତାଙ୍କୁ ଏକ ଶାଲ୍ ଘୋଡ଼ାଇ ଦେଇଥିଲୁ ବୋଲି ସୁଶୀଲ କହିଛନ୍ତି। ସେ କ୍ରିକେଟ ଖେଳ ଦେଖୁ ନ ଥିବାରୁ ରିଷଭଙ୍କୁ ଚିହ୍ନିପାରିଲେ ନାହିଁ। ପରମଜିତ୍ କହିଛନ୍ତି, କାର୍ ଭିତରେ ରିଷଭଙ୍କର କାଳେ କୌଣସି ଜିନିଷପତ୍ର ରହିଯାଇଥିବ ତାହାର ସେ ସନ୍ଧାନ ନେଇଥିଲେ। କାର୍ ଭିତରେ ଏକ ବ୍ୟାଗ୍ ରହିଥିଲା। ସେଥିରେ ୮,୦୦୦ ଟଙ୍କା ଥିଲା। ଏହାକୁ ସେ ରିଷଭ ଆମ୍ବୁଲାନ୍ସରେ ଗଲାବେଳେ ତାଙ୍କୁ ହସ୍ତାନ୍ତର କରିଥିଲେ। ଏହି ମହତ୍ କାର୍ଯ୍ୟ ପାଇଁ ପାନିପତ ଡିପୋ ଜେନେରାଲ ମ୍ୟାନେଜର କୁଲଦୀପ ଜାଙ୍ଗ୍ରା ସୁଶୀଲ ଓ ପରମଜିତ୍‌ଙ୍କୁ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ, ନୂଆବର୍ଷ ପୂର୍ବରୁ ଆଶ୍ଚର୍ଯ୍ୟଚକିତ କରିବା ଲାଗି ତାଙ୍କ ମା'ଙ୍କ ନିକଟକୁ ଯାଉଥିଲେ। ଶୁକ୍ରବାର ପ୍ରତ୍ୟୁଷରେ ଦିଲ୍ଲୀ-ଡେରାଡୁନ୍ ରାଜପଥର ଏକ ରୋଡ୍ ଡିଭାଇଡରକୁ ତାଙ୍କ ମର୍ସିଡିଜ କାର୍ ଧକ୍କା ଦେଇଥିଲା ଏବଂ ପରେ ଜଳିଯାଇଥିଲା। ଭାରତୀୟ ଉଇକେଟକିପର ଉପସ୍ଥିତ ବୁଦ୍ଧି ଖଟାଇ କାଚ ଭାଙ୍ଗି ବାହାରକୁ ଡେଇଁପଡ଼ିଥିଲେ।




ଭୁବନେଶ୍ୱରର କ୍ୟାପିଟାଲ ଗ୍ରାଉଣ୍ଡରେ ଓଡ଼ିଶା ଓ ସିକ୍କିମ୍ ମଧ୍ୟରେ ଅନୁଷ୍ଠିତ ସନ୍ତୋଷ ଟ୍ରଫି ଫୁଟ୍‌ବଲ ମ୍ୟାଚ୍।

# 'ସର୍ବକାଳୀନ ଶ୍ରେଷ୍ଠ', ଟ୍ରୁ କିଙ୍ଗ୍

ଫୁଟ୍‌ବଲ କିମ୍ବଦନ୍ତୀ ପେଲେଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ବ୍ରାଜିଲର ଏହି ଫୁଟ୍‌ବଲରଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଥିଲେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ୍। ୩ଥର ଫୁଟ୍‌ବଲ ବିଶ୍ୱକପ୍ ଜିତିଥିବା ପେଲେ ୨୦୨୧ରୁ କର୍କଟରେ ପୀଡ଼ିତ ଥିଲେ। ଗତମାସରେ ସେ ଏକାଧିକ ରୋଗରେ ପୀଡ଼ିତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପେଲେଙ୍କ ପରଲୋକ ନେଇ ସମଗ୍ର କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳି ଯାଇଛି। ସ୍ତମ୍ଭୀଭୂତ ହୋଇଛି ଫୁଟ୍‌ବଲ ମହଲ। ସମସାମୟିକ ଫୁଟ୍‌ବଲ ଖେଳାଳିଙ୍କ ଦୃଷ୍ଟିରେ ସେ ଥିଲେ 'ସର୍ବକାଳୀନ ଶ୍ରେଷ୍ଠ'। ଭାରତୀୟ କ୍ରୀଡ଼ାବିତ୍‌ମାନେ ମଧ୍ୟ ପେଲେଙ୍କ ଦେହାନ୍ତରେ ଭାବବିହ୍ୱଳ ଶୋକ ପ୍ରକଟ କରିଛନ୍ତି।

### ଆମ ପାଇଁ ଭଗବାନ

ଭାରତୀୟ ଫୁଟ୍‌ବଲ ଆଇକନ୍ ବାଇଚୁଙ୍ଗ ଭୂଟିଆ ପରଲୋକ ଗମନ କରିଥିବା ପେଲେଙ୍କୁ ଫୁଟ୍‌ବଲର 'କଳା ମୁକ୍ତା' ଏବଂ 'ଟ୍ରୁ କିଙ୍ଗ୍' ଭାବେ ଅଭିହିତ କରିଛନ୍ତି। ୨୦୧୮ରେ ଭାରତ ଭ୍ରମଣରେ ଆସିଥିବାବେଳେ ଦିଲ୍ଲୀଠାରେ ପେଲେଙ୍କ ଏକ ସାକ୍ଷାତ୍‌କାର ନେଇଥିଲେ ଭୂଟିଆ। ''ଭୂପୃଷ୍ଠକୁ ଆସିଥିବା ସେ ଜଣେ ଅଦ୍ଭୁତ ବ୍ୟକ୍ତିତ୍ୱ ଥିଲେ। ମୁଁ ତାଙ୍କ ସହ ୪୦ ମିନିଟ ଧରି ଭାବ ବିନିମୟ କରିଥିଲି। ଭାବର ଆଦାନପ୍ରଦାନ ଫୁଟ୍‌ବଲଠାରୁ ଆହୁରି କିଛି ଅନେକ ଥିଲା। ତାଙ୍କ ଜୀବନ ଏବଂ ଭାରତୀୟ ଫୁଟ୍‌ବଲ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲୁ। ସେ ଜଣେ ଖୁସ୍ ମିଜାଜ୍‌ର ବ୍ୟକ୍ତି ଥିଲେ। ସେ ଜଣେ 'ଟ୍ରୁ କିଙ୍ଗ୍', ଆମ ପାଇଁ ଭଗବାନ ଥିଲେ। ତାଙ୍କ ପରଲୋକ ଫୁଟବଲ ସମ୍ପ୍ରଦାୟ ପାଇଁ ବହୁତ ବଡ଼ କ୍ଷତି'' ବୋଲି ଭୂଟିଆ ପ୍ରକାଶ କରିଛନ୍ତି। ସେ ଜଣେ ଶ୍ରେଷ୍ଠ ଖେଳାଳି ସହ ଉତ୍ତମ ପ୍ରଶାସକ ଥିଲେ। ଉଭୟ ପଡ଼ିଆ ଭିତରେ ଏବଂ ବାହାରେ ସେ ଜଣେ ଆଦର୍ଶ ରୋଲ୍ ମଡେଲ। ସେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରେରଣା ଥିଲେ। ତିନି ବର୍ଷ ପୂର୍ବରୁ ସେ ଶେଷଥର ପାଇଁ କୋଲକାତା ଆସିଥିଲେ। କୋଲକାତାରେ ସମ୍ବର୍ଦ୍ଧିତ ହେବାର ୩ ବର୍ଷ ପରେ ଦିଲ୍ଲୀ ଆସି ସୁବ୍ରତ କପ୍ ଆନ୍ତଃ-ସ୍କୁଲ ଫୁଟ୍‌ବଲ ଫାଇନାଲରେ ଯୋଗ ଦେଇଥିଲେ। ପ୍ରଥମଥର ସେ ଫିଟ୍ ଥିବାବେଳେ ଦ୍ୱିତୀୟ ଥର ହୁଇଲ୍ ଚେୟାରରେ ଆସିଥିଲେ ବୋଲି ଭୂଟିଆ କହିଛନ୍ତି।

### ବିଶ୍ୱ କ୍ରୀଡ଼ା ପାଇଁ ବଡ଼ କ୍ଷତି: ସଚିନ

ଭାରତୀୟ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ମଧ୍ୟ ପେଲେଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ଏହା କେବଳ ଫୁଟ୍‌ବଲ ପାଇଁ ନୁହେଁ ବିଶ୍ୱର ସମଗ୍ର କ୍ରୀଡ଼ା ଲାଗି ବଡ଼ କ୍ଷତି, ଯାହାକି କେବେ ଭରଣା ହୋଇପାରିବ ନାହିଁ। ଆପଣଙ୍କ ଲିଗାସି ସବୁଦିନ ପାଇଁ ଜୀବିତ ରହିବ ବୋଲି ତେନ୍ଦୁଲକର ନିଜ ଟୁଇଟର ହ୍ୟାଣ୍ଡେଲରେ ଲେଖିଛନ୍ତି।

### ତାଙ୍କ ସହ ଖେଳିଥିବାରୁ ଭାଗ୍ୟବାନ୍: ଶ୍ୟାମ ଥାପା

ଫୁଟ୍‌ବଲ ପାଗଳ ସହର କୋଲ୍‌କାତାକୁ ପେଲେ ୧୯୭୭ରେ ଆସି ମୋହନବାଗାନ ବିପକ୍ଷରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିଥିଲେ। ତାଙ୍କ ଆଗମନରେ କୋଲ୍‌କାତାରେ ଫୁଟ୍‌ବଲ ଫିଭର ଦେଖାଦେଇଥିଲା। ବିମାନବନ୍ଦରରେ ତାଙ୍କୁ ଫୁଟ୍‌ବଲପ୍ରେମୀମାନେ ଭବ୍ୟ ସ୍ୱାଗତ କରିଥିବାବେଳେ ତାଙ୍କ ଖେଳ ଦେଖିବା ପାଇଁ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ୯୦,୦୦୦ ଦର୍ଶକ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌ରେ ପ୍ରଥମ ଗୋଲ କରିଥିବା ଶ୍ୟାମ ଥାପା ପେଲେଙ୍କ ପରଲୋକରେ ମର୍ମାହତ ହୋଇଛନ୍ତି। ''ମୁଁ ସମ୍ପୂର୍ଣ୍ଣଭାବେ ଭାଙ୍ଗିପଡ଼ିଛି। ତାଙ୍କ ସହ ଖେଳିଥିବାରୁ ମୁଁ ବହୁତ ଭାଗ୍ୟବାନ୍। ଇଡେନ ଗାର୍ଡେନ୍ସରେ ସେହି ସନ୍ଧ୍ୟାକୁ ମୁଁ କେବେହେଲେ ଭୁଲିପାରିବି ନାହିଁ'' ବୋଲି ଥାପା କହିଛନ୍ତି। ଏହି ଅବସରରେ ସେ ଏକ ଅଭୁଲା ସ୍ମୃତିକୁ ସ୍ମରଣକୁ ଆଣିଛନ୍ତି। ୧୯୭୭ ସେପ୍ଟେମ୍ବର ୨୪ରେ ଏହି ମ୍ୟାଚ୍ ପୂର୍ବରୁ ମୁଁ ଇଷ୍ଟବେଙ୍ଗଲ କ୍ଲବରୁ ରେକର୍ଡ ମୂଲ୍ୟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୋହନବାଗାନକୁ ଯାଇଥିଲି। କେବଳ ପେଲେଙ୍କ ପାଇଁ ମୁଁ ମୋହନବାଗାନ ଦଳରେ ଯୋଗଦେଇଥିଲି। ମୋର ଫେଭରାଇଟ କ୍ଲବ ଇଷ୍ଟବେଙ୍ଗଲ ଛାଡ଼ିବା ପଛରେ ପେଲେ ହିଁ ଏକମାତ୍ର କାରଣ ଥିଲେ ବୋଲି ଥାପା କହିଛନ୍ତି। ମୋହନବାଗାନର ତତ୍କାଳୀନ ସାଧାରଣ ସମ୍ପାଦକ ଧିରେନ ଦେ ମୋତେ ଉକ୍ତ କ୍ଲବରେ ଯୋଗଦେବା ପାଇଁ ୫୦,୦୦୦ ଟଙ୍କାର ଅଫର ଦେଇଥିଲେ। ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବା ପାଇଁ ସେ ପେଲେଙ୍କର ନ୍ୟୁୟର୍କ କସ୍‌ମୋସ୍ ଦଳକୁ ଆଣୁଥିବା ପ୍ରକାଶ କରିଥିଲେ। ଫଳରେ ମୁଁ ମୋହନବାଗାନ ପାଇଁ ଚୁକ୍ତି କରିବାକୁ ରାଜି ହୋଇଯାଇଥିଲି। ପ୍ରଦର୍ଶନୀ ମ୍ୟାଚ୍‌ରେ ମୁଁ ପ୍ରଥମ ଗୋଲଟି ସ୍କୋର କରିଥିଲି। ମ୍ୟାଚ୍ ପରେ ସମ୍ବର୍ଦ୍ଧନା ଉତ୍ସବରେ ଯେତେବେଳେ ମୋ ନାଁ ଡକାଗଲା ସେତେବେଳେ ପେଲେ ମୋ ସହ ହାତ ମିଳାଇବାକୁ ଅସ୍ୱୀକାର କରିଥିଲେ। ''ତୁମେ ମୋ ଶତ୍ରୁ। ତୁମେ ଆମ ବିପକ୍ଷରେ ଗୋଲ ସ୍କୋର କଲ'' ବୋଲି ପେଲେ ହାଲ୍‌କା ସ୍ୱରରେ କହିଥିଲେ। ପରେ ସେ ମୋତେ ଟାଣିନେଇ କୁଣ୍ଢାଇ ପକାଇଥିଲେ ଏବଂ ଭଲ ଖେଳିଲ ବୋଲି କହିଥିଲେ।

### ଫୁଟ୍‌ବଲର ମହାସମ୍ରାଟ: ଦିପେନ୍ଦୁ

ପେଲେଙ୍କୁ ଫୁଟ୍‌ବଲର ମହାସମ୍ରାଟ ଏବଂ ସର୍ବବୃହତ୍ ତାରକା ଭାବେ ଅଭିହିତ କରିଛନ୍ତି ଆଉ ଜଣେ ପୂର୍ବତନ ଜାତୀୟ ଖେଳାଳି ଦିପେନ୍ଦୁ ବିଶ୍ୱାସ। ଏମିତି କେହି ଫୁଟ୍‌ବଲର ନାହାନ୍ତି, ଯିଏକି ତାଙ୍କ ଦ୍ୱାରା ପ୍ରେରିତ ହୋଇନାହାନ୍ତି। କାତାର ଫୁଟବଲ ବିଶ୍ୱକପ୍ ଅବସରରେ ଆଶୁ ଆରୋଗ୍ୟ କାମନା କରି ତାଙ୍କର ଏକ ବଡ଼ ପୋଷ୍ଟର ଲାଗିଥିଲା। ତାଙ୍କ ପରଲୋକରେ ଏକ ଯୁଗର ଅବସାନ ଘଟିଲା।

# ସିକ୍କିମକୁ ୩-୦ରେ ହରାଇଲା ଓଡ଼ିଶା

**ସନ୍ତୋଷ ଟ୍ରଫି ଫୁଟବଲ**

**ଭୁବନେଶ୍ୱର, ୩୦।୧୨ (କ୍ରୀଡ଼ା ପ୍ରତିନିଧି):** ଏଠାରେ ଚାଲିଥିବା ଜାତୀୟ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ଏଥିରୁ ଗୋଟିଏ ମ୍ୟାଚରେ ଓଡ଼ିଶା ୩-୦ ଗୋଲରେ ସିକିମକୁ ପରାସ୍ତ କରିଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ସଞ୍ଜିତ ଖୋରା ୪ର୍ଥ, ପିଣ୍ଟୁ ସାମଲ ୨୩ ଓ ଚନ୍ଦ୍ର ମୁଦୁଲି ୩୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ତେଲେଙ୍ଗାନା ୫-୦ ଗୋଲରେ ଆଣ୍ଡାମାନ ଆଣ୍ଡ ନିକୋବରକୁ ହରାଇ ଦେଇଛି। ବିଜୟୀ ଦଳର ସୟଦ ୟୁସୁଫ ୨୯ ଓ ୩୧ ମିନିଟରେ ୨ଟି ଏବଂ ସୋଲାଇମଲାଇନ ୩୯, ଅଧିନାୟକ ଶାଫିକ ମହମ୍ମଦ ୪୭ ଓ ରସିକ ଅହମଦ ଖାଁ ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୭ମ ବାଟାଲିୟନ ପରିସରରେଥିବା ଓଡ଼ିଶା ଫୁଟବଲ ଏକାଡେମୀରେ ଅନୁଷ୍ଠିତ ମ୍ୟାଚରେ ମେଘାଳୟ ୫-୦ ଗୋଲରେ ପଣ୍ଡିଚେରୀକୁ ପରାସ୍ତ କରିଛି। ମେଘାଳୟ ପକ୍ଷରୁ ୪୬ତମ ମିନିଟରେ ବଦଳ ଖେଳାଳିଭାବେ ଆସିଥିବା ମାନଭାକୁପର ୮୩, ୮୭ ଓ ୯୦+୧ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଡୋନଲାଡ ଡିଏଙ୍ଗଡୋ ୧୨ ଓ ୪୫ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ।

**ଜାତୀୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା**

# ରଶ୍ମିରଞ୍ଜନଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୩୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ପଞ୍ଜାବର ଲୁଧିଆନାଠାରେ ୧୪ତମ ଜାତୀୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ଏକ ୧୭ଜଣିଆ ଦଳ ଅଂଶଗ୍ରହଣ କରିଥିଲେ। ୯୦କେଜି ଓଜନ ବର୍ଗରେ ଓଡ଼ିଶାର ରଶ୍ମିରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୭୦ କେଜି ଓଜନ ବର୍ଗରେ ପ୍ରଶାନ୍ତ କୁମାର ଦାଶ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଏବଂ ପୁପୁନ୍ ସ୍ୱାଇଁ ଫିଜିକ୍ ସ୍ପୋର୍ଟ୍ସରେ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଏଥିରେ ଉମାଚରଣ ଶତପଥୀ (ଇଣ୍ଟରନ୍ୟାଶନାଲ ଜଜ୍) ଓ ସୁମିତ କୁମାର ସାହୁ (ମ୍ୟାନେଜର) ଅଫିସିଆଲ ଭାବେ ପ୍ରତିଯୋଗିତାରେ ଯୋଗଦେଇଥିଲେ। ଉପରୋକ୍ତ କୃତୀ ପ୍ରତିଯୋଗୀମାନଙ୍କ ସହ ଚଳିତବର୍ଷ ମିଷ୍ଟର ୱାର୍ଲ୍ଡ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରଇଥିବା ତରୁଣ କୁମାର ଚାଟାର୍ଜୀ (୬୦ ବର୍ଷରୁ ଊର୍ଦ୍ଧ୍ୱ ବିଭାଗ) ଏବଂ ମିଷ୍ଟର ଏସିଆ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଥିବା ବିଚିତ୍ର କୁମାର ନାୟକଙ୍କ ସମ୍ମାନାର୍ଥେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, ନେହେରୁ ଯୁବ ପ୍ରତିଷ୍ଠାନର ସଭାପତି ସହଦେବ ଜୟସିଂ, ମୁଖ୍ୟ ସଂଯୋଜକ ଆଶିଷ ବେବର୍ତ୍ତା, ରାଜ୍ୟ ସ୍ୱାସ୍ଥ୍ୟ ସଂଘର ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଗୁରୁ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ପଦକ ବିଜୟୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

# ତ୍ରିଶୁର ଫୁଟ୍‌ବଲ କ୍ଲବ ପଣ୍ଡିଚେରୀ ଚାମ୍ପିୟନ

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ**

ଟାଙ୍ଗୀ (ଖୋର୍ଦ୍ଧା), ୩୦।୧୨ (ଡି.ଏନ୍.ଏ.)

ମହାବୀର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ କୁହୁଡ଼ି ଜନତା ହାଇସ୍କୁଲ ଷ୍ଟାଡିୟମରେ ଚାଲିଥିବା ୬୩ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ତ୍ରିଶୁର ଫୁଟ୍‌ବଲ କ୍ଲବ ପଣ୍ଡିଚେରୀ। ଶୁକ୍ରବାର ଖେଳାଯାଇଥିବା ଫାଇନାଲରେ ଏହି ଦଳ ଟାଇବ୍ରେକରରେ ୪-୩ ଗୋଲରେ ଚେନ୍ନାଇ ପୋଲିସ ଟିମ୍‌କୁ ପରାସ୍ତ କରିଛି। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ଅମୀମାଂସିତ ରହିବାରୁ ଟାଇବେକ୍ରରର ସହାୟତା ନିଆଯାଇଥିଲା। ଏଥିରେ ପଣ୍ଡିଚେରୀ ଟିମ୍ ୪ଟି ଗୋଲ୍ ଦଇଥିବା ବେଳେ ଚେନ୍ନାଇ ପୋଲିସ ଟିମ୍ ୩ ଗୋଲ ଦେଇଥିଲା। ଶିବ ଶଙ୍କର ପଣ୍ଡା, ସୁବ୍ରତ ପୁରୋହିତ, ଦିଲୀପ କୁମାର ରାଉତ ଓ ପ୍ରଶାନ୍ତ କୁମାର ପାଲ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଥିଲେ ଅପର୍ତ୍ତି ବେହେରା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମାନସ କୁମାର ମଙ୍ଗରାଜ, ଡ. ସସ୍ମିତ୍ ପାତ୍ର ଓ ହିଜିବୁଲ୍ଲା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ରଘୁନାଥ ସାହୁ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଅନ୍ନପୂର୍ଣ୍ଣା ଫାଇନାନ୍ସର ମୁଖ୍ୟ ସଞ୍ଜୟ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମାନସିଂହ, ସମ୍ପାଦକ ମନୋଜ କୁମାର ମାନସିଂହ, ପରିଚାଳନା ସମ୍ପାଦକ କମଳାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୫୦ ହଜାର ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଲକ୍ଷ୍ମୀଧର ଦଳାଇଙ୍କୁ ସମ୍ମାନିତ କରାଯାଇଥିଲା।




ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଚାମ୍ପିୟନ ତ୍ରିଶୁର ଫୁଟ୍‌ବଲ କ୍ଲବର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅବସରରେ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ବାଳିକା ଦଳ।

# ଓଡ଼ିଶା ବାଳିକା ଦଳକୁ ରୌପ୍ୟ

**ଜାତୀୟ ଜୁନିୟର ଖୋ ଖୋ**

ଭୁବନେଶ୍ୱର, ୩୦।୧୨ (କ୍ରୀଡ଼ା ପ୍ରତିନିଧି)

ପଶ୍ଚିମବଙ୍ଗରେ ଅନୁଷ୍ଠିତ ୪୧ତମ ଜାତୀୟ ଜୁନିୟର ଖୋ ଖୋ ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକ ହାସଲ କରିଛି। ଦୀର୍ଘବର୍ଷ ପରେ ବାଳିକା ଦଳକୁ ଏହି ସଫଳତା ମିଳିଛି। ସେମିଫାଇନାଲରେ କୋହ୍ଲାପୁରକୁ ହରାଇଥିବା ଓଡ଼ିଶା ଫାଇନାଲରେ ମହାରାଷ୍ଟ୍ରଠାରୁ ୧୦-୧୬ ପଏଣ୍ଟରେ ହାରିଯାଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶା ଦଳର ଖେଳାଳି ଅର୍ଚ୍ଚନା ମାଝୀ ୨ ମିନିଟ ୨୦ ସେକେଣ୍ଡ, ସ୍ମରଣିକା ସାହୁ ୨ ମିନିଟ ୪୦ ସେକେଣ୍ଡ, ଅର୍ଚ୍ଚନା ପ୍ରଧାନ ୨ ମିନିଟ ୨୦ ସେକେଣ୍ଡ ରନିଂ କରିଥିବା ବେଳେ ଶୁଭଶ୍ରୀ ସିଂ ଓ ଅନନ୍ୟା ପ୍ରଧାନ ଉତ୍ତମ ଚେଜିଙ୍ଗ୍ କରିଥିଲେ। ଶ୍ରେଷ୍ଠ ରନର ଭାବେ ଅର୍ଚ୍ଚନା ପ୍ରଧାନଙ୍କୁ ୫୦୦୦ ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା ବୋଲି ଓଡ଼ିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ବାଳିକା ବିଭାଗରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ହେଲେ ଅର୍ଚ୍ଚନା ମାଝୀ, କାଦମ୍ବିନୀ ମାଝୀ, ଲିପି ନାୟକ, ଦୁର୍ଗାଶିନୀ ମାଝୀ, ଶୁଭଶ୍ରୀ ସିଂ, ଅର୍ଚ୍ଚନା ପ୍ରଧାନ, ମଧୁସ୍ମିତା ସେଠୀ, ଚମ୍ପା ମାଝୀ, ନିଶା ଖାତୁନ, ଅନନ୍ୟା ପ୍ରଧାନ, କ୍ରିଷ୍ଣା ଦାସ, କ୍ରିଷ୍ଣାପ୍ରଭା ନାୟକ, ମୋନିକା ନାୟକ, ଟି.ପୂଜା। ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଓ ମ୍ୟାନେଜର ଶାନ୍ତିଲତା ପ୍ରଧାନ ଖେଳାଳିଙ୍କ ସହ ପଶ୍ଚିମବଙ୍ଗ ଯାତ୍ରା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୪ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା

ନୂଆଦିଲ୍ଲୀ,୩୦।୧୨

ଆସନ୍ତା ମକର ସଂକ୍ରାନ୍ତି (ଜାନୁୟାରୀ ୧୪) ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିପାରନ୍ତି ବୋଲି ରାଜନୈତିକ ମହଲରେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ବଜେଟ ଅଧିବେଶନ ପୂର୍ବରୁ ମନ୍ତ୍ରୀସ୍ତରରେ ଅଦଳବଦଳ ହୋଇପାରେ। ଏଥିସହିତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଦଳର ରାଜନୈତିକ ଆବଶ୍ୟକତାକୁ ନେଇ ମଧ୍ୟ ସାଂଗଠନିକ ସ୍ତରରେ ଅଦଳବଦଳ କରାଯିବାର ସମ୍ଭାବନା ରହିଥିବା କୁହାଯାଉଛି। ମନ୍ତ୍ରୀମାନଙ୍କ ପ୍ରଦର୍ଶନ ଏବଂ ଯୋଗ୍ୟ ଏମ୍‌ପିମାନଙ୍କୁ ପାଳିକରି କ୍ୟାବିନେଟରେ ସାମିଲ କରିବା ନିମନ୍ତେ ଏହି ସମ୍ପ୍ରସାରଣ କରାଯିବ। ଯେଉଁମାନେ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବେ ସେମାନଙ୍କୁ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଜୁନ୍ ୮ରେ ମୋଦି ତାଙ୍କ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଥିଲେ। ସେତେବେଳେ କେତେକ ପ୍ରମୁଖ ନେତାଙ୍କ ସମେତ ୧୨ ଜଣଙ୍କୁ କ୍ୟାବିନେଟରୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ ଅନ୍ୟମାନଙ୍କୁ ନିଆଯାଇଥିଲା। ଏଥର ମଧ୍ୟ ସେହିଭଳି ଅଦଳବଦଳ କରାଯାଇପାରେ ବୋଲି ଆଶା କରାଯାଉଛି। ମନ୍ତ୍ରିମଣ୍ଡଳରେ ଲୋକ ସଭାରୁ ଅଧିକ ସଦସ୍ୟଙ୍କୁ ସାମିଲ କରିବା ସହ ଗୁଜରାଟରେ ଭାଜପାକୁ ସର୍ବାଧିକ ଆସନରେ ବିଜୟ କରାଇଥିବାରୁ ପୁରସ୍କାର ସ୍ୱରୂପ ସେଠାର କେତେଜଣ ଏମ୍‌ପିଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି।


ମହିଳା ବିରୋଧୀ ହିଂସା ବିରୋଧରେ ସଚେତନତା ସୃଷ୍ଟି ଲାଗି ଚେନ୍ନାଇର ମାରିନା ବେଳାଭୂମିରେ ୧୮୧ ମହିଳା ସହାୟକ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ବାଲୁକା ଚିତ୍ରକଳାକୁ ଉଦ୍‌ଘାଟନ କରିବା ଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ସେଠାରେ ପହଞ୍ଚିଛନ୍ତି।

# ଘରବାହୁଡ଼ା ଯୋଜନା ନାହିଁ: ଆଜାଦ

ନୂଆଦିଲ୍ଲୀ,୩୦।୧୨

କଂଗ୍ରେସ ଛାଡ଼ି ନୂଆ ଦଳ ଗଢ଼ିଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ପୁଣି ପୁରୁଣା ଦଳକୁ ଫେରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତାଙ୍କୁ ଦଳକୁ ଫେରାଇ ଆଣିବା ଲାଗି କେତେଜଣ କଂଗ୍ରେସ ନେତା ପରଦା ଆଢୁଆଳରେ କାମ କରୁଥିବା କୁହାଯାଇଛି। ଦଳରେ ନେତୃତ୍ୱ ପରିବର୍ତ୍ତନ ଏବଂ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ଉଭୟ ଗୋଷ୍ଠୀଙ୍କୁ ସେମାନଙ୍କ ଆଭିମୁଖ୍ୟକୁ ନେଇ ପୁଣିଥରେ ଚିନ୍ତା କରିବାକୁ ବାଧ କରିଥିବା ଆଲୋଚନା ହେଉଛି। ତେବେ ଆଜାଦ କଂଗ୍ରେସ ଫେରିବା ଖବରକୁ ଖଣ୍ଡନ କରିଛନ୍ତି। ଘରବାହୁଡ଼ା ଯୋଜନା ନାହିଁ ବୋଲି ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ମୁଖ୍ୟ ଶୁକ୍ରବାର କହିଛନ୍ତି। ତାଙ୍କ ଦଳରେ ଅନିଶ୍ଚିତତା ସୃଷ୍ଟି କରାଇ ଦଳୀୟ କ୍ୟାଡରମାନଙ୍କ ମନୋବଳ ଭାଙ୍ଗିବା ପାଇଁ କଂଗ୍ରେସର କେତେଜଣ ନେତା ଉଦ୍ୟମ ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ସେ କୌଣସି କଂଗ୍ରେସ ନେତାଙ୍କ ସହ କଥା ହୋଇନାହାନ୍ତି କିମ୍ବା କେହି ତାଙ୍କୁ ଫୋନ୍ କରିନାହାନ୍ତି। ଗଣମାଧ୍ୟମରେ ଏଭଳି ମନଗଢ଼ା କାହାଣୀ ପ୍ରସାରକୁ ନେଇ ସେ ବିସ୍ମୟ ପ୍ରକାଶ କରିଛନ୍ତି। ସେ କଂଗ୍ରେସ ଛାଡ଼ିବା ବେଳେ ଇସ୍ତଫାପତ୍ରରେ ସବୁକିଛି କହିଦେଇଛନ୍ତି। ଏହା ପରେ ତାଙ୍କ ମାର୍ଗ ଅଲଗା। ତାଙ୍କୁ ବିଶ୍ୱାସ କରୁଥିବା ଲୋକଙ୍କର ସେବା କରିବାକୁ ସେ ଚାହାନ୍ତି ବୋଲି ଆଜାଦ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଜମ୍ମୁ-କଶ୍ମୀରରେ ପ୍ରବେଶ କରିବା ପରେ ସେଥିରେ ଯୋଗଦେବେ କି ବୋଲି ପ୍ରଶ୍ନ ହେବାରୁ ସେଭଳି ଯୋଜନା ନାହିଁ ବୋଲି ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ମୁଖ୍ୟ କହିଛନ୍ତି।


ଗୁଲାମ ନବୀ ଆଜାଦ

# ୨୦୨୪ରେ ରାହୁଲ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ: କମଲ ନାଥ

ନୂଆଦିଲ୍ଲୀ,୩୦।୧୨(ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିରୋଧୀ ଦଳଗୁଡ଼ିକର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଶୁକ୍ରବାର ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ କହିଛନ୍ତି। କଂଗ୍ରେସର ଦେଶବ୍ୟାପୀ ଭାରତ ଯୋଡ଼ୋ ଯାତ୍ରା ପାଇଁ କମଲ ନାଥ ରାହୁଲଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ରାହୁଲ କ୍ଷମତା ପାଇଁ ରାଜନୀତି କରୁନାହାନ୍ତି, ସେ ଦେଶର ସାଧାରଣ ଜନତାଙ୍କ ପାଇଁ ରାଜନୀତି କରୁଛନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ରାହୁଲ କେବଳ ବିରୋଧୀ ଦଳର ନେତୃତ୍ୱ ନେବେନାହିଁ, ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ବିଶ୍ୱ ଇତିହାସରେ କୌଣସି ନେତା ଏତେଦୀର୍ଘ ପଦଯାତ୍ରା କରିନାହାନ୍ତି। ଗାନ୍ଧୀ ପରିବାରକୁ ବାଦ୍ ଦେଲେ ଅନ୍ୟ କୌଣସି ପରିବାର ଦେଶ ପାଇଁ ଏତେ ତ୍ୟାଗ କରିନାହିଁ ବୋଲି କମଲ ନାଥ କହିଛନ୍ତି।

୭୬ ବର୍ଷୀୟ କଂଗ୍ରେସ ନେତା କମଲ କହିଛନ୍ତି, ସଂଗଠନ ପ୍ରତି ବିଶ୍ୱାସଘାତ କରିଥିବା ନେତାଙ୍କର ଦଳରେ ସ୍ଥାନ ନାହିଁ। ଜ୍ୟୋତିରାଦିତ୍ୟ ସିନ୍ଧିଆ ଭବିଷ୍ୟତରେ ଦଳକୁ ଫେରିବେ କି ବୋଲି ପ୍ରଶ୍ନ ହେବାରୁ ସେ କୌଣସି ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ। ମଧ୍ୟପ୍ରଦେଶରେ କଂଗ୍ରେସ କ୍ଷମତାକୁ ଫେରିଲେ ପୁରୁଣା ପେନ୍‌ସନ ଯୋଜନା ଲାଗୁ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।


କଂଗ୍ରେସ ନେତା ରାହୁଲ ଗାନ୍ଧୀ


# Classified Everyday
0674-2580101, 2549949


REAL ESTATE

SALE

Low cost plot ପୁରୀ Railway Station ପାଖ NHରୁ 1 k.m. ଦୂରରେ immediate ଘରକରି ରହିବା ପାଇଁ ମିଳୁଛି। 9692213354. D-74622

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

Duplex sale at Bhubaneswar @ 45 lakhs only. Contact: 9777433701. D-74171

ଭୁବନେଶ୍ୱର Sum Hospital 4 k.m. Ritraining Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-2265

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Full body massage by smart I expert therapist @999 only. 9078484455. D-73670

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74620




ଗୃହରେ ବାସ୍ତୁଜନିତ ତ୍ରୁଟି ଓ ଏହାର ସମାଧାନ ପାଇଁ ଯୋଗାଯୋଗ କରନ୍ତୁ। "ବାସ୍ତୁ ସମାଧାନ"। 7978736177. D-74303

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

My correct name is SARTHAK KUMAR TRIPATHY which stood wrongly recorded as SARTHAK TRIPATHY in my Passport. Hence affidavit sworn in before Notary in Bhubaneswar Court subject to turther affirmations. D-2367

By virtue of an Affidavit before the court of Executive Magistrate, Khurda, I Prabhat Kumar Subudhi & Prabath Kumar Subudhi is one and same person. The name of Prabhat Kumar Subudhi is used for all. D-73526

I, Sangita Naik, spous of Mr Charan Naik resident at Vill- Paktia, PO.- Paktia, Teh- Jhar pokharia, Dist.- Mayurbhanj, State- Odisha, Pin- 757093 have changed my name from Sangita Choudhuri to Sangita Naik vide affidavit dated 28.07.2022 before Executive Magistrate, Baripada, Mayurbhanj. D-2371

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଅଞ୍ଜଳି ସାହୁ
କୁଆଖିଆ, ରସୁଲପୁର, ଯାଜପୁର
ଆବିର୍ଭାବ: ତା୦୧।୦୧।୧୯୪୪
ତିରୋଧାନ: ତା୨୧।୧୨।୨୦୨୨

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠାର ଅନନ୍ୟ ଉଦାହରଣ ତୁମେ। ତୁମ ଜୀବନର ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ: ସରୋଜ, ସୁବୋଧ, ପୁତୁରା: ମଧୁସୂଦନ, ରାଧେଶ୍ୟାମ, ସାଧୁଚରଣ, ପଦ୍ମଲୋଚନ, ପୁତ୍ରବଧୂ, ଭଣଜା, ଭାଣିଜୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୩୭୬

ଧରିତ୍ରୀ DHARITRI Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ରାଜ୍ୟ ଖବର

# ମେଡିକାଲ ଏଜେନ୍ସିରେ ଜିଏସ୍‌ଟି ଚଢ଼ାଉ


ଜିଏସ୍‌ଟି ବିଭାଗ ତରଫରୁ ମେଡିକାଲ୍ ଏଜେନ୍ସିରେ ଚଢାଉ ଚାଲିଛି।

ଝାରସୁଗୁଡ଼ା ଅଫିସ,୩୦।୧୨

ଝାରସୁଗୁଡା ସହରରେ ଥିବା ଅମିତ ମେଡିକାଲ ଏଜେନ୍ସିରୁ କିଛିଦିନ ତଳେ ଲକ୍ଷାଧିକ ଟଙ୍କାର ନକଲି ମେଡିସିନ ଜବତ ହୋଇଥିଲା। ତଦନ୍ତ ପରେ ଏହାର ଚେର ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିଥିଲା। ଏଭଳି ସ୍ଥିତିରେ ଜିଏସ୍‌ଟି ଠକେଇ ଅଭିଯୋଗରେ ସହରରେ ଥିବା ଅମିତ ଏଜେନ୍ସି ଓ ଶ୍ୟାମ ମେଡିକାଲ୍ ଏଜେନ୍ସିରେ ଜିଏସ୍‌ଟି ବିଭାଗ ତରଫରୁ ଶୁକ୍ରବାର ଚଢାଉ କରାଯାଇଛି।

ଚଢାଉରେ ସମ୍ବଲପୁର ଓ ଝାରସୁଗୁଡା ଜିଏସ୍‌ଟି ବିଭାଗର ଅଧିକାରୀମାନେ ସାମିଲ ହୋଇଛନ୍ତି। ଅମିତ ମେଡିକାଲ୍ ଏଜେନ୍ସିରେ ଝାରସୁଗୁଡା ଟିମ୍ ଓ ଶ୍ୟାମ ମେଡିକାଲ୍ ଏଜେନ୍ସିରେ ସମ୍ବଲପୁର ଟିମ୍ ଚଢାଉ ଜାରି ରଖିଛି। ଝାରସୁଗୁଡା ଟିମ୍‌ରେ ଝାରସୁଗୁଡା ସିଟି ଆଣ୍ଡ୍ ଜିଏସ୍‌ଟି ଡେପୁଟି କମିଶନର ସତିଶ ରଞ୍ଜନ ଜାଲ୍, ଅତିରିକ୍ତ ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ମେହେର, ରଶ୍ମି ରଞ୍ଜନ ସାହୁ, ନୃପରାଜ ଚୌଧୁରୀ, ଆଶିଷ ଦାଶ, ଅଲେଖ ମହାନନ୍ଦ, ତୃମନ କଠାର,ଦିଲ୍ଲୀଶ୍ରୀ ମିତ୍ରବିନ୍ଦ ପ୍ରଧାନ ପ୍ରମୁଖ ରହିଛନ୍ତି। ସେହିପରି ସମ୍ବଲପୁର ଟିମ୍‌ରେ ସିଟି ଆଣ୍ଡ୍ ଜିଏସ୍‌ଟି ଡେପୁଟି କମିଶନର ସୁବୋଧ ପଣ୍ଡା, ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ସୁରଞ୍ଜନ ସାଗର, ଅତିରିକ୍ତ ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ଶିଖର ଚନ୍ଦ୍ର ସାହୁ, ରମାକାନ୍ତ ପଟେଲ, ଆସିଷ୍ଟାଣ୍ଟ ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ନବୀନ କୁମାର ଦାସ, ସୁରେନ୍ଦ୍ର ଭୋଇ ଓ ଅମିତ ବେଶନ, ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଟପ୍ପୋ ପ୍ରମୁଖଙ୍କ ସହିତ ସ୍ଥାନୀୟ ପୋଲିସ୍ ସାମିଲ ହୋଇଛନ୍ତି।

### ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

ଏ ନେଇ ଝାରସୁଗୁଡା ଡେପୁଟି କମିଶନର ଜାଲ୍ କହିଛନ୍ତି, ଉଭୟ ଏଜେନ୍ସି ନାମରେ ଜିଏସ୍‌ଟି ଠକେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉଭୟ ଏଜେନ୍ସିରେ ଚଢାଉ ଚାଲିଛି। ଚଢାଉବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ତଦନ୍ତ ପରେ କେତେ ଟଙ୍କାର ଜିଏସ୍‌ଟି ଠକେଇ ହୋଇଛି ଏହା ସ୍ପଷ୍ଟ ହେବ। ବିଭାଗ ତରଫରୁ ଉଭୟ ଏଜେନ୍ସିକୁ ନୋଟିସ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

LOAN
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବୃଦ୍ଧଙ୍କୁ ଦଳିଦେଲା ହାତୀ

ବଡ଼ଗାଁ, ୩୦।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଜରଙ୍ଗଲୋଇ କୁଟମାମୁଣ୍ଡା ନିକଟ ଝାରମୁଣ୍ଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ଜଣେ ବୃଦ୍ଧଙ୍କୁ ଦଳି ଦେଇଥିବା ବନ ବିଭାଗ କର୍ମଚାରୀଙ୍କ ଠାରୁ ଜଣାପଡିଛି। ଝାରମୁଣ୍ଡା ଗ୍ରାମର ବିଲିୟମ ବିଲୁଙ୍ଗ (୬୩) ରାତିରେ ବାଡ଼ିପଟେ ଶୋଇଥିବାବେଳେ ଏକାକୀ ବୁଲୁଥିବା ହାତୀ ତାଙ୍କୁ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ବନବିଭାଗ କର୍ମଚାରୀ ମୃତଦେହ ଜବତ କରିଥିଲେ। ବଡ଼ଗାଁ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଛି।

ବିଦାୟୀ ୨୦୨୨ ବର୍ଷ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ନାନା ଦୃଷ୍ଟିରୁ ଶୁଭଙ୍କରୀ ହୋଇଛି। ଓଡ଼ିଆ ସାହିତ୍ୟ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ଧରିତ୍ରୀ 'ସାହିତ୍ୟାୟନ' ପୃଷ୍ଠାରେ ବହୁ ନବ ପ୍ରତିଭାଙ୍କ ସୃଷ୍ଟିକୁ ସ୍ଥାନିତ କରାଯାଇ ଓଡ଼ିଆ ସାହିତ୍ୟର ଉତ୍ତର-ପର୍ବ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବହୁ ଲେଖକଙ୍କ ସମ୍ପର୍କରେ ସମୁଚିତ ଚର୍ଚ୍ଚା ଓଡ଼ିଆ ପାଠିକାପାଠକଙ୍କୁ ଧରିତ୍ରୀ ପ୍ରତି ଅଧିକ ଅନୁରାଗୀ କରିଛି। ଦେଶଦେଶାନ୍ତରର ପ୍ରମୁଖ ସାରସ୍ୱତ ଘଟଣାବଳୀକୁ ଅନ୍ୟ କେହି ଲୋକଲୋଚନକୁ ଆଣିବା ଆଗରୁ ଧରିତ୍ରୀ ପାଠକଙ୍କ ପାଖରେ ସବା ଆଗ ପହଞ୍ଚାଇଛି। ୨୦୨୩ରେ 'ସାହିତ୍ୟାୟନ'କୁ ନବନବ ସୃଜନରେ ଆହୁରି ଦୀପ୍ତିମନ୍ତ କରାଯିବାର ଅଭିଳାଷ ଆମର ରହିଛି। ପାଠିକାପାଠକମାନେ ଏଥିରେ ସହଭାଗୀ ହେବେ ବୋଲି ଆଶା ରଖି ସମସ୍ତଙ୍କୁ ଆମର ନବବର୍ଷର ଶୁଭକାମନା!

# ସମ୍ମାନ / ସମ୍ବର୍ଦ୍ଧନା


ପ୍ରତିଭା ରାୟ
ପଦ୍ମଭୂଷଣ ସମ୍ମାନ


ଅରବିନ୍ଦ ପଟ୍ଟନାୟକ
ସାହିତ୍ୟଭାରତୀ ସମ୍ମାନ


ନୀଳାଦ୍ରିଭୂଷଣ ହରିଚନ୍ଦନ
ସତ୍ୟବାଦୀ ସାହିତ୍ୟ ସମ୍ମାନ


ଅମରେଶ ପଟ୍ଟନାୟକ
ପ୍ରଜାତନ୍ତ୍ର ବିଷୁବ ପୁରସ୍କାର


ଗୌରହରି ଦାସ
ଶାରଳା ପୁରସ୍କାର


ଗାୟତ୍ରୀବାଳା ପଣ୍ଡା
କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

୨୦୨୨ ବର୍ଷ ପାଇଁ ଖ୍ୟାତନାମା ଔପନ୍ୟାସିକା ଡକ୍ଟର ପ୍ରତିଭା ରାୟଙ୍କୁ ଭାରତ ସରକାର ସାହିତ୍ୟ ଓ ଶିକ୍ଷା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରି ସର୍ବଭାରତୀୟ ସ୍ତରରେ ଓଡ଼ିଆ ସାହିତ୍ୟର ଗରିମା ବୃଦ୍ଧି କରିଛନ୍ତି। ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କୁ ମିଳିଛି ଗୌରବାବହ 'ସାହିତ୍ୟ ଭାରତୀ ସମ୍ମାନ'। ଡକ୍ଟର ପଟ୍ଟନାୟକ ଓଡ଼ିଆ ଲୋକସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରତିଷ୍ଠିତ। ଏ ବର୍ଷ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କୁ 'ସମାଜ' ପକ୍ଷରୁ ମିଳିଛି 'ସତ୍ୟବାଦୀ ସାହିତ୍ୟ ସମ୍ମାନ'। ଲବ୍ଧପ୍ରତିଷ୍ଠ କବି ଅମରେଶ ପଟ୍ଟନାୟକଙ୍କୁ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ସର୍ବୋଚ୍ଚ ସମ୍ମାନ 'ବିଷୁବ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ପ୍ରତିଷ୍ଠିତ କଥାଶିଳ୍ପୀ ଗୌରହରି ଦାସଙ୍କୁ ମିଳିଛି 'ଇନ୍ଦିରା ଚାରିଟେବଲ ଟ୍ରଷ୍ଟ' ପ୍ରଦତ୍ତ 'ଶାରଳା ପୁରସ୍କାର'। କବୟିତ୍ରୀ ଗାୟତ୍ରୀବାଳା ପଣ୍ଡା ତାଙ୍କ କବିତା ପୁସ୍ତକ 'ଦୟାନଦୀ' ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'ରେ ପୁରସ୍କୃତ ହୋଇଛନ୍ତି। ଅନୁବାଦିକା କମଳା ଶତପଥୀଙ୍କୁ ଓଡ଼ିଆ ଭାଷା ପାଇଁ 'ଅନୁବାଦ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ତେଲୁଗୁ ଉପନ୍ୟାସ 'ଭେଣ୍ଡି ମେଘମ୍'ର ଓଡ଼ିଆ ଅନୁବାଦ 'ସୁନେଲି ବାଦଲ' ପାଇଁ ଶ୍ରୀମତୀ ଶତପଥୀଙ୍କୁ ଏହି ପୁରସ୍କାର ମିଳିଛି। ସମସ୍ତ ସମ୍ମାନିତ ଓ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଧରିତ୍ରୀ 'ସାହିତ୍ୟାୟନ'ର ଉଷ୍ମ ଅଭିନନ୍ଦନ!


କମଳା ଶତପଥୀ
କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

# ପରପାରିରେ...


ମଙ୍ଗଳୁ ଚରଣ ବିଶ୍ୱାଳ


ପ୍ରମୋଦ କୁମାର ମହାନ୍ତି


ହରପ୍ରସାଦ ପରିଛା ପଟନାୟକ


ରବୀନ୍ଦ୍ରନାଥ ଦାସ


ବୀଣାପାଣି ମହାନ୍ତି

ବିଦାୟୀ ବର୍ଷ ଆମ ସାରସ୍ୱତ ଜଗତର ଅନେକ ପ୍ରତିଭାଦୀପ୍ତ ଲେଖିକାଲେଖକଙ୍କୁ କାଳକବଳିତ କରିଛି। ଆମ ଗହଣରୁ ୧୧ ଜାନୁୟାରୀରେ ବିଶିଷ୍ଟ ଓଡ଼ିଆ ତଥା କୋଶଳୀ ଭାଷାର ଲେଖକ ମଙ୍ଗଳୁ ଚରଣ ବିଶ୍ୱାଳ, ୨ ଫେବୃୟାରୀରେ ବିଶିଷ୍ଟ କବି ପ୍ରମୋଦ କୁମାର ମହାନ୍ତି, ୧୬ ଫେବୃୟାରୀରେ ସ୍ୱନାମଧନ୍ୟ କବି ହରପ୍ରସାଦ ପରିଛା ପଟନାୟକ, ୨୦ ଏପ୍ରିଲ୍‌ରେ ଖ୍ୟାତନାମା ନାଟ୍ୟକାର ରବୀନ୍ଦ୍ରନାଥ ଦାସ, ୨୪ ଏପ୍ରିଲ୍‌ରେ କଥାଶିଳ୍ପୀ ପଦ୍ମଶ୍ରୀ ବୀଣାପାଣି ମହାନ୍ତି, ୮ ମେ'ରେ ବାଗ୍ମୀ ଓ ଭଞ୍ଜସାହିତ୍ୟର ମହାନ୍ ପ୍ରବକ୍ତା ପଦ୍ମଶ୍ରୀ ରଜତ କୁମାର କର, ୧୦ ଅଗଷ୍ଟରେ ପ୍ରଖ୍ୟାତ ନାଟ୍ୟକାର ରଣଜିତ୍ ପଟ୍ଟନାୟକ, ୨୫ ଅଗଷ୍ଟରେ ପ୍ରବୀଣ ସାହିତ୍ୟ ସମାଲୋଚକ ଡ. ଦେବେନ୍ଦ୍ର କୁମାର ଦାଶ, ୧୯ ନଭେମ୍ବରରେ ଖ୍ୟାତିସମ୍ପନ୍ନ ଭାଷାବିତ୍ ଓ ସାହିତ୍ୟ ସମୀକ୍ଷକ ଡ. ଗଗନେନ୍ଦ୍ର ନାଥ ଦାଶ ଏବଂ ବିଶିଷ୍ଟ ଶିଶୁ ସାହିତ୍ୟିକା କୁମୁଦଲତା ମହାନ୍ତି, ୨୯ ନଭେମ୍ବରରେ 'ଅମୃତାୟନ' ସାହିତ୍ୟ ପତ୍ରିକାର ସମ୍ପାଦିକା ତଥା ସୁଲେଖିକା ଗୀତା ହୋତା ଓ ୧ ଡିସେମ୍ବରରେ ବର୍ଷୀୟାନ୍ ସାହିତ୍ୟ ସମାଲୋଚକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ବିଦାୟ ନେଇଛନ୍ତି। ଏମାନଙ୍କ ବିୟୋଗ ଓଡ଼ିଆ ସାହିତ୍ୟରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଏ ସମସ୍ତେ ଧରିତ୍ରୀ ପରିବାର ସହ ବହୁ ଭାବେ ଜଡ଼ିତ ଥିଲେ। ଏମାନଙ୍କ ସ୍ମୃତି ପ୍ରତି ଆମର ବିନୀତ ଶ୍ରଦ୍ଧାଞ୍ଜଳି।


ରଜତ କୁମାର କର


ରଣଜିତ୍ ପଟ୍ଟନାୟକ


ଦେବେନ୍ଦ୍ର କୁମାର ଦାଶ


ଗଗନେନ୍ଦ୍ର ନାଥ ଦାଶ


କୁମୁଦଲତା ମହାନ୍ତି


ଗୀତା ହୋତା


ସୁଦର୍ଶନ ଆଚାର୍ଯ୍ୟ

## କାଳକାଳକୁ...

"ମଣିଷର ପ୍ରଥମ ମୌଳିକ ଅଧିକାର ହେବା ଦରକାର ସ୍ୱପ୍ନ ଦେଖିବାର ଅଧିକାର।"
– ମହାଶ୍ୱେତା ଦେବୀ





"ସୌନ୍ଦର୍ଯ୍ୟ ହିଁ ଏକମାତ୍ର ସତ୍ୟ, ସତ୍ୟର ବିଶୁଦ୍ଧ ପ୍ରକାଶ ହିଁ କେବଳ କବିତା, ଅନ୍ୟ ସବୁ ମିଥ୍ୟା।"
– ଷ୍ଟିଫେନ୍ ମାଲାର୍ମେ

"ଗୋଟିଏ ପ୍ରତାରଣା, ଯଦି ଉତ୍ତରଣ ଆଣେ, କୋଟିଏ ସତ୍ୟଠାରୁ ଭଲ।"
–ଆଲେକ୍‌ଜାଣ୍ଡାର ପୁଷ୍କିନ୍





"ଯଦି ରାଷ୍ଟ୍ର ଅଛି, ତେବେ ସ୍ୱାଧୀନତା କାହିଁ; ଯଦି ସ୍ୱାଧୀନତା ଅଛି, ତେବେ ରାଷ୍ଟ୍ର କାହିଁ?"
– ଭ୍ଲାଦିମିର ଲେନିନ୍

"ନାଆଁରେ କିଛି ନାହିଁ। ଗୋଲାପକୁ ଯେଉଁ ନାଆଁ ଦିଅ, ସେ ଗୋଲାପ ପରି ବାସିବ।"
– ଉଇଲିୟମ୍ ସେକ୍ସପିୟର୍





"କାହାରି ନା କାହାରି ମେଘରେ ତମେ ଇନ୍ଦ୍ରଧନୁଟିଏ ହେବାକୁ ଚେଷ୍ଟା କର।"
–ମାୟା ଏଞ୍ଜେଲୁ

"ବୃକ୍ଷ ହିଁ ମୋର ଶ୍ରେଷ୍ଠ ଗୁରୁ, ଯିଏ ଜଗାଏ ମୋତେ ପ୍ରତିନିୟତ। ଥାଉ ଉଦ୍ୟାନ କି ଅରଣ୍ୟରେ, କି ଥାଉ ଏକାଏକା, ସେ ହିଁ ମୋର ଅନୁଧାବ୍ୟ। ଏକୁଟିଆ ଗଛ ମୋ' ପାଇଁ ଋଷିଟିଏ ନୁହଁ; ନିଃସଙ୍ଗ ବିଥୋଭେନ୍, ନିତ୍‌ସେ।"
– ହର୍‌ମାନ୍ ହେସ୍





"ବହୁ ବହି ଅଛି, ଯାହା ଆମ ଅନ୍ତସ୍ଥ ସତ୍ତାରେ ଥିବା ଅଜଣା କୋଠରିଗୁଡ଼ିକର କୁଞ୍ଚିକାଠି ସଦୃଶ।"
– ଫ୍ରାନ୍‌ଜ କାଫ୍‌କା

"ଇଂରେଜୀ ପଢ଼ି କେ ହୁଅଇ ଯଦ୍ୟପି ସର୍ବ ଗୁଣରେ ପ୍ରବୀଣ, ନିଜ ଭାଷା–ଜ୍ଞାନ ବିନା ଜାଣ ସେହି ହୀନଠାରୁ ବଳି ହୀନ।"
– ଭାରତେନ୍ଦୁ ହରିଶ୍ଚନ୍ଦ୍ର





"ଅନ୍ଧାରକୁ ଡରୁଥିବା ଶିଶୁ ନୁହନ୍ତି, ଆଲୁଅକୁ ଡରୁଥିବା ବୟସ୍କ ଲୋକେ ହିଁ ଆମ ଦୁର୍ଦ୍ଦଶାର କାରଣ।"
– ମୁନ୍‌ସୀ ପ୍ରେମଚାନ୍ଦ

"ମାନବ ଜାତିର ସବୁଠୁଁ ଫଳପ୍ରଦ ଅସ୍ତ୍ର ବାସ୍ତବରେ ଗୋଟିଏ, ତାହା ହେଉଛି ହସ।"
–ମାର୍କ ଟ୍ୱେନ୍





"ଜଣେ ବଞ୍ଚିଥିବ, ଅଥଚ କହିବାକୁ ତା'ର କିଛି କାହାଣୀ ନଥିବ, ଏହା କିପରି ସମ୍ଭବ!"
– ଏଫ୍.ଏମ୍. ଦସ୍ତୋଭସ୍କି

"ସବୁ ମଣିଷ ବେଶୀଦିନ ବଞ୍ଚିବାକୁ ଚାହାନ୍ତି, କିନ୍ତୁ ବୁଢ଼ା ହେବାକୁ ମଙ୍ଗନ୍ତି ନାହିଁ।"
– ଜୋନାଥନ୍ ସୁଇଫ୍‌ଟ





"ଖୋଲା ହସ ଓ ବିମଳ ପରିହାସଠୁଁ ବଳି ସଂକ୍ରାମକ ପୃଥିବୀରେ ଆଉ କିଛି ନାହିଁ।"
–ଚାର୍ଲସ ଡିକେନ୍ସ

"ସଂଗ୍ରହାଳୟ କୁହାଯାଉଥିବା ମୃତ ପ୍ରତିମାଗୁଡ଼ିକ ଭିତରେ କଳା ବନ୍ଦୀ ନ ହୋଇ ପଥପ୍ରାନ୍ତ, ଟ୍ରାମ୍‌ବସ୍, କଳକାରଖାନା ଓ ଶ୍ରମିକଙ୍କ ଗୃହାଙ୍ଗନ–ସବୁଠି ବ୍ୟାପ୍ତ ହୋଇ ରହିବା ଉଚିତ।"
– ଭ୍ଲାଦିମିର ମାୟାକୋଭସ୍କି



# ମ୍ୟାଚ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ

ଭୁବନେଶ୍ୱର, ୩୦।୧୨
(କ୍ରୀଡ଼ା ପ୍ରତିନିଧି)

**ରଣଜୀ ଟ୍ରଫି**


ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା-ହରିୟାଣା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଶୁକ୍ରବାର ଶେଷ ହୋଇଛି। ମ୍ୟାଚ ଡ୍ର ରହିଥିବାରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଛି। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଚଳିତ ସିଜନରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ବରୋଦା ବିପକ୍ଷରେ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ପଛୁଆ ରହିଥିବାରୁ ମାତ୍ର ୧ ପଏଣ୍ଟ ପାଇଥିଲା। ଦ୍ୱିତୀୟ ମ୍ୟାଚରେ ଦଳ ଉତ୍ତରାଖଣ୍ଡ ନିକଟରୁ ହାରି ଯାଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ହରିୟାଣା ପ୍ରଥମ ଇନିଂସରେ ୩୩୮ ରନ କରିଥିବାବେଳେ ଓଡ଼ିଶା ୪୧୪ ରନକରି ଅଗ୍ରଣୀ ହାସଲ କରିଥିଲା। ହରିୟାଣା ଏହାର ଦ୍ୱିତୀୟ ଇନିଂସକୁ ୩୮୪/୪ରେ ଘୋଷଣା କରିବାରୁ ଓଡ଼ିଶା ସମ୍ମୁଖରେ ୩୦୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଶୁକ୍ରବାର ମ୍ୟାଚର ଶେଷ ଦିବସ ହୋଇଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା ନ ଥିଲା। ତେଣୁ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୧୦ ରନ କରିଥିବାବେଳେ ଉଭୟ ଅଧିନାୟକଙ୍କ ନିଷ୍ପତ୍ତିକ୍ରମେ ମ୍ୟାଚକୁ ଶେଷ କରାଯାଇଥିଲା। ତୃତୀୟ ଦିବସର ଅସମାପ୍ତ ସ୍କୋର ୧୧୯/୧ରୁ ଖେଳ ଆରମ୍ଭ କରିଥିବା ହରିୟାଣା ଅନ୍ତିମ ଦିବସରେ ଦ୍ରୁତ ହାରରେ ରନ ସଂଗ୍ରହ କରି ଓଡ଼ିଶାକୁ ଏଖ ଚ୍ୟାଲେଞ୍ଜିଂ ଟାର୍ଗେଟ ଦେଇଥିଲା। ଦ୍ୱିତୀୟ ଇନିଂସରେ ଅଙ୍କିତ କୁମାର ୧୭୨ ରନକରି ଅପରାଜିତ ରହିଥିବାବେଳେ ହିମାଂଶୁ ରାଣା ୯୮ ରନର ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜୟନ୍ତ ବେହେରା ୨ଟି ଏବଂ ତାରିଣୀ ସ' ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ଆରମ୍ଭ ଭଲ ହୋଇଥିଲା। ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ର ଓପନିଂ ଯୋଡ଼ିରେ ୫୪ ରନ ସଂଗ୍ରହ କରିଥିଲେ। ଶାନ୍ତନୁ ୨୦ ରନକରି ଆଉଟ ହୋଇଥିବାବେଳେ ଅରବିନ୍ଦ ୫୩ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୩୦ ରନରେ ଅପରାଜିତ ରହିଥିଲେ। ହରିୟାଣାର ଜୟନ୍ତ ଯାଦବଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ହରିୟାଣା ପ୍ରଥମ ଇନିଂସ: ୩୩୮। ଓଡ଼ିଶା ପ୍ରଥମ ଇନିଂସ ୪୧୪। ହରିୟାଣା ଦ୍ୱିତୀୟ ଇନିଂସ: ୩୮୪/୪ (ଅଙ୍କିତ କୁମାର-୧୭୨*, ହିମାଂଶୁ ରାଣା-୯୮, ଜୟନ୍ତ ବେହେରା-୨/୧୩୪, ତାରିଣୀ ସ'-୧/୪୦, ଗୋବିନ୍ଦ ପୋଦ୍ଦାର-୧/୬୧)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୧୦/୧ (ଅନୁରାଗ ଷଡ଼ଙ୍ଗୀ-୫୩, ଶୁଭ୍ରାଂଶୁ ସେନାପତି-୩୦*, ଜୟନ୍ତ ଯାଦବ-୧/୨୦)।

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ**

## କିଟ୍ ଦଳର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, ୩୦।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍‌ରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କିଟ୍‌ର ଉଭୟ ପୁରୁଷ ଓ ମହିଳା ୧୫ ଏସ୍. ସାଇଡ୍ ଦଳ ଚାମ୍ପିୟନ ହୋଇଥିବା ବେଳେ ଏବଂ ମହିଳା ୭ ଏସ୍. ସାଇଡ୍ ଦଳ ରନର ଅପ୍ ହୋଇଛି। କିଟ୍-କିସ୍ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପ ସଭାପତି ପଙ୍କଜଲୋଚନ ମହାନ୍ତି କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଅନ୍ତର୍ଜାତୀୟ ହକି ଖେଳାଳି ଷ୍ଟାନଲି ଭିକ୍ଟର ମିଞ୍ଜଙ୍କ ସହ ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଅଲିମ୍ପିଆନ ଲିଲିମା ମିଞ୍ଜ। ରାଇରଙ୍ଗପୁର ବ୍ଲକସ୍ଥିତ ବିହାବନ୍ଧ କ୍ୟାଥୋଲିକ ଚର୍ଚ୍ଚରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

# ଦୁଇ ବର୍ଷ ଲେଖାଏ ବ୍ୟବଧାନରେ ହୋଇଥିଲା ପ୍ରଥମ ୩ ବିଶ୍ୱକପ୍

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ଆନୁକୂଲ୍ୟରେ ପୁରୁଷ ହକି ବିଶ୍ୱକପ୍ ୧୯୭୧ରୁ ଆରମ୍ଭ ହୋଇଥିଲା। ଇତିହାସ ଅବଲୋକନ କଲେ ଜଣାଯାଏ ଯେ, ପ୍ରଥମ ୩ ବିଶ୍ୱକପ୍ ପ୍ରତି ୨ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଶ୍ୱକପ୍‌ର ଆୟୋଜନ ଭାର ପାଇଥିଲା ସ୍ପେନ୍। ବାର୍ସେଲୋନାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ପାକିସ୍ତାନ ଚାମ୍ପିୟନ ହୋଇଥିବାବେଳେ ଆୟୋଜକ ସ୍ପେନ୍ ରନରଅପ୍ ଏବଂ ଭାରତକୁ ତୃତୀୟ ସ୍ଥାନ ମିଳିଥିଲା। ପରବର୍ତ୍ତୀ ସଂସ୍କରଣ ୧୯୭୩ରେ ନେଦରଲାଣ୍ଡ୍ସର ଅମଷ୍ଟେଲଭିନ୍‌ରେ ଆୟୋଜିତ ହୋଇଥିଲା। ଏଥିରେ ଆୟୋଜକ ଦଳ ଟାଇଟଲ ହାସଲ କରିଥିବାବେଳେ ଭାରତ ରନରଅପ୍ ହୋଇଥିଲା। ତୃତୀୟ ବିଶ୍ୱକପ୍ ୧୯୭୫ରେ ମାଲେସିଆର କୁଆଲାଲମ୍ପୁରରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ପାକିସ୍ତାନକୁ ହରାଇ ଭାରତ ପିନ୍ଧିଥିଲା ବିଜୟ ମୁକୁଟ। ପରବର୍ତ୍ତୀ ବିଶ୍ୱକପ୍ ୩ ବର୍ଷ ବ୍ୟବଧାନରେ ଅର୍ଥାତ୍ ୧୯୭୮ରେ ହୋଇଥିଲା। ଏଥର ଆୟୋଜନ ଅଧିକାର ପାଇଥିଲା ଆର୍ଜେଣ୍ଟିନା ଏବଂ ବୁଏନସ୍ ଏୟାର୍ସରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପାକିସ୍ତାନ ଚାମ୍ପିୟନ ଓ ନେଦରଲାଣ୍ଡ୍ସ ରନରଅପ୍ ହୋଇଥିଲା। ଏହା ପରଠାରୁ ଅର୍ଥାତ୍ ୧୯୮୨ଠାରୁ ପ୍ରତି ବିଶ୍ୱକପ୍ ୪ ବର୍ଷ ବ୍ୟବଧାନରେ ଆୟୋଜିତ ହୋଇ ଆସୁଛି। ୧୯୮୨ରେ ଭାରତ ପ୍ରଥମଥର ପାଇଁ ଆୟୋଜନ ଅଧିକାର ହାସଲ କରିଥିଲା। ବମ୍ବେ (ଏବେ ମୁମ୍ବାଇ)ରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଓ ପଶ୍ଚିମ ଜର୍ମାନୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହାପରେ ୧୯୮୬ରେ ଇଂଲଣ୍ଡର ଲଣ୍ଡନ, ୧୯୯୦ରେ ପାକିସ୍ତାନର ଲାହୋର, ୧୯୯୪ରେ ଅଷ୍ଟ୍ରେଲିଆର ସିଡ୍‌ନୀ, ୧୯୯୮ରେ ନେଦରଲାଣ୍ଡ୍ସର ଉଟ୍ରେଚ୍, ୨୦୦୨ରେ ମାଲେସିଆର କୁଆଲାଲମ୍ପୁର, ୨୦୦୬ରେ ଜର୍ମାନୀର ମନଚେନ୍‌ଗ୍ଲାଡବ୍ୟାକ୍, ୨୦୧୦ରେ ଭାରତର ନୂଆଦିଲ୍ଲୀ, ୨୦୧୪ରେ ନେଦରଲାଣ୍ଡ୍ସର ହଗ୍ ଏବଂ ୨୦୧୮ରେ ଭାରତର ଭୁବନେଶ୍ୱରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସବୁ ସଂସ୍କରଣଗୁଡ଼ିକରେ ଯଥାକ୍ରମେ ଅଷ୍ଟ୍ରେଲିଆ-ଇଂଲଣ୍ଡ, ନେଦରଲାଣ୍ଡ୍ସ-ପାକିସ୍ତାନ, ପାକିସ୍ତାନ-ନେଦରଲାଣ୍ଡ୍ସ, ନେଦରଲାଣ୍ଡ୍ସ-ସ୍ପେନ୍, ଜର୍ମାନୀ-ଅଷ୍ଟ୍ରେଲିଆ, ଜର୍ମାନୀ-ଅଷ୍ଟ୍ରେଲିଆ, ଅଷ୍ଟ୍ରେଲିଆ-ଜର୍ମାନୀ, ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ ଏବଂ ବେଲଜିୟମ-ନେଦରଲାଣ୍ଡ୍ସ ଚାମ୍ପିୟନ-ରନରଅପ୍ ହୋଇଥିଲେ।

**ହକି ବିଶ୍ୱକପ୍**




**ଆଉ ୧୩ ଦିନ**


ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗ ଓ କିଟ୍ ୟୁନିଭର୍ସିଟିର ସହଯୋଗରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୩୪ତମ ଜାତୀୟ ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହାର ୧୭ ବର୍ଷରୁ କମ୍ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ବିଶାଖା ଟପ୍ପୋ ଓ ତାଙ୍କ ପାର୍ଟନର ଆନ୍ଧ୍ର ପ୍ରଦେଶର ବିଶ୍ୱ ଜେ୍ ଗୋବୁରୁ ୨୧-୧୬, ୨୧-୧୯ରେ ହରିୟାଣାର ମୟଙ୍କ ରାଣା ଓ ଜିୟା ରାଓ୍ୱତ ଯୋଡ଼ିଙ୍କୁ ହରାଇ ଚାମ୍ପିୟନ ହେଇଛନ୍ତି। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ରଦ୍ର ପ୍ରତାପ ମହାରଥୀ, ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜଲୋଚନ ମହାନ୍ତି, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଉପ ସଭାପତି ଶେଖର ବିଶ୍ୱାସ, ଯୁଗ୍ମ ସମ୍ପାଦକ ପ୍ରଭାକର ରାଓ, ଇଭେଣ୍ଟର ଆବାହକ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାଣ୍ଟୋସରେ ପେଲେଙ୍କ ଅନ୍ତ୍ୟେଷ୍ଟି

**ସାଓପାଉଲୋ, ୩୦।୧୨(ଏପି):** ପେଲେଙ୍କ ଅନ୍ତ୍ୟେଷ୍ଟିକ୍ରିୟା ତାଙ୍କ ଜନ୍ମ ସହର ସାଣ୍ଟୋସରେ ସୋମବାର ଓ ମଙ୍ଗଳବାର ହେବ, ଯେଉଁଠାରେ କି ସେ ତାଙ୍କ କ୍ୟାରିୟରର କେତୋଟି ଶ୍ରେଷ୍ଠ ମ୍ୟାଚ୍ ଖେଳିଛନ୍ତି। ବ୍ରାଜିଲରେ ପେଲେ ସାଣ୍ଟୋସ କ୍ଲବରେ ଖେଳିଥାନ୍ତି। ଏହି ଦୃଷ୍ଟିରୁ ସାଓପାଉଲୋ ଉପକଣ୍ଠସ୍ଥ ଭିଲା ବେଲ୍‌ମିରୋ ଷ୍ଟାଡିୟମରେ ତାଙ୍କୁ ଶେଷ ସମ୍ମାନ ଦିଆଯିବ। ପେଲେଙ୍କ ପୂରା ନାମ ହେଉଛି ଏଡ୍‌ସନ ଆରାଣ୍ଟେସ ଡୋ ନାସିମୋଣ୍ଟୋ। ଦୀର୍ଘଦିନ ଧରି ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ୮୨ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କରିଛନ୍ତି। ସାଣ୍ଟୋସ୍ ତରଫରୁ କୁହାଯାଇଛି, ୩ଥର ବିଶ୍ୱ ଚାମ୍ପିୟନଙ୍କ ପାର୍ଥିବ ଶରୀର ସହ କଫିନ ଆଲବର୍ଟ ଆଇନଷ୍ଟାଇନ୍ ହସ୍ପିଟାଲ ସୋମବାର ସକାଳେ ପ୍ରସ୍ଥାନ କରିବ। ଏହାକୁ ପଡ଼ିଆର ସେଣ୍ଟର ସର୍କଲରେ ରଖାଯିବ। ସୋମବାର ସକାଳ ୧୦ଟାରୁ ସର୍ବସାଧାରଣ ତାଙ୍କର ଶେଷଦର୍ଶନ କରିପାରିବେ। ଏହା ପରଦିନ ସମାନ ସମୟରେ ଶେଷ ହେବ। ପେଲେଙ୍କୁ କାସ୍‌କେଟ୍ ସାଣ୍ଟୋସ ରାସ୍ତାରେ ନିଆଯିବ ଏବଂ ତାଙ୍କ ୧୦୦ ବର୍ଷିୟା ମା' ସେଲେଷ୍ଟେଙ୍କ ଘର ଆଗ ଦେଇ ଯିବ। ବ୍ରାଜିଲିଆନ ମିଡିଆ କହିବା ଅନୁସାରେ, ପେଲେଙ୍କ ମା' ବର୍ତ୍ତମାନ ଶଯ୍ୟାଶାୟୀ। ମେମୋରିଆଲ ନେକ୍ରୋପୋଲ୍ ଏକୁମେନିକାଠାରେ ପେଲେଙ୍କ ମରଶରୀରକୁ କବର ଦିଆଯିବ। ଏହି କାର୍ଯ୍ୟକ୍ରମବେଳେ କେବଳ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିପାରିବେ। ପେଲେଙ୍କର ସାଣ୍ଟୋସଠାରେ ଏକ ବାସଗୃହ ରହିଛି। ଜୀବନର ଅଧିକାଂଶ ସମୟ ସେ ସେଠାରେ ହିଁ ଅତିବାହିତ କରିଛନ୍ତି। ଗତ କିଛିବର୍ଷ ହେଲା ସେ ଗୁଆରୁଜାଠାରେ ଅବସ୍ଥାନ କରୁଥିଲେ। ୨୦୨୧ ସେପ୍ଟେମ୍ବରରେ ପେଲେଙ୍କର କଲନ ଟ୍ୟୁମର ଅସ୍ତ୍ରୋପଚାର କରାଯାଇଥିଲା। ଏହା ଶରୀରର ଅନ୍ୟ ଭାଗକୁ ବ୍ୟାପିଥିଲା କି ନା ତାହା ତାଙ୍କ ପରିବାରବର୍ଗ କିମ୍ବା ହସ୍ପିଟାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି। କୋଭିଡ୍ ଓ ଶ୍ୱାସକ୍ରିୟା ସଂକ୍ରମଣ ଯୋଗୁ ସେ ନଭେମ୍ବର ୨୯ରେ ଆଲବର୍ଟ ଆଇନ୍‌ଷ୍ଟାଇନ ହସ୍ପିଟାଲରେ ପୁଣି ଭର୍ତ୍ତି ହୋଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଗତ ସପ୍ତାହରେ ଏକ ବିବୃତିରେ କହିଥିଲେ, ତାଙ୍କ କର୍କଟ ରୋଗ ସାଂଘାତିକ ଆଡ଼କୁ ଗତି କରିଛି। ପ୍ରକାଶଯୋଗ୍ୟ, ପେଲେଙ୍କ ନେତୃତ୍ୱରେ ବ୍ରାଜିଲ ୧୯୫୮, ୧୯୬୨ ଓ ୧୯୭୦ରେ ବିଶ୍ୱକପ୍ ଜିତିଛି। ଦଳର ସେ ହେଉଛନ୍ତି ଅନ୍ୟତମ ସର୍ବକାଳୀନ ଗୋଲ ସ୍କୋରର। ସେ ୭୭ ଗୋଲ ସ୍କୋର କରିଥିବା ବେଳେ ଚଳିତବର୍ଷ କାତାର ବିଶ୍ୱକପ୍‌ରେ ନେମାର ଏ କ୍ଷେତ୍ରରେ ତାଙ୍କ ସମକକ୍ଷ ହୋଇପାରିଛନ୍ତି।




## ଫୁଟବଲ କିମ୍ବଦନ୍ତୀ ପେଲେଙ୍କ ଅବର୍ତ୍ତମାନରେ ଓଡ଼ିଶା କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ସେ ହେଉଛନ୍ତି ନୂଆ କୌଶଳର ସୃଷ୍ଟିକର୍ତ୍ତା, ବିଶ୍ୱ କ୍ରୀଡ଼ାର ଜଣେ ବଡ଼ ଆମ୍ବାସାଡର, ଅନେକଙ୍କର ଆଦର୍ଶ ଖେଳାଳି, ଯୋଗଜନ୍ମା ବୋଲି କହି ଓଡ଼ିଶା କ୍ରୀଡ଼ାବିତ୍‌ମାନେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ନୂଆ କୌଶଳର ସୃଷ୍ଟିକର୍ତ୍ତା ଥିଲେ



"ଆମେ ଖେଳ ଜୀବନ ଆରମ୍ଭରେ କେବଳ ପେଲେଙ୍କୁ ହିଁ ଜାଣିଥିଲୁ। ତାଙ୍କ ସମ୍ପର୍କରେ ଶୁଣି ଆମେ ଫୁଟ୍‌ବଲ ଜୀବନ ଆରମ୍ଭ କରିଥିଲୁ। କାରଣ ସେତେବେଳେ ପେଲେ ହିଁ ଚର୍ଚ୍ଚାର ଶୀର୍ଷରେ ରହିଥିଲେ। ପରେ ଡିଏଗୋ ମାରାଡୋନା ହୁଅନ୍ତୁ କିମ୍ବା ଲିଓନେଲ ମେସି ଏହି ପରିସରକୁ ଆସିଥିଲେ। ଏବେ ଯେଉଁ ନୂଆ ଫୁଟ୍‌ବଲ କୌଶଳ ସବୁ ଦେଖିବାକୁ ମିଳୁଛି ତା'ର ସୃଷ୍ଟିକର୍ତ୍ତା ଥିଲେ ପେଲେ। ୩ଥର ବିଶ୍ୱକପ୍ ଚାମ୍ପିୟନ ହେବାର ସୌଭାଗ୍ୟ ସବୁ ଖେଳାଳିଙ୍କ ଭାଗ୍ୟରେ ମିଳି ନ ଥାଏ, ଯାହା ପେଲେଙ୍କ କ୍ଷେତ୍ରରେ ଘଟିଥିଲା। ସେ ଥିଲେ ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ ଖେଳାଳି। ତାଙ୍କ ମୃତ୍ୟୁରେ ଏକ ଯୁଗର ଅବସାନ ଘଟିଲା ବୋଲି କହିବାକୁ ହେବ। ଜନ୍ମ ଅଛି ତ ମୃତ୍ୟୁ ମଧ୍ୟ ଅଛି। ମାତ୍ର ପେଲେଙ୍କ ପରଲୋକରେ ବୃହତ୍ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫୁଟ୍‌ବଲ ତାରକା ରାଜେନ୍ଦ୍ର ପ୍ରସାଦ ସିଂ ପ୍ରକାଶ କରିଛନ୍ତି।

### ଖେଳର ଜଣେ ବଡ଼ ଆମ୍ବାସାଡର



ଆମେ ଯେତେବେଳେ ଖେଳ ଜୀବନ ଆରମ୍ଭ କଲୁ ସେତେବେଳେ ବ୍ରାଜିଲ କହିଲେ ପେଲେଙ୍କୁ ହିଁ ବୁଝୁଥିଲୁ। ଏଥିରୁ ତାଙ୍କର ବ୍ୟକ୍ତିତ୍ୱ ଅନୁମାନ କରିହେବ। ଖେଳରେ ଅନେକ କିମ୍ବଦନ୍ତୀ ରହିଛନ୍ତି, ମାତ୍ର ପେଲେଙ୍କ ସମକକ୍ଷ କେହି ହୋଇପାରିବେ ନାହିଁ। ସେ କେବଳ ଫୁଟ୍‌ବଲ ନୁହେଁ, ସବୁ ଖେଳର ଥିଲେ ବଡ଼ ଆମ୍ବାସାଡର। ଫୁଟ୍‌ବଲକୁ ବିଶ୍ୱସ୍ତରୀୟ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ମୃତ୍ୟୁ ପୂର୍ବରୁ ସେ ଅନେକଙ୍କ ରୋଲ୍ ମଡେଲ ଥିଲେ। ମୃତ୍ୟୁ ପରେ ମଧ ସେ ଫୁଟ୍‌ବଲକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ରୋଲ୍ ମଡେଲ ହୋଇ ରହିବେ। ତାଙ୍କ ସ୍ଥାନ ଆଉ କେହି ନେଇପାରିବେ ନାହିଁ ବୋଲି ପେଲେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଏହା କହିଛନ୍ତି।

### ଯୋଗଜନ୍ମା ଖେଳାଳି



ପେଲେ ଥିଲେ ଜଣେ ଯୋଗଜନ୍ମା ଖେଳାଳି। ସବୁ ଖେଳାଳିଙ୍କର ଏକ ଯୁଗ ଥାଏ। ପେଲେଙ୍କ ପରେ ଡିଏଗୋ ମାରାଡୋନା ଏବଂ ପରେ ଲିଓନେଲ ମେସି ଭିନ୍ନ ଯୁଗର ଖେଳାଳି ଥିଲେ। ମାତ୍ର ପେଲେ ହେଉଛନ୍ତି ପେଲେ। ତାଙ୍କ ପରି ଖେଳାଳି ଆଉ ଜନ୍ମ ନେବେନାହିଁ ବୋଲି ମୁଁ ଅନୁଭବ କରୁଛି। ତାଙ୍କ ଯାଦୁକରୀ ଖେଳ ଅବିସ୍ମରଣୀୟ। ଏଥିଯୋଗୁ ସେ ୩ ଥର ବିଶ୍ୱବିଜେତା ହୋଇପାରିଛନ୍ତି। କୋଲ୍‌କାତାରେ ଯେତେବେଳେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ସେ ଅଭୀଭୂତ ହୋଇଯାଇଥିଲେ। ଭାରତରେ ଏତେ ଲୋକ ତାଙ୍କୁ ଭଲପାଆନ୍ତି ବୋଲି ସେ ଜାଣି ନ ଥିଲେ ବୋଲି କହିଥିଲେ। ତାଙ୍କ ପରଲୋକ କେବଳ ଫୁଟବଲ ପାଇଁ ନୁହେଁ, ବିଶ୍ୱ କ୍ରୀଡ଼ା ଲାଗି ଏକ ଅପୂରଣୀୟ କ୍ଷତି ବୋଲି ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ଓ କୋଚ୍ ମହମ୍ମଦ ସହିଦ ଜବାର ପ୍ରକାଶ କରିଛନ୍ତି।

### ଅନେକଙ୍କ ଆଦର୍ଶ



ପେଲେ କେବଳ ଫୁଟବଲ ନୁହେଁ, ଅନ୍ୟ କ୍ରୀଡ଼ାରେ ମଧ ଅନେକ କ୍ରୀଡ଼ାବିତ୍‌ଙ୍କ ଆଦର୍ଶ ଥିଲେ। ତାଙ୍କ ଯାଦୁକରୀ ପ୍ରଦର୍ଶନ ସମସ୍ତଙ୍କୁ ଅଭୀଭୂତ କରିଥିଲା। ୧୯୫୮, ୧୯୬୨ ଓ ୧୯୭୦ରେ ବ୍ରାଜିଲକୁ ବିଶ୍ୱକପ୍ ଜିତାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତାଙ୍କୁ ଆଦର୍ଶ କରି ଅନେକ ଖେଳାଳି ଫୁଟ୍‌ବଲକୁ କ୍ୟାରିୟର ମଧ କରିଛନ୍ତି। ପେଲେଙ୍କ ପରଲୋକ ଫୁଟ୍‌ବଲ ଜଗତ ପାଇଁ ବହୁତ ବଡ଼ କ୍ଷତି। ଏହା ପୂରଣ ହେବା କଷ୍ଟକର। ସେ ଭାରତ ଆସି ବହୁତ ଖୁସି ଅନୁଭବ କରିଥିଲେ। ତାଙ୍କ ପରି ଖେଳାଳି କ୍ରୀଡ଼ା ଜଗତରେ ବିରଳ ବୋଲି ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ